


ଅନ୍‌ମୋଲ୍ ଏକ୍କାଙ୍କ ଦମ୍‌ଦାର୍ ଗୋଲ୍
▶ପୃଷ୍ଠା ୧୨ ଦେଖନ୍ତୁ...



RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 43 ◆ISSUE-165 ◆THURSDAY ◆11 DECEMBER 2025 ◆PAGE-12 ◆₹ 6.00 | SAMBALPUR | ◆ବର୍ଷ-୪୩ ◆ସଂଖ୍ୟା-୧୬୫ ◆ଗୁରୁବାର ◆୧୧ ଡିସେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


## ମହାନଦୀ ପାଇଁ ଉଚ୍ଚସ୍ତରୀୟ କମିଟି

### ଉପମୁଖ୍ୟମନ୍ତ୍ରୀ ଅଧ୍ୟକ୍ଷ, ୩ ମନ୍ତ୍ରୀ ଓ ୪ ବିଧାୟକ ସଦସ୍ୟ

■ ଭୁବନେଶ୍ୱର, ୧୦।୧୨ (ସମିସ): ମହାନଦୀ ଜଳ ବିବାଦ ଟ୍ରିବ୍ୟୁନାଲ୍‌ରେ ଚାଲୁଥିବା ଆଲୋଚନା ଓ ପ୍ରକ୍ରିୟାଗୁଡ଼ିକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରିଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶରେ ଗଠିତ ଏହି କମିଟିରେ ମନ୍ତ୍ରୀ ସୁରେଶ ପୂଜାରୀ, ପୃଥ୍ୱୀରାଜ ହରିଚନ୍ଦନ, ସମ୍ପଦ ଚନ୍ଦ୍ର ସ୍ୱାଇଁ, ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ, ବିଧାୟକ ନିରଞ୍ଜନ ପୂଜାରୀ, ଜୟନାରାୟଣ ମିଶ୍ର ଓ ସୋଫିଆ ଫିର୍ଦ୍ଦୋଶ ପ୍ରମୁଖ ସଦସ୍ୟ ରହିଛନ୍ତି। ଏହି କମିଟି ମହାନଦୀ ଜଳ ସମ୍ବନ୍ଧୀୟ ସମସ୍ତ ପ୍ରାସଙ୍ଗିକ ଦିଗକୁ ପରୀକ୍ଷା କରିବ ଏବଂ



### ଛତିଶଗଡ଼ ସହ ଜଳବିବାଦ

ରାଜ୍ୟର ବୈଷୟିକ ଏବଂ ପ୍ରଶାସନିକସ୍ତରରେ ଚାଲୁଥିବା ପ୍ରୟାସଗୁଡ଼ିକୁ ଆବଶ୍ୟକ ନୀତିଗତ ଦିଗଦର୍ଶନ ପ୍ରଦାନ କରିବ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି।

ଏଠାରେ ଉଲ୍ଲେଖଯୋଗ୍ୟ ଯେ ଆସନ୍ତା ୨୦ ତାରିଖରେ ମହାନଦୀ ଜଳବିବାଦ ମାମଲାର ୪୭ତମ ଶୁଣାଣୀ ଅନୁଷ୍ଠିତ ହେବ। ଆପୋସ ବୁଝାମଣା ମାଧ୍ୟମରେ ବିବାଦର ସମାଧାନ ପାଇଁ ରାଜ୍ୟ ସରକାର ଜୋର୍ ଦେଇ ଆସୁଛନ୍ତି। ଏଥିପାଇଁ ଉଭୟ ରାଜ୍ୟ ମଧ୍ୟ ପ୍ରକ୍ରିୟା ଆରମ୍ଭ କରି ସାରିଛନ୍ତି। ତେବେ ଏହି ଆପୋସ ବୁଝାମଣାର ମୂଳ ସର୍ତ୍ତ କଣ ଏବଂ କେଉଁ ବିଷୟବସ୍ତୁ ଉପରେ ଆଧାରିତ, ତାହାକୁ ସାର୍ବଜନୀନ କରିବାକୁ ଦାବି କରି ଆସୁଛନ୍ତି ମହାନଦୀ ଆନ୍ଦୋଳନ ସହ ଜଡ଼ିତ ସାମାଜିକ ସଂଗଠନ। ଏପରିସ୍ଥଳେ ରାଜ୍ୟ ସରକାରଙ୍କ କମିଟି ଗଠନ ପଦକ୍ଷେପକୁ ନେଇ ସେମାନେ ମତାମତ ରଖିଛନ୍ତି। ଏପରି ଏକ ଉଚ୍ଚସ୍ତରୀୟ ▶ପୃଷ୍ଠା-୭

## ଶୀତ ଲହରୀ ଆଉ ୨ ଦିନ



■ ଭୁବନେଶ୍ୱର, ୧୦।୧୨ (ସମିସ): ସାରା ରାଜ୍ୟରେ ଜାରି ରହିଛି ଥଣ୍ଡାର ପ୍ରଭାବ। ତାପମାତ୍ରା ତଳ ମୁହାଁ ହେତୁ ବିଭିନ୍ନ ଅଞ୍ଚଳରେ ଶୀତର ପ୍ରକୋପ ବୃଦ୍ଧି ପାଇଛି। ରାଜ୍ୟର ଏକାଧିକ ସ୍ଥାନରେ ତାପମାତ୍ରା ସ୍ୱାଭାବିକ ତୁଳନାରେ କମ୍ ରହୁଥିବା ବେଳେ ଅନେକ ଜିଲ୍ଲାରେ ଶୀତଲହରୀ ସ୍ଥିତି ମଧ୍ୟ ସୃଷ୍ଟି ହୋଇଛି। ଗତ ୨୪ ଘଣ୍ଟାରେ ଜି. ଉଦୟଗିରିରେ ସବୁଠୁ କମ୍ ତାପମାତ୍ରା ରେକର୍ଡ ହୋଇଥିବା ବେଳେ ଏଠାରେ ପାରଦ ୫ ଡିଗ୍ରୀକୁ ଖସିଛି। ସେହିପରି ସେମିଳିଗୁଡ଼ାରେ ମଧ୍ୟ ସମାନ ଅର୍ଥାତ ତାପମାତ୍ରା ୫ ଡିଗ୍ରୀ ରେକର୍ଡ ହୋଇଛି। ଏହାସହ ଫୁଲବାଣୀରେ ୬.୫, ଝାରସୁଗୁଡାରେ ୭, ଭବାନୀପାଟଣାରେ ୮.୮, ଦାରିଙ୍ଗବାଡିରେ ୯, ଅନୁଗୁଳରେ ୯, ରାଉରକେଲାରେ ୯.୧, ସୁନ୍ଦରଗଡ଼ ୯.୨, ନବରଙ୍ଗପୁରରେ ୯.୮, ବଲାଙ୍ଗିରରେ ତାପମାତ୍ରା ୧୦ ଡିଗ୍ରୀ ରେକର୍ଡ ହୋଇଛି। ଭୁବନେଶ୍ୱର ପାଣିପାଗ ବିଭାଗ ସୂଚନା ଅନୁସାରେ ଝାରସୁଗୁଡ଼ାର ▶ପୃଷ୍ଠା-୭

## ନକଲି ଘିଅ ପରେ ତିରୁମାଲାରେ ରେଶମ ଦୁପଟ୍ଟା ଦୁର୍ନୀତି



■ ତିରୁପତି, ୧୦।୧୨ (ଏଜେନ୍ସି): ଆନ୍ଧ୍ରପ୍ରଦେଶର ତିରୁପତିସ୍ଥିତ ତିରୁମାଲାର ଭେଙ୍କଟେଶ୍ୱର ମନ୍ଦିରରେ ଏବେ ଏକ ନୂଆ ଦୁର୍ନୀତିର ଫର୍ଦ୍ଦାଫାସ ହୋଇଛି। ପ୍ରସାଦ ଭାବେ ଦିଆଯାଉଥିବା ନକଲି ଘିଅର ଲଡ୍ଡୁ ପରେ ଅଙ୍ଗବସ୍ତ୍ର ଅର୍ଥାତ ଦୁପଟ୍ଟା ନେଇ ହୋଇଥିବା ଦୁର୍ନୀତି ସାମ୍ନାକୁ ଆସିଛି। ରିପୋର୍ଟ ଅନୁଯାୟୀ ଜଣେ ଠିକାଦାର ନିରନ୍ତର ଭାବେ ଶୁଦ୍ଧ ସିଲ୍କ ଦୁପଟ୍ଟା ବଦଳରେ ଶତ ପ୍ରତିଶତ ପଲିଷ୍ଟର ଦୁପଟ୍ଟା ଯୋଗାଇଥିଲେ। ସିଲ୍କ ଦୁପଟ୍ଟା ନାମରେ ହିଁ ବିଲିଂ କରାଯାଇଛି।

**ପଲିଷ୍ଟରକୁ ସିଲ୍କ କହି ବିକ୍ରି କାରାଯାଉଥିଲା**

**୧୦ ବର୍ଷରେ ୫୪ କୋଟିର ଦୁର୍ନୀତି**

ଏହି ପିଲିଷ୍ଟର ଦୁପଟ୍ଟାର ପ୍ରକୃତ ମୂଲ୍ୟ ୩୫୦ ଟଙ୍କା ଥିଲା। କିନ୍ତୁ ଏହାକୁ ମନ୍ଦିର ପରିଚାଳନା କରୁଥିବା ତିରୁମାଲା ତିରୁପତି ଦେବସ୍ଥାନମ (ଟିଟିଡି) ୧,୩୦୦ ଟଙ୍କାରେ ବିକ୍ରି କରୁଥିଲା। ଦୁର୍ନୀତିର ଏହି ପ୍ରକ୍ରିୟା ୨୦୧୫ରୁ ଆରମ୍ଭ ହୋଇ ୨୦୨୫ ପର୍ଯ୍ୟନ୍ତ ଚାଲିଥିଲା ବୋଲି କୁହାଯାଇଛି। ଏହି ସମୟ ଅବଧିରେ ଟିଟିଡି ସମ୍ପୃକ୍ତ ଠିକାଦାରଙ୍କୁ ୫୪ କୋଟି ଟଙ୍କା ପ୍ରଦାନ କରିଥିଲା। ଟିଟିଡି ବୋର୍ଡ ଅଧ୍ୟକ୍ଷ ବିଆର ନାଇଡୁ ତଦନ୍ତ ଆରମ୍ଭ କରିଥିଲେ ଓ ଏହାପରେ ସମ୍ପୂର୍ଣ୍ଣ ମାମଲା ସାମ୍ନାକୁ ଆସିଥିଲା।

ନାଇଡୁଙ୍କ କହିବା ଅନୁଯାୟୀ ମନ୍ଦିରରେ ଦାନ ଦେଉଥିବା ବଡ଼ ଦାନକର୍ତ୍ତା ପ୍ରସାଦ ଭାବେ ସିଲ୍କ ଦୁପଟ୍ଟା ଚଢ଼ାଇଥାନ୍ତି। ଏହା ବ୍ୟତୀତ ବେଦାଶୀର୍ବଚନମ ଭଳି ପୂଜା- ଅନୁଷ୍ଠାରେ ସିଲ୍କ ଦୁପଟ୍ଟାର ବ୍ୟବହାର ▶ପୃଷ୍ଠା-୭

## ୟୁନେସ୍କୋ ବିଶ୍ୱ ଐତିହ୍ୟ ସୂଚୀରେ ଦୀପାବଳି

■ ଜାକର୍ତ୍ତା, ୧୦।୧୨ (ଏଜେନ୍ସି): ସନାତନ ପରମ୍ପରାର ସବୁଠାର ବଡ଼ ପର୍ବ ଦୀପାବଳିକୁ ୟୁନେସ୍କୋର ବିଶ୍ୱ ଅମୂଲ୍ୟ ସାଂସ୍କୃତିକ ଐତିହ୍ୟ ତାଲିକାରେ ସାମିଲ କରାଯାଇଛି। ବୁଧବାର ୟୁନେସ୍କୋ ଜାତିସଙ୍ଘ ଶିକ୍ଷା, ବୈଜ୍ଞାନିକ ତଥା ସଂସ୍କୃତିକ ସଂଗଠନର ଅମୂଲ୍ୟ ସାଂସ୍କୃତିକ ଐତିହ୍ୟ ତାଲିକା ଘୋଷଣା କରିଛି। ଏହି ତାଲିକାରେ ଦୀପାବଳିକୁ ବାଦ୍ ଦେଲେ ଘାନା, ଜର୍ଜିଆ, କଙ୍ଗୋ, ଇଥିଓପିଆ ଓ ଇଜିପ୍ଟ ସହିତ ବହୁ ଦେଶର ସଂସ୍କୃତିକ ପ୍ରତୀକକୁ ସାମିଲ କରାଯାଇଛି। ଏହି ତାଲିକାରେ ଭାରତ ୧୫ଟି ଐତିହ୍ୟ ସାମିଲ ରହିଛି। ଏଥିରେ ଦୁର୍ଗାପୂଜା, କୁମ୍ଭମେଳା, ବୈଦିକ ମନ୍ତ୍ରୋଚାର, ରାମଲୀଳା, ଛଉନୃତ୍ୟ ମଧ୍ୟ ସାମିଲ ରହିଛି। ଦିଲ୍ଲୀରେ ୟୁନେସ୍କୋର ଅମୂଲ୍ୟ ଐତିହ୍ୟ ପାଇଁ ଆନ୍ତଃସରକାରୀ କମିଟିର ବିଂଶତମ ବୈଠକ ଚାଲୁଥିବା ବେଳେ ଏହି ନିଷ୍ପତ୍ତି ନିଆଯାଇଛି।




ଏନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ପୋଷ୍ଟ କରି କହିଛନ୍ତି, ଦୀପାବଳି ଭାରତୀୟ ସଭ୍ୟତା ଓ ସଂସ୍କୃତିର ଆତ୍ମା। ଏହି ପର୍ବକୁ ୟୁନେସ୍କୋ ଐତିହ୍ୟରେ ସାମିଲ ▶ପୃଷ୍ଠା-୭


## କଂଗ୍ରେସରେ ବିଦ୍ରୋହ: ବିଗୁଲ ଫୁଙ୍କିଲେ ମୋକିମ୍

**ସୋନିଆଙ୍କୁ ଲେଖିଲେ ପାଞ୍ଚ ପୃଷ୍ଠାର ଚିଠି**

**ଭକ୍ତଙ୍କ ନେତୃତ୍ୱକୁ ସିଧାସଳଖ ଚ୍ୟାଲେଞ୍ଜ**


**ବୈଚାରିକ ଓ ଢାଞ୍ଚାଗତ ପୁନରୁଦ୍ଧାର ପ୍ରସ୍ତାବ**

**ବାଦ ପଡ଼ିଲେ ନାହିଁ ପୂର୍ବ ସଭାପତି ଶରତ**



■ ଭୁବନେଶ୍ୱର, ୧୦।୧୨ (ସମିସ): ନୂଆପଡ଼ା ଉପନିର୍ବାଚନ ପରାଜୟ ପରେ କଂଗ୍ରେସରେ କୁହୁଳୁଥିବା ନିଆଁ ଏବେ ହୁତହୁତ ଜଳିବା ଆରମ୍ଭ ହୋଇଛି। ଦଳର ନେତାମାନେ ଖୋଲାଖୋଲି ନିର୍ବାଚନ ପରିଚାଳନାକୁ ସମାଲୋଚନା କରୁଥିବାବେଳେ ପୂର୍ବତନ ବିଧାୟକ ମହମ୍ମଦ ମୋକିମ୍ ଫୁଙ୍କିଛନ୍ତି ବିଦ୍ରୋହର ବିଗୁଲ । ପୂର୍ବତନ ପିସିସି ସଭାପତି ଶରତ ପଟ୍ଟନାୟକ ଓ ବର୍ତ୍ତମାନର ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ନେତୃତ୍ୱକୁ ସେ ଚାଲେଞ୍ଜ କରିଛନ୍ତି। ରାଜ୍ୟରୁ ଜାତୀୟସ୍ତରରେ ଦଳରେ ଚାଲିଥିବା ବ୍ୟବସ୍ଥା ସମ୍ପର୍କରେ ସେ ଦଳର ସର୍ବମାନ୍ୟ ନେତ୍ରୀ ସୋନିଆ ଗାନ୍ଧୀଙ୍କୁ ୫ ପୃଷ୍ଠା ଚିଠି ଲେଖି କଂଗ୍ରେସର ଆମୂଳଚୂଳ ପରିବର୍ତ୍ତନ ନିମନ୍ତେ ପ୍ରସ୍ତାବ ଦେଇଛନ୍ତି।

ମୋକିମ୍ ତାଙ୍କ ଚିଠିରେ ନିଜକୁ ଜଣେ ସଚ୍ଚା କଂଗ୍ରେସୀ ବୋଲି ଅଭିହିତ କରି ପିସିସି ସଭାପତି ରୂପେ ଶରତ ପଟ୍ଟନାୟକ ଓ ପରେ ଭକ୍ତ ଦାସଙ୍କ ନିଯୁକ୍ତି ଦ୍ୱାରା ଦଳ କିପରି ଓଡ଼ିଶାରେ ପ୍ରଭାବିତ ହୋଇଛି ତାହା ଉଲ୍ଲେଖ କରିଛନ୍ତି। ପୂର୍ବତନ ପିସିସି ସଭାପତି ଶରତ ପଟ୍ଟନାୟକଙ୍କ ନେତୃତ୍ୱରେ ▶ପୃଷ୍ଠା-୭




## ସାମ୍ବାଦିକାଙ୍କୁ ଆଖିମାରିଲେ ପାକ୍ ସେନା ଅଧିକାରୀ




ଇସଲାମାବାଦ, ୧୦।୧୨ (ଏଜେନ୍ସି): ପାକିସ୍ତାନର ଜଣେ ସେନା ଅଧିକାରୀ ସାମ୍ବାଦିକ ସମ୍ମିଳନୀରେ ଜଣେ ମହିଳା ସାମ୍ବାଦିକାଙ୍କୁ ଆଖି ମାରିବା ଭଳି ଲଜ୍ଜାଜନକ କାର୍ଯ୍ୟ କରିଛନ୍ତି। ଫଳରେ ପାକ୍ ସେନା ଆଉଏକ ନୂଆ ବିବାଦରେ ଫସିଛି। ଏହାର ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଛି। ଏହି ଅଧିକାରୀ ହେଉଛନ୍ତି ଇଣ୍ଟର-ସର୍ଭିସ ପବ୍ଲିକ ରିଲେସନ (ଆଇଏସ୍‌ପିଆର)ର ଡାଇରେକ୍ଟର ଜେନେରାଲ ତଥା ମୁଖପାତ୍ର ଅହମ୍ମଦ ସରିଫ ଚୌଧୁରୀ। ସାମ୍ବାଦିକା ଅବ୍‌ସା କୋମାନ ପୂର୍ବତନ ପ୍ରଧାମନନ୍ତ୍ରୀ ତଥା ପିଟିଆଇ ମୁଖ୍ୟ ଇମ୍ରାନ ଖାନଙ୍କୁ ନେଇ ପ୍ରଶ୍ନ ପଚାରିଥିଲେ। ଇମ୍ରାନଙ୍କ ବିରୋଧରେ ଜାତୀୟ ସୁରକ୍ଷା ବିପଦ, ରାଷ୍ଟ୍ର ବିରୋଧୀ ଧମକ ଓ ଦିଲ୍ଲୀ ନିର୍ଦ୍ଦେଶରେ କାର୍ଯ୍ୟକରିବା ଭଳି ଅଭିଯୋଗ ପୂର୍ବ ଅଭିଯୋଗଗୁଡିକଠାରୁ କିପରି ଭିନ୍ନ ଏବଂ ତାଙ୍କ ବିରୋଧରେ କୌଣସି ନୂତନ କର୍ଯ୍ୟାନୁଷ୍ଠାନ ଆଶା କରାଯାଉଛି କି ବୋଲି ପ୍ରଶ୍ନ କରିଥିଲେ। ଚୌଧୁରୀ କିନ୍ତୁ ଏହାର ଏକ ବ୍ୟଙ୍ଗାତ୍ମକ ଉତ୍ତର ଦେବାସହ ଇମ୍ରାନ ଜଣେ ମାନସିକ ରୋଗୀ ବୋଲି କହିଥିଲେ। ଏଥିସହ ସେ ଟିକେ ହସି ସାମ୍ବାଦିକାଙ୍କୁ ଆଖି ମାରିଥିଲେ। ଏହା ଦ୍ୱାରା ଦେଶ ଲଜ୍ଜିତ ହେଉଛି ଓ ପାକିସ୍ତାନ ପରିହାସର ପାତ୍ର ହୋଇଛି ବୋଲି କେତେଜଣ ୟୁଜର ଲେଖିଛନ୍ତି।



## ଲେଭିଟ୍‌ଙ୍କ ମୁଖ ସୁନ୍ଦର, ଓଠ ମେସିନଗନ୍ ଭଳି: ଟ୍ରମ୍ପ

ନ୍ୟୁୟର୍କ, ୧୦।୧୨(ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପାଟି ପୁଣି ଥରେ ଖସିଛି। ଡିସେମ୍ବର ୯ରେ ପେନସିଲଭାନିଆର ଏକ ରାଲିରେ ବକ୍ତବ୍ୟ ଦେଉଥିବା ବେଳେ ସେ ମୂଳ ପ୍ରସଙ୍ଗ ଛାଡି ୨୮ ବର୍ଷୀୟା ହ୍ୱାଇଟ୍ ହାଉସ ସଚିବ କାରୋଲିନ ଲେଭିଟ୍‌ଙ୍କ ସୌନ୍ଦର୍ଯ୍ୟର ପ୍ରଶଂସାରେ ଶତମୁଖ ହୋଇଥିଲେ। ୫ ପିଲାର ବାପା ୭୯ ବର୍ଷୀୟ ଟ୍ରମ୍ପଙ୍କ ପାଟିରୁ ଏହି କଥା ଶୁଣି ହାସ୍ୟରୋଳ ସୃଷ୍ଟି ହୋଇଥିଲା। ଟ୍ରମ୍ପ କହିଥିଲେ ଯେ ଲେଭିଟ୍‌ଙ୍କ ମୁଖ ବହୁତ ସୁନ୍ଦର ଓ ଓଠ ମେସିନଗନ ଭଳି ଚାଲୁଛି । ଏହାର ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବା ସହ ହଇଚଇ ସୃଷ୍ଟି କରିଛି। ଏହି ରାଲିରେ ଟ୍ରମ୍ପ ତାଙ୍କ ଦ୍ୱିତୀୟ କାର୍ଯ୍ୟକାଳରେ ଆର୍ଥିକ ସଫଳତା, ଦରଦାମ ଉପରେ ନିୟନ୍ତ୍ରଣ, ନିଯୁକ୍ତି ସୃଷ୍ଟି ନେଇ ବକ୍ତବ୍ୟ ରଖିବାର କାର୍ଯ୍ୟକ୍ରମ ଥିଲା। କିନ୍ତୁ ସେ କହିଥିଲେ ଯେ, ଆଜି ଆମେ ନିଜର ସୁପରଷ୍ଟାର ଲେଭିଟ୍‌ଙ୍କୁ ସାଙ୍ଗରେ ଆଣିଛୁ। ଏହାପରେ ସେ ତାଙ୍କର ପ୍ରଶଂସା କରିଥିଲେ। ଲେଭିଟ ଟ୍ରମ୍ପଙ୍କଠାରୁ ୫୧ ବର୍ଷ ଛୋଟ। ଲେଭିଟ ଟେଲିଭିଜନରେ କହୁଥିବା ବେଳେ ଚମତ୍କାର ଲାଗନ୍ତି। ଗତ ଅଗଷ୍ଟରେ ମଧ୍ୟ ସେ ଲେଭିଟ୍‌ଙ୍କୁ ନେଇ ନ୍ୟୁଜମ୍ୟାକ୍ସରେ ଏହି ଭଳି ମନ୍ତବ୍ୟ ଦେଇଥିଲେ। ଲେଭିଟଙ୍କୁ ଶ୍ରେଷ୍ଠ ପ୍ରେସ ସଚିବ ବୋଲି ସେ କହିଥିଲେ। ଉଲ୍ଲେଖଥାଉ କି, ଲେଭିଟି ଟ୍ରମ୍ପ ପ୍ରଶାସନରେ ପ୍ରଥମେ ୨୦୧୯ ରୁ ୨୦୨୧ ମଧ୍ୟରେ ଉପ ପ୍ରେସ ସଚିବ ଭାବେ କାର୍ଯ୍ୟ କରିଥିଲେ। ଲେଭିଟ୍‌ଙ୍କ ସ୍ୱାମୀ ୬୦ ବର୍ଷୀୟ ନିକୋଲାସ ରିକ୍କୋ ଜଣେ ରିୟଲ ଇଷ୍ଟେଟ୍ ଡେଭଲପର। ତାଙ୍କର ଜଣେ ପୁଅ ନିକୋ ଅଛନ୍ତି।

### କେନ୍ଦ୍ରକୁ ଦିଲ୍ଲୀ ହାଇକୋର୍ଟଙ୍କ ପ୍ରଶ୍ନ: ଇଣ୍ଡିଗୋ ଫେଲ୍, ସରକାର କ'ଣ କରୁଥିଲେ

# ୪ ହଜାର ଟିକଟ୍‌ର ଦାମ୍ ୪୦ ହଜାର ?

ନୂଆଦିଲ୍ଲୀ, ୧୦।୧୨ (ଏଜେନ୍ସି): ଇଣ୍ଡିଗୋ ସଙ୍କଟକୁ ନେଇ ଦିଲ୍ଲୀ ହାଇକୋର୍ଟ ବୁଧବାର କେନ୍ଦ୍ର ସରକାରଙ୍କୁ ତୀବ୍ର ଭର୍ତ୍ସନା କରିଛନ୍ତି। ଶତାଧିକ ବିମାନ ବାତିଲ ହେଉଥିବାବେଳେ ଭଡ଼ା ବୃଦ୍ଧି ନିୟନ୍ତ୍ରଣ କରିବାରେ ସରକାର ବିଫଳ ହୋଇଥିଲେ ବୋଲି କହିଛନ୍ତି। ସର୍ବୋଚ୍ଚ ନ୍ୟାୟାଳୟ କେନ୍ଦ୍ର ସରକାରଙ୍କୁ ପ୍ରଶ୍ନବାଣ ମଧ୍ୟ ମାରିଛନ୍ତି। କୋର୍ଟ ପଚାରି ଥିଲେ ଯେ ଏୟାରଲାଇନ ବିଫଳ ହେବା ପରେ ସରକାର କ'ଣ କରିଥିଲେ? ଏଭଳି ସଙ୍କଟରେ ସ୍ଥିତିର ଲାଭ ଉଠାଇବାକୁ ଅନ୍ୟ ଏୟାରଲାଇନ ଗୁଡ଼ିକୁ କାହିଁକି ଦିଆଗଲା? ୪ ହଜାର ଟଙ୍କାର ଟିକଟ ମୂଲ୍ୟ ୩୫-୩୯ ହଜାର ଟଙ୍କା ପର୍ଯ୍ୟନ୍ତ କେମିତି ପହଞ୍ଚି ଗଲା? ଏୟାରଲାଇନ ଗୁଡ଼ିକ ଏତେ ଟଙ୍କା କେମିତି ନେଇପାରିବେ? ଏ ସବୁ କିପରି ହୋଇପାରିଲା? ଏ ନେଇ ସରକାର କି କାର୍ଯ୍ୟାନୁଷ୍ଠାନ ନେଲେ? ସରକାରଙ୍କ ହିଁ ଏଭଳି ସ୍ଥିତି ସୃଷ୍ଟି ହେବାକୁ ଦେଲେ ବୋଲି ମୁଖ୍ୟ ବିଚାରପତି ଦେବେନ୍ଦ୍ର କୁମାର ଉପାଧ୍ୟାୟ ଏବଂ ଜଷ୍ଟିସ ତୁଷାର ରାଓ ଗେଦେଲାଙ୍କ ଖଣ୍ଡପୀଠ କହିଛନ୍ତି। ଏକ ଜନସ୍ୱାର୍ଥ ମାମଲାର ଶୁଣାଣି କରି କୋର୍ଟ ଏହି ଟିପ୍ପଣୀ ଦେଇଛନ୍ତି।

ଇଣ୍ଡିଗୋ ସଙ୍କଟର ନିରପେକ୍ଷ ନ୍ୟାୟିକ ଯାଞ୍ଚ ଦାବି ଏବଂ ବିମାନ ବାତିଲ ହେବା ଯୋଗୁଁ ବିମାନବନ୍ଦରରେ ଫସିଥିବା ଯାତ୍ରୀଙ୍କୁ ଆର୍ଥିକ କ୍ଷତିପୂରଣ ଦେବା ନିମନ୍ତେ ଏହି ଆବେଦନରେ ଦାବି କରାଯାଇଥିଲା। ଶୁଣାଣି ସମୟରେ କୋର୍ଟ କହିଥିଲେ ଯେ ଏହା କେବଳ ବ୍ୟକ୍ତିଗତ ଯାତ୍ରୀଙ୍କ ମାମଲା ନୁହେଁ, ବରଂ ଆର୍ଥିକ



**ଇଣ୍ଡିଗୋ ସିଇଓଙ୍କୁ ସମନ କଲା ଡିଜିସିଏ**

**ଇଣ୍ଡିଗୋ ଜାଣିଶୁଣି ଭୁଲ୍ କରିଛି: ମନ୍ତ୍ରୀ**

କ୍ଷତି ମଧ୍ୟ ହୋଇଛି। ଭବିଷ୍ୟତରେ ଯେଭଳି ଏପରି ସ୍ଥିତି ସୃଷ୍ଟି ନ ହେବ ତାହା ସରକାରଙ୍କୁ ସୁନିଶ୍ଚିତ କରିବାକୁ ହେବ। ମୁଖ୍ୟ ବିଚାରପତି କହିଥିଲେ ଯେ ଏୟାରଲାଇନର କର୍ମଚାରୀ ଯାତ୍ରୀଙ୍କ ସହ ସଠିକ ବ୍ୟବହାର କରିବା ପାଇଁ କି ପଦକ୍ଷେପ ନିଆଯାଇଛି? ପାଇଲଟଙ୍କ କାର୍ଯ୍ୟ ନିର୍ଘଣ୍ଟ ନିୟମାବଳୀକୁ ଠିକ୍ ସମୟରେ କାହିଁକି କାର୍ଯ୍ୟକାରୀ କରାଗଲାନି ବୋଲି ପଚାରି ଥିଲେ। ସ୍ଥିତିର ମୁକାବିଲା ପାଇଁ ସରକାରଙ୍କ ପକ୍ଷରୁ ନିଆଯାଇଥିବା ପଦକ୍ଷେପ ବିଷୟରେ ଅତିରିକ୍ତ ସଲିସିଟର ଜେନେରାଲ (ଏଏସଜି) କୋର୍ଟଙ୍କୁ ସୂଚନା ଦେଇଥିଲେ। ତେବେ ହାଇକୋର୍ଟ କହିଥିଲେ ଯେ ସଙ୍କଟ ସୃଷ୍ଟି ହେବା ପରେ ସରକାର ଏହି ପଦକ୍ଷେପ ନେଇଥିଲେ। କିନ୍ତୁ ପ୍ରଶ୍ନ ଏହା ନୁହେଁ। ଏଭଳି ସ୍ଥିତି କାହିଁକି ସୃଷ୍ଟି ହେଲା? ଆଉ ସରକାର କ'ଣ କରୁଥିଲେ? ପାଇଲଟଙ୍କୁ କାହିଁକି ଅଧିକ କାମ କରିବାକୁ ଦିଆଗଲା? ଏହାକୁ ରୋକିବା ପାଇଁ କି କାର୍ଯ୍ୟାନୁଷ୍ଠାନ ନିଆଯିବ? ଜବାବରେ ଏଏସଜି କୋର୍ଟଙ୍କୁ ଜଣାଇ ଥିଲେ ଯେ ଇଣ୍ଡିଗୋକୁ ଡିଜିସିଏ କାରଣ ଦର୍ଶାଅ ନୋଟିସ ଜାରି କରିଛି। ଇଣ୍ଡିଗୋ କ୍ଷମା ମାଗିବା ସହ ଏହାର ଜବାବ ଦେଇଛି। ଏହାକୁ ନେଇ କୋର୍ଟ ସ୍ଥିତି ସମ୍ଭାଳିବା ପ୍ରୟାସକୁ ପ୍ରଶଂସା କରିଥିଲେ, କିନ୍ତୁ ସ୍ଥିତି ଏଭଳି ହେବାକୁ କାହିଁକି ଦିଆଗଲା ବୋଲି ପଚାରି ଥିଲେ। ଏହା ହିଁ ଚିନ୍ତାର ବିଷୟ। ବିନା ସହାୟତାରେ ଲକ୍ଷାଧିକ ଯାତ୍ରୀ ବିମାନବନ୍ଦରରେ ଫସି ରହିଥିଲେ। ଏହା କେବଳ ଯାତ୍ରୀଙ୍କ ପାଇଁ ନୁହେଁ, ସମଗ୍ର ଅର୍ଥ ବ୍ୟବସ୍ଥାକୁ ମଧ୍ୟ ପ୍ରଭାବିତ କରିଥିଲା। ସରକାରଙ୍କ ହସ୍ତକ୍ଷେପ ସତ୍ତ୍ୱେ ଇଣ୍ଡିଗୋ ସମସ୍ୟା କମ୍ ହେବାର ନା ଧରୁନି। ଇଣ୍ଡିଗୋ ସଙ୍କଟ ବୁଧବାର ନବମ ଦିନରେ ପହଞ୍ଚିଛି। ପରିଚାଳନା ଗତ ସମସ୍ୟାରୁ ଇଣ୍ଡିଗୋ ବାହାରି ପାରୁନି କି ଯାତ୍ରୀଙ୍କୁ ଆଶ୍ୱସ୍ତି ମିଳୁନାହିଁ। ଆଜି ଏହି ଏୟାରଲାଇନ ୨୨୦ରୁ ଅଧିକ ବିମାନକୁ ବାତିଲ କରିଦେଇଛି।

ଏହା ମଧ୍ୟରେ ବେସାମରିକ ବିମାନ ଚଳାଚଳ ମନ୍ତ୍ରାଳୟ (ଡିଜିସିଏ) ଇଣ୍ଡିଗୋ ସିଇଓ ପିଟର୍ସ ଏଲବର୍ସଙ୍କୁ ସମନ ଜାରି କରିଛି। ତାଙ୍କୁ ଗୁରୁବାର ହାଜର ହେବା ପାଇଁ କୁହାଯାଇଛି। ଏବେ ଇଣ୍ଡିଗୋ ସଙ୍କଟକୁ ନେଇ ଡିଜିସିଏ ବି କେନ୍ଦ୍ର ସରକାରଙ୍କ ଯାଞ୍ଚ ରାଡାରରେ ରହିଛି।

# ସଂସଦରେ ଏସ୍‌ଆଇଆର ଝଡ଼: ଶାହ-ରାହୁଲ ମୁହାଁମୁହିଁ

ନୂଆଦିଲ୍ଲୀ, ୧୦।୧୨ (ଏଜେନ୍ସି): ଲୋକସଭାରେ ନିର୍ବାଚନ ସଂସ୍କାର ତଥା ଏସ୍‌ଆଇଆର ଉପରେ ବିତର୍କ ସମୟରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଏବଂ ବିରୋଧୀ ଦଳନେତା ରାହୁଲ ଗାନ୍ଧୀ ମୁହାଁମୁହିଁ ହୋଇଛନ୍ତି। ଭୋଟର ତାଲିକାରେ ଅନିୟମିତତାକୁ ନେଇ ରାହୁଲ ସାମ୍ବାଦିକ ସମ୍ମିଳନୀ କରି ଲଗାଇଥିବା ଅଭିଯୋଗ ଉପରେ ଶାହାଙ୍କୁ ଖୋଲା ବିତର୍କର ଆହ୍ୱାନ ଦେଇଛନ୍ତି। ଏହାର ଜବାବରେ ଶାହା କହିଥିଲେ ଯେ, ମୁଁ କ'ଣ କହିବି ଏବଂ କେଉଁ କ୍ରମରେ କହିବି ତାହା କେହି ନିର୍ଦ୍ଦେଶ ଦେଇପାରିବେ ନାହିଁ। ମାତ୍ର ରାହୁଲ ଏଇଠି ଅଟକି ଯାଇ ନ ଥିଲେ। କଥାରୁ ସ୍ୱରାଷ୍ଟ୍ରମନ୍ତ୍ରୀ ଭୟଭୀତ ହୋଇ ଯାଇଥିବା ଜଣାପଡୁଛି। ଭୟରେ ଏପରି ପ୍ରତିକ୍ରିୟା ଦେଉଛନ୍ତି ବୋଲି ରାହୁଲ କହିଥିଲେ। ଜବାବରେ ଶାହା କହିଥିଲେ ଯେ, ତାଙ୍କ ଉସୁକାଇବାରେ ମୁଁ ଆସିଯିବି ନାହିଁ। ଭାଷଣ କ'ଣ ଦେବି ତାହା ନିଜେ ସ୍ଥିର କରିବି। ବିରୋଧୀ ନେତା ମିଛ କହୁଛନ୍ତି ବୋଲି ଆମେ କହୁନୁ। ଭୋଟର ତାଲିକାରେ ଥିବା ଅନିୟମିତତା ଦୂର କରିବା ପାଇଁ ଏସଆଇଆର ଜାରି ରହିଛି। କେବଳ ଉପଯୁକ୍ତ ଭୋଟରଙ୍କୁ ମତଦାନ ଅଧିକାର ଦେବା ଏହାର ଉଦ୍ଦେଶ୍ୟ। ଯେତେବେଳେ ବିରୋଧୀ ଜିତୁଛନ୍ତି ସେତେବେଳେ ଭୋଟର ତାଲିକା ଠିକ୍ ଅଛି। ଆଉ ନୂଆ ପୋଷାକ ପିନ୍ଧି ଶପଥ ନେଇ ଯାଉଛନ୍ତି। କିନ୍ତୁ ବିହାର ଆଦିରେ ହାରିଗଲେ ଭୋଟର ତାଲିକାକୁ ନେଇ ପ୍ରଶ୍ନ ଉଠାଉଛନ୍ତି। ଏଭଳି ଦୋମୁହାଁ ନୀତି ଚଳିବ ନାହିଁ।

ଶାହା ନିର୍ବାଚନ ସଂସ୍କାର, ଇଭିଏମ, ମୁଖ୍ୟ ନିର୍ବାଚନ କମିସନର (ସିଇସି) ନିଯୁକ୍ତି, ନେହେରୁ, ଇନ୍ଦିରା, ପଶ୍ଚିମବଙ୍ଗ, ବାଂଲାଦେଶୀ ଅନୁପ୍ରବେଶକାରୀ ଏବଂ କଂଗ୍ରେସର ଭୋଟ ଚୋରି ଉପରେ ଟିପ୍ପଣୀ ଦେଇଥିଲେ। ରାହୁଲ ପଚାରି ଥିବା ତିନି ପ୍ରଶ୍ନର ମଧ୍ୟ ଉତ୍ତର ରଖିଥିଲେ। ଏହି ସମୟରେ ୭ ଥର

**■ ଭୋଟ ଚୋରି ଉପରେ ମୋ ସହ ବିତର୍କ କର: ରାହୁଲ**

**■ ଗୃହରେ କ'ଣ କହିବି ତାହା ମୋ ଉପରେ ନିର୍ଭର କରେ: ଶାହା**

ହଙ୍ଗାମା ହୋଇଥିଲା। ଶେଷରେ କଂଗ୍ରେସ ସଦସ୍ୟ ଗୃହତ୍ୟାଗ କରିଥିଲେ। ଏହାକୁ ନେଇ ଶାହା କହିଥିଲେ, ଆମେ ବାଂଲାଦେଶୀଙ୍କୁ ଦେଶରୁ ବାହାରି କରିବାକୁ ଚାହୁଁଛୁ। ୨୦୦ ଥର କକ୍ଷତ୍ୟାଗ କଲେ ମଧ୍ୟ ଅନୁପ୍ରବେଶକାରୀଙ୍କୁ ଭାରତରେ ପଶିବାକୁ ଦିଆଯିବନି। ସାମ୍ବିଧାନିକ ପ୍ରକ୍ରିୟାରେ ଅନୁପ୍ରବେଶକାରୀଙ୍କୁ ବାହାର କରାଯିବ।

ରାହୁଲଙ୍କ ହାଇଡ୍ରୋଜେନ ବୋମାକୁ ତାଚ୍ଛଲ୍ୟ କରି ଶାହା କହିଥିଲେ ଯେ ବିରୋଧୀ ନେତା ଭୋଟ ଚୋରି ପ୍ରସଙ୍ଗ ଉଠାଉଛନ୍ତି। କିନ୍ତୁ କିଛି ପରିବାର ପିଢ଼ି ପରେ ପିଢ଼ି ଭୋଟ ଚୋରି କରି ଆସିଛନ୍ତି। ସେ ନେହେରୁ-ଗାନ୍ଧୀ ପରିବାରକୁ ଆକ୍ଷେପ କରି ଏହି ଟିପ୍ପଣୀ ଦେଇଥିଲେ। ସ୍ୱାଧୀନତା ପରେ ପ୍ରଥମ ପ୍ରଧାନମନ୍ତ୍ରୀ ହେବା ପାଇଁ ପ୍ରଥମେ ଭୋଟ ଚୋରି ହୋଇଥିଲା। ସେହିପରି ଇନ୍ଦିରା ଗାନ୍ଧୀ



ରାୟବରେଲିରେ ଭୋଟ ଚୋରି କରିଥିଲେ। ଏହାକୁ ଲୁଚାଇବା ପାଇଁ ସେ ଏକ ଆଇନ ଆଣିଥିଲେ। ଏଥିରେ ପ୍ରଧାନମନ୍ତ୍ରୀଙ୍କ ବିରୋଧରେ କୌଣସି ମାମଲା ରୁଜୁ ନ ହେବାର ନିୟମ ଥିଲା। ସିଇସିଙ୍କୁ ଇମ୍ୟୁନିଟି ଦେବା ପ୍ରସଙ୍ଗ ରାହୁଲ ଉଠାଉଛନ୍ତି। ତେବେ ଏହା କ'ଣ ଥିଲା ବୋଲି ଶାହା ପ୍ରଶ୍ନ କରିଥିଲେ। ଆଜି କଂଗ୍ରେସ ଏବଂ ରାହୁଲ ଗାନ୍ଧୀ ସେହି ଇଭିଏମ ଉପରେ ପ୍ରଶ୍ନ ଉଠାଉଛନ୍ତି ଯାହାକୁ ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀ ଆଣିଥିଲେ ବୋଲି ଶାହା କହିଥିଲେ।

## ଇସ୍ତଫା ଦେଇପାରନ୍ତି ଆମେରିକା ପ୍ରତିରକ୍ଷା ମନ୍ତ୍ରୀ

ୱାସିଂଟନ, ୧୦।୧୨(ଏଜେନ୍ସି): ଆମେରିକା ପ୍ରତିରକ୍ଷା ମନ୍ତ୍ରୀ ପିଟ୍ ହେଗ୍‌ସେଥ ଇସ୍ତଫା ଦେବାର ସମ୍ଭାବନା ସୃଷ୍ଟି ହୋଇଛି। କାରଣ ତାଙ୍କ ବିରୋଧରେ କାରିବିୟାନ ସାଗରରେ ଦୁଇଜଣ ନିରସ୍ତ୍ର ବ୍ୟକ୍ତିଙ୍କୁ ଡ୍ରୋନ ଆକ୍ରମଣରେ ହତ୍ୟା କରିଥିବା ଅଭିଯୋଗ ଲାଗିଛି। ଏହାକୁ ନେଇ ତାଙ୍କ ପଦ ଏବେ ବିପଦରେ। ଡ୍ରୋନ ଆକ୍ରମଣ ନେଇ ୪୦ ମିନିଟ୍‌ର ଭିଡିଓକୁ ଉପରେ ଚର୍ଚ୍ଚା ଆରମ୍ଭ ହୋଇଛି। ଏବେ ଡେମୋକ୍ରାଟିକ ପାର୍ଟି ହେଗସେଥଙ୍କ ଇସ୍ତଫା ଦାବି କରୁଛି। ଫଳରେ ତାଙ୍କ ବିରୋଧରେ କର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଟ୍ରମ୍ପଙ୍କ ଉପରେ ଚାପ ବୃଦ୍ଧି ପାଉଛି। ଡ୍ରଗ୍ସ ଚୋରା ଚାଲାଣକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ଏହି ଆକ୍ରମଣ କରାଯାଇଥିଲା। ସେପ୍ଟେମ୍ବର ୨ରେ ଆମେରିକୀୟ ସେନା କାରବିୟାନ ସାଗରରେ ଏକ ନୌକା ଉପରେ ଆକ୍ରମଣ କରିଥିଲା। ହେଗ୍‌ସେଥ ସମସ୍ତଙ୍କୁ ମାରିବାକୁ ଆଦେଶ ଦେଇଥିଲେ। ଏହି ନୌକାରେ ୧୧ ଜଣ ଥିଲେ। ଡ୍ରୋନ ଆକ୍ରମଣରେ ୯ ଜଣ ମୃତ୍ୟୁବରଣ କରିଥିଲେ ଓ ୨ ଜଣ ଆହତ ହୋଇଥିଲେ। କିନ୍ତୁ ଏହାପରେ ଦ୍ୱିତୀୟଥର ପାଇଁ ଡ୍ରୋନ ଆକ୍ରମଣ ହୋଇଥିଲା। ଫଳରେ ଆହତ ହୋଇଥିବା ଦୁଇଜଣ ମୃତ୍ୟୁବରଣ କରିଥିଲେ। ଏହି ଦୁଇଜଣ ଲୋକ ନିରସ୍ତ୍ର ଥିଲେ ଓ ସାହାଯ୍ୟ ଚାହୁଁଥିବା ବେଳେ ମଧ୍ୟ ତାଙ୍କ ଉପରେ ଆକ୍ରମଣ କରାଯିବାକୁ ହେଗସେଥ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ମୃତ୍ୟୁବରଣ କରିଥିବା ଏହି ଲୋକମାନଙ୍କ ସହ ନିଶାଦ୍ରବ୍ୟ ଚୋରା ଚାଲାଣ ନେଇ କୌଣସି ସମ୍ପର୍କ ଥିବା ସ୍ପଷ୍ଟ ହୋଇନାହିଁ। ପୂର୍ବରୁ ମଧ୍ୟ ହେଗସେଥ କେତୋଟି ବିବାଦୀୟ ନିଷ୍ପତ୍ତି ନେଇ ଚର୍ଚ୍ଚିତ ହୋଇଥିଲେ।

## ସୁରତ ଟେକ୍ସଟାଇଲ୍ ମାର୍କେଟ୍‌ରେ ଅଗ୍ନିକାଣ୍ଡ

ସୁରତ, ୧୦।୧୨(ଏଜେନ୍ସି): ସୁରତର ପରଭାତ ପଟିୟା ଅଞ୍ଚଳରେ ଥିବା ରାଜ ଟେକ୍ସଟାଇଲ୍ ମାର୍କେଟ୍‌ରେ ବୁଧବାର ସକାଳ ୭ଟାରେ ଭୟାବହ ଅଗ୍ନିକାଣ୍ଡ ହୋଇଛି। ସୂଚନା ପାଇବା ମାତ୍ରେ ୧୫ଟି ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚିଥିଲା। ନିଆଁ ଲାଗିବା ପରେ ମାର୍କେଟକୁ ଖାଲି କରାଯାଇଥିଲା। ତେବେ ଏଥିରେ କେହି ମୃତାହତ ହୋଇ ନାହାନ୍ତି ବୋଲି କୁହାଯାଇଛି। ନିଆଁକୁ ସମ୍ପୂର୍ଣ୍ଣ ଭାବେ ନିୟନ୍ତ୍ରଣ କରାଯାଇଛି। ଏହି କାର୍ଯ୍ୟରେ ପଖାପାଖି ୧୦୦ରୁ ୧୨୫ ଜଣ ଅଗ୍ନିଶମ ଅଧିକାରୀ ଲାଗି ପଡ଼ିଛନ୍ତି। କପଡ଼ାର ମାର୍କେଟ ହୋଇଥିବାରୁ ନିଆଁ ଉପରେ ନିୟନ୍ତ୍ରଣ ପାଇବା ପାଇଁ ସମୟ ଲାଗିଥିଲା। ତେବେ ନିଆଁ ଲାଗିବା କାରଣ ଏ ପର୍ଯ୍ୟନ୍ତ ଜଣାପଡ଼ି ନାହିଁ।

## ପିଏମ୍‌ଓରେ ମୋଦୀ-ରାହୁଲ ୮୮ ମିନିଟ ଚର୍ଚ୍ଚା



ନୂଆଦିଲ୍ଲୀ, ୧୦।୧୨ (ଏଜେନ୍ସି): ସଂସଦର ଶୀତ ଅଧିବେଶନ ଜାରି ରହିଥିବାବେଳେ ପିଏମଓରେ ବୁଧବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଲୋକସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ମଧ୍ୟରେ ୮୮ ମିନିଟ ପର୍ଯ୍ୟନ୍ତ ଚର୍ଚ୍ଚା ହୋଇଛି। ଏହାକୁ ନେଇ ସଂସଦୀୟ କରିଡରରେ ନାନା କଳ୍ପନାଜଳ୍ପନା କରାଯାଉଛି। ତେବେ ମୁଖ୍ୟ ସୂଚନା କମିଶନର ପ୍ରାର୍ଥୀ ବାଛିବା ପାଇଁ ଏହି ବୈଠକ ହୋଇଥିଲା। ଏହି ବୈଠକ ପାଇଁ ରାହୁଲ ୧ଟାରେ ପିଏମଓରେ ପହଞ୍ଚି ଥିଲେ। ତେବେ ଏହା ୧ଟା୦୭ରେ ଆରମ୍ଭ ହୋଇଥିଲେ। ଏଥିରେ ମୋଦୀ, ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଏବଂ ରାହୁଲ ବିଭିନ୍ନ ନିଯୁକ୍ତି ନେଇ ଚର୍ଚ୍ଚା କରିଥିଲେ। ୮୮ ମିନିଟ ପରେ ରାହୁଲ ବାହାରି ସିଆଇସିଙ୍କ ସମେତ ୮ ଜଣ ସୂଚନା କମିଶନର ଏବଂ ଭିଜିଲାନ୍ସ କମିଶନରଙ୍କ ନିଯୁକ୍ତି ଉପରେ ଆଲୋଚନା ହୋଇଥିବା କହିଥିଲେ। ସେ ଏହି ନିଯୁକ୍ତିକୁ ନେଇ ଲିଖିତ ଆକାରରେ ଆପତ୍ତି ପ୍ରକାଶ କରିଥିଲେ।ତେବେ ୮୮ ମିନିଟ ପର୍ଯ୍ୟନ୍ତ ଏଭଳି କେଉଁ ଚର୍ଚ୍ଚା ହୋଇଥିଲା ବୋଲି ପ୍ରଶ୍ନ ଉଠୁଛି। ଏବେ ସିଆଇସିରେ ୮ଟି ଖାଲି ପଦବୀ ରହିଛି। ସେପ୍ଟେମ୍ବର ୧୩ରେ ହୀରାଲାଲ ସମରିଆ ଅବସର ଗ୍ରହଣ କରିବା ଦିନଠାରୁ ସିଆଇସି ପଦ ଖାଲି ରହିଛି। ଏହେ ସୂଚନା କମିଶନର ଆନନ୍ଦୀ ରାମଲିଙ୍ଗମ ଏବଂ ବିନୋଦ କୁମାର ତିୱାରୀ କାର୍ଯ୍ୟ ସମ୍ଭାଳୁଛନ୍ତି। ସିଆଇସି ୱେବସାଇଟ ଅନୁଯାୟୀ,ଏବେ ୩୦, ୮୩୮ ମାମଲା ପଡ଼ି ରହିଛି।


## ଦୁର୍ନୀତିଗ୍ରସ୍ତ ଦେଶ: ୯୬ତମ ସ୍ଥାନରେ ଭାରତ

ନୂଆଦିଲ୍ଲୀ, ୧୦।୧୨ (ଏଜେନ୍ସି): ବିଶ୍ୱ ଅନେକ ଦେଶରେ ଦୁର୍ନୀତି ଏକ ପ୍ରମୁଖ ସମସ୍ୟା ରହିଛି। ସାଧାରଣ ଲୋକେ ଗୁଜରାଣ ମେଣ୍ଟାଇବା ପାଇଁ ସଂଘର୍ଷ କରୁଥିବାବେଳେ ଅଧିକାଂଶ ନେତା, ଅଧିକାରୀ, ମନ୍ତ୍ରୀ ଦୁର୍ନୀତିରେ ଲିପ୍ତ ରହୁଛନ୍ତି। ଏହା ଜୀବନ, ଅର୍ଥନୀତି ଏବଂ ସାର୍ବଜନୀନ ବ୍ୟବସ୍ଥା ଉପରେ ପ୍ରଭାବ ପକାଉଛି। ଏପରି ସମୟରେ ଟ୍ରାନ୍ସପାରେନ୍ସି ଇଣ୍ଟରନ୍ୟାସନାଲ ପକ୍ଷରୁ କରପସନ ପ୍ରିସିପସନ ଇଣ୍ଡେକ୍ସ (ସିପିଆଇ) ଜାରି ହୋଇଛି। ୨୦୨୪ର ଏହି ତାଲିକା ସାରା ବିଶ୍ୱରେ ଦୁର୍ନୀତି ବ୍ୟାପିଥିବା ଦର୍ଶାଯାଇଛି। ନିର୍ଭର ସୂତ୍ର, ସର୍ଭେ, ଅଧ୍ୟୟନ ଏବଂ ବ୍ୟାବସାୟିକ ନେତୃତ୍ୱଙ୍କ ମତ ଆଧାରରେ ଏହି ତାଲିକା ପ୍ରସ୍ତୁତ କରାଯାଇଛି। ଏହି ଦୁର୍ନୀତି ଗ୍ରସ୍ତ ଦେଶ ତାଲିକାରେ ସାଉଥ ସୁଦାନ ଶୀର୍ଷରେ ରହିଛି। ଶହେ ମାର୍କ ମଧ୍ୟରୁ ଏହା ମାତ୍ର ୮ ମାର୍କ ପାଇଛି। ଏହା ଦୁର୍ନୀତିର ଭୟଙ୍କର ରୂପକୁ ଦର୍ଶାଉଛି। ସେହିପରି ଦ୍ୱିତୀୟ ସ୍ଥାନରେ ସୋମାଲିଆ, ତୃତୀୟରେ ଭେନଜୁଏଲା ଏବଂ ଚତୁର୍ଥରେ ସିରିଆ ରହିଛି। ଗତ ବର୍ଷ ବିଶ୍ୱରେ ଦୁର୍ନୀତି ସ୍ତର ସବୁଠାରୁ ଉଚ୍ଚରେ ଥିଲା ବୋଲି କୁହାଯାଇଛି। ତେବେ ୨୦୧୨ ତୁଳନାରେ ୩୨ ଦେଶରେ ସ୍ଥିତି ସୁଧୁରିଛି। କିନ୍ତୁ ୧୪୮ ଦେଶରେ ସ୍ଥିତି ସମାନ କିମ୍ବା ଅଧିକ ଖରାପ ରହିଛି।

ଭାରତ ଏହି ସିପିଆଇ ତାଲିକାରେ ୯୬ତମ ସ୍ଥାନରେ ରହିଛି। ଶହେରୁ ଭାରତ ୩୮ ମାର୍କ ପାଇଛି। ପୂର୍ବାପେକ୍ଷା ଭାରତର ସ୍ଥିତିରେ ସୁଧାର ଆସିଥିଲେ ବି ଦୁର୍ନୀତି ଜାରି ରହିଛି। ଅନେକ କ୍ଷେତ୍ରରେ ଏହା ଲୋକଙ୍କ ଜୀବନକୁ ପ୍ରଭାବିତ କରୁଛି। ଏଥିଯୋଗୁ ବିକାଶ ଗତି ମନ୍ଥର ରହିଛି। ସାର୍ବଜନୀନ ସେବାକୁ ଦୁର୍ବଳ ଏବଂ ପ୍ରତିଷ୍ଠାନ ପ୍ରତି ଲୋକଙ୍କ ଭରସାକୁ ହ୍ରାସ କରୁଛି। ଦୁର୍ନୀତିର ମୁକାବିଲା ପାଇଁ ଅଧିକ ପ୍ରୟାସ ଜରୁରୀ ବୋଲି କୁହାଯାଇଛି। ଏଥିପାଇଁ କଠୋର ନିୟମ ଏବଂ କଡ଼ା ପ୍ରବର୍ତ୍ତନ ବ୍ୟବସ୍ଥା ଜରୁରୀ। ସେହିପରି ଭାରତର ପଡ଼ୋଶୀ ପାକିସ୍ତାନ ୧୩୫ତମ, ଶ୍ରୀଲଙ୍କା ୧୨୧ତମ, ବାଂଲାଦେଶ ୧୪୯ତମ ଏବଂ ଚୀନ୍ ୭୬ତମ ସ୍ଥାନରେ ରହିଛି।

# ୧୨ଟି ରାଜ୍ୟରେ ବିଭକ୍ତ ହେବ ପାକିସ୍ତାନ

ଇସ୍‌ଲାମାବାଦ୍, ୧୦।୧୨(ଏଜେନ୍ସି): ପାକିସ୍ତାନକୁ ଏବେ ୧୨ଟି ରାଜ୍ୟରେ ବିଭକ୍ତ କରିବାକୁ ପ୍ରସ୍ତୁତି ଆରମ୍ଭ ହୋଇଛି। ଦେଶର ସୂଚନା ମନ୍ତ୍ରୀ ଅବଦୁଲ ଅଲିମ ଖାନ୍ କହିଛନ୍ତି ଯେ, ଦେଶକୁ ଏବେ ଛୋଟ ଛୋଟ ୧୨ଟି ରାଜ୍ୟର ବିଭକ୍ତ କରିବା ନିଶ୍ଚିତ ହୋଇଛି। ଏହା ଦ୍ୱାରା ଶାସନ ବ୍ୟବସ୍ଥାରେ ଉନ୍ନତି ଆସିବ ବୋଲି ସେ କହିଛନ୍ତି। ଏହି କ୍ରମରେ ସିନ୍ଧ ଓ ପଞ୍ଜାବକୁ ୩ଟି ଲେଖାଏ ରାଜ୍ୟରେ ବିଭକ୍ତ କରାଯାଇପାରେ। ଏହିଭଳି ବେଲୁଚିସ୍ତାନ ଓ ଖାଇବର ପଖତୁନଖ୍ୱାକୁ ମଧ୍ୟ ୩ଟି ଲେଖାଏ ରାଜ୍ୟରେ ବଣ୍ଟା ଯାଇପାରେ। ଆମ ପଡୋଶୀ ଦେଶଗୁଡିକରେ ଏକାଧିକ ଛୋଟ ଛୋଟ ରାଜ୍ୟ ରହିଛି। ତେଣୁ ପାକିସ୍ତାନରେ ମଧ୍ୟ ଏଭଳି ହେବାର ଆବଶ୍ୟକତା ରହିଛି



ବୋଲି ସେ କହିଛନ୍ତି। ତେବେ ବିଲାୱଲ ଭୁଟ୍ଟୋଙ୍କ ପିପିପି ଏହାକୁ ଦୃଢ଼ ବିରୋଧ କରିଛି। କେବଳ ଭଗବାନଙ୍କୁ ବାଦ୍ ଦେଲେ ସିନ୍ଧକୁ କେହି ଭାଗ କରିପାରିବେ ନାହିଁ ବୋଲି ସିନ୍ଧ ମୁଖ୍ୟମନ୍ତ୍ରୀ ମୁରାଦ ଅଲି ଶାହା କହିଛନ୍ତି। ତେବେ ଏ ନେଇ ପାକିସ୍ତାନ ସରକାରଙ୍କ ତରଫରୁ ଆନୁଷ୍ଠାନିକ ଭାବେ କୌଣସି ମାନଚିତ୍ର ଜାରି କରାଯାଇନାହିଁ। କିନ୍ତୁ ଏ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ପଞ୍ଜାବକୁ ଉତ୍ତର, ମଧ୍ୟ ଓ ଦକ୍ଷିଣ ପଞ୍ଜାବ, ସିନ୍ଧକୁ କରାଚୀ ସିନ୍ଧ, ମଧ୍ୟ ସିନ୍ଧ ଓ ଉପର ସିନ୍ଧ, ଖାଇବର ପଖତୁନଖ୍ୱା (କେପି)କୁ ଉତ୍ତର କେପି, ଦକ୍ଷିଣ କେପି ଓ ଆଦିବାସୀ କେପ୍/ଫାଟା ଅଞ୍ଚଳ ଏବଂ ବେଲୁଚିସ୍ତାନକୁ ପୂର୍ବ, ପଶ୍ଚିମ ଓ ଦକ୍ଷିଣ ଭାଗରେ ବିଭକ୍ତ କରାଯିବ ବୋଲି ଚର୍ଚ୍ଚା ହେଉଛି।

# ଦିଲ୍ଲୀରେ ମୁତୟନ ହେବ ସ୍ୱଦେଶୀ ଡିଫେନ୍ସ ସିଷ୍ଟମ

ନୂଆଦିଲ୍ଲୀ, ୧୦।୧୨(ଏଜେନ୍ସି): ଏବେ ରାଜଧାନୀ ଦିଲ୍ଲୀ ଓ ଏନସିଆରକୁ ସୁରକ୍ଷିତ କରିବା ପାଇଁ ନୂଆ ଯୋଜନ ପ୍ରସ୍ତୁତ କରାଯାଉଛି। ମିସାଇଲ, ଡ୍ରୋନ ଓ ଲଢୁଆ ବିମାନ ଆକ୍ରମଣର ବିପଦକୁ ଏଡାଇବା ପାଇଁ ଏହି ଅଞ୍ଚଳରେ ବହୁସ୍ତରୀୟ ଏୟାର ଡିଫନ୍ସ ସିଷ୍ଟମକୁ ନିୟୋଜନ କରାଯିବ। ପ୍ରତିରକ୍ଷା ମନ୍ତ୍ରଣାଳୟ ଏହି ପ୍ରକଳ୍ପକୁ ଦ୍ରୁତଗତିରେ ଆଗକୁ ବଢ଼ାଉଛି। ବରିଷ୍ଠ ପ୍ରତିରକ୍ଷା ବିଭାଗ ଅଧିକାରୀଙ୍କ ସୂଚନା ଅନୁଯାୟୀ, ନୂଆ ଇଣ୍ଟିଗ୍ରେଟେଡ ଏୟାର ଡିଫେନ୍ସ ୱିପନ ସିଷ୍ଟମ (ଆଇଏଡବ୍ଲ୍ୟୁଡିଏସ୍) ସମ୍ପୂର୍ଣ୍ଣ ଭାବେ ଦେଶରେ ତିଆରି ହୋଇଥିବା ଅସ୍ତ୍ର ଓ ବୈଷୟିକ ପ୍ରାଣାଳୀ। ଅର୍ଥାତ ଏହି ଡିଫେନ୍ସ ସିଷ୍ଟମ ସମ୍ପୂର୍ଣ୍ଣ ଭାବେ ସ୍ୱଦେଶୀ ରାଣକୌଶଳରେ ତିଆରି ହେବ। ଏହି ପ୍ରଣାଳୀ ସବୁଠାରୁ ବଡ଼ ଅଂଶ ହେବ ପ୍ରତିରକ୍ଷା ଗବେଷଣା ଓ ବିକାଶ ସଂସ୍ଥା

**■ ଡ୍ରୋନ୍, ମିସାଇଲ ଓ ଜେଟ୍ ଆକ୍ରମଣ ହେବ ନିଷ୍କ୍ରିୟ**

**■ ଅଗଷ୍ଟରେ ହୋଇଛି ସଫଳ ପରୀକ୍ଷଣ**

(ଡିଆରଡିଓ) ଦ୍ୱାର ତିଆରି ହୋଇଥିବା କ୍ୱିକ ରିଆକସନ ସର୍ଫେସ ଟୁ ଏୟାର ମିସାଇଲ (କ୍ୟୁଆରଏସ୍‌ଏଏମ୍) ଓ ମ୍ୟାନ ପୋର୍ଟେବଲ ଏୟାର ଡିଫେନ୍ସ ସିଷ୍ଟମ (ଏମ୍‌ଏଏନପିଏଡିଏସ୍)। ଏଥିସହ ଏକାଧିକ ସେନସର, ରାଡାର ଓ ଏକ ଅତ୍ୟାଧୁନିକ କଣ୍ଟ୍ରୋଲ ସିଷ୍ଟମକୁ ଜଡିତ କରାଯିବ। ଏହା ଦ୍ୱାର ସବୁ ବିପଦ ଉପରେ ତୁରନ୍ତ ଦୃଷ୍ଟି ରଖାଯିବ। ଏହି ପୂରା ପ୍ରଣାଳୀକୁ ଭାରତୀୟ ବାୟୁସେନା ହିଁ ନିୟନ୍ତ୍ରଣ କରିବ। ଉଲ୍ଲେଖଥାଉ କି, ଗତ ଅଗଷ୍ଟ ୨୩ରେ ଆଇଏଡବ୍ଲ୍ୟୁଏସ୍‌ର ସଫଳ ପରୀକ୍ଷଣ ହୋଇଥିଲା। ଆଇଏଡବ୍ଲ୍ୟୁଏସ୍ ଏକ ମିଲିଟାରୀ ଏୟାର ଡିଫେନ୍ସ ସିଷ୍ଟମ। ଏହା ଶତ୍ରୁର ଆକ୍ରମଣକୁ ନିଷ୍କ୍ରିୟ କରିବାର କ୍ଷମତା ରଖୁଛି। ଏହାକୁ ସୁଦର୍ଶନ ଚକ୍ର ମିଶନର ଏକ ଅଂଶ ବୋଲି କୁହାଯାଉଛି।

## ସାବରକର ପୁରସ୍କାର ନେବାକୁ ମନା କଲେ ଥରୁର

ନୂଆଦିଲ୍ଲୀ, ୧୦।୧୨(ଏଜେନ୍ସି): କଂଗ୍ରେସ ବରିଷ୍ଠ ନେତା ତଥା ସାଂସଦ ଶଶି ଥରୁର 'ବିଆର ସାବରକର ପୁରସ୍କାର' ନେବାକୁ ମନା କରିଦେଇଛନ୍ତି। ଫଳରେ ଏ ନେଇ ବିବାଦ ସୃଷ୍ଟି ହୋଇଛି। ଥରୁରୁ 'ଏକ୍ସ'ରେ ପୋଷ୍ଟ କରି ସ୍ପଷ୍ଟୀକରଣ ଦେଇଛନ୍ତି। ମୋତେ ସୂଚନା ଦିଆ ନ ଯାଇ ପୁରସ୍କାର ପାଇଁ ନାମ ଘୋଷଣା କରାଯାଇଥିଲା ବୋଲି ସେ କହିଛନ୍ତି। ତେଣୁ ଏଭଳି



ସ୍ଥିତିରେ ଦିଲ୍ଲୀରେ ଆୟୋଜନ ହେବାକୁ ଥିବା ସମାରୋହରେ ଯୋଗ ଦେବାର ପ୍ରଶ୍ନ ଉଠୁନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି। କେରଳରେ ରହୁଥିଲେ ମଧ୍ୟ ଏହି ପୁରସ୍କାର ସଂକ୍ରାନ୍ତରେ ମୋତେ ଗଣମାଧ୍ୟମରୁ ହିଁ ସୂଚନା ମିଳିଥିବା ସେ କହିଛନ୍ତି। ସେପଟେ ପୁରସ୍କାର ପ୍ରଦାନ କରୁଥିବା ଏନଜିଓ ଥରୁରଙ୍କ ଏହି ଦାବିକୁ ଭୁଲ୍ ବୋଲି କହିଛି। ଏହି ପୁରସ୍କାର ନେବାକୁ ଥରୁରୁ ପୂର୍ବରୁ ସହମତି ପ୍ରକାଶ କରିଥିଲେ ବୋଲି ହିଙ୍ଗ୍ରେସ ଗ୍ରାମୀଣ ବିକାଶ ସମାଜ (ଏଚ୍‌ଆରଡିଏସ୍) ଇଣ୍ଡିଆର ପ୍ରତିଷ୍ଠାତା ଅଜି କ୍ରଷ୍ଣନ ଦାବି କରିଛନ୍ତି। ସେ ମାସେ ତଳେ ଥରୁରୁଙ୍କୁ ତାଙ୍କ ଘରେ ଭେଟିଥିଲେ ବୋଲି କହିଛନ୍ତି। ବୁଧବାର ଦିଲ୍ଲୀରେ 'ବୀର ସାବରକର ଇଣ୍ଟରନ୍ୟାସନାଲ ଇମ୍ପାକ୍ଟ ପୁରସ୍କାର-୨୦୨୫' ସମାରୋହ ଆୟୋଜନ ହେବାର କାର୍ଯ୍ୟକ୍ରମ ଥିଲା। ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଏହି କାର୍ଯ୍ୟକ୍ରମର ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଥିଲା। ଜମ୍ମୁ-କଶ୍ମୀର ରାଜ୍ୟପାଳ ମନୋଜ ସିହ୍ନା ଏହି ଅବସରରେ ଉପସ୍ଥିତ ହୋଇଥାଆନ୍ତେ। ଥରୁରଙ୍କୁ ପୁରସ୍କାରର ପ୍ରଥମ ସଂସ୍କରଣରେ ସମ୍ମାନିତ କରାଯାଇଥାନ୍ତା। ଏହି ସ୍ଥିତି ପାଇଁ ଥରୁର ଆୟୋଜକଙ୍କୁ ଦାୟୀ କରିଛନ୍ତି।

■ ଶିକ୍ଷା ଓ ଶିକ୍ଷକଙ୍କ ଦାବି ନେଇ ସମନ୍ୱୟ ସମିତିର ଆନ୍ଦୋଳନ

## ସରକାରଙ୍କ ଆଭିମୁଖ୍ୟକୁ ନେଇ ଉଠିଲା ପ୍ରଶ୍ନ



ଭୁବନେଶ୍ୱର, ୧୦ ।୧୨(ସମିସ): ଶିକ୍ଷା ସମସ୍ୟା ଓ ଶିକ୍ଷକଙ୍କ ଦାବି ନେଇ ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ଆଜି ବିଧାନସଭା ସମ୍ମୁଖ ଗାନ୍ଧିମାର୍ଗରେ ଆନ୍ଦୋଳନ କରାଯାଇଛି । ଏକାଧିକ ଶିକ୍ଷକ ଓ ଅଧ୍ୟାପକ ସଂଘ ଏକତ୍ରିତ ହୋଇ ନିଜର ଦାବି ପୂରଣ କରିବା ପାଇଁ ଦାବି କରିଛନ୍ତି । ସମସ୍ତ ଅନୁଦାନ ଯୋଗ୍ୟ ବିଦ୍ୟାଳୟ ଓ ମହାବିଦ୍ୟାଳୟକୁ ଅନୁଦାନ ପ୍ରଦାନ, ଅବସର ନେଉଥିବା ଓ ନେଇଥିବା ଶିକ୍ଷାକର୍ମଚାରୀଙ୍କୁ ପେନସନ୍, ଅବସରକାଳୀନ ସୁବିଧା, ଚାକିରି ସର୍ତ୍ତାବଳୀ, ଅବସର ବୟସ ସୀମା ୬୨କୁ ବୃଦ୍ଧି ଆଦି ଦାବି ପୂରଣ କରିବା ପାଇଁ ସରକାର ସେମାନଙ୍କୁ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ଏଯାଏଁ ପୂରଣ କରି ନ ଥିବାରୁ ଶିକ୍ଷକ ଶିକ୍ଷୟିତ୍ରୀମାନେ କ୍ଷୋଭ ପ୍ରକାଶ କରିଛନ୍ତି । ସମିତିର ଆବାହକ ରଞ୍ଜନ କୁମାର ଦାସ କହିଛନ୍ତି ଯେ, ସରକାର ଶିକ୍ଷକଙ୍କ ଦାବି ପୂରଣ ନ କରି କମିଟି ଗଠନର ମନୋନିବେଶ କରିବା ଦୁର୍ଭାଗ୍ୟଜନକ । ପୂର୍ବରୁ ବିଧାନସଭା ଷ୍ଟାଣ୍ଡିଙ୍ଗ କମିଟି, ପଲିଟିକାଲ କମିଟି, ସଚିବସ୍ତରୀୟ କମିଟି ଗଠନ କରି ଶିକ୍ଷକଙ୍କ ସମସ୍ୟା ଆଲୋଚନା କରାଯାଇଛି । ଏହା ସତ୍ତ୍ୱେ ସରକାର ଆଉ ଏକ କମିଟି ଗଠନ କରିବା କେବଳ ବିଳମ୍ବ କରିବା ପାଇଁ ଉଦ୍ଦିଷ୍ଟ । ସରକାର ଏଥିରୁ ନିବୃତ୍ତ ରହି ସେମାନଙ୍କ ଦାବି ପୂରଣ କରିବା ପାଇଁ ଗୁରୁତ୍ୱ ଦିଅନ୍ତୁ । ଅପରପକ୍ଷରେ ମୁଖ୍ୟମନ୍ତ୍ରୀ ବିରୋଧୀ ଦଳରେ ଥିବାବେଳେ ସେମାନଙ୍କ ଦାବିକୁ ଯଥାର୍ଥ ବୋଲି କହି ପରବର୍ତ୍ତୀ ସମୟରେ ତାହାକୁ ପୂରଣ କରିବାରେ ଟାଳଟୁଳ ନୀତି ଅବଲମ୍ବନ କରୁଥିବା ମଧ୍ୟ ଶିକ୍ଷକ ନେତାମାନେ ଅଭିଯୋଗ କରିଛନ୍ତି । ଏହି ଆନ୍ଦୋଳନରେ ବହୁ ଶିକ୍ଷକ ସଂଗଠନ ସାମିଲ ହୋଇଥିବାବେଳେ ସମିତିର ସଭାପତି ସୁକାନ୍ତ କୁମାର ବେହେରାଙ୍କ ସମେତ ଅକ୍ଷୟ କୁମାର ମିଶ୍ର, ବିକ୍ରମ କୁମାର ଦାସ, ପ୍ରମୋଦ କୁମାର ହୋତା, ହରେକୃଷ୍ଣ ପାଣିଗ୍ରାହୀ, ଅଜୟ କୁମାର ପତି, ଗରୁଡ଼ ଚନ୍ଦ୍ର ସାହୁ, ରଞ୍ଜନ କୁମାର ପଣ୍ଡା, ଏମ୍.ଏ. କାସିମ୍ ବେଗ୍, ପ୍ରଶାନ୍ତ କୁମାର ପତି ପ୍ରମୁଖ ନେତୃତ୍ୱ ନେଇଥିଲେ ।

# ବିଧାନସଭା ଆଗରେ ଗର୍ଜିଲେ କନିଷ୍ଠ ଶିକ୍ଷକ

## 'ମୁଖ୍ୟମନ୍ତ୍ରୀଙ୍କ ନିୟମିତ ଘୋଷଣାକୁ କାର୍ଯ୍ୟକାରୀ କରାଯାଉ'

ଭୁବନେଶ୍ୱର,୧୦ ।୧୨(ସମିସ): ବିଧାନସଭା ଅଧିବେଶନ ଶେଷ ହୋଇଥିଲେ ମଧ୍ୟ ଶିକ୍ଷକ ଆନ୍ଦୋଳନ ଥମିବାର ନା ନେଉନି । ଦୀର୍ଘ ୫ଦିନ ଅହୋରାତ୍ର ଧାରଣା ପରେ ପ୍ରାଥମିକ ଶିକ୍ଷକ ମହାସଂଘ ଆନ୍ଦୋଳନ ପ୍ରତ୍ୟାହାର କରିଥିବା ବେଳେ ବୁଧବାର ପୁଣି ବିଧାନସଭା ସମ୍ମୁଖରେ ଏକାଧିକ ସଂଗଠନ ସରକାରଙ୍କ ବିରୋଧରେ ବର୍ଷିଛନ୍ତି । ତନ୍ମଧ୍ୟରୁ କନିଷ୍ଠ ଶିକ୍ଷକ ସଂଘ ଏକ ବିଶାଳ ଆନ୍ଦୋଳନ କରିଛି । ଚାକିରି

■ ଘୋଷଣାର ୩ ମାସ ପରେ ମଧ୍ୟ କାର୍ଯ୍ୟକାରୀ କରାଯାଉ ନ ଥିବାରୁ କ୍ଷୋଭ
■ ଆନ୍ଦୋଳନ ନକରି ଧୈର୍ଯ୍ୟ ରଖନ୍ତୁ, ଦାବି ପୂରଣ ହେବ: ଗଣଶିକ୍ଷା ମନ୍ତ୍ରୀ

ସ୍ଥାୟୀ କରିବାକୁ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ ମଧ୍ୟ କାହିଁକି କାର୍ଯ୍ୟକାରୀ କରାଯାଉନାହିଁ ବୋଲି ଆନ୍ଦୋଳନକାରୀମାନେ ପ୍ରଶ୍ନ କରିଛନ୍ତି ।



ରାଜ୍ୟରୁ ସ୍କିମାଟିକ୍ ଶିକ୍ଷକ ଉଚ୍ଛେଦ କରି ସେମାନଙ୍କୁ ନିୟମିତ କରାଯାଉଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗତ ଅଗଷ୍ଟ ୨୨ ତାରିଖରେ ଘୋଷଣା କରିଥିଲେ । ଚୁକ୍ତିଭିତ୍ତିକ ପ୍ରଥାର ମୂଳୋତ୍ପାଟନ କରାଯାଉଛି ବୋଲି ବ୍ୟାପକ ପ୍ରଚାରପ୍ରସାର କରିଥିଲେ । ହେଲେ, ଘୋଷଣାକୁ ୩ ମାସରୁ ଅଧିକ ସମୟ ବିତିଥିଲେ ମଧ୍ୟ ତାକୁ କାର୍ଯ୍ୟକାରୀ କରାଯାଉନଥିବାରୁ କନିଷ୍ଠ ଶିକ୍ଷକମାନେ ବିଧାନସଭା ସମ୍ମୁଖରେ ଆନ୍ଦୋଳନ କରିଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ଓ ସାମାଜିକ ଗଣମାଧ୍ୟରେ କରିଥିବା ପୋଷ୍ଟକୁ ପ୍ରଦର୍ଶନ କରି ସେମାନଙ୍କୁ ତ୍ୱରିତ ନିୟମିତ କରିବା ପାଇଁ ଦାବି କରିଛନ୍ତି । ରାଜ୍ୟ ଶାସନର ମୁଖ୍ୟଙ୍କ ଘୋଷଣା ଯଦି କାର୍ଯ୍ୟକାରୀ ହେଉନାହିଁ, ତାହେଲେ ସରକାର କିପରି ଚାଲୁଛି ବୋଲି ପ୍ରଶ୍ନ କରିଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ଘୋଷଣାକୁ କାର୍ଯ୍ୟକାରୀ କରିବା ପାଇଁ ତ୍ୱରିତ ସରକାରୀ ନିର୍ଦ୍ଦେଶନାମା ପ୍ରକାଶ କରିବାକୁ ସଂଘ ଦାବି କରିଛି ।

ଅପରପକ୍ଷରେ କନିଷ୍ଠ ଶିକ୍ଷକଙ୍କ ଆନ୍ଦୋଳନକୁ ନେଇ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ପ୍ରତିକ୍ରିୟା ରଖିଛନ୍ତି । ସେ କହିଛନ୍ତି ଯେ କନିଷ୍ଠ ଶିକ୍ଷକଙ୍କ ଦରମା ବୃଦ୍ଧି କରାଯିବା ସହ ନିୟମିତ କରିବାକୁ ଘୋଷଣା କରାଯାଇଛି । ଦାବି ସମ୍ପର୍କରେ ସରକାର ସଚେତନ ଅଛନ୍ତି ଓ କାର୍ଯ୍ୟ ଆରମ୍ଭ କରିଛନ୍ତି । ସମସ୍ତ ପ୍ରକ୍ରିୟା ପୂରଣ କରିବା ପାଇଁ ସମୟ ଆବଶ୍ୟକ । ଏଣୁ ଅଯଥାରେ ଆନ୍ଦୋଳନ ନ କରି ଶିକ୍ଷାଦାନରେ ମନୋନିବେଶ କରିବାକୁ ମନ୍ତ୍ରୀ ଅନୁରୋଧ କରିଛନ୍ତି । ମନ୍ତ୍ରୀଙ୍କ ମନ୍ତବ୍ୟ ସମ୍ପର୍କରେ ସଂଘର ସଭାପତି ଶେଷଦେବ ଯଜ୍ଞକାମ ଦେଓ କହିଛନ୍ତି ଯେ ପ୍ରକ୍ରିୟା କେବେ ସୁଦ୍ଧା ପୂରଣ କରିବେ ମନ୍ତ୍ରୀ ସ୍ୱଷ୍ଟୋକ୍ତି ରଖନ୍ତୁ । ଫଳରେ ଶିକ୍ଷାଦାନ ସ୍ୱାଭାବିକ ହୋଇପାରିବ । ଏହି ଆନ୍ଦୋଳନରେ ସଂଘର ସମ୍ପାଦକ ଅଜୟ କୁମାର ପ୍ରଧାନଙ୍କ ସମେତ ବିଶ୍ୱଜିତ ବସ୍ତିଆ, ମନୋଜ କୁମାର ସେଠୀଙ୍କ ସମେତ ବହୁ ସଂଖ୍ୟାରେ ଶିକ୍ଷକ ଶିକ୍ଷୟିତ୍ରୀ ଆନ୍ଦୋଳନରେ ସାମିଲ ହୋଇଥିଲେ ।

## ଦ୍ୱିତୀୟ ସହ ମିଶି ପ୍ରଥମ ପ୍ରେମିକକୁ ମାରିଦେଲା

### ପ୍ରେମିକା ସହ ଦୁଇଜଣ ୨୦ଥର ଛୁରି ଭୁସିଥିଲେ

ସମ୍ବଲପୁର, ୧୦।୧୨(ସମିସ): ତୋତେ ମୋର୍ କିରିଆ । ଯଦି ସତେ ମୋତେ ଭଲ ପାଉଥିବୁ, ତାହାଲେ ଇତାକେ ଆଜି ଯେନ୍ତା ହେଲା ମାରିବୁ । ମୋର ଆଉ ଟେନ୍‌ସନ୍ ନେବାର ନାଇନ, ଇତାକେ ମାର୍ ମୋର କଥା ଚିନ୍ତା କର । ଏ ହେଉଛି ପ୍ରଥମ ପ୍ରେମିକକୁ ହତ୍ୟା କରିବା ପାଇଁ ଜଣେ ନାବାଳିକା ପ୍ରେମିକାର ଦ୍ୱିତୀୟ ପ୍ରେମିକକୁ



ଆହ୍ୱାନ । ଲକ୍ଷ୍ମୀଡୁଙ୍ଗୁରୀ ପାହାଡ଼ରେ ଗତକାଲି ଘଟିଥିବା ଅଭୟ କୁମାର ଦାସ (୨୦) ହତ୍ୟା ଘଟଣାରେ ଏଭଳି ଚାଞ୍ଚଲ୍ୟକର ତଥ୍ୟ ସାମ୍ନାକୁ ଆସିଛି । ଏହି ଘଟଣାରେ କ୍ଷେତରାଜପୁର ପୁଲିସ ନାବାଳିକା ପ୍ରେମିକାକୁ ଅଟକ ରଖିବା ସହ ସୋନପୁରର ଆଶୁତୋଷ ମିଶ୍ରକୁ ଗିରଫ କରିଛି । ଅନ୍ୟ ଜଣେ ଅଭିଯୁକ୍ତ ହୀରାକୁଦ ଷ୍ଟେସନ୍‌ପଡ଼ାର ସନି ବିଭାର ଓରଫ୍ ରୋହିତ ଫେରାର୍ ରହିଛି । ଅତିରିକ୍ତ ଏସ୍‌ପି ଅଜୟ କୁମାର ମିଶ୍ର ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି । ତ୍ରିକୋଣୀୟ ପ୍ରେମରୁ ଏହି ହତ୍ୟାକାଣ୍ଡ ଘଟିଛି ବୋଲି ସେ କହିଛନ୍ତି ।

ସୂଚନାନୁସାରେ, ହୀରାକୁଦ ଗୁଜାତଳ ବାସିନ୍ଦା ଅଭୟଙ୍କ ସହ ବୁର୍ଲା ଅଞ୍ଚଳର ଜଣେ ନାବାଳିକାଙ୍କ ପ୍ରେମ ସମ୍ପର୍କ ଥିଲା । ପରବର୍ତ୍ତୀ ସମୟରେ ସମ୍ପୃକ୍ତ ନାବାଳିକା ଆଶୁତୋଷ ମିଶ୍ରଙ୍କୁ ଭଲ ପାଇଥିଲେ । ଏହି ସମ୍ପର୍କରେ ଅଭୟ କଣ୍ଟା ସାଜିଥିଲେ । ତେଣୁ ଅଭୟଙ୍କୁ ରାସ୍ତାରୁ ହଟାଇବା ପାଇଁ ନାବାଳିକା ଓ ଆଶୁତୋଷ ଷଡ଼ଯନ୍ତ୍ର କରିଥିଲେ । ଗତ ୮ ତାରିଖରେ ଆଶୁତୋଷ ଓ ନାବାଳିକା ଅଭୟଙ୍କୁ ବୁର୍ଲା ଡାକିଥିଲେ । ବୁର୍ଲା ପହଞ୍ଚିବା ପରେ ନାବାଳିକାଜଣଙ୍କ ଏକ ମୃଦୁ ପାନୀୟ ଅଭୟଙ୍କୁ ପିଇବାକୁ ଦେଇଥିଲେ । ସେଥିରେ ଆଶୁତୋଷ ନିଶ୍ଚେତକ ଔଷଧ ମିଶାଇ ଦେଇଥିଲେ । ଆଶୁତୋଷ ସମ୍ବଲପୁର ଏକ ବେସରକାରୀ ମେଡିକାଲରେ ନର୍ସିଂରେ ଇଣ୍ଟର୍ଣ୍ଣସିପ୍ କରୁଥିଲେ । ତେଣୁ ଔଷଧପତ୍ର ଉପରେ ତାଙ୍କର କିଛି କିଛି ଜ୍ଞାନ ଅଛି । ଅଭୟଙ୍କୁ ନିଶା ହେବା ପରେ ସେମାନେ ତାଙ୍କୁ ଲକ୍ଷ୍ମୀଡୁଙ୍ଗୁରୀ ପାହାଡ଼କୁ ଆଣିଥିଲେ । ସେଠାକୁ ଆଶୁତୋଷର ସାଙ୍ଗ ସନି ବି ଆସିଥିଲା । ୩ଜଣ ଯାକ ମିଶି ଏକ ସର୍ଜିକାଲ ଛୁରିରେ ଅଭୟଙ୍କୁ ଛୁରି ଭୁସିଥିଲେ । ପ୍ରାୟ ୨୦ରୁ ଅଧିକଥର ସେମାନେ ତାଙ୍କୁ ଛୁରି ଭୁସି ହତ୍ୟା କରିଥିବା ପୁଲିସ କହିଛି । ଏହି ସମୟରେ ଅଭୟ ନିଜକୁ ବଞ୍ଚାଇବାକୁ ଚେଷ୍ଟା କରିବା ବେଳେ ଆଶୁତୋଷ ଓ ନାବାଳିକା ମଧ୍ୟ ଆହତ ହୋଇଥିଲେ ।

## ଗୋରୁ ବ୍ୟବସାୟରୁ ଯୁବକଙ୍କୁ ହତ୍ୟା

ମନମୁଣ୍ଡା/ଶଗଡ଼ା,୧୦ ।୧୨(ସମିସ): ବୌଦ୍ଧ ଜିଲ୍ଲା ମନମୁଣ୍ଡା ଥାନା ଖଲିଆପାଲି(ପୁରୁମୁଣ୍ଡା) ପଞ୍ଚାୟତ ଗୁଦୁଗୁଦା ସାପ୍ତାହିକ ବଜାରରେ ବୁଧବାର ଏକ ଆପରାଧିକ ଘଟଣା ଘଟିଛି । ଗୋରୁ ବ୍ୟବସାୟକୁ ନେଇ ହୋଇଥିବା ବଚସାରୁ ଜଣେ ଯୁବକଙ୍କ ମୁଣ୍ଡ



ଗଡ଼ିଛି । ମୃତକ ହେଲେ, ବାଉଁଶୁଣୀ ଥାନା ତାଲୁପାଲି ଗ୍ରାମର ରମଣୀ ମହାକୁଡ଼(୪୦) । ଏହି ଘଟଣାରେ ଗାଁର ରତ୍ନାକର ମହାକୁଡ଼(୪୮) ଗୁରୁତର ଆହତ ହୋଇଛନ୍ତି । ଘଟଣା ପରେ ହତ୍ୟାକାରୀ ଫେରାର୍ ହୋଇଯାଇଛନ୍ତି । ସେମାନଙ୍କୁ ଧରିବାକୁ ପୁଲିସ ତନାଘନା ଚଳାଇଛି । ଲୋକଙ୍କୁ ପଚରାଉଚରା କରିବା ସହ ଉଦ୍ୟମ ଚଳାଇଛି । ଏ ନେଇ ମନମୁଣ୍ଡା ପୁଲିସ ତଦନ୍ତ ଚଳାଇଛି । ଗୁରୁବାର ଶବ ବ୍ୟବଚ୍ଛେଦ କରାଯିବ ବୋଲି ପୁଲିସ୍ କହିଛି । ଗୁଦୁଗୁଦା ସାପ୍ତାହିକ ବଜାରର ଗୋରୁ ବଜାରରେ ଆଜି ଅପରାହ୍ଣ ପ୍ରାୟ ସାଢ଼େ ୪ଟାରେ ଗୋରୁ ବ୍ୟବସାୟକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ବଚସା ହୋଇଥିଲା । ଏଥିରେ ଗୋଟିଏ ଗୋଷ୍ଠୀର ପ୍ରାୟ ୩/୪ଜଣ ବ୍ୟକ୍ତି ଶାବଳ ଓ ଅନ୍ୟ ମାରଣାସ୍ତ୍ରରେ ଅପରଗୋଷ୍ଠୀର ୨ଜଣଙ୍କୁ ଆକ୍ରମଣ କରିଥିଲେ । ଏଥିରେ ରମଣୀଙ୍କ ମୃତ୍ୟୁ ଘଟିଥିବା ବେଳେ ରତ୍ନାକର ଗୁରୁତର ହୋଇଥିଲେ । ରମଣୀଙ୍କୁ ପୁଲିସ ମନମୁଣ୍ଡା ଡାକ୍ତରଖାନାରେ ଭର୍ତ୍ତି କରାଇଥିଲା । କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ସେହିପରି ଗୁରୁତର ରତ୍ନାକରଙ୍କୁ ପ୍ରଥମେ ବାଉଁଶୁଣୀ ଓ ପରେ ସୋନପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି ।

■ ଜମି ଅଧିଗ୍ରହଣ କ୍ଷତିପୂରଣ ଟଙ୍କା ନ ଦେବାରୁ

## ତହସିଲଦାରଙ୍କ ଗାଡ଼ି, ଅଫିସ୍ ଆସବାବପତ୍ର ଜବତ

ଢେଙ୍କାନାଳ, ୧୦ ।୧୨(ସମିସ): ଜମି ଅଧିଗ୍ରହଣ ବାବଦ କ୍ଷତିପୂରଣ ଟଙ୍କା ନଦେବାରୁ କୋର୍ଟଙ୍କ ନିର୍ଦ୍ଦେଶକ୍ରମେ ତହସିଲଦାରଙ୍କ ଗାଡ଼ି ଓ ଅଫିସ୍ ଆସବାବପତ୍ର ଜବତ । ଆଜି ଢେଙ୍କାନାଳ ତହସିଲଦାରଙ୍କ ଅଫିସ୍‌ରେ ଏପରି ଦୃଶ୍ୟ ଦେଖିବାକୁ ମିଳିଛି ।



ସ୍ଥାନୀୟ ବାଜିଚୌକଠାରେ ରେଳ ବିଭାଗ ଓଭରବ୍ରିଜ୍ ନିର୍ମାଣ ନିମନ୍ତେ ୨୦୧୩ରେ ଜମି ଅଧିଗ୍ରହଣ କରିଥିଲା । ଏଥିରେ ଜୟଗୋପାଳ ସାହିର ସତ୍ୟବାଦୀ ବେହେରାଙ୍କର ୦.୧୨ଡିସିମିଲ ଜମି ଅଧିଗ୍ରହଣ ହୋଇଥିଲା । ଜମି ଯିବା ପରେ କ୍ଷତିପୂରଣ ବାବଦ ୬ଲକ୍ଷ ଟଙ୍କା ପ୍ରଦାନ କରିବାକୁ ନିର୍ଦ୍ଦେଶ ରହିଥିଲା । ମାତ୍ର କ୍ଷତିଗ୍ରସ୍ତ ପରିବାର ବାରମ୍ବାର ତହସିଲଦାରଙ୍କୁ ଜଣାଇବା ସତ୍ତ୍ୱେ ସେ ଏଥିପ୍ରତି ଗୁରୁତ୍ୱ ଦେଇନଥିଲେ । ଫଳରେ କ୍ଷତିଗ୍ରସ୍ତ ପରିବାର ଢେଙ୍କାନାଳ ସିଭିଲ ଜଜ୍‌ଙ୍କ ଦ୍ୱାରସ୍ଥ ହୋଇଥିଲେ । କୋର୍ଟ ୨୦୨୩ ଅକ୍ଟୋବର ୩୧ରେ ମାମଲାର ଶୁଣାଣି କରି କ୍ଷତିଗ୍ରସ୍ତଙ୍କୁ କ୍ଷତିପୂରଣ ସହ ସୁଧ ଟଙ୍କା ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଏହା ସତ୍ତ୍ୱେ ତହସିଲଦାର କ୍ଷତିପୂରଣ ଟଙ୍କା ପ୍ରଦାନ ନକରିବାରୁ ପୁଣିଥରେ ମାମଲାର ବିଚାର ପାଇଁ କୋର୍ଟରେ ଆବେଦନ କରାଯାଇଥିଲା । ଏହି ମାମଲାର ବିଚାର କରି କୋର୍ଟ ସତ୍ୟବାଦୀଙ୍କ ବଂଶଧରଙ୍କୁ ସୁଧ ସହ ୧୩ ଲକ୍ଷ ୧୬ ହଜାର ୫୯୩ ଟଙ୍କା ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ । କିନ୍ତୁ, ଅଦ୍ୟାବଧି ଟଙ୍କା ଦିଆଯାଇ ନଥିବାରୁ କୋର୍ଟ ଭୂ-ଅର୍ଜନ ଅଧିକାରୀ ତଥା ତହସିଲଦାରଙ୍କ ଦ୍ୱାରା ବ୍ୟବହୃତ

**କୋର୍ଟରେ ୧୨ଲକ୍ଷ ଟଙ୍କା ପ୍ରଦାନ ପରେ ଜବତ ସମ୍ପତ୍ତି ମୁକ୍ତ**

ବୋଲେରୋ ଗାଡ଼ି, ଅଫିସ୍ ଆଲମିରା, କମ୍ପ୍ୟୁଟର, ଟେବୁଲ, ଚେୟାର ଓ ଅନ୍ୟାନ୍ୟ ଆସବାବପତ୍ର ଜବତ ପାଇଁ କୋର୍ଟ ନିର୍ଦ୍ଦେଶ ଦେଇଥିଲେ । ଏ ସଂପର୍କରେ ତହସିଲଦାରଙ୍କ ପ୍ରତିକ୍ରିୟା ମିଳିପାରିନାହିଁ । ଅନ୍ୟପଟେ ତହସିଲଦାର କୋର୍ଟ ମାଧ୍ୟମରେ ୧୨ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରିବା ପରେ ଗାଡ଼ି ଓ ଅନ୍ୟାନ୍ୟ ଆସବାବପତ୍ର ମୁକ୍ତ କରାଯାଇଥିବା ସୂଚନା ମିଳିଛି ।

## ମାଓ ଆକ୍ରମଣ ଯୋଜନା ପଣ୍ଡ: ୧୮ ଜିଲୋଟିନ୍, ୮ ଡିଟୋନେଟର ଜବତ

ବାଲିଗୁଡ଼ା,୧୦।୧୨(ସମିସ): ମାଓବାଦୀଙ୍କ ବଡ଼ଧରଣର ଏକ ଆକ୍ରମଣ ଯୋଜନା ପଣ୍ଡ କରିଛନ୍ତି ବିଏସ୍‌ଏଫ୍ ଯବାନ । ମାଓବାଦୀମାନେ ଯବାନଙ୍କୁ ଟାର୍ଗେଟ୍ କରି ବାଲିଗୁଡ଼ା ଥାନା ଅନ୍ତର୍ଗତ ସୋଲାଗୁଡ଼ା ପଞ୍ଚାୟତ ସିଲକିସୁଗାର ଘଞ୍ଚ ଜଙ୍ଗଲରେ ବିସ୍ଫୋରକ ବିଛାଇଥିଲେ । ବିଏସଏଫ୍ ଗୁଇନ୍ଦା ରିପୋର୍ଟ ଆଧାରରେ ବିଏସଏଫ୍-୧୩୬ ବାଟାଲିଅନ୍‌ର ଯବାନମାନେ ସିଲକିସୁଗା ଜଙ୍ଗଲରେ ସର୍ଚ୍ଚ ଅପରେସନ୍‌କୁ ଜୋରଦାର କରିଥିଲେ । ଯବାନଙ୍କ ଗତିବିଧିକୁ ଦେଖି ମାଓବାଦୀମାନେ ଜଙ୍ଗଲରୁ ଛତ୍ରଭଙ୍ଗ ଦେଇଥିଲେ । ଘଟଣାସ୍ଥଳରୁ ୧୮ ଜିଲୋଟିନ, ୮ ଡିଟୋନିଟର୍, ୧୭ବ୍ୟାଟେରୀ ସହ ସୋଲାର୍ ପ୍ଲେଟ୍ ଜବତ ହୋଇଛି ।



## ପାରୋଲରେ ଯାଇ ଜେଲ୍ ଫେରୁନାହାନ୍ତି କଏଦୀ

କଟକ,୧୦।୧୨(ସମିସ): ଭୁବନେଶ୍ୱର ଜାମୁଝରିସ୍ଥିତ ବିଜୁ ପଟ୍ଟନାୟକ ମୁକ୍ତାକାଶ ଆଶ୍ରମ(କାରାଗାର)ରୁ ଫେରାର୍ ଅଭିଯୁକ୍ତଙ୍କ ସମ୍ପର୍କରେ ହାଇକୋର୍ଟ ଜେଲ୍ ଡିଜିଙ୍କୁ ରିପୋର୍ଟ ତଲବ କରିଛନ୍ତି । ଏହି ଅଭିଯୁକ୍ତଙ୍କ ସମ୍ପର୍କିତ ସମସ୍ତ ବିବରଣୀ ସହ ଦୋଷୀ ଅଧିକାରୀ ଓ କର୍ମଚାରୀଙ୍କ ବିରୋଧରେ କି' କାର୍ଯ୍ୟାନୁଷ୍ଠାନ ନିଆଯାଇଛି, ସେ ସଂକ୍ରାନ୍ତରେ ଜେଲ ବିଭାଗର ଡିଜି ସତ୍ୟପାଠ ଦାଖଲ କରିବେ ବୋଲି ହାଇକୋର୍ଟ କହିଛନ୍ତି । ମୁନସି ଭୁଇଁଙ୍କ ତରଫରୁ ଦାୟର ଏକ ଜେଲ୍ କ୍ରିମିନାଲ ଅପିଲର ଶୁଣାଣି କରି ଜଷ୍ଟିସ ସଙ୍ଗମ କୁମାର ସାହୁ ଓ ଜଷ୍ଟିସ ଶିବଶଙ୍କର ମିଶ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି ।

ବିଜୁ ପଟ୍ଟନାୟକ ମୁକ୍ତାକାଶ କାରାଗାରରୁ ୧୭ଜଣ ଅଭିଯୁକ୍ତ

**ଜେଲ୍ ଡିଜିଙ୍କୁ ସତ୍ୟପାଠ ଦାଖଲ ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ**

ଫେରାର୍ ଥିବା ଓ ୧୫ଜଣ ପାରୋଲ ଅବଧି ଶେଷ ପରେ ଆଉ ଫେରି ନଥିବା ନେଇ ଉପସ୍ଥାପନ ହୋଇଥିବା ଏକ ରିପୋର୍ଟକୁ ନେଇ ଅଦାଲତ ଉଦ୍‌ବେଗ ପ୍ରକାଶ କରିବା ସହ ସବିଶେଷ ସତ୍ୟପାଠ ଦାଖଲ ପାଇଁ ଜେଲ ଡିଜିଙ୍କୁ ନିର୍ଦ୍ଦେଶ ଦେଇଥିଲେ । ପ୍ରକାଶଥାଉକି, ଆବେଦନକାରୀ ଅଭିଯୁକ୍ତ ପକ୍ଷରୁ ନିମ୍ନ ଅଦାଲତଙ୍କ ଦ୍ୱାରା ଆଜୀବନ ଜେଲଦଣ୍ଡାଦେଶ ବିରୋଧରେ ହାଇକୋର୍ଟରେ ଗତ ୨୦୦୭ ମସିହାରୁ ଏକ ଅପିଲ ବିଚାରାଧୀନ ରହିଛି । ଏହି ଆବେଦନର ଶୁଣାଣି ବେଳେ ସମ୍ପୃକ୍ତ ଅଭିଯୁକ୍ତର ସ୍ଥିତି ସମ୍ପର୍କରେ ହାଇକୋର୍ଟ ଜାଣିବାକୁ ଚାହିଁଥିଲେ । ଜେଲ ବିଭାଗ ପକ୍ଷରୁ ଦିଆଯାଇଥିବା ତଥ୍ୟ ଅନୁସାରେ ଆବେଦନକାରୀ ଅଭିଯୁକ୍ତ ଗତ ୨୦୧୮ ଜୁନ୍ ୧୯ ରୁ ଫେରାର୍ ଥିବା ଜଣାପଡ଼ିଥିଲା । ପରେ ସମ୍ପୃକ୍ତ ଅଭିଯୁକ୍ତ ତଥା ଆବେଦନକାରୀଙ୍କ ବିରୋଧରେ ଚନ୍ଦକା ଥାନାରେ ଏନେଇ ଏକ ଏତଲା ଦିଆଯାଇଥିବା କୁହାଯାଇଥିଲା । ବର୍ତ୍ତମାନ ସୁଦ୍ଧା ସମ୍ପୃକ୍ତ ଅଭିଯୁକ୍ତକୁ ଠାବ କରାଯାଇପାରିନଥିବା ନେଇ ଅଦାଲତ ଅସନ୍ତୋଷ ବ୍ୟକ୍ତ କରିବା ସହ ଉକ୍ତ କାରାଗାରରୁ ପାରୋଲରେ ଯାଇ ଫେରିନଥିବା ତଥା ଫେରାର୍ ଅଭିଯୁକ୍ତଙ୍କ ସମ୍ପର୍କରେ ସମ୍ପୂର୍ଣ୍ଣ ବିବରଣୀ ଦାଖଲ କରିବାକୁ କହିଛନ୍ତି । ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ଡିସେମ୍ବର ୨୨କୁ ଧାର୍ଯ୍ୟ କରିଛନ୍ତି ଅଦାଲତ ।



# ଜିଦ୍‌ରେ ଅଟଳ ଆୟୁଷ ଛାତ୍ରଛାତ୍ରୀ

- କର୍ଣ୍ଣପାତ କରୁନାହାନ୍ତି ରାଜ୍ୟ ସରକାର
- ହୋମଯଜ୍ଞ ପରେ ଆମରଣ ଅନଶନ
- ଆନ୍ଦୋଳନ ଜୋରଦାର ଚେତାବନୀ



ବଲାଙ୍ଗିର, ୧୦।୧୨(ସମିସ)

ରାଜ୍ୟରେ ଆୟୁଷ ଛାତ୍ରଛାତ୍ରୀଙ୍କୁ ସରକାର ଅବହେଳା ପ୍ରଦର୍ଶନ କରୁଥିବା ନେଇ ଅଭିଯୋଗ ହୋଇଆସୁଛି। ଏହାକୁ ନେଇ ନିଖିଳ ଓଡ଼ିଶା ଅୟୁଷ ଛାତ୍ର ସଂଗଠନ ପକ୍ଷରୁ ଆନ୍ଦୋଳନ ଜାରି ରହଛି। ବଲାଙ୍ଗିର ସରକାରୀ ଆର୍ୟୁବେଦିକ କଲେଜର ଆୟୁଷ ଛାତ୍ରଛାତ୍ରୀ ମଧ ଆନ୍ଦୋଳନ ଜାରି ରଖିଛନ୍ତି। ପ୍ରଥମେ ନଭେମ୍ବର ୬ ତାରିଖରେ ଏମାନେ ପ୍ରତୀକାତ୍ମକ ଆନ୍ଦୋଳନ କରିଥିଲେ। ନଭେମ୍ବର ୨୪ ତାରିଖରୁ ଏମାନେ ତାଲାବନ୍ଦ ଆନ୍ଦୋଳନ ଜାରି ରଖିଛନ୍ତି। ଓପିଏସସି ମାଧମରେ ନୂଆ ସ୍ଥାୟୀ ଆୟୁଷ ମେଡିକାଲ ଅଫିସର ପଦବୀ ସୃଷ୍ଟି, ଉଚ୍ଚଶିକ୍ଷା ସୁବିଧା ପାଇଁ ପିଜି ଓ ପିଏଚଡି ସିଟ୍ ବୃଦ୍ଧି କରିବା, ଆୟୁଷ ହାଉସ ସର୍ଜନଙ୍କ ପାଇଁ ଡାଇନାମିକ ଷ୍ଟାଇପେଣ୍ଡ ବୃଦ୍ଧି, ଆୟୁଷ କଲେଜ ଗଭର୍ଣ୍ଣିଂବଡିର ପୁର୍ନଗଠନ କରିବା, କଲେଜ ଓ ଆୟୁଷ ମନ୍ତ୍ରଣାଳୟର ଗେଜେଟର ପୂର୍ଣ୍ଣ ପ୍ରୟୋଗ କରି ଉଭୟ ଶିକ୍ଷା ଓ ଭିତ୍ତିଭୂମିର ବିକାଶ ପାଇଁ ଏମା।ନେ ଦାବି କରିଛନ୍ତି। ଦାବି ପୂରଣ ପାଇଁ ପ୍ରଥମେ ମୁଖ୍ୟମନ୍ତ୍ରୀ ଏବଂ ପରେ ପ୍ରଧାନମନ୍ତ୍ରୀଙ୍କୁ ଏମାନେ ଚିଠି ମାଧମରେ ଦାବି ଜଣାଇଛନ୍ତି। ସେହିପରି ଆନ୍ଦୋଳନ ସ୍ଥଳରେ ହୋମଯଜ୍ଞ କରିଥିବା ବେଳେ ମଙ୍ଗଳବାରଠାରୁ ୧୬ ଜଣ ଛାତ୍ରଛାତ୍ରୀ ଆମରଣ ଅନଶନରେ ବସିଥିବା ଜଣାପଡ଼ିଛି। ଛାତ୍ରଛାତ୍ରୀ ଜିଦରେ ଅଟଳ ରହି ଆନ୍ଦୋଳନ ଚଳାଇଥିବାରୁ ଶିକ୍ଷାଦାନ ଓ ପ୍ରଶାସନିକ କାର୍ଯ୍ୟ ସମ୍ପୂର୍ଣ୍ଣ ପ୍ରଭାବିତ ହୋଇଛି।

# ବ୍ଲକ୍‌ସ୍ତରୀୟ ଶିଶୁ ସୁରକ୍ଷା କମିଟିର ବୈଠକ

ବଲାଙ୍ଗିର, ୧୦।୧୨(ସମିସ): ବଲାଙ୍ଗିର ଜିଲ୍ଲା ପଞ୍ଚାୟତ ସାଧନ କେନ୍ଦ୍ରରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ତରଫରୁ ବ୍ଲକସ୍ତରୀୟ ଶିଶୁ ସୁରକ୍ଷା କମିଟିର ବୈଠକ ଓ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବଲାଙ୍ଗୀର ସଦର ବିଡିସ ହୃଷୀକେଶ ଗୌଣ୍ଡ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଶିଶୁମାନଙ୍କ ସୁରକ୍ଷା, ଯତ୍ନ ଉପରେ ପଞ୍ଚାୟତସ୍ତରୀୟ ଶିଶୁ ସୁରକ୍ଷା କମିଟିର ଦାୟିତ୍ୱ ଏବଂ ଗୁରୁତ୍ୱପୂର୍ଣ୍ଣ ବୋଲି ସେ କହିଥିଲେ। ଏହି ଅବସରରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟର ସାମାଜିକ କର୍ମୀ ଅରୁଣ ଖୁଆସ ଯୋଗଦେଇ ବ୍ଲକସ୍ତରୀୟ କମିଟିର ଦାୟିତ୍ୱ, କର୍ତ୍ତବ୍ୟ, ଭୂମିକା ଉପରେ ଜଣାଇଥିଲେ। କିଶୋର ନ୍ୟାୟ ଆଇନ୍-୨୦୧୫ ଅନୁଯାଇ ମିସନ ବାତ୍ସଲ୍ୟ ଯୋଜନା ଅଧୀନରେ ଯତ୍ନ ଓ ସୁରକ୍ଷା ଆବଶ୍ୟକ କରୁଥିବା ଶିଶୁ ଏବଂ ଆଇନ୍‌ର ବିରୁଦ୍ଧାଚରଣ କରିଥିବା ଶିଶୁଙ୍କ ପାଇଁ ଥିବା ବାଲ୍ୟ ବିବାହ ଆଇନ୍-୨୦୦୬, ଗର୍ଭ ନିରୂପଣ ନିଷେଧ ଆଇନ୍-୧୯୯୪, ଶିଶୁ ଓ କିଶୋର ଶ୍ରମିକ ନିଷେଧ ଆଇନ୍ ୧୯୮୬, ଶିଶୁଙ୍କୁ ଯୌନ ନିର୍ଯାତନାରୁ ରକ୍ଷା କରିବା ଆଇନ୍-୨୦୧୨ ଉପରେ ସଚେତନତା କରାଯାଇଥିଲା। ଏହି ଅବସରରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟରେ ଅବସ୍ଥିତ ଥିବା ଅରୁଣାର ଜିଲ୍ଲା ପରାମର୍ଶଦାତା ପ୍ରମୋଦ ବଗର୍ତ୍ତି ଗ୍ରାମ ପଞ୍ଚାୟତ ବିକାଶ ପାଣ୍ଠିରେ ଅସୁରକ୍ଷିତ ଘେରରେ ଥିବା ଶିଶୁମାନଙ୍କ ପାଇଁ ମିଶନ ବାତ୍ସଲ୍ୟ-୨୦୨୨ ମାର୍ଗଦର୍ଶିକା ଅନୁଯାୟୀ ଥିମ୍ ୩ ଏବଂ ଥିମ୍ ୯ ଅଧୀନରେ ଶିଶୁଙ୍କୁ ସାହାଯ୍ୟ କରିପାରିବେ ବୋଲି ଜଣାଇଥିଲେ। ପଞ୍ଚାୟତସ୍ତରୀୟ ଯୋଜନା ପ୍ରସ୍ତୁତି କରିବା,



ପଞ୍ଚାୟତସ୍ତରୀୟ କମିଟିକୁ କ୍ରିୟାଶୀଳ କରି ବୈଠକ କରିବା ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ। ଏହି ଅବସରରେ ୨୪ଟି ପଞ୍ଚାୟତରୁ ପଞ୍ଚାୟତ ପ୍ରତିନିଧି, ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ, ଏଡିଇଓ ସମେତ ୫୦ରୁ ଅଧିକ କର୍ମଚାରୀ ଉପସ୍ଥିତ ଥିଲେ। ଏହି ଅବସରରେ ପଞ୍ଚାୟତ ସାଧନ କେନ୍ଦ୍ରର ବବିତା ପ୍ରଧାନ, ରିସୋର୍ସ ପର୍ସନ ଗୀତାଞ୍ଜଳି ପ୍ରଧାନ, ଜିଲ୍ଲା ପଞ୍ଚାୟତ କାର୍ଯ୍ୟାଳୟର ଜିଲ୍ଲା ସଂଯୋଜକ ବିନୟ ସାହୁ ଉପସ୍ଥିତ ଥିଲେ। ପରିଶେଷରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟର ସାମାଜିକ କର୍ମୀ ହରିବନ୍ଧୁ ରାଉତ୍ ସମସ୍ତଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ।

# ଫେରାର ବେଳେ କାର୍ ଦୁର୍ଘଟଣାଗ୍ରସ୍ତ

- ବିଳମ୍ବିତ ରାତିରେ ଦୁର୍ଘଟଣାଗ୍ରସ୍ତ କାରରୁ ଉଦ୍ଧାର ଦୁଇ ସନ୍ଦିଗ୍ଧ ଯୁବକ ଅଟକ



ବଲାଙ୍ଗିର, ୧୦।୧୨(ସମିସ): ବଲାଙ୍ଗିର ସହର ସାଲେପାଲିରେ ମଙ୍ଗଳବାର ରାତିରେ ଏକ କାର୍ (ଓଡି ୦୩ ୟୁ ୬୨୦୯) ଦୁର୍ଘଟଣାଗ୍ରସ୍ତ ହୋଇଛି। କାରରେ ଥିବା ୨ ଜଣଙ୍କୁ ପୁଲିସ ଅଟକ ରଖିଛି। ଅଟକ ଥିବା ଦୁଇ ଯୁବକ ପେଶାଗତ ଅପରାଧୀ ହୋଇଥିବାରୁ ପୁଲିସ ସେମାନଙ୍କୁ ଅଟକ ରଖି ତଦନ୍ତ ଚଳାଇଛି। ଦୁଇ ଯୁବକ କିଛି ସହଯୋଗୀ ସହ ମିଶି ଡକାୟତି ଉଦ୍ୟମ କରୁଥିବା ଆଲୋଚନା ହେଉଛି। ଏନେଇ ପୁଲିସ କିନ୍ତୁ ସ୍ପଷ୍ଟ ସୂଚନା ଦେଇନାହିଁ। ତଥାପି ଅଟକ ଥିବା ଯୁବକ ସହରର କିଛି ଅପରାଧିକ କାର୍ଯ୍ୟକଳାପରେ ସମ୍ପୃକ୍ତ ରହିଥିବା ଚର୍ଚ୍ଚା ହେଉଛି। ତେବେ ଦୁର୍ଘଟଣା ପରେ କିଛି ଯୁବକ ସନ୍ଦେହଜନକ ଅବସ୍ଥାରେ କାରରେ ଅଟକି ରହିଥିବା ସୂଚନା ପାଇ ପୁଲିସ ପହଞ୍ଚିଥିଲା। ପୁଲିସକୁ ଦେଖି ଯୁବକମାନେ ଦ୍ରୁତଗତିରେ ଫେରାର ହେବାକୁ ଉଦ୍ୟମ କରିଥିଲେ; ହେଲେ ରାସ୍ତାରେ ଏକ ଇଲେକ୍ଟ୍ରି ଖୁଣ୍ଟରେ କାର୍‌ଟି ପୁଣି ପିଟି ହୋଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। କାରରୁ ୩ ଜଣ ଯୁବକ ଫେରାର ହୋଇଯାଇଥିଲେ। ପୁଲିସ ଦୁଇ ଜଣ ଯୁବକକୁ କାବୁ କରିଥିଲା।

# ଜୁନିୟର ରେଡକ୍ରସ ପରାମର୍ଶଦାତାଙ୍କ କର୍ମଶାଳା

କଣ୍ଟାବାଞ୍ଜି, ୧୦।୧୨(ସମିସ): ବଲାଙ୍ଗୀର ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ଦ୍ୱାରା କଣ୍ଟାବାଞ୍ଜି ବାଳକ ଉଚ୍ଚ ବିଦ୍ୟାଳୟରେ ଉଭୟ ତୁରେକେଲା ଓ ବେଲପଡ଼ା ବ୍ଲକର ଜୁନିୟର ରେଡକ୍ରସ ପରାମର୍ଶଦାତାଙ୍କୁ ନେଇ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ତୁରେକେଲା ଗୋଷ୍ଠୀ ଶିକ୍ଷା ଅଧିକାରୀ ଗୌତମ ପଟେଲ ପତାକା ଉତ୍ତୋଳନ କରିଥିଲେ। ଉଦ୍‌ଘାଟନୀ ସଭାରେ ପ୍ରଧାନ ଶିକ୍ଷୟିତ୍ରୀ ନିହାରିକା ନାଗ ସଭାପତିତ୍ୱ କରିଥିଲେ। ତୁରେକେଲା ଗୋଷ୍ଠୀ ଶିକ୍ଷା ଅଧିକାରୀ ଗୌତମ ପଟେଲ ମୁଖ୍ୟ ଅତିଥି, ଜୁନିୟର ରେଡକ୍ରସ ପରାମର୍ଶଦାତା ତଥା ରକ୍ଷକ ବିରଞ୍ଚି ନାରାୟଣ ଦାଶ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ସାଧନକର୍ମୀ ଭାବରେ ଘନଶ୍ୟାମ ମେହେର, ଚିତ୍ତରଞ୍ଜନ ପଣ୍ଡା, ଅରବିନ୍ଦ କୁମ୍ଭାର ଯୋଗ ଦେଇଥିଲେ। ତୁରେକେଲା ବ୍ଲକ ସଂଯୋଜକ ରାଜେନ୍ଦ୍ର ଦୋରା ସଭା ପରିଚାଳନା କରିଥିବାବେଳେ ବେଲପଡ଼ା ବ୍ଲକ ସଂଯୋଜକ ଧରଣୀଧର ରଣା ଧନ୍ୟବାଦ ଅର୍ପଣକରିଥିଲେ। ଏହି କର୍ମଶାଳାରେ ଉଭୟ ବ୍ଲକରୁ ୪୦ ଜଣ ଜୁନିୟର ରେଡକ୍ରସ ପରାମର୍ଶଦାତା ଯୋଗ ଦେଇଥିଲେ।ସ।ଧନକର୍ମୀମାନେ ପ୍ରାଥମିକ ଚିକିତ୍ସା, ସାପ କାମୁଡା, ବିପର୍ଯ୍ୟୟ ପରିଚାଳନା, ଏଚଆଇଭି ଏଡସ, ରକ୍ତସ୍ରାବ, ହାଡଭଙ୍ଗା, ହୃଦଘାତ ଉପରେ ଆଲୋଚନା କରିବା ସହ ତାଲିମ ପ୍ରଦାନ କରିଥିଲେ। ଏଥିରେ ଅବିନାଶ ମାଝୀ, ଶରତ ଦାଶ, ରାଜେନ୍ଦ୍ର ଧରୁଆ, ନାରାୟଣ ବିଭାର, ଧନେଶ୍ୱର ମେହେର, ରାଜେଶ ସିଂଦେଓ ସହଯୋଗ କରିଥିଲେ।



# ଅନ୍ତର୍ଲାରେ ବ୍ଲକ୍‌ସ୍ତରୀୟ ଉଦ୍ୟାନକୃଷି କର୍ମଶାଳା



ଦେଓଗାଁ, ୧୦।୧୨(ସମିସ): ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ ଧଣ୍ଡାମାଲ ପଞ୍ଚାୟତ୍ ଅନ୍ତର୍ଲା ଗାଁରେ ବୁଧବାର ଜିଲ୍ଲା ଉଦ୍ୟାନ ବିଭାଗ ତରଫରୁ ବ୍ଲକସ୍ତରୀୟ ଉଦ୍ୟାନ କୃଷି କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସହକାରୀ ଉଦ୍ୟାନ ଅଧିକାରୀ ପ୍ରଜିତା ପୁରୋହିତଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ବିଡିଓ ପ୍ରିୟରଞ୍ଜନ କୁମାର ଯୋଗ ଦେଇଥିଲେ। ଏହି ଅବସରରେ ଜିଲ୍ଲା ଉଦ୍ୟାନ ଉପ-ନିର୍ଦ୍ଦେଶକ ସୁଦେଶ ଚୌଧୁରୀ ଯୋଗଦେଇ ଆଳୁ ଓ ପିଆଜ ଚାଷ କରି ସରକାରଙ୍କ ରିହାତିର ଲାଭ ନେବା ପାଇଁ ପରାମର୍ଶ ଦେବାସହ ଉଦ୍ୟାନ ବିଭାଗ ତରଫରୁ ଚାଷୀଙ୍କୁ ଦିଆଯାଉଥିବା ସହାୟତା ବିଷୟରେ ବିଷଦଭାବେ ସୂଚନା ଦେଇଥିଲେ। ଏହି ଅବସରରେ ଦାୟିତ୍ୱରେ ଥିବା ଓଡ଼ିଶା ଜୀବିକା ମିଶନର ବ୍ଲକ ସଂଯୋଜିକା ସବ୍ୟାରାଣୀ ମହାଲିଙ୍ଗ, ସ୍ଥାନୀୟ ସରପଞ୍ଚ ସଞ୍ଜୁ ସିକା, ଓର୍‌ମାସର ଅର୍ଚ୍ଚନା ନାଏକ ପ୍ରମୁଖ ଯୋଗ ଦେଇଥିଲେ। ଏଫଇଏସର ଜିଲ୍ଲା ସଂଯୋଜକ ସୁଜିତ ଶତପଥୀ ଯୋଗଦେଇ ପ୍ରାକୃତିକ କୃଷିର ଉପାଦେୟତା ବିଷୟରେ ଅବଗତ କରିଥିଲେ। ଏହି ଅବସରରେ ଧଣ୍ଡାମାଲ, ସାରସମାଲ, ଗାଇବାହାଲ, ଗୁଡଖାପଲା, ବ୍ରାହ୍ମଣୀଯୋର, ବନ୍ଧପଡ଼ା ଓ ଦେଓଗାଁର ଚାଷୀ ଉପସ୍ଥିତ ଥିଲେ। ପ୍ରଥମ ପର୍ଯ୍ୟାୟରେ ୩୩ଜଣ ଚାଷୀଙ୍କୁ ଆଳୁ ବିହନ ସହ ପିଆଜ ଓ ଲଙ୍କା ବିହନ ରିହାତି ଦରରେ ବଣ୍ଟନ କରାଯାଇଥିଲା। ଏଥିସହ ଯେଉଁଚାଷୀମାନେ ଏହି ଯୋଜନାରେ ଆଳୁ, ପିଆଜ ଓ ଲଙ୍କା ବିହନ ନେବାକୁ ଦେଓଗାଁ ଉଦ୍ୟାନ ବିଭାଗ ସହ ଯୋଗାଯୋଗ କରିବାକୁ ଅନୁରୋଧ କରାଯାଇଥିଲା।

# ମାଲପଡ଼ା ନାଗରିକ କମିଟିର ବୈଠକ

ବଲାଙ୍ଗିର, ୧୦।୧୨(ସମିସ): ମାଲପଡ଼ା ନାଗରିକ କମିଟିର ବୈଠକ ଅନୁଷ୍ଠିତ ହୋଇଯାଇଛି। ସଭାପତି ଗୋପବନ୍ଧୁ ପୁରୋହିତ ଏଥିରେ ଅଧକ୍ଷତା କରିଥିଲେ। ସଭା ପ୍ରାରମ୍ଭରେ ପଡ଼ାରେ ପରଲୋକ ଘଟିଥିବା ବ୍ୟକ୍ତିଙ୍କ ପାଇଁ ପ୍ରାର୍ଥନା କରାଯାଇଥିଲା। ଘନ ଘନ ଅଘୋଷିତ ବିଜୁଳି କାଟ ଦ୍ୱାରା ଜନ ସାଧାରଣଙ୍କ ମନରେ ଅସନ୍ତୋଷ ବୃଦ୍ଧି ପାଉଛି। ଏଣୁ ଆନ୍ଦୋଳାତ୍ମକ ପନ୍ଥା ଗ୍ରହଣ କରାଯିବାକୁ ପ୍ରସ୍ତାବ ଗୃହିତ ହୋଇଥିଲା। ସହରରେ ବୁଲା ବହୁ ପରିମାଣରେ କୁକୁର ସଂଖ୍ୟା ବୃଦ୍ଧି ପାଉଥିବାରୁ ଲୋକମାନେ ଆତଙ୍କିତ ଅବସ୍ଥାରେ ରହୁଛନ୍ତି। ତେଣୁ ପୌର ପାଳିକା ଏହି ବୁଲା କୁକୁର ପାଇଁ ବନ୍ଧ୍ୟା କରଣ କରାଯିବା ସହ ସେମାନଙ୍କୁ ସହର ବାହାରେ ରଖାଯିବା ପାଇଁ ପୌର ପାଳିକାର ଦୃଷ୍ଟି ଆକର୍ଷଣ କରିବାକୁ ମତ ପ୍ରକାଶ ପାଇଥିଲା। ପଡ଼ାର ବରିଷ୍ଠ ନାଗରିକ ତଥା ଅବସରପ୍ରାପ୍ତ ଶିକ୍ଷକ ନିମାଇଁ ଚରଣ ଦାଶଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ୧୪ ଓ ୧୫ ନମ୍ବର ୱାର୍ଡରେ ମଶା ବଂଶ ବୃଦ୍ଧି ପାଉଛି। ଏହାର ନିରାକରଣ ପାଇଁ ପୌର ପାଳିକା ପଦକ୍ଷେପ ନେବାକୁ ସଭ୍ୟମାନେ ମତ ପ୍ରକାଶ କରିଥିଲେ। ଏହି ଆଲୋଚନାରେ ସଂଘର ଉପ ସଭାପତି ପ୍ରଫେସର ତରୁଣ ମିଶ୍ର, ସମ୍ପାଦକ ପଞ୍ଚା।ନନ ସେଠ, କୋଷାଧକ୍ଷ ଦିବାକର ହୋତା, ଆକୁଳ ବେହେରା, ଗଣେଶ ବେହେରା, ଦେବଜ୍ୟୋତି ଯୋଷୀ, ପ୍ରଦୀପ ନେପାକ, ଅଶୋକ ଚାନ୍ଦ, ବିମଳ ଚକ୍ରବର୍ତ୍ତୀ, ଦୟାସାଗର ବଗର୍ତ୍ତୀ, ଛବିଲାଲ ବେହେରା ପ୍ରମୁକ ଆଲୋଚନାରେ ଭାଗ ନେଇଥିଲେ। ଶେଷରେ ଦୟାସାଗର ବଗର୍ତ୍ତୀ ଧନ୍ୟବାଦ ଅର୍ପଣ କରିଥିଲେ।




# ଭାରତୀୟ ସମ୍ବିଧାନ ଓ ମାନବ ଅଧିକାର ଉପରେ କର୍ମଶାଳା





ବଲାଙ୍ଗିର, ୧୦।୧୨(ସମିସ)

ଡିସେମ୍ବର ୧୦ ତାରିଖ ବିଶ୍ୱ ମାନବ ଅଧିକାର ଦିବସ ପାଳନ ଅବସରରେ ଭାରତୀୟ ସମ୍ବିଧାନ ଓ ମାନବ ଅଧିକାର ଉପରେ ବଲାଙ୍ଗିର କଲ୍ୟାଣ ମଣ୍ଡପରେ ଜିନ୍ଦାବାଦ ସଂଗଠନ ପକ୍ଷରୁ ଏକ କର୍ମଶାଳା ଆୟୋଜିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ରାଜେନ୍ଦ୍ର ବିଶ୍ୱ ବିଦ୍ୟାଳୟ ଉପକୁଳପତି ପ୍ରଫେସର ପ୍ରଦୀପ୍ତ ବେହେରା ଯୋଗଦେଇ କର୍ମଶାଳାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନୀତ ଅତିଥି ଭାବେ ବଲାଙ୍ଗିର ସରକାରୀ ମହିଳା ମହାବିଦ୍ୟାଳୟ ଅଧକ୍ଷ ଡ. ଅରବିନ୍ଦ କୁମାର ଓଝା, ବଲାଙ୍ଗିର ସରକାରୀ ମହିଳା ବିଦ୍ୟାଳୟ ରାଜନୀତି ବିଜ୍ଞାନ ବିଭାଗର ଡ. ରାଜେଶ କର୍ଣ୍ଣ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବାଳକୃଷ୍ଣ ଷାଣ୍ଡ, ନାରୀନେତ୍ରୀ ପାଞ୍ଚାଳି ପଧାନ, ବରିଷ୍ଠ ସାମ୍ବାଦିକ ଆନନ୍ଦ ସାହୁ, ବୀରେନ୍ଦ୍ର ଝାଙ୍କର, ଜନ ଆନ୍ଦୋଳନ ରାଷ୍ଟ୍ରୀୟ ସମନ୍ୱୟର ଆବାହକ ସତ୍ୟ ବନଛୋର, କଙ୍କଡା ଯୋର ବୁଡି ଅଞ୍ଚଳ ସହାୟତା ସମିତିର ସଭାପତି ପ୍ରତାପ ବାଗ, ମଧୁ ଶବର ପ୍ରମୁଖ ଯୋଗଦେଇ ନିଜର ନିଜର ବକ୍ତବ୍ୟ ରଖିଥିଲେ। ଭାରତୀୟ ସମ୍ବିଧାନର ମୌଳିକ ଅଧିକାର, କର୍ତ୍ତବ୍ୟ ବିଷୟରେ ଆଲୋଚନା କରାଯାଇଥିଲା। ସେହିଭଳି ମାନବିକ ଅଧିକାର ସୁରକ୍ଷା ଆଇନ-୧୯୯୩ ବିଷୟରେ ଆଲୋଚନା ହୋଇଥିଲା। ବିସ୍ଥାପିତ, ଆଦିବାସୀ, ଦଳିତ ପଛୁଆ ବର୍ଗ, ଗରିବ, ଶ୍ରମିକ, ଚାଷୀ, ଶିଶୁ ଓ ମହିଳାମାନଙ୍କ ମାନବ ଅଧିକାର ପାଇଁ ନ୍ୟାୟିକ ଲଢେଇ ଲଢିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଘରେ ଘରେ ସମ୍ବିଧାନର ବାର୍ତ୍ତା ପହଞ୍ଚାଇବାକୁ ସ୍ଥିର କରାଯାଇଥିଲା। ଶିକ୍ଷା, ସ୍ୱାସ୍ଥ୍ୟ, ରୋଜଗାର, ଜଳ, ଜମି, ଜଙ୍ଗଲ, ଜନ୍ତୁ, ଜନ ଉପରେ କାମ କରିବା ପାଇଁ ସ୍ଥିର କରାଯାଇଥିଲା। ଜିନ୍ଦାବାଦ ସଂଗଠନର ସଭାପତି ଗଙ୍ଗାଧର ମାଝି ସଭାପତିତ୍ୱ କରିଥିବା ବେଳେ ଆଇନଜୀବୀ ପ୍ରତିଷ୍ଠାତା ତ୍ରିଲୋଚନ ପୁଞ୍ଜି କର୍ମଶାଳାରେ ସଂଯୋଜନା କରିଥିଲେ। ଜିନ୍ଦାବାଦ ସଂଗଠନର କାର୍ଯ୍ୟକର୍ତ୍ତା ଶୁକ୍ଳ ଶବର, କ୍ଷୀର ସିନ୍ଧୁ ମାଝି, ମିଳନ ପୁଞ୍ଜି, ଟଟକର ମାଝି, ଦୁର୍ଯ୍ୟୋଧନ ମାଝି, ଡମ୍ବୁରୁ ଭରାଶଗରିଆ, ଲୋଚନ ବରିହା, ଫଟୋ ଭୋଇ, ଫଗୁନୁ ଶବର ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ସମ୍ବାଦିକ ଯୁଧିଷ୍ଠିର ମେହେର ଧନ୍ୟବାଦ ଅର୍ପଣ କରିଥିଲେ।

ଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ସ୍ୱର୍ଗତ ହୁଲ୍ଲାସ ସାହୁ (ହୁଲି)

ଭଗବାନପୁର, ପାତ୍ରପଡା, ଭୁବନେଶ୍ୱର

ଆବିର୍ଭାବ - ୦୮/୦୭/୧୯୪୮
ତିରୋଧାନ - ୦୨/୧୨/୨୦୨୫

ଆଜିର ତିଳତର୍ପଣ ଅବସରରେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି, ମୁକ୍ତି ଓ ମୋକ୍ଷପ୍ରାପ୍ତି ହେଉ, ସ୍ୱର୍ଗବାସ ପରମ ଶାନ୍ତି ଦାୟକ ହେଉ, ଏହାହିଁ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପାଦପଦ୍ମରେ ବିନମ୍ର ନିବେଦନ।

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ସହ - ପୁଅ- ରବିନ୍ଦ୍ର, ବୋହୂ - ଚଞ୍ଚଳା, ନାତି- ଚନ୍ଦନ ଓ ସାହୁ ପରିବାର ବର୍ଗ


# ହାତୀସରାରେ ପଞ୍ଚାୟତସ୍ତରୀୟ ପୁଷ୍ଟିକର ଖାଦ୍ୟମେଳା

ଦେଓଗାଁ, ୧୦।୧୨(ସମିସ): ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ ହାତୀସରା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ବୁଧବାର ପଞ୍ଚାୟତସ୍ତରୀୟ ପୁଷ୍ଟିକର ଖାଦ୍ୟମେଳା ଅନୁଷ୍ଠିତ ହୋଇଯାଇଛି। ମହାଶକ୍ତି ଫାଉଣ୍ଡେସନର କ୍ଲଷ୍ଟର ସଂଯୋଜକ ରୁଦ୍ରନାରାୟଣ ବଗର୍ତ୍ତିଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସରପଞ୍ଚ କେଲୋ ଡାଙ୍ଗ ଯୋଗଦେଇ ପାରମ୍ପାରିକ ଖାଦ୍ୟ ତଥା ପୁଷ୍ଟିକର ଖାଦ୍ୟ ଅଭାବ ଫଳରେ ଜନସମାଜ ବିପଦ ଆଡକୁ ଗତି କରୁଛି। ଏଣୁ ସମସ୍ତେ ପୁଷ୍ଟିଯୁକ୍ତ ଖାଦ୍ୟ ପ୍ରତି ସଚେତନ ହେବା ଜରୁରୀ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନୀତ ଅତିଥି ଭାବେ ରିଲାଏନ୍ସ ଫାଉଣ୍ଡେସନର ଡିପିଏମ୍ ଅସିତ ପୁରୋହୀତ, ମହାଶକ୍ତି ଫାଉଣ୍ଡେସନର ପ୍ରୋଗ୍ରାମ ମ୍ୟାନେଜର ଶାନ୍ତନୁ ମେହେର, ଭାରତୀୟ କିଷାନ ସଂଘ ଜିଲ୍ଲା ସଭାପତି ଡା. ଶଶିଭୂଷଣ ସାହୁ, ସନସାଇନ ଏଫପିଓର ପରିଚାଳନା ନିର୍ଦ୍ଦେଶକ ଅଶୋକ ରଣା, ସମନ୍ୱିତ ଶିଶୁ ବିକାଶ ବିଭାଗର ସୁପରଭାଇଜର ସୁଷମା ସାହୁ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ରିଙ୍କି ବାଗ, ଏମ୍‌ବିକେ ଧରିତ୍ରୀ ନାଏକ ଓ ମାମିନା ରଣା ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ଏଫଇଏସର ବ୍ଲକ ମାଷ୍ଟର ଟ୍ରେନର କୃଷ୍ଣପ୍ରସାଦ ପାଣିଗ୍ରାହୀ ଯୋଗଦେଇ ପାରମ୍ପାରିକ କୃଷି ତଥା ଜୈବିକ ପଦ୍ଧତିରେ ଚାଷର ମହତ୍ୱ ଉପରେ ଆଲୋକପାତ କରିବା ସହ ବିଭିନ୍ନ ଜୈବିକ ଖତ ପ୍ରସ୍ତୁତି ବିଷୟରେ ଅବଗତ କରିଥିଲେ। ଏହି ପରିପ୍ରେକ୍ଷୀରେ ହାତୀସରା ଓ ନାଇକେନସିରା ଗାଁର ୧୦ଟି ଏସଏଚଜିର ସଦସ୍ୟା ୧୦ଟି ଷ୍ଟଲରେ ବିଭିନ୍ନ ପାରମ୍ପାରିକ ପୁଷ୍ଟିକର ଖାଦ୍ୟ ପ୍ରସ୍ତୁତକରି ପ୍ରଦର୍ଶିତ କରିଥିଲେ। କାର୍ଯ୍ୟକ୍ରମକୁ ସିଆରପି ସୁମନ ବଗର୍ତ୍ତି ତଥା ଅନ୍ୟମାନେ ସହଯୋଗ କରିଥିଲେ।



# ୨ ନାବାଳକଙ୍କ ସହ ୬ ଦାଦନ ଶ୍ରମିକ ଉଦ୍ଧାର



କଣ୍ଟାବାଞ୍ଜି, ୧୦।୧୨(ସମିସ): ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି ପୁଲିସର ଟାସ୍କଫୋର୍ସ ଟିମ୍ ବୁଧବାର ୩ଜଣ ପୁରୁଷ ଓ ୩ ଜଣ ମହିଳାଙ୍କ ସହ ୨ ଜଣ ନାବାଳକଙ୍କୁ ଉଦ୍ଧାର କରିଛି। ଏହି ଶ୍ରମିକମାନେ ଲାରମ୍ବା ଓ ବରଗଡ଼ ଅଞ୍ଚଳର ବୋଲି ଜଣାପଡ଼ିଛି। ଦାଦନ ସର୍ଦ୍ଦାର ଲରମ୍ବା ଥାନା ସୋଲ ବରଦାର କୁଳମଣି କାଣ୍ଡ ମାଧମରେ ଏମାନେ ଚାଲାଣ ହେଉଥିଲେ।


ଆଇନ ଓ ଶାନ୍ତିର ଅବିଚଳ ପହେରାଦାର
ସ୍ୱନକ୍ଷତ୍ର ଦିବସରେ ସକାଳ ଖବରକାଗଜକୁ ଶୁଭେଚ୍ଛା

ସମାଜର ସୁରକ୍ଷା, ନ୍ୟାୟ ଓ ଶାସନ ବ୍ୟବସ୍ଥାକୁ ସୁଦୃଢ଼ କରିବାରେ ପାଟକୁରା ଥାନା ସଦା ଜନତାଙ୍କ ସହଯୋଗୀ।

- ନାଗରିକ ସୁରକ୍ଷା ଆମ ଦାୟିତ୍ୱ
- ଭ୍ରଷ୍ଟାଚାର ଓ ଅପରାଧ ବିରୋଧରେ ସକ୍ରିୟ ପଦକ୍ଷେପ
- ନାରୀ, ଶିଶୁ ଓ ବୃଦ୍ଧଙ୍କ ସ୍ୱତନ୍ତ୍ର ସହାୟତା
- ତ୍ୱରିତ ଅଭିଯୋଗ ନିଷ୍ପତ୍ତି ଓ ନ୍ୟାୟମୂଳକ ତଦନ୍ତ

ଜନତା ସହଭାଗୀ ହେଲେ— ସୁରକ୍ଷିତ ପାଟକୁରା ଗଢ଼ିବା
ଆମର ପ୍ରତିଶ୍ରୁତି।

ପାଟକୁରା ଥାନା
"ନୀତି, ସେବା ଓ ସୁରକ୍ଷାର ପ୍ରତୀକ"



## ଆର୍‌ଏସ୍‌ପି ଏସଏମଏସ-୨ ବିଭାଗ କର୍ମଚାରୀ ପୁରସ୍କୃତ



**ରାଉରକେଲା,୧୦।୧୨(ସମିସ):** ରାଉରକେଲା ଇସ୍ପାତ କାରଖାନାର ଷ୍ଟିଲ ମେଲ୍ଟିଂ ସପ୍-୨ ବିଭାଗୀୟ ସମ୍ମିଳନୀ କକ୍ଷରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ 'ସେଲ୍ ସାବାସ୍' ଯୋଜନା ଅଧୀନରେ ଏସଏମଏସ-୨ ବିଭାଗର ଅଧିକାରୀଙ୍କ ସମେତ ୨୪ କର୍ମଚାରୀଙ୍କୁ ସେମାନଙ୍କର ଅଭିନବ ପ୍ରୟାସ ପାଇଁ ପୁରସ୍କୃତ କରାଯାଇଥିଲା। ଏସଏମଏସ-୨ ବିଭାଗର ସିଜିଏମ ଏମ୍‌ଜି ଶ୍ରୀକାନ୍ତ ପୁରସ୍କାର ବିଜେତାଙ୍କୁ ପ୍ରଶଂସା ପତ୍ର ଓ ଉପହାର ପ୍ରଦାନ କରିଥିଲେ। ଏହି ଅବସରରେ ସମସ୍ତ ସେକ୍ସନ ମୁଖ୍ୟ ତଥା ଅନେକ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଶ୍ରୀକାନ୍ତ ପୁରସ୍କାର ବିଜେତାଙ୍କ ନବସୃଜନ, ଦକ୍ଷତା ଓ କାର୍ଯ୍ୟକ୍ଷମ ଉତ୍କର୍ଷତା ପ୍ରତି ସେମାନଙ୍କର ପ୍ରତିବଦ୍ଧତା ପାଇଁ ସେମାନଙ୍କର ପ୍ରୟାସର ଉଚ୍ଚ ପ୍ରଶଂସା କରିଥିଲେ। ସେ ନିରନ୍ତର ଉନ୍ନତି ଆଣିବା ଏବଂ ବିଭାଗ ମଧ୍ୟରେ ଉତ୍କର୍ଷତାର ସଂସ୍କୃତିକୁ ପ୍ରୋତ୍ସାହିତ କରିବାରେ ଏପରି ନବସୃଜନର ମହତ୍ତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। ଏସଏମଏସ-୨ ବିଭାଗର ସିନିୟର ମ୍ୟାନେଜର ପ୍ରଶାନ୍ତ ନାୟକ ସଂଯୋଜନା କରିଥିଲେ।

## ସରସରା ଜଗନ୍ନାଥ ମନ୍ଦିରରେ ସଂସ୍କୃତ ସମ୍ମିଳନୀ



**ବଣାଇଁ,୧୦।୧୨(ସମିସ):** ବଣାଇଁ ବ୍ଲକ୍ ଅନ୍ତର୍ଗତ ସରସରା ଜଗନ୍ନାଥ ମନ୍ଦିର ପରିସରରେ ସୋମବାର ସଂସ୍କୃତ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସଂସ୍କୃତ ଶିକ୍ଷକ ଗଙ୍ଗାଧର ବିଶ୍ୱାଳ, ଅଜୟ ପ୍ରହରାଜ, ସଦ୍ଦାନନ ଶତପଥୀ, ହରେକୃଷ୍ଣ ମିଶ୍ର, କାର୍ମେଲା ଏକ୍କା, ସଂଗୀତା ପାଣିଗ୍ରାହୀ, ଚିତ୍ତ ରଞ୍ଜନ ପାଣିଗ୍ରାହୀ, ସୂରିନ ବାଡା, ସ୍ନିଗ୍ଧା ରାଣୀ ବେହେରା, ଶଶୀକାନ୍ତ ମିଶ୍ରଙ୍କ ସମେତ ଜଗନ୍ନାଥ କମିଟିର ସଦସ୍ୟ ଉପସ୍ଥିତ ରହିଥିଲେ। ସଂସ୍କୃତ ଭାଷା ହେଉଛି ହିନ୍ଦୁ ଧର୍ମର ପବିତ୍ର ଭାଷା, ତେଣୁ ଏହି ଭାଷାର ପ୍ରଚାର ପ୍ରସାର ଆଗକୁ କିପରି ଅଧିକ ହୋଇପାରିବ, ଆଜିର ଛାତ୍ରଛାତ୍ରୀମାନେ କିଭଳି ସଂସ୍କୃତ ପ୍ରତି ଅଧିକ ଆକୃଷ୍ଟ ହୋଇ ଆଗ୍ରହର ସହିତ ପଢ଼ି ପାରିବେ ସେ ବିଷୟରେ ବିସ୍ତୃତ ଆଲୋଚନା କରାଯାଇଥିଲା। ସଂସ୍କୃତ ଭାଷା ଏକ ଜ୍ଞାନ ଓ ଭାବନାର ନିରନ୍ତର ସ୍ରୋତ। ଛାତ୍ରଛାତ୍ରୀମାନେ ସଂସ୍କୃତ ପଢିଲେ ଜୀବନର ପ୍ରକୃତ ଆନନ୍ଦ ଓ ଶାନ୍ତି କଣ ଅନୁଭବ କରିପାରିବେ; ତେଣୁ ସମସ୍ତେ ସଂସ୍କୃତକୁ ଭଲ ପାଇବା ଓ ଆମ ଦେବ ଭାଷାର ପ୍ରଚାର ପ୍ରସାର କରିବା ଆବଶ୍ୟକତା ରହିଛି ବୋଲି ଉପସ୍ଥିତ ଥିବା ସଂସ୍କୃତ ପ୍ରେମୀମାନେ କହିଥିଲେ। ଜଗନ୍ନାଥ ମନ୍ଦିରର ପୂଜକ ପଣ୍ଡିତ ଉମାକାନ୍ତ ମିଶ୍ର ଜଗନ୍ନାଥ ସଂସ୍କୃତି ବିଷୟରେ ଅବଗତ କରାଇବା ସହ ଧନ୍ୟବାଦ ଅର୍ପଣ କରିଥିଲେ।

## ଅଭିଳାଷ ନାୟକ ସ୍ମୃତି ଚିତ୍ରାଙ୍କନ ପ୍ରତିଯୋଗିତା




**ରାଉରକେଲା,୧୦।୧୨(ସମିସ):** ସ୍ଥାନୀୟ ଛେଣ୍ଡ ସ୍ଥିତ କନକ ମଂଜରୀ ଇଣ୍ଟରନ୍ୟାସନାଲ ସ୍କୁଲ ପରିସରରେ କଳାକେନ୍ଦ୍ର ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଫାଇନ ଆର୍ଟ ଆନୁକୂଲ୍ୟରେ ସ୍ୱର୍ଗତ ଅଭିଳାଷ ନାୟକ ସ୍ମୃତି ଚିତ୍ରକଳା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ବିଦ୍ୟାଳୟରୁ ପ୍ରାୟ ୨୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଭାଗ ନେଇଥିଲେ। ଏଥିରେ ମୁଖ୍ୟଅତିଥି ଭାବେ କଳାକେନ୍ଦ୍ର ଫାଇନ ଆର୍ଟ ସ୍କୁଲ ଅଧ୍ୟକ୍ଷ ଦେବେନ୍ଦ୍ର ମହାରଣା ଓ ବିବେକାନନ୍ଦ ଦାସ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏଥିରେ ଶିକ୍ଷୟିତ୍ରୀ ରଶ୍ମିରେଖା ବିଶ୍ୱାଳ ଉପସ୍ଥିତ ଥିଲେ। ପ୍ରଥମରୁ ତୃତୀୟଶ୍ରେଣୀ ଗ୍ରୁପ ଏ, କ୍ଲାସ ଚତୁର୍ଥରୁ ଷଷ୍ଠ ଶ୍ରେଣୀ ଗ୍ରୁପ ବି, କ୍ଲାସ ସପ୍ତମରୁ ଦଶମ ଶ୍ରେଣୀ ଗ୍ରୁପ ସି ଭାବେ ବିଭକ୍ତ କରାଯାଇଥିଲା। ଗ୍ରୁପ ଏ ପ୍ରକୃତିର ଦୃଶ୍ୟ, ଗ୍ରୁପ ବି ମୋ ଗାଁର ଦୃଶ୍ୟ, ଗ୍ରୁପ ସି ପାଇଁ ଆମ ସଂସ୍କୃତି ଆମ ଗର୍ବ ବିଷୟ ଉପରେ ପ୍ରତିଯୋଗିତା କରାଯାଇଥିଲା। ଅଭିଳାଷ ନାୟକଙ୍କ ସ୍ମୃତିରେ ଆୟୋଜିତ କୃତି ଛାତ୍ରଛାତ୍ରୀଙ୍କୁ ଚଳିତ ମାସ ୨୭ରେ ଅନୁଷ୍ଠାନର ବାର୍ଷିକ ଉତ୍ସବରେ ପୁରସ୍କାର ପ୍ରଦାନ କରାଯିବ ବୋଲି ସୂଚନା ମିଳିଛି। ଏଥିରେ ଦିବିସ୍ମିତା ବେହେରା, ବାସନ୍ତୀ ମହାରଣା, ଉଷାରଣୀ ଶତପଥୀ, ଲଭଇଲି ଘୋଷ, ଚନ୍ଦନ ସୋନା, ପିୟା ଦାସ, ଶ୍ରୁତି ଆଦିତ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

## ସଂଗ୍ରାମ ମହାନ୍ତିଙ୍କୁ କଳିଙ୍ଗ ଗୌରବ ସମ୍ମାନ

**ରାଉରକେଲା,୧୦।୧୨(ସମିସ):** ରାଉରକେଲା ସହରର ଜଣାଶୁଣା ସମାଜସେବୀ ସଂଗ୍ରାମ କେଶରୀ ମହାନ୍ତିଙ୍କୁ ଆଜି ଭୁବନେଶ୍ୱର ଯୁବ ଓ ସମାଜ ବିକାଶ କେନ୍ଦ୍ରଠାରେ ଆମ୍ବେଦକର ଇଣ୍ଟରନେସନାଲ ସେଣ୍ଟର ପକ୍ଷରୁ ବିଶ୍ୱ ମାନବ ଅଧିକାର ଦିବସ ପାଳନ ଅବସରରେ 'କଳିଙ୍ଗ ଗୌରବ ସମ୍ମାନ-୨୦୨୫' ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଛି। ଏଥିରେ ହାଇକୋର୍ଟର ପ୍ରାକ୍ତନ ବିଚାରପତି ଜଷ୍ଟିସ ଡ. ଜିପି



ଚୌଧୁରୀ ମୁଖ୍ୟ ଅତିଥି, ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ଡ. ଅଲେଖ ଚନ୍ଦ୍ର ପଢିଆରୀ ଏବଂ ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର ଯୋଗ ଦେଇଥିଲେ।

# ସୁନ୍ଦରଗଡ଼ ଡାକ୍ତରଖାନା ଆଇସିୟୁରେ ରୋଗୀଙ୍କୁ ଅବହେଳା ଅଭିଯୋଗ

ରାଉରକେଲା,୧୦।୧୨(ସମିସ)



ସୁନ୍ଦରଗଡ଼ ସରକାରୀ ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟର ଆଇସିୟୁରେ ଭର୍ତ୍ତି ହୋଇଥିବା ଜଣେ ରୋଗୀଙ୍କୁ ଚିକିତ୍ସାରେ ଅବହେଳା କରାଯାଉଥିବା ଅଭିଯୋଗ ହୋଇଛି। ସୂଚନା ମୁତାବକ, ସୁନ୍ଦରଗଡ଼ ଜିଲ୍ଲା ଟାଙ୍ଗରପାଲି ବ୍ଲକ୍ ଅନ୍ତର୍ଗତ ତସଲାଡ଼ିହି ଗ୍ରାମର ୮୨ ବର୍ଷୀୟ ଶ୍ରୀନିବାସ ନାଏକ ସୁନ୍ଦରଗଡ଼ ସ୍ଥିତ ପତ୍ରାପାଲିରେ ତାଙ୍କ ପରିବାର ସହିତ ରହୁଛନ୍ତି। ସେ ତାଙ୍କ ଛାତି ଓ ଶ୍ୱାସ ନେବାରେ କଷ୍ଟ ଅନୁଭବ କରୁଥିବାରୁ ଚିକିତ୍ସା ପାଇଁ ଗତ ୪ ଦିନ ତଳେ ତାଙ୍କୁ ସୁନ୍ଦରଗଡ଼ ସରକାରୀ ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ତେବେ ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଭଲ ନ ଥିବାରୁ ତାଙ୍କୁ ଆଇସିୟୁରେ ରଖାଯାଇ ତାଙ୍କ ଚିକିତ୍ସା କରାଯାଇଥିଲା। ଆଇସିୟୁରେ ଭର୍ତ୍ତି ଥିବା ବେଳେ ସେ ନିଦରେ ଖଟ ଉପରୁ ତଳେ ପଡିଯାଇଥିଲେ। ରାତ୍ରି ଡିଉଟିରେ ଥିବା ଷ୍ଟାଫ୍ ଆଇସିୟୁରେ ରାତିରେ ନ ରହି ଅନ୍ୟ ଗୋଟିଏ କୋଠରୀରେ ଶୋଉଥିବା ଯୋଗୁଁ ଆଇସିୟୁରେ ଚିକିତ୍ସା ହେଉଥିବା ୮୨ ବର୍ଷୀୟ ବୃଦ୍ଧ ଶ୍ରୀନିବାସ ନାଏକ ରାତିରେ ତାଙ୍କ ଶୋଇଥିବା ଖଟ ଉପରୁ ତଳେ ପଡିଯାଇ ଥିଲେ ବୋଲି ଅଭିଯୋଗ ହୋଇଛି। ତାଙ୍କୁ ସକାଳେ ଷ୍ଟାଫମାନେ ଦେଖି ପୁଣି ଖଟରେ ଶୁଆଇଥିଲେ। ତେବେ ରାତିରେ ଖାଲି ଚଟାଣରେ ଦୁଇ ଘଣ୍ଟା ପଡିରହିବା ଦ୍ୱାରା ତାଙ୍କର ନିଶ୍ୱାସ ନେବାରେ ଜଟିଳ ପରିସ୍ଥିତି ସୃଷ୍ଟି ହୋଇଥିଲା। ଏହି ବିଷୟରେ ସୁନ୍ଦରଗଡ଼ ବିଧାୟକ ଯୋଗେଶ କୁମାର ସିଂଙ୍କ ପ୍ରତିନିଧି ଜୟ ନାରାୟଣ ତ୍ରିପାଠୀ ସକାଳେ ରୋଗୀଙ୍କ ସମ୍ପର୍କୀୟଙ୍କ ଠାରୁ ସବୁ ବିଷୟରେ ଜାଣି ସାଙ୍ଗେ ସାଙ୍ଗେ ସରକାରୀ ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟର ଅଧିକ୍ଷକ ଡା. ନିର୍ମଳ କୁମାର ସାହାଣୀଙ୍କୁ ଜଣାଇଥିଲେ। ପୂର୍ବତନ ନଗରପାଳ ବେଣୁଧର ତାଣ୍ଡିଆ ଏବଂ ଯୁବନେତା ବରୁନ ବାଗ ସରକାରୀ ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟକୁ ଯାଇ ପୀଡ଼ିତ ରୋଗୀକୁ ଦେଖିବା ସହ ଚିକିତ୍ସା କରୁଥିବା ଡାକ୍ତର ଏବଂ ଚିକିତ୍ସାଳୟର ଅଧିକ୍ଷକଙ୍କୁ ରୋଗୀର ଚିକିତ୍ସା ବିଷୟରେ ସବୁ ବୁଝିଥିବା ଜଣାପଡ଼ିଛି।

● ଚିନ୍ମୟ ଇଂରାଜୀ ବିଦ୍ୟାଳୟର ବାର୍ଷିକ ଉତ୍ସବ 'ଚିନ୍ମୟ ସ୍ପନ୍ଦନମ୍' ଉଦ୍‌ଯାପିତ

## ଜ୍ଞାନର ବିକାଶ କେବଳ ଉତ୍ତମ ଶିକ୍ଷା ଦ୍ୱାରା ସମ୍ଭବ : ବିପିୟୁଟି କୁଳପତି



ରାଉରକେଲା,୧୦।୧୨(ସମିସ): ବିବେକର ବିକାଶ ହିଁ ଜ୍ଞାନର ବିକାଶ, ଯାହା କେବଳ ଉତ୍ତମ ଶିକ୍ଷା ମାଧ୍ୟମରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଅନ୍ତଃର୍ନିବିଷ୍ଟ କରାଯାଇଥାଏ। ଭାରତୀୟ ଶିକ୍ଷାଦାନ ବ୍ୟବସ୍ଥା ମୂଲ୍ୟବୋଧଭିତ୍ତିକ ଯାହା ସମଗ୍ର ବିଶ୍ୱ ପାଇଁ ପ୍ରେରଣାଦାୟୀ ହୋଇପାରିଛି। ସ୍ଥାନୀୟ ଛେଣ୍ଡ ସ୍ଥିତ ଚିନ୍ମୟ ଇଂରାଜୀ ମାଧ୍ୟମ ବିଦ୍ୟାଳୟର ୩୪ ତମ ଦ୍ୱିଦିବସୀୟ ବାର୍ଷିକ ଉତ୍ସବ 'ଚିନ୍ମୟ ସ୍ପନ୍ଦନମ୍'ର ଉଦ୍‌ଯାପନୀ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡକ୍ଟର ଅମୀୟ କୁମାର ରଥ ଏପରି କହିଛନ୍ତି। ବିଦ୍ୟାଳୟର ସଭାପତି ଶିକ୍ଷାବିତ୍ ଶଙ୍କର ପ୍ରସାଦ ତ୍ରିପାଠୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମର ପ୍ରଥମ ଦିବସରେ ଫକୀର ମୋହନ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ଡ. କୁମରବର ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଦ୍ୟାଳୟ ହେଉଛି ଏକ ମଣିଷ ଭିତରେ ମାନବିକତା ଭରି ଦେବାର ଅନୁଷ୍ଠାନ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଚିନ୍ମୟ ମିଶନ ରାଉରକେଲାର ବ୍ରହ୍ମକୁମାରୀ ପ୍ରତିଭା ଚୈତନ୍ୟ ଯୋଗଦେଇ ବିଦ୍ୟାର୍ଥୀ ଜୀବନରେ ଶିକ୍ଷାର ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ବିଦ୍ୟାଳୟର ଅଧ୍ୟକ୍ଷା ଶର୍ମିଷ୍ଠା କବିଶତପଥୀ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ପରୀକ୍ଷା ଓ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରଥମ ଦିବସରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ରାଣୀ ସୁକଦେଇ ନାଟକ, ଦ୍ୱିତୀୟ ଦିବସରେ ଉଭୟ ଓଡ଼ିଆ ଓ ହିନ୍ଦୀ ନାଟକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। କାର୍ଯ୍ୟକ୍ରମକୁ ତମସା ପାତ୍ର, ଶାଶ୍ୱତୀ ମହାପାତ୍ର ସଂଯୋଜନା କରିଥିବାବେଳେ ଶେଷରେ ପରିଚାଳନା ସମିତିର ସାଧାରଣ ସମ୍ପାଦକ ରମାକାନ୍ତ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

କାର୍ଯ୍ୟକ୍ରମ ପରିଚାଳନାରେ ଅଧ୍ୟାପକ ଆଲୋକ କୁମାର ମଲ୍ଲିକ, ସୁବ୍ରତ ମହାପାତ୍ର, ଅଭୟ କୁମାର ଦାସ, ନିହାରିକା ବସ୍ତିଆ, ରାଜୀବ ପାଣି, ନବଘନ ସାହୁ, ମହେନ୍ଦ୍ର ପଟ୍ଟନାୟକ, ବିଜୟଲକ୍ଷ୍ମୀ ପଟ୍ଟନାୟକ, ହରିହର ଶତପଥୀ, ଆଲୋକ କବି ଶତପଥୀ, କାଶୀନାଥ ନନ୍ଦୀଙ୍କ ସହ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ କର୍ମଚାରୀ ପ୍ରମୁଖ ସହଯୋଗ କରିଥିଲେ।

## ଅନ୍ତର୍ଜାତୀୟ ମାନବାଧିକାର ଦିବସ

ରାଉରକେଲା,୧୦।୧୨(ସମିସ): ରାଉରକେଲା ଆଇନ ମହାବିଦ୍ୟାଳୟରେ ଆଜି ଅଧ୍ୟକ୍ଷ ଡ. ବିଭୁରଞ୍ଜନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନ୍ତର୍ଜାତୀୟ ମାନବାଧିକାର ଦିବସ ପାଳିତ ହୋଇଯାଇଛି। ଏଥିରେ ଆଭାସୀ କାର୍ଯ୍ୟକ୍ରମ ମାଧ୍ୟମରେ ମୁଖ୍ୟ ଅତିଥି ଭାବେ ସୁପ୍ରିମକୋର୍ଟର ବରିଷ୍ଠ ଆଇନଜୀବୀ ଡ. ଅନିନ୍ଦିତା ପୂଜାରୀ ଯୋଗଦେଇ ମାନବାଧିକାର ଉପରେ ସବିଶେଷ ଆଲୋଚନା କରିଥିଲେ। ଏତଦବ୍ୟତୀତ ରାଉରକେଲା ଆଇନ ମହାବିଦ୍ୟାଳୟର ପରିଚାଳନା କମିଟି ସଭାପତି ଯତୀନ୍ଦ୍ର ନାୟକ ଯୋଗଦେଇ ମାନବାଧିକାର ଉପରେ ସମ୍ୟକ ଆଲୋକପାତ କରିଥିଲେ। ମହାବିଦ୍ୟାଳୟର ଛାତ୍ର ଅଜୟ କୁମାର ତାଙ୍କର ବକ୍ତବ୍ୟ ରଖିଥିଲେ। କଲେଜର ପ୍ରାଧ୍ୟାପିକା, ପ୍ରାଧ୍ୟାପକ, କର୍ମଚାରୀ ଓ ଛାତ୍ରଛାତ୍ରୀମାନେ ଯୋଗଦେଇଥିଲେ। ଡ. ବିଭୁରଞ୍ଜନ ପଟ୍ଟନାୟକ ସ୍ୱାଗତ ଭାଷଣ ଦେଇଥିବା ବେଳେ ଛାତ୍ରୀ ସ୍ମୃତିମଞ୍ଜୁଷା କାର୍ଯ୍ୟକ୍ରମର ପରିଚାଳନା କରିଥିଲେ। ଛାତ୍ରୀ ସତ୍ୟପ୍ରିୟା ଅତିଥି ପରିଚୟ ପ୍ରଦାନ କରିଥିଲେ। ଛାତ୍ରୀ ସୁକାନ୍ତି ଲାକ୍ରା ଧନ୍ୟବାଦ ଅର୍ପଣ କରିଥିଲେ।

**ବଣାଇଁ:** ବଣାଇଁ ସହରରେ ଥିବା ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା ଓ ଗବେଷଣା କେନ୍ଦ୍ର ପରିସରରେ ବଣାଇଁ ତାଲୁକ ଆଇନ ସହାୟତା ପ୍ରାଧିକରଣ ପକ୍ଷରୁ ଅନ୍ତର୍ଜାତୀୟ ମାନବାଧିକାର ଦିବସ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲା ଜଜ୍ ତଥା ତାଲୁକ ଆଇନ ସହାୟତା ସମିତିର ଅଧ୍ୟକ୍ଷ ଆଶୁତୋଷ ଦାସ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବଣାଇଁ ସବ୍ ଜଜ୍ ରଞ୍ଜନ କୁମାର ପ୍ରଧାନ, ଏସ୍‌ଡିଜେଏମ୍ ପ୍ରୀତିଶ ମିଶ୍ର, କୋଇଡା ଜେଏମ୍‌ଏଫ୍‌ସି ଶୁଭଲକ୍ଷ୍ମୀ ପ୍ରିୟଦର୍ଶିନୀ ଯୋଗଦେଇ ମାନବାଧିକାର ଦିବସରେ ଲୋକମାନେ ନିଜର ଅଧିକାର ପ୍ରତି କିପରି ସଚେତନ ରହିବେ ସେ ଉପରେ କହିଥିଲେ। ମାନବାଧିକାର ଦିବସର ମୂଳ ଉଦ୍ଦେଶ୍ୟ ସମ୍ପର୍କରେ ଅତିଥିମାନେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ବଣାଇଁ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁନୀଲ ମୁଣ୍ଡୁ, ଶିଶୁ ବିକାଶ ବିଭାଗ ଅଧିକାରୀ ବୀଣାପାଣି ନାଏକ, ସ୍କୁଲ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ନାଏକ, ରିଟେନର ମାନସ ରଞ୍ଜନ ପତି, ସ୍କୁଲର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ବହୁ ସଂଖ୍ୟାରେ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ସିଭିଲ କୋର୍ଟର କର୍ମଚାରୀ ବ୍ରିଜେଶ କୁମାର ସାହୁ, ତପନ କୁମାର ପାଇକରାୟ, ଅନ୍ତର୍ଯ୍ୟାମୀ ପାତ୍ର ସହଯୋଗ କରିଥିଲେ।


## 'ସାଂସଦ ଖେଳ ମହୋତ୍ସବ' ମଶାଲ ଶୋଭାଯାତ୍ରାକୁ ସ୍ୱାଗତ



ରାଉରକେଲା,୧୦।୧୨(ସମିସ): ସୁନ୍ଦରଗଡ ଲୋକସଭା କ୍ଷେତ୍ରର 'ସାଂସଦ ଖେଳ ମହୋତ୍ସବ' ମଶାଲ ଶୋଭାଯାତ୍ରା ବଣାଇଁର କୋଇଡା ଠାରୁ ଆରମ୍ଭ ହୋଇ ବିଭିନ୍ନ ସ୍ଥାନ ପରିକ୍ରମା କରି ଆଜି ରାଉରକେଲାର ପାନପୋଷ ସ୍ଥିତ ହକି ଛକଠାରେ ରାଉରକେଲା ବିଧାନସଭା କ୍ଷେତ୍ରକୁ ହସ୍ତାନ୍ତର କରାଯାଇଥିଲା। ଏହି ମଶାଲକୁ ଏକ ସୁସଜ୍ଜିତ ଖୋଲା ଜିପରେ ବରିଷ୍ଠ କର୍ମୀ ତଥା ସାଂସଦ ଖେଳ ମହୋତ୍ସବର ଜିଲ୍ଲା ଲୋକ ସମ୍ପର୍କ ଅଧିକାରୀ ଗଙ୍ଗାଧର ଦାଶ ଧରି ପାନପୋଷ ଛକ, ରାଉରକେଲାର ମୁଖ୍ୟ ରାସ୍ତା ଦେଇ ପରିକ୍ରମା କରି ବିଶ୍ରା ଛକ ସ୍ଥିତ ବିର୍ସା ମୁଣ୍ଡା ଆଥଲେଟିକ ଷ୍ଟାଡିୟମରେ ବିରାଟ ଶୋଭାଯାତ୍ରାରେ ପହଞ୍ଚିଥିଲେ। ଏହି ମଶାଲ ଶୋଭାଯାତ୍ରା ସମୟରେ ରାସ୍ତାର ବିଭିନ୍ନ ଛକଠାରେ କଲେଜ, ସ୍କୁଲ, ଓକିଲ ସଂଘ, ପବ୍ଲିକ, ବିଭିନ୍ନ ସଙ୍ଗଠନଙ୍କ ତରଫରୁ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ ରାଉରକେଲା କ୍ଷେତ୍ରର ସଂଯୋଜକ ପ୍ରକାଶ ପାଶୱାନ ସଂଯୋଜନା ଓ ପରିଚାଳନା କରିଥିବାବେଳେ ଜିଲ୍ଲା ପ୍ରଶାସନ ତରଫରୁ ସମସ୍ତ ପ୍ରକାର ସହଯୋଗ କରାଯାଇଥିଲା। ସୁନ୍ଦରଗଡ଼ ସାଂସଦ ତଥା କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମଙ୍କ ମାର୍ଗଦର୍ଶନରେ 'ସାଂସଦ ଖେଳ ମହୋତ୍ସବ' ସମଗ୍ର ସୁନ୍ଦରଗଡରେ ପାଳନ କରାଯାଉଛି। ଚଳିତ ମାସ ୧୩ ରୁ ୧୬ ତାରିଖରେ ସାଂସଦୀୟ କ୍ଷେତ୍ରର ସୁନ୍ଦରଗଡଠାରେ ଅନୁଷ୍ଠିତ ହେବାକୁ ଥିବା ଫାଇନାଲ ନିର୍ଣ୍ଣାୟକ ପ୍ରତିଯୋଗିତାର ପ୍ରାରମ୍ଭ ଅର୍ଥାତ ୧୩ ତାରିଖ ଦିନ ଏହି ମଶାଲ ସୁନ୍ଦରଗଡରେ ପହଞ୍ଚିବ ବୋଲି ଜଣାପଡ଼ିଛି। ଏହି କାର୍ଯ୍ୟକ୍ରମରେ ସଂଯୋଜକ ଲାଖନ ଲୋହାର, ଜିଲ୍ଲା ସଂଯୋଜକ ଦିଲ୍ଲୀପ ପଟ୍ଟନାୟକ, ରଘନାଥପଲ୍ଲୀ ସଂଯୋଜକ ମନୋରଞ୍ଜନ ମୁନି, ସହ ସଂଯୋଜକ ସୁଶାନ୍ତ ମହାପାତ୍ର, ଶଶାଙ୍କ ଶେଖର ଜେନା, ରୋସନ ସାହୁ, ରିତା ସିଂ, ଜନ୍ ନାୟକ, ବଟକୃଷ୍ଣ ନାୟକ, ପ୍ରତାପ ପଟ୍ଟନାୟକ, ମନୋଜ ଦାସ, ଅନିଲ ମହାନନ୍ଦିଆ, ଆଶୁତୋଷ ଦାସ, ଦୁର୍ଗା ମାଇତି, ଅଭୟ ବେହେରା, ଅନିଲ ଅଗ୍ରୱାଲ, ମାଳତୀ ସିଂ, ହିରନ୍ୟ ପ୍ରାସାଦ ସାହୁ, ହାପି ତନ୍ତୀ, ଶାନ୍ତନୁ ଦାସ, ଜିତେନ୍ଦ୍ର ରାୟ, ପ୍ରହଲ୍ଲାଦ ତନ୍ତୀ, ସତ୍ୟଜିତ ପ୍ରଧାନ, କୋଚ ଶିବ ମିଶ୍ର ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

■ 'ଶିଳ୍ପ ପରିବେଶରେ ସଫଳ ଜୀବନଯାପନ' ଆଲୋଚନାଚକ୍ର

## 'ମାନସିକ ଶାନ୍ତି ଆଧ୍ୟାତ୍ମିକତା ଭିତରେ ଲୁଚି ରହିଥାଏ'




**ରାଉରକେଲା,୧୦।୧୨(ସମିସ):** ଆଗାମୀ ବିଶ୍ୱ ଧ୍ୟାନ ଦିବସ ପାଳନ ଉପଲକ୍ଷେ ଗତକାଲି ରାଉରକେଲା ଇସ୍ପାତ କାରଖାନାର ଗୋପବନ୍ଧୁ ଅଡିଟୋରିୟମଠାରେ "ଶିଳ୍ପ ପରିବେଶରେ ସଫଳ ଜୀବନଯାପନ' ଶୀର୍ଷକ ବିଷୟବସ୍ତୁ ଉପରେ ଏକ ଆଧ୍ୟାତ୍ମିକ ଆଲୋଚନା ଚକ୍ର ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଦିବ୍ୟ ଜୀବନ ସଂଘର ଉପାଧ୍ୟକ୍ଷ ସ୍ୱାମୀ ନିର୍ଲିପ୍ତାନନ୍ଦ ସରସ୍ୱତୀ ମହାରାଜ ମୁଖ୍ୟବକ୍ତା ଭାବେ ଯୋଗଦେଇ ମାନସିକ ଶାନ୍ତି କେବଳ ଆଧ୍ୟାତ୍ମିକତା ଭିତରେ ଲୁଚି ରହିଥାଏ ବୋଲି ମତବ୍ୟକ୍ତ କରିଥିଲେ। ଶ୍ରୀମଦଭଗବତ ଗୀତା ଏବଂ ଉପନିଷଦର ଜ୍ଞାନକୁ ପାଥେୟ କରି, ସ୍ୱାମୀଜୀ ସମବେତ କାର୍ମିକଙ୍କୁ ଜୀବନର ଅନ୍ତର୍ନିହିତ କ୍ଷଣ ଭଙ୍ଗୁରତାକୁ ଚିହ୍ନିବା ଏବଂ ଅତ୍ୟଧିକ ଆସକ୍ତି ଠାରୁ ଦୂରରେ ରହିବାକୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ଖଣି ଉନ୍ନୟନ ସିଏମ୍‌ଏଲ୍‌ଓ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ବିକେ ଗିରି, କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ବିଶ୍ୱରଞ୍ଜନ ପଲାଇ, ଖଣି ଓ ଜିଓଏମ, ସିଏମଏଲ ଓ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏମ୍‌ପି ସିଂହଙ୍କ ସମେତ ଇସ୍ପାତ କାରଖାନାର ବହୁ ବରିଷ୍ଠ ଅଧିକାରୀ ଏବଂ କର୍ମଚାରୀ ଯୋଗ ଦେଇଥିଲେ। ଏହି ଅବସରରେ ବିକେ ଗିରି ଆଧ୍ୟାତ୍ମିକତାର ପଥ ଅନୁସରଣ କରି ଭାରତ ଆଜି ବିଶ୍ୱ ଗୁରୁ ହେବାକୁ ଯାଉଛି ବୋଲି କହିବା ସହ ଅଂଶଗ୍ରହଣକାରୀଙ୍କୁ ସ୍ୱାମୀ ନିର୍ଲିପ୍ତାନନ୍ଦ ସରସ୍ୱତୀ ମହାରାଜଙ୍କ ଜ୍ଞାନର ବାଣୀକୁ ଅନୁସରଣ କରି ଅଧିକ ଅର୍ଥପୂର୍ଣ୍ଣ ଜୀବନଯାପନ କରିବାକୁ ପରାମର୍ଶ ଦେଇଥିଲେ। ଶ୍ରୀ ଗିରି ଓ ଏମ୍‌ପି ସିଂହ ସ୍ୱାମୀଜୀଙ୍କୁ ଉତ୍ତରୀୟ ଏବଂ ପୁଷ୍ପମାଲ୍ୟ ପ୍ରଦାନ କରି ସମ୍ମାନିତ କରିଥିଲେ। ପ୍ରାରମ୍ଭରେ ଜ୍ଞାନାର୍ଜନ ଓ ବିକାଶ ବିଭାଗର ସିଜିଏମ୍ ପିକେ ସାହୁ, ସମାବେଶକୁ ସ୍ୱାଗତ କରିଥିବା ବେଳେ ଲୋକ ସମ୍ପର୍କ ବିଭାଗର ମହାପ୍ରବନ୍ଧକ ତଥା ସଂଚାର ମୁଖ୍ୟ ଅର୍ଚ୍ଚନା ଶତପଥୀ ସ୍ୱାମୀଜୀଙ୍କ ପରିଚୟ ପ୍ରଦାନ କରାଇଥିଲେ। ଏଲଏଣ୍ଡଡି ବିଭାଗର ସିନିୟର ମ୍ୟାନେଜର ଏଲ୍ ମାରାଣ୍ଡି ସଂଯୋଜନା କରିଥିଲେ।

ଇସ୍ପାତ ନାଟ୍ୟ ମହୋତ୍ସବର ନବମ ସନ୍ଧ୍ୟା

# ଶାସ୍ତ୍ରୀୟ ସଂଗୀତର ମହତ୍ତ୍ୱ କହିଲା 'ବ୍ରହ୍ମନାଦ'

ରାଉରକେଲା,୧୦।୧୨(ସମିସ)



ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡିଶା ସରକାରଙ୍କ ପୃଷ୍ଠପୋଷକତା ଏବଂ ଆରଏସପି ଆନୁକୂଲ୍ୟରେ 'ଏକତ୍ର' ରାଉରକେଲା ଦ୍ୱାରା ଆୟୋଜିତ ତୃତୀୟ ଇସ୍ପାତ ନାଟ୍ୟ ମହୋତ୍ସବର ନବମ ସନ୍ଧ୍ୟାରେ ସ୍ଥାନୀୟ ସିଭିକ୍ ସେଣ୍ଟରଠାରେ ନାଟ୍ୟାନୁଷ୍ଠାନ ପ୍ରତିବିମ୍ବ ତରଫରୁ ମଞ୍ଚସ୍ଥ ନାଟକ'ବ୍ରହ୍ମନାଦ'ରେ ଶାସ୍ତ୍ରୀୟ ସଂଗୀତର ମହତ୍ତ୍ୱ ପ୍ରତିଫଳିତ ହୋଇଥିଲା। ଆଲୋକ ମହାପାତ୍ରଙ୍କ ପରିବାରର କାହାଣୀକୁ ନେଇ ନାଟକ ଗତିଶୀଳ ହୋଇଥିଲା। ଆଲୋକ ବ୍ଲଡ଼ କ୍ୟାନସର ରୋଗରେ ପୀଡ଼ିତ। ସେ ଜାଣନ୍ତି ତାଙ୍କ ଜୀବନର ଆୟୁ କେବଳ ଚାରିମାସ। ତଥାପି ସେ ନିର୍ଭୀକ। ମୃତ୍ୟୁର ଭୟ ତାଙ୍କୁ ଟିକେ ବି ସ୍ପର୍ଶ କରିନି। ପତ୍ନୀ ଆଶା କିନ୍ତୁ ଭୟଭୀତ। ଏମିତି ଏକ ଘଡିସନ୍ଧି ମୁହୂର୍ତ୍ତରେ ଆଲୋକ ଏବଂ ଆଶାର ଜୀବନରେ ଆସନ୍ତି ଜଣେ ମ୍ୟୁଜିକ୍ ଥେରାପିଷ୍ଟ ଅବିନାଶ ଚୌଧୁରୀ । ଆଲୋକ ବାବୁଙ୍କ ବାଲ୍ୟ ବନ୍ଧୁ ଅଭିଳାଷର ପରିଚୟରେ ସେ ଘରେ ରହି ଆଲୋକ ବାବୁଙ୍କୁ ଆମ ଭାରତୀୟ ଶାସ୍ତ୍ରୀୟ ସଙ୍ଗୀତ ଏବଂ ଓଡ଼ିଶୀ ଶାସ୍ତ୍ରୀୟ ସଙ୍ଗୀତ ଗାୟନ କରି ନୂଆ ଜୀବନ ଦେଇଛନ୍ତି। ସଂଗୀତ ଥେରାପି ମାଧ୍ୟମରେ ଆଲୋକବାବୁ ନିଶ୍ଚିତ ମୃତ୍ୟୁ ମୁହଁରୁ ନୂଆ ଜୀବନ ଫେରିପାଇଛନ୍ତି। ଯେଉଁଠି ମେଡିକାଲ ବିଜ୍ଞାନ କିଛି କରିପାରିନି, ସେଇଠି ସଂଗୀତ ଥେରାପି ହିଁ ସଫଳତାର ନୂଆ ଦିଗନ୍ତ ପାଲଟିଛି। ଏମିକି ଏକ ନିଆରା କାହାଣୀକୁ ନେଇ ଗତିଶୀଳ ହୋଇଥିଲା ନାଟକ ଆମ ଶାସ୍ତ୍ରୀୟ ସଙ୍ଗୀତର ମୂଳମନ୍ତ୍ର 'ବ୍ରହ୍ମନାଦ'। ନାଟ୍ୟକାର ପ୍ରଭାକର ପାତ୍ରଙ୍କ ରଚିତ ସାଗର ମୁଣ୍ଡାଙ୍କ ନିର୍ଦ୍ଦେଶିତ ଏହି ନାଟକରେ ସଂଗୀତ ନିର୍ଦ୍ଦେଶନା ଦେଇଥିଲେ ଅମୂଲ୍ୟ କୁମାର ବିଷୋୟୀ, ପ୍ରଫୁଲ୍ଲ କୁମାର ମଙ୍ଗଳ, ରବି ଚନ୍ଦ୍ର ପୁରୋହିତ କଣ୍ଠଦାନ କରିଥିବା ବେଳେ ଅଭିନୟରେ ପ୍ରଣବ କୁମାର ପାଣିଗ୍ରାହୀ, ଲକ୍ଷ୍ମୀ ନାରାୟଣ ତ୍ରୀପାଠୀ, ସୁଶାନ୍ତ କୁମାର ମହାନ୍ତି, ଅଶୋକ କୁମାର ରାଉତ, ଚିନ୍ମୟ କୁମାର ବେହେରା ଏବଂ ସରୋଜିନୀ ସ୍ୱାଇଁ ପ୍ରମୁଖ ଚମତ୍କାର ଅଭିନୟ କରିଥିଲେ।

## ଗୋରୁ, ମଇଁଷିଙ୍କ କବ୍‌ଜାରେ ସ୍ମାର୍ଟସିଟି ରାସ୍ତା


**ରାଉରକେଲା,୧୦।୧୨(ସମିସ):** ସ୍ମାର୍ଟ ସିଟି ମାନ୍ୟତା ପାଇଥିବା ରାଉରକେଲା ଏବେ ବୁଲା ଗୋରୁ, ମଇଁଷି, ଷଣ୍ଢଙ୍କ କବ୍‌ଜାରେ ରହିଥିବା ଦେଖିବାକୁ ମିଳିଛି। ସହରର ରାସ୍ତା ଘାଟରେ ଗୋରୁଙ୍କ ପ୍ରାଦୁର୍ଭାବ କେବଳ ଦିନରେ ନୁହେଁ ବରଂ ରାତିରେ ମଧ୍ୟ ବୃଦ୍ଧି ପାଉଛି। ଏଭଳି ଦୃଶ୍ୟ ବାସନ୍ତୀ କଲୋନୀ ସ୍ଥିତ ମଙ୍ଗଳା ମନ୍ଦିର ନିକଟ ରାସ୍ତାରେ ଦେଖିବାକୁ ମିଳିଛି। ଯାହା ଲୋକଙ୍କ ଯାତାୟାତରେ ଅନେକ ସମସ୍ୟା ସୃଷ୍ଟି କରିଥିଲା। ସେହିପରି ରେଳ ଷ୍ଟେସନର ପ୍ଲାଟଫର୍ମ ନମ୍ବର ୧ରେ ଷଣ୍ଢ ଉତ୍ପାତ ଯୋଗୁଁ ଯାତ୍ରୀମାନଙ୍କ ମଧ୍ୟରେ



ଆତଙ୍କ ସୃଷ୍ଟି ହୋଇଥିଲା। ପ୍ଲାଟଫର୍ମ ଭଳି ଏକ ସମ୍ବେଦନଶୀଳ ସ୍ଥାନରେ ଏହି ଘଟଣା ନାନାଦି ପ୍ରଶ୍ନ ଉଠାଇଛି। ସହରବାସୀ କହିଛନ୍ତି, ବାରମ୍ବାର ଅଭିଯୋଗ ସତ୍ତ୍ୱେ ରାଉରକେଲା ମହାନଗର ନିଗମର ସମ୍ପୃକ୍ତ ବିଭାଗ ସମ୍ପୂର୍ଣ୍ଣ ଅସହାୟ ମନେ ହୁଏ। ବୁଲୁଥିବା ଗୋରୁଙ୍କୁ ନିୟନ୍ତ୍ରଣ କରିବା ପାଇଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ। ଯାହା ସହରରେ ଦୁର୍ଘଟଣାର ଆଶଙ୍କା ବୃଦ୍ଧି କରୁଛି। ସ୍ମାର୍ଟ ସିଟି ରାଉରକେଲାର ରାସ୍ତା ଏବଂ ସାର୍ବଜନୀନ ସ୍ଥାନ ଗୁଡ଼ିକରେ ସୁରକ୍ଷାର କୌଣସି ନିଶ୍ଚିତତା ନଥିବା ବେଳେ ବିକାଶର ଦାବି କେତେ ଗୁରୁତ୍ୱ ବୋଲି ପ୍ରଶ୍ନ ଉଠିଛି। ସହରର ରାସ୍ତା ଏବଂ ସାର୍ବଜନୀନ ସ୍ଥାନ ଗୁଡ଼ିକରେ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ନିଗମ ଯଥାଶୀଘ୍ର ପଦକ୍ଷେପ ନେବାକୁ ଦାବି ହୋଇଛି।

ସକାଳ
THE SAKALA

# ସମ୍ପାଦକୀୟ



ଆଖିଆଗରେ ସମ୍ପୂର୍ଣ୍ଣ ଅନ୍ଧାର ଛାଇଯିବା ପରେ ହିଁ ତାରକାମାନେ ଦେଖାଯାଆନ୍ତି।
-ମାର୍ଟିନ ଲୁଥର କିଙ୍ଗ (ଜୁନିୟର)

## ମାଲକାନଗିରି ହିଂସାର ଦୁଇଧାର

ମାଲକାନଗିରି ଜିଲ୍ଲାରେ ଉପୁଜିଥିବା ଅମାନୁଷିକ ହିଂସାକାଣ୍ଡକୁ କେନ୍ଦ୍ରକରି ଯେଭଳି ପୋଡ଼ାଜଳା ଓ ଲୁଟତରାଜ ଚାଲିଲା ତାହାକୁ ଅନୁଧ୍ୟାନ କଲେ ମନେ ହୁଏ ଯେ ପ୍ରଶାସନିକ ପଦକ୍ଷେପରେ ଶିଥିଳତା ଯୋଗୁଁ ପରିସ୍ଥିତି ନିୟନ୍ତ୍ରଣ ବାହାରକୁ ଚାଲିଯାଇଛି। ଯେମିତି ମନେ ହେଉଛି ସବୁ ଅଘଟଣ ପରେ ପ୍ରଶାସନର ନିଦ ଭାଙ୍ଗିଛି। ତେଣିକି ସଶସ୍ତ୍ର ବାହିନୀ ମୁତୟନ, ସାନ୍ଧ୍ୟ ଆଇନ ଜାରି, ଇଣ୍ଟରନେଟ୍ ସେବା ବନ୍ଦ ଓ ସତର୍କତା ମୂଳକ ପଇଁତରା ଭଳି ପଦକ୍ଷେପ ଗ୍ରହଣ କରାଯାଇଛି। ଡିସେମ୍ବର ୪ ତାରିଖରେ ମୁଣ୍ଡବିହୀନ ଆଦିବାସୀ ମହିଳାଙ୍କ ଶବ ମିଳିବା ପରେ ୫ ଓ ୬ ତାରିଖରେ ପୁଲିସ ଓ ପ୍ରଶାସନ କରୁଥିଲା କ'ଣ? ଅନ୍ତତଃ ୩ ରୁ ୪ ଜଣ ସନ୍ଦିଗ୍ଧଙ୍କୁ ଥାନାକୁ ଆଣି ଜେରା କରିଥିଲେ ଆଦିବାସୀଙ୍କ ପ୍ରଶାସନ ଉପରୁ ଭରସା ତୁଟିନଥା'ନ୍ତା। ଯେତେଦୂର ମନେହୁଏ ଆଦିବାସୀଙ୍କୁ ସଂଗଠିତ ହୋଇ ହିଂସାକାଣ୍ଡ ଭିଆଇବାର ପରୋକ୍ଷ ସୁଯୋଗ ଦିଆଯାଇଛି। କାରଣ ଆଦିବାସୀ ସଂଗଠନ ବୈଠକ ଓ ମେଲି ପାଇଁ ଚାଲିଥିବା ପ୍ରସ୍ତୁତି ସଂପର୍କରେ ପୁଲିସ ଯଥେଷ୍ଟ ପୂର୍ବରୁ ଅବଗତ ଥିଲା। ଏପରିକି ୭ ଓ ୮ ତାରିଖର ପୋଡ଼ାଜଳା ଓ ଲୁଟରାଜ ସମୟରେ ଘଟଣାସ୍ଥଳରେ ପୁଲିସ ଉପସ୍ଥିତ ଥିଲା। ଅବଶ୍ୟ ଆଦିବାସୀଙ୍କ ବିଶାଳ ମେଳି ନିକଟରେ ପୁଲିସର ଉପସ୍ଥିତି ନଗଣ୍ୟ। କିନ୍ତୁ ପରିସ୍ଥିତିର ଗୁରୁତ୍ୱକୁ ବିଚାର କରି ତୁରନ୍ତ ସଶସ୍ତ୍ର ବାହିନୀ ମୁତୟନ କରିବାରେ କିଛି ଅସୁବିଧା ନଥିଲା। ଏ ସମସ୍ତ ଘଟଣାକ୍ରମରୁ ଅଭିସନ୍ଧିର ଗନ୍ଧ ବାରି ହେଉଛି।

କୋରୁକୁଣ୍ଡା ବ୍ଲକ ଅଧୀନରେ ରଖେଲ୍‌ଗୁଡ଼ା ଓ ଏମ୍‌ଭି-୨୬ ଗାଁରେ ଯଥାକ୍ରମେ ଆଦିବାସୀ ଓ ବଙ୍ଗଳା ଭାଷାଭାଷୀ ଅବସ୍ଥାନ କରୁଛନ୍ତି। ଆଦିବାସୀ ମହିଳାଙ୍କ ମୁଣ୍ଡବିହୀନ ମୃତଦେହ ଠାବ ହେବା ପରେ ହିଂସାକାଣ୍ଡ ଉପୁଜିଥିଲା। ୧୯୭୧ ରେ ଭାରତ-ପାକିସ୍ତାନ ଯୁଦ୍ଧ ଓ ନୂତନ ବାଂଲାଦେଶ ପ୍ରତିଷ୍ଠା ପ୍ରେକ୍ଷାପଟ୍ଟରେ କେନ୍ଦ୍ରସରକାର କିଛି ବାଂଲାଦେଶୀ ଶରଣାର୍ଥୀଙ୍କୁ ଦେଶରେ ସ୍ଥାୟୀ ଭାବେ ଥାଇଥାନ କରିବାକୁ ବାଧ୍ୟ ହୋଇଥିଲେ। ସେତେବେଳେ ଅବିଭାଜିତ କୋରାପୁଟ ଜିଲ୍ଲାରେ ସେମାନଙ୍କ ମଧ୍ୟରୁ କିଛି ପରିବାରଙ୍କୁ ଥଇଥାନ କରାଯିବା ସହ ଦଣ୍ଡକାରଣ୍ୟ ପ୍ରକଳ୍ପ ଆରମ୍ଭ ହୋଇଥିଲା। ସେମାନେ ତିନି ପିଢ଼ି ଧରି ସେଠାରେ ଅବସ୍ଥାନ କରୁଛନ୍ତି। ଏବର ସରକାର ଦେଶରୁ ବାଂଲାଦେଶୀଙ୍କୁ ତଡ଼ିବା ସକାଶେ ଯେଉଁ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି ତାହାର ପ୍ରତିଫଳନ ଆମ ରାଜ୍ୟରେ ମଧ୍ୟ ଅନୁଭୂତ ହେଲାଣି। ତେବେ ମାଲାକାନଗିରିରେ ଅବସ୍ଥାନ କରୁଥିବା ବଙ୍ଗଭାଷାଭାଷୀଙ୍କ ଇତିହାସକୁ ଅନୁଶୀଳନ କଲେ ସେମାନଙ୍କୁ ଏହି କାର୍ଯ୍ୟକ୍ରମର ପରିସରଭୁକ୍ତ କରାଯାଇପାରିବନି। ତେବେ ଏକଥା ସତ୍ୟ ଯେ ସେମାନଙ୍କ ପ୍ରାଧାନ୍ୟ ଓ ପତିଆରା ଯାହା ସେଥିରେ ମୂଳ ଆଦିମ ଅଧିବାସୀ କ୍ଷତିଗ୍ରସ୍ତ ହୋଇଛନ୍ତି। ସମୟ ବଦଳିବା ସହ କ୍ରମେ ସଚେତନ ହେଉଥିବା ଆଦିବାସୀ ସଂପ୍ରଦାୟ ବଙ୍ଗାଳୀଙ୍କ ଜୁଲମକୁ ବରଦାସ୍ତ କରିବା ଅବସ୍ଥାରେ ନାହାନ୍ତି। ତେଣୁ କ୍ରମେ ପ୍ରତିବାଦ ଓ ପ୍ରତିଶୋଧ ମୁଣ୍ଡ ଟେକୁଛି। ମାଲକାନାଗିରି ଜିଲ୍ଲାରେ ଉପୁଜିଥିବା ହିଂସାକାଣ୍ଡ ଓ ପୋଡ଼ାଜଳା କ'ଣ ତାହାର ପ୍ରତିଫଳନ? ବାଂଲାଦେଶୀଙ୍କୁ ଦେଶାନ୍ତର କରିବା ଆଳରେ ଉପରୋକ୍ତ ହିଂସାକାଣ୍ଡର ରଚନା କରାଯାଇନି ତ? ଏହି ପୃଷ୍ଠଭୂମିରେ ଏଭଳି କେତେକ ପ୍ରଶ୍ନ ଉଠିବା ସ୍ୱାଭାବିକ।

ମାଲାକାନଗିରି ପ୍ରସଙ୍ଗରେ ଆମେ ଉଭୟ ସରକାର ଓ ପ୍ରଶାସନକୁ ସତର୍କ କରାଇଦେବାକୁ ଚାହୁଁ ଯେ ନକ୍ସଲଙ୍କ ପ୍ରାଦୁର୍ଭାବ ଓ କାର୍ଯ୍ୟକଳାପ ଦୃଷ୍ଟିରୁ ଏହା ଏକ ସମ୍ବେଦନଶୀଳ ଜିଲ୍ଲା। ଆଦିବାସୀ ଓ ବଙ୍ଗଳା ଭାଷାଭାଷୀଙ୍କ ମଧ୍ୟରେ ବିଭେଦର ମଞ୍ଜି ବୁଣିଲେ ତାହା ଆଗାମୀ ଦିନରେ ମଣିପୁର ଭଳି ସ୍ଥିତି ଯେ ସୃଷ୍ଟି ନ କରିବ କିଏ କହିବ? ଏବେଠାରୁ ସତର୍କ ଓ ସଜାଗ ରହିବ ଆବଶ୍ୟକ।

## ସମ୍ଭାବନାର ସୂର୍ଯ୍ୟୋଦୟ

ରୁଷ ରାଷ୍ଟ୍ରପତି ଭ୍ଲାଦିମାର ପୁଟିନଙ୍କ ଭାରତ ଗସ୍ତ ବିଶ୍ୱର ଭୂ-ରାଜନୀତିରେ ନୂଆ ସମୀକରଣ ସୃଷ୍ଟି କରିଛି। ଭାରତକୁ କୂଟନୈତିକ ସ୍ତରରେ ଏକପ୍ରକାର ଏକଘରିଆ କରିବାର ଯେଉଁ ପ୍ରୟାସ ହୋଇଥିଲା ତାହା ନୂଆଦିଲ୍ଲୀ-ମସ୍କୋ ମଧ୍ୟରେ ସ୍ୱାକ୍ଷରିତ ଚୁକ୍ତିନାମା ଏବଂ ଦ୍ୱିପାକ୍ଷିକ ସହଯୋଗ ଫଳରେ ଦିଗ ହରାଇଛି। ବିଶେଷକରି ଆମେରିକାର ଭାରତ ପ୍ରତି ବାଣିଜ୍ୟ କୂଟନୀତି କ୍ରମେ ପ୍ରଶମିତ ହୋଇଆସୁଥିବା ଦେଖାଯାଉଛି। କେବଳ ଆମେରିକା ନୁହେଁ ୟୁରୋପୀୟ ମିତ୍ର ରାଷ୍ଟ୍ରଙ୍କୁ ଭାରତ ସହ ସୁସଂପର୍କ ପ୍ରତିଷ୍ଠା ସକାଶେ ଏକପ୍ରକାର ବାଧ୍ୟବାଧକତା ସୃଷ୍ଟି କରିଛି। ପରିବର୍ତ୍ତିତ ପରିସ୍ଥିତି ଓ ସୋମନଙ୍କ କଠୋର ଆଭିମୁଖ୍ୟରେ ପରିଲକ୍ଷିତ ଶିଥିଳତା ଦୃଷ୍ଟିରୁ ଆମକୁ ସେଥିରୁ ଫାଇଦା ଉଠାଇବାକୁ ହେବ। ଉଭୟ କୂଟନୀତି ଓ ବାଣିଜ୍ୟିକ ସଂପର୍କ ପ୍ରତିଷ୍ଠାରେ ସାଲିସ ନୁହେଁ, ବରଂ ନରମ-ଗରମ ଆଭିମୁଖ୍ୟ ଗ୍ରହଣ କରିବାକୁ ପଡ଼ିବ। ଦକ୍ଷିଣ ଏସିଆରେ ଭାରତ ଯେ ଆମେରିକାର ଆଦର୍ଶ ଓ ବିଚାରଗତ ଦୃଷ୍ଟିରୁ ସ୍ୱାଭାବିକ ଭାଗୀଦାର, ଏହା ପୁଣିଥରେ ଟ୍ରମ୍ପଙ୍କୁ ମନେ ପକାଇ ଦେବାକୁ ହେବ।

ଏପର୍ଯ୍ୟନ୍ତ କେନ୍ଦ୍ର ସରକାର ନଭେମ୍ବର ଶେଷ ସୁଦ୍ଧା ଭାରତ- ଆମେରିକା ବାଣିଜ୍ୟ ସଂପର୍କରେ ସ୍ୱାଭାବିକତା ଫେରିବ ବୋଲି ପ୍ରତିଶ୍ରୁତି ଦେଇ ଆସିଥିଲେ। ଆମ ବାଣିଜ୍ୟମନ୍ତ୍ରୀ ଆମେରିକାରେ ମାସ ମାସ ଧରି ଅବସ୍ଥାନ କରି ମଧ୍ୟସ୍ଥିଙ୍କ ଜରିଆରେ ଟାରିଫ ବିବାଦର ସମାଧାନ ପାଇଁ ଉଦ୍ୟମ ଜାରି ରଖିଥିଲେ। ଅସଲରେ ଏକ୍ଷେତ୍ରରେ ସେଭଳି ଆଖିଦୃଶିଆ ଅଗ୍ରଗତି ହୋଇପାରୁ ନ ଥିଲା। ପୁଟିନଙ୍କ ଭାରତଗସ୍ତ ପରେ ସ୍ଥିତି ସୁଧୁରିବା ଆରମ୍ଭ କରିଛି। ଟ୍ରମ୍ପ ପ୍ରଶାସନ ଦ୍ୱାରା ପ୍ରସ୍ତୁତ ୩୩ ପୃଷ୍ଠା ବିଶିଷ୍ଟ ଜାତୀୟ ସୁରକ୍ଷା ରଣନୀତିରେ ଭାରତ ସହ ସୁସଂପର୍କକୁ ସ୍ୱତନ୍ତ୍ର ଗୁରୁତ୍ୱ ଦିଆଯାଇଛି। ଆଭ୍ୟନ୍ତରୀଣ ଚାପ ଓ ବାଧ୍ୟବାଧକତା ଦୃଷ୍ଟିରୁ ଟାରିଫ ପ୍ରସଙ୍ଗରେ ଚୀନ ସହ ଆମେରିକା ସାଲିସ କରିଥିଲେ ମଧ୍ୟ ବିଶ୍ୱ ଅର୍ଥନୀତିରେ ବେଜିଂ ଯେ ତାହାର ପ୍ରତିଦ୍ୱନ୍ଦ୍ୱୀ ଏକଥା ଟ୍ରମ୍ପଙ୍କୁ ଅବୁଝା ନାହିଁ। ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ଭାରତର ସହଯୋଗ ବିନା ଚୀନକୁ ରୋକିବା ଏତେ ସହଜ ନୁହେଁ। ତେଣୁ ଟ୍ରମ୍ପ ଏବେ ସାଲିସ୍ ମୁଦ୍ରାରେ ଅବତୀର୍ଣ୍ଣ ହୋଇଛନ୍ତି। ପୁଟିନଙ୍କ ଭାରତଗସ୍ତକୁ କେନ୍ଦ୍ର କରି ଯେଉଁ ପରିବର୍ତ୍ତନର ପବନ ବୋହିବା ଆରମ୍ଭ କରିଛି ସେଥିରେ ଭାରତ ଉପରୁ ଟାରିଫ କଟକଣା ହଟିଯିବା ଏକପ୍ରକାର ନିଶ୍ଚିତ ହୋଇଯାଇଛି। ତେଣୁ ଆମେରିକାର ଦାବି ନିକଟରେ ମୁଣ୍ଡ ନ ନୁଆଁଇ ମୂଳଚାଲ କରିବାର ସମୟ ଏବେ ଉପସ୍ଥିତ।

ଆମେରିକାର ବାଣିଜ୍ୟ ପ୍ରତିନିଧି ଦଳ ନୂଆଦିଲ୍ଲୀରେ ଭାରତୀୟ ପ୍ରତିପକ୍ଷଙ୍କ ସହ ଦୁଇଦିନିଆ ଆଲୋଚନା ଆରମ୍ଭ କରିଛନ୍ତି। ଅନ୍ୟପକ୍ଷରେ ୟୁରୋପୀୟ ରାଷ୍ଟ୍ରସଂଘ ସହ ମୁକ୍ତ ବାଣିଜ୍ୟ ରାଜିନାମା ନେଇ ଏକ ପ୍ରତିନିଧି ଦଳ ନୂଆଦିଲ୍ଲୀରେ ଉପସ୍ଥିତ। ତେଣୁ ଖୁବ୍‌ଶୀଘ୍ର ସମ୍ଭାବନାର ଏକ ନୂତନ ସୂର୍ଯ୍ୟୋଦୟକୁ ଆମେ ଅପେକ୍ଷା କରିବା।

## ମହିଳାକୈନ୍ଦ୍ରିକ ଆଇନ୍ ବ୍ୟବସ୍ଥା: ନ୍ୟାୟର ମହତ୍ତ୍ୱ ଓ ଦୁରୁପଯୋଗ

**ସୌମ୍ୟ ରଞ୍ଜନ ଦାଶ**

ବିଂଶ ଶତାବ୍ଦୀର ଶେଷ ଭାଗରୁ ଆରମ୍ଭ କରି ଏକବିଂଶ ଶତାବ୍ଦୀର ଆଧୁନିକତା ମଧ୍ୟରେ ଭାରତୀୟ ସମାଜରେ ମହିଳା ଅଧିକାର, ଲିଙ୍ଗ ସମାନତା ଓ ସାମାଜିକ ନ୍ୟାୟର ଆଲୋଚନା ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ ହୋଇ ଉଭା ହୋଇଛି। ଦୀର୍ଘ ଦଶନ୍ଧି ଧରି ମହିଳାମାନଙ୍କ ଉପରେ ହୋଇଆସୁଥିବା ଅନ୍ୟାୟ, ଅତ୍ୟାଚାର ଓ ପିତୃସତ୍ତାମୂଳକ ବ୍ୟବସ୍ଥାର ଚାପରୁ ମୁକ୍ତି ଦେବା ପାଇଁ ଭାରତୀୟ ସଂସଦ ଓ ନ୍ୟାୟ ବ୍ୟବସ୍ଥା ଅନେକ ମହିଳାକୈନ୍ଦ୍ରିକ ବିଶେଷ ଆଇନ ପ୍ରଣୟନ କରିଛନ୍ତି। ଯୌତୁକ ନିରୋଧ ଆଇନ, ଘରୋଇ ହିଂସା ଅଧିନିୟମ ଏବଂ ଭାରତୀୟ ନ୍ୟାୟ ସଂହିତାର ଧାରା ୮୫ (ସ୍ୱାମୀ କିମ୍ବା ତାଙ୍କ ସମ୍ପର୍କୀୟଙ୍କ ଦ୍ୱାରା ହିଂସା) ଭଳି ଆଇନଗୁଡ଼ିକ ନିର୍ଯାତିତା ମହିଳାମାନଙ୍କୁ ଆଶ୍ରୟ, ସୁରକ୍ଷା ଓ ନ୍ୟାୟ ପ୍ରଦାନ କରିବାରେ ବହୁବିଧ ସଫଳତା ଅର୍ଜନ କରିଛନ୍ତି। ଏହି ଆଇନ୍ ବ୍ୟବସ୍ଥା ଅନେକ ମହିଳାଙ୍କ ଜୀବନ ରକ୍ଷା କରିଛି, ସେମାନଙ୍କୁ ସମାଜରେ ସମ୍ମାନର ସହ ମୁଣ୍ଡ ଉଠାଇ ବଞ୍ଚିବାର ପ୍ରେରଣା ଦେଇଛି ଏବଂ ମହିଳା ସଶକ୍ତୀକରଣର ମୂଳଦୁଆ ପକାଇଛି।

ଏହି ଆଇନଗୁଡ଼ିକ ମହିଳା ସଶକ୍ତୀକରଣର ଏକ ଆଶୀର୍ବାଦ ଭାବରେ ସମାଜରେ ପ୍ରତିଷ୍ଠିତ ହେଲେ ହେଁ ସମାଜର ପ୍ରତିଟି ଦିଗ ଭଳି ନ୍ୟାୟିକ ବ୍ୟବସ୍ଥାରେ ମଧ୍ୟ ଏକ ବିଷମତା ଦୃଶ୍ୟମାନ ହେଉଛି। ଯେଉଁ ଆଇନ ନ୍ୟାୟ ଓ ସୁରକ୍ଷା ପାଇଁ ପ୍ରଣୀତ, ତାହାର ଦୁରୁପଯୋଗ ଏବେ ଏକ ଜାତୀୟ ଚିନ୍ତାର ବିଷୟ ହୋଇ ଉଭା ହୋଇଛି। ଦୁଇପଟିଆ ତରବାରୀ ଭଳି ଏହି ଆଇନଗୁଡ଼ିକ କେତେକ ସ୍ଥାନରେ ଶୋଷଣର ଅସ୍ତ୍ର ଭାବରେ ପରିଣତ ହୋଇଛି। ଅନେକ ମହିଳା ବୈବାହିକ ବିବାଦ, ସମ୍ପତ୍ତିଗତ କଳହ କିମ୍ବା ବ୍ୟକ୍ତିଗତ ଶତ୍ରୁତାର ପ୍ରତିଶୋଧ ନେବା ପାଇଁ ଏହି କଠୋର ଆଇନଗୁଡ଼ିକୁ ମିଥ୍ୟା ଅଭିଯୋଗର ମାଧ୍ୟମ କରି ପୁରୁଷ ଏବଂ ତାଙ୍କର ସମଗ୍ର ପରିବାରକୁ ନ୍ୟାୟିକ ଚାପ ମଧ୍ୟକୁ ଟାଣି ଆଣୁଛନ୍ତି। ପରିଣାମସ୍ୱରୂପ ନିର୍ଦ୍ଦୋଷ ବୃଦ୍ଧ ଶ୍ୱଶୁର, ଶାଶୂ, ଏପରିକି ପରିବାରର ଅନ୍ୟ ଅଣ-ସମ୍ପୃକ୍ତ ସଦସ୍ୟମାନେ ମଧ୍ୟ ଅପରାଧୀର ମୁଖା ପିନ୍ଧିବାକୁ ବାଧ୍ୟ ହେଉଛନ୍ତି। ସର୍ବୋଚ୍ଚ ନ୍ୟାୟାଳୟ ମଧ୍ୟ ଅନେକ ସମୟରେ ପୂର୍ବରୁ ଥିବା ଧାରା ୪୯୮-କ କୁ 'ଆଇନଗତ ଆତଙ୍କବାଦ' ଭାବରେ ଅଭିହିତ କରିଛନ୍ତି, ଯାହା ଏହି ସମସ୍ୟାର ଭୟାବହତାକୁ ସୂଚାଉଛି।

ଏହି ଆଇନଗୁଡ଼ିକର ଦୁରୁପଯୋଗ ଫଳରେ ଯେଉଁ ପରିବାରଗୁଡ଼ିକ ଭାଙ୍ଗିଯାଉଛି, ସେଠାରେ ଅର୍ଥ, ସମ୍ମାନ, ପେଶା ଓ ସାମାଜିକ ପରିଚୟ ସବୁକିଛି ନଷ୍ଟ ହୋଇଯାଉଛି। ବିଶେଷକରି ପୁଲିସ୍ ପ୍ରଶାସନ ଏହି ଆଇନଗୁଡ଼ିକର 'ଜାଣିହେବା ଯୋଗ୍ୟ' (କୋଗନିଜେବଲ୍) ଓ 'ଜାମିନବିହୀନ' (ନନ୍‌ବେଲେବଲ୍) ଆଦିର ଅପବ୍ୟବହାର କରି ସାମାନ୍ୟ ସନ୍ଦେହରେ ସମଗ୍ର ପରିବାରକୁ ଗିରଫ କରି ନେଉଛି। ଯେତେବେଳେ ନ୍ୟାୟ ପାଇଁ ତିଆରି ହୋଇଥିବା ଆଇନ ମିଥ୍ୟା ଅଭିଯୋଗର ଅସ୍ତ୍ର ହୋଇଯାଏ, ସେତେବେଳେ ସମାଜରେ ନ୍ୟାୟବୋଧ ଓ ବିଶ୍ୱାସର ମୂଳଦୁଆ ଦୋହଲିଯାଏ। ସମାନତାର ମୂଳ ଅର୍ଥ ହେଉଛି ନ୍ୟାୟ ଦୁଇ ପକ୍ଷକୁ ସମାନ ଭାବରେ ପ୍ରଦାନ କରିବା। ଆଇନ କେବଳ ମହିଳାଙ୍କୁ ଦୁର୍ବଳ ଓ ପୁରୁଷଙ୍କୁ ସବଳ ଭାବି ଲେଖାଯିବା ଉଚିତ୍ ନୁହେଁ।

ଆଧୁନିକ ଭାରତୀୟ ନ୍ୟାୟ ପ୍ରକ୍ରିୟା ସଂହିତା ଏବଂ ଭାରତୀୟ ନ୍ୟାୟ ସଂହିତା ଭଳି ନୂତନ ଆଇନରେ ମଧ୍ୟ ମହିଳା ସୁରକ୍ଷାକୁ ବିଶେଷ ଗୁରୁତ୍ୱ ଦିଆଯାଇଛି। ଏହି ସଂଶୋଧିତ ଆଇନ ବଳରେ ଫାଷ୍ଟ ଟ୍ରାକ୍ କୋର୍ଟରେ ମାମଲା ଶୁଣାଣି, ଅଭିଯୋଗର ତୁରନ୍ତ ପଞ୍ଜୀକରଣ ଏବଂ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ତଦନ୍ତ ସମାପନ କରିବା ଭଳି ସୁବିଧା ମହିଳାମାନଙ୍କ ପାଇଁ ଏକ ବଳିଷ୍ଠ ପଦକ୍ଷେପ। କିନ୍ତୁ ଏହି ବିଶେଷ ସୁବିଧା ଓ ସୁରକ୍ଷା କେତେକଙ୍କ ଦ୍ୱାରା ଦୁରୁପଯୋଗ ହେଉଥିବାରୁ ଆଜି ସମାଜ ଏକ ଗୁରୁତର ଦ୍ୱନ୍ଦ୍ୱରେ ପଡ଼ିଛି: ମହିଳାଙ୍କୁ ସୁରକ୍ଷା ଦେବାକୁ ଯାଇ କ'ଣ ଆମେ ପୁରୁଷଙ୍କ ନ୍ୟାୟିକ ଅଧିକାରକୁ ଉଲ୍ଲଂଘନ କରୁଛୁ?

ଅତଏବ, ଆଜି ସମୟର ଆହ୍ୱାନ ହେଉଛି ମହିଳାମାନଙ୍କ ପାଇଁ ବିଶେଷ ଆଇନଗୁଡ଼ିକର ଆବଶ୍ୟକତା ସହିତ ତାହାକୁ ଲିଙ୍ଗ-ନିରପେକ୍ଷ କରିବାର ଆବଶ୍ୟକତାକୁ ସମାନ ଗୁରୁତ୍ୱରେ ବିଚାର କରିବା। ନ୍ୟାୟ କେବଳ ଲିଙ୍ଗଭିତ୍ତିରେ ନୁହେଁ, ବରଂ ପ୍ରମାଣ ଭିତ୍ତିରେ ପ୍ରଦାନ କରାଯିବା ଉଚିତ। ଆଇନର ପବିତ୍ରତା ବଞ୍ଚାଇବା ପାଇଁ କିଛି କଠୋର ପଦକ୍ଷେପ ନେବାକୁ ହେବ। ପ୍ରଥମତଃ, ଭାରତୀୟ ନ୍ୟାୟ ସଂହିତା ଧାରା ୮୫ ଭଳି ଆଇନକୁ 'ସମାଧାନ ଯୋଗ୍ୟ' (କମ୍ପାଉଣ୍ଡେବଲ୍) କରିବା ଏବଂ ମାମଲାର ପ୍ରାଥମିକ ତଦନ୍ତ ପରେ ହିଁ ଗିରଫ କରିବା ଉଚିତ୍। ଦ୍ୱିତୀୟତଃ, ଯେଉଁମାନେ ଜାଣିଶୁଣି ମିଥ୍ୟା ଅଭିଯୋଗ କରୁଛନ୍ତି, ସେମାନଙ୍କୁ କଠୋର ଦଣ୍ଡବିଧାନ ଦେବାର ବ୍ୟବସ୍ଥା ନିହାତି ଜରୁରୀ। ଏହିପରି ପଦକ୍ଷେପ ଦ୍ୱାରା ନ୍ୟାୟିକ ବ୍ୟବସ୍ଥାରେ ସମନ୍ୱୟ ରକ୍ଷା କରାଯାଇପାରିବ।

ମହିଳାମାନଙ୍କର ସୁରକ୍ଷା ଏବଂ ସଶକ୍ତୀକରଣ ଆମ ସମାଜର ଅନ୍ତିମ ଲକ୍ଷ୍ୟ। କିନ୍ତୁ ଏହି ସଶକ୍ତୀକରଣର ଅର୍ଥ କେବଳ ବିଶେଷ ସୁବିଧା ପ୍ରଦାନ କରିବା ନୁହେଁ, ବରଂ ପ୍ରକୃତ ନ୍ୟାୟ, ସମ୍ମାନ ଓ ସମତାକୁ ନିଶ୍ଚିତ କରିବା। ଯଦି ଆଇନର ତରାଜୁ ଗୋଟିଏ ପକ୍ଷରେ ଅଧିକ ଝୁଙ୍କିଯାଏ, ତେବେ ସାମାଜିକ ସନ୍ତୁଳନ ଭାଙ୍ଗିଯାଏ। ମହିଳା ଅଧିକାରର ରକ୍ଷା ଯେତିକି ଆବଶ୍ୟକ, ଆଇନର ଦୁରୁପଯୋଗକୁ ରୋକିବା ମଧ୍ୟ ସେତିକି ଅପରିହାର୍ଯ୍ୟ। ସମାଜ ଓ ନୀତି ନିର୍ଦ୍ଧାରକମାନେ ଏହି ଦୁଇଟି ପ୍ରସଙ୍ଗକୁ ସମାନ ଭାବରେ ଗୁରୁତ୍ୱ ଦେଇ ବୁଝିବା ଆବଶ୍ୟକ। ଗଣମାଧ୍ୟମ ଓ ରାଜନୈତିକ ଚର୍ଚ୍ଚାରେ କେବଳ ମହିଳା ଅତ୍ୟାଚାରର କଥା ନ ରହି ଆଇନର ଅପବ୍ୟବହାର ଉପରେ ମଧ୍ୟ ସଂଗଠିତ ଆଲୋଚନା ହେବା ଉଚିତ୍। ମହିଳାକୈନ୍ଦ୍ରିକ ବିଧି ବ୍ୟବସ୍ଥା ଏକ ଆଶୀର୍ବାଦର ମହତ୍ତ୍ୱ ବହନ କରୁଥିବା ବେଳେ ଏହାର ଦୁରୁପଯୋଗ ଏକ ଅଭିଶାପର ଆକାର ନେଉଛି - ଏହି ସତ୍ୟକୁ ଅବହେଳା କରିବା ସମାଜ ପାଇଁ କ୍ଷମାଯୋଗ୍ୟ ହେବନାହିଁ। ନ୍ୟାୟିକ ବ୍ୟବସ୍ଥାକୁ ସମତାର ପଥରେ ଆଣିବା ଆଜିର ମୌଳିକ ଆବଶ୍ୟକତା।

ନ୍ୟାୟିକ ବ୍ୟବସ୍ଥାର ସଠିକ୍ ବ୍ୟବହାର ନିଜର ସମାଜରେ ନିର୍ବିକଳ୍ପ ଭରସା ଓ ଶାନ୍ତି ସୃଷ୍ଟି କରେ। ଯଦି ଆଇନର ଦୁରୁପଯୋଗ ହୁଏ, ତେବେ ଏହା ପ୍ରତ୍ୟେକ ପକ୍ଷର ନ୍ୟାୟିକ ଅଧିକାରକୁ ଅଲଘ୍ୟ କରି ଦେଇଥାଏ, ଯାହା ସମାଜରେ ନ୍ୟାୟବୋଧକୁ ଶିଥିଳ କରିଥାଏ। ଏହି ଅପବ୍ୟବହାରକୁ ରୋକିବା ପାଇଁ ଦରକାର ସଂବେଦନଶୀଳ ନୀତି ଓ ନ୍ୟାୟିକ ପୁନଃସଂରଚନା, ଯାହା ମିଥ୍ୟା ଅଭିଯୋଗକୁ ଶୀଘ୍ର ନିରାକରଣ କରି ପ୍ରକୃତ ଅଭିଯୁକ୍ତ ଓ ନିର୍ଦ୍ଦୋଷଙ୍କୁ ସମୟୋପଯୁକ୍ତ ନ୍ୟାୟ ପ୍ରଦାନ କରେ। ଏହି ପଦକ୍ଷେପ ମାଧ୍ୟମରେ ମହିଳାଙ୍କ ସୁରକ୍ଷା ଓ ସଶକ୍ତୀକରଣ ସହ ପୁରୁଷଙ୍କର ନ୍ୟାୟିକ ଅଧିକାରକୁ ମଧ୍ୟ ସମତୁଳିତ ରଖାଯାଏ। ସମନ୍ୱିତ ଓ ନୀତିଗତ ଆଇନ ବ୍ୟବସ୍ଥା ଦ୍ୱାରା ସମାଜରେ ନ୍ୟାୟ ଓ ଆସ୍ଥାକୁ ମଜବୁତ କରି, ସମସ୍ତଙ୍କ ପାଇଁ ସୁରକ୍ଷିତ ଓ ମୂଲ୍ୟବାନ ପରିବେଶ ସୃଷ୍ଟି କରାଯାଏ।

ଶେଷତଃ, ଏହି ମହିଳାକୈନ୍ଦ୍ରିକ ନ୍ୟାୟିକ ବ୍ୟବସ୍ଥା ଅଭିଶାପ ନା ଆଶୀର୍ବାଦ? ଉତ୍ତର ଏକାଧାରରେ ଦେବା କଠିନ। ଯେଉଁଠାରେ ଏହା ଅସଂଖ୍ୟ ମହିଳାଙ୍କୁ ରକ୍ଷା କରୁଛି, ସେଠାରେ ଏହାର ଦୁରୁପଯୋଗ ଅନ୍ୟାୟ ସୃଷ୍ଟି କରୁଛି। ତେଣୁ ଆଇନ ସମତୁଳିତ, ନିଷ୍ପକ୍ଷ ଓ ପ୍ରମାଣ ଆଧାରିତ ହେବା ଉଚିତ। ତେବେ ଯାଇ ମହିଳା କୈନ୍ଦ୍ରିକ ଆଇନ ସମାଜ ପାଇଁ ଆଶୀର୍ବାଦ ହେବ। ଯେଉଁଠି ମହିଳାଙ୍କୁ ସୁରକ୍ଷା ମିଳିବ, ପୁରୁଷଙ୍କୁ ମଧ୍ୟ ନ୍ୟାୟ ପ୍ରାପ୍ତ ହେବ, ସେହିଦିନ ହିଁ ଏହି ବିଧିବ୍ୟବସ୍ଥା ପ୍ରକୃତ ଆଶୀର୍ବାଦ ଭାବରେ ସମାଜରେ ପ୍ରତିଷ୍ଠିତ ହେବ। ନ୍ୟାୟ କେବଳ ଗୋଟିଏ ଲିଙ୍ଗର ନୁହେଁ, ସମସ୍ତଙ୍କର ହେବା ଉଚିତ୍।

ଯାଜପୁର, ମୋ: ୮୮୯୫୯୫୨୩୧୫

## ସଞ୍ଚାର ସାଥୀ: ଆଶା ଓ ଆଶଙ୍କା

**ଇଂ ମାୟାଧର ସ୍ୱାଇଁ**

ମୋବାଇଲ ଫୋନରେ ଗୋଟିଏ ନୂତନ 'ଆପ୍' 'ସଞ୍ଚାର ସାଥୀ'ର ପ୍ରଚଳନକୁ ନେଇ କିଛିଦିନ ଧରି ଦେଶରେ ହଟଚମଟ ଲାଗି ରହିଛି। ଏହାକୁ ଭାରତ ସରକାରଙ୍କ ଯୋଗାଯୋଗ ମନ୍ତ୍ରଣାଳୟ ପ୍ରସ୍ତୁତ କରିଛି ଏବଂ ଭାରତରେ ନିର୍ମାଣ କରୁଥିବା ତଥା ବିକ୍ରି କରୁଥିବା ସମସ୍ତ ଫୋନ କମ୍ପାନୀଗୁଡ଼ିକୁ ଏହାକୁ ଫୋନରେ ପ୍ରତିଷ୍ଠା କରିବା ପାଇଁ ନିର୍ଦ୍ଦେଶ ଦେଇଥିଲା। ଫୋନ ବିକ୍ରି କରିବା ପୂର୍ବରୁ ଏହା କରିବା ପାଇଁ କୁହାଯାଇଥିଲା ଏବଂ ଏହାକୁ ବ୍ୟବହାରକାରୀମାନେ ଯେପରି ଫୋନରୁ ବାହାର କରି ପାରିବେ ନାହିଁ, ତାହାର ବ୍ୟବସ୍ଥା କରିବା ପାଇଁ ମଧ୍ୟ କୁହାଯାଇଥିଲା। ଏହାକୁ କେତେକ ମୋବାଇଲ କମ୍ପାନୀ ବିରୋଧ କଲେ। ଏହା ମଧ୍ୟ ରାଜନୀତିର ଏକ ଅଂଶ ହୋଇଗଲା। ବିରୋଧୀ ଦଳଗୁଡ଼ିକର ବିରୋଧ ଓ ହଙ୍ଗାମା ଯୋଗୁଁ ସରକାର ଏହି ନିର୍ଦ୍ଦେଶନାମାକୁ ଆଂଶିକ ଭାବେ ପ୍ରତ୍ୟାହାର କରି ନେଇଛନ୍ତି ଏବଂ ଏହି 'ଆପ୍' ବ୍ୟବହାର କରିବା ବ୍ୟବହାରକାରୀମାନଙ୍କ ଇଚ୍ଛାଧୀନ ବୋଲି ପ୍ରକାଶ କରିଛନ୍ତି।

ଏହି 'ଆପ୍'ର ଗୁରୁତ୍ୱ କ'ଣ? ଏହାକୁ କାହିଁକି ସରକାର ପ୍ରଚଳନ କରିବାକୁ ଚାହୁଁଛନ୍ତି ଏବଂ କାହିଁକି ଏହାକୁ କେତେକ ବିରୋଧ କରୁଛନ୍ତି? ମୋବାଇଲ ଫୋନ ଆଜିକାଲି ପ୍ରାୟ ପ୍ରତ୍ୟେକଙ୍କ ପାଖରେ ଅଛି। ରାସ୍ତାଘାଟ କିମ୍ବା ବଜାରରେ ଏହାକୁ ଚୋରମାନେ ଛଡ଼ାଇନେବାର ଅନେକ ଘଟଣା ସାମ୍ନାକୁ ଆସୁଛି ଏବଂ ଘର ଭିତରୁ ମଧ୍ୟ ଚୋରି ହେଉଛି। ଭାରତରେ ବର୍ତ୍ତମାନ ପ୍ରାୟ ୧୨୦ କୋଟି ମୋବାଇଲ ଫୋନ ବ୍ୟବହାରକାରୀ ଅଛନ୍ତି ଏବଂ ଫୋନ ଚୋରି ଓ




ସାଇବର ଅପରାଧ ଏକ ସାଧାରଣ ଘଟଣା ହୋଇଛି। ଏହି ନୂଆ 'ଆପ୍'ରେ ଏହାର ପ୍ରତିକାର ବ୍ୟବସ୍ଥା ଅଛି। ବ୍ୟବହାରକାରୀମାନେ ସେମାନଙ୍କର ହଜି ଯାଇଥିବା କିମ୍ବା ଚୋରି ହୋଇଯାଇଥିବା ଫୋନକୁ ଏହି 'ଆପ୍' ମାଧ୍ୟମରେ ବ୍ଲକ କରିବା ପାଇଁ ଜଣାଇପାରିବେ ଏବଂ ଭାରତୀୟ ଟେଲିକମ୍ ନେଟୱାର୍କ ଏହାକୁ ଚବିଶ ଘଣ୍ଟା ମଧ୍ୟରେ ବ୍ଲକ କରିଦେବ। ଫୋନ କେଉଁଠାରେ ଅଛି ଜଣାପଡ଼ିଲେ, ତାହା ମଧ୍ୟ ଏସ୍‌ଏମ୍‌ଏସ୍ ଜରିଆରେ ବ୍ୟବହାରକାରୀଙ୍କୁ ଜଣାଇ ଦିଆଯିବ। ଯୋଗାଯୋଗ ମନ୍ତ୍ରାଳୟର ସୂଚନା ଅନୁଯାୟୀ ଏହି 'ଆପ୍' ଯୋଗୁଁ ଏହି ବର୍ଷ ଜାନୁଆରି ମାସରେ ଏହାର ପ୍ରଚଳନ ପରଠାରୁ ସାତ ଲକ୍ଷରୁ ଅଧିକ ଫୋନକୁ ଉଦ୍ଧାର କରାଯାଇପାରିଛି।

ଜଣେ ବ୍ୟକ୍ତିଙ୍କ ନାମରେ କେତୋଟି ମୋବାଇଲ ସଂଯୋଗ ପଞ୍ଜୀକରଣ ହୋଇଛି, ତାହା 'ସଞ୍ଚାର ସାଥୀ' 'ଆପ୍' ଜରିଆରେ ଜଣାପଡ଼ିବ। ଭାରତ ସରକାରଙ୍କ ନିୟମ ଅନୁଯାୟୀ ଜଣେ ଭାରତୀୟ ସମସ୍ତ ଟେଲିକମ୍ କମ୍ପାନୀରୁ ସର୍ବାଧିକ ନଅଟି ସଂଯୋଗ ନେଇପାରିବ। ଜାମ୍ମୁ ଓ କାଶ୍ମୀର ଏବଂ ଉତ୍ତର ପୂର୍ବାଞ୍ଚଳ ରାଜ୍ୟଗୁଡ଼ିକ ପାଇଁ ଏହାର ସର୍ବୋଚ୍ଚ ସୀମା ହେଉଛି ଛଅ। ପୁନଶ୍ଚ ଜଣେ ବ୍ୟକ୍ତିଙ୍କ ଅଜାଣତରେ ତାଙ୍କ ନାମରେ ଯଦି କେହି ଜଣେ ମୋବାଇଲ ଫୋନ୍ ସଂଯୋଗ ନିଏ, ତାହା ମଧ୍ୟ ଏହି 'ଆପ୍'ରୁ ଜଣାପଡ଼େ। ମୋବାଇଲ ଫୋନ୍‌ରେ ଅନେକ ସନ୍ଦେହଜନକ ବାର୍ତ୍ତା ଆସୁଛି, ଯାହା ଠକାମି, ସାଇବର ଅପରାଧ କିମ୍ବା ଆର୍ଥିକ ସ୍କାମ୍ ହୋଇପାରେ। ଅନେକ ବ୍ୟକ୍ତି ଏହାର ଶିକାର ହୋଇ ନିଜର କଷ୍ଟାର୍ଜିତ ଅର୍ଥ ହରାଉଥିବାର ଖବର ପ୍ରାୟ ପ୍ରତ୍ୟେକ ଦିନ ସମ୍ବାଦପତ୍ରରେ ଦେଖିବାକୁ ମିଳେ। ଅନେକ ସମୟରେ କେତେକ ଦୁଷ୍ଟ ଲୋକ ଅଯଥାରେ ହଇରାଣ କରିଥା'ନ୍ତି। ସଞ୍ଚାର ସାଥୀ 'ଆପ୍'ରେ ଥିବା 'ଚକ୍ଷୁ' ନାମକ ଫିଚର ଦ୍ୱାରା ଏହି କାଳ୍ପନିକ ଓ ଅନଧିକୃତ ଫୋନ ବାର୍ତ୍ତାକୁ ଚିହ୍ନଟ କରାଯାଇପାରିବ। ଦେଶ ବାହାରୁ ମଧ୍ୟ ଅନେକ ଫୋନ ଆସୁଛି, ଯାହା ଦେଶ ଭିତରୁ ଆସିବା ଭଳି ଜଣାପଡ଼େ। ଅର୍ଥାତ୍ ସେମାନେ ଭାରତୀୟ କୋଡ ବ୍ୟବହାର କରିଥା'ନ୍ତି। ଏହା ମଧ୍ୟ ଠକାମିର ଏକ ଉପାୟ ଏବଂ ଦେଶର ନିରାପତ୍ତା ସହିତ ଏହା ଜଡ଼ିତ ଅଛି। ଏହା ଏହି 'ଆପ୍' ଦ୍ୱାରା ଧରାପଡ଼ିବ। ଆମେ କିଣୁଥିବା ମୋବାଇଲ ଫୋନ ଅସଲି ନା ନକଲି ତାହା ମଧ୍ୟ ଏହି 'ଆପ୍'ରୁ ଜଣାପଡ଼ିଥାଏ।

ଏହିସବୁ ସୁବିଧାଗୁଡ଼ିକୁ ଦେଖିଲେ 'ସଞ୍ଚାର ସାଥୀ' ଏକ ଉତ୍ତମ 'ଆପ୍' ବୋଲି ବିବେଚନା କରିବା ଉଚିତ। ତାହା ହେଲେ ଏହାର ବିରୋଧ କାହିଁକି କରାଯାଉଛି? ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାର ମାନବ ଉପଯୋଗୀ ବ୍ୟବହାର ସହିତ କେତେକ ବ୍ୟକ୍ତି ଏହାର ଦୁରୁପଯୋଗ ମଧ୍ୟ କରିଥା'ନ୍ତି। ଏହି 'ଆପ୍' ବ୍ୟବହାର କରି ଟେଲିଫୋନ ନେଟୱାର୍କ ଫୋନ ବ୍ୟବହାରକାରୀର ବ୍ୟକ୍ତିଗତ ତଥ୍ୟକୁ ଜାଣିପାରିବ ଏବଂ ଚାହିଁଲେ ଏହାକୁ ଭିନ୍ନ ଉଦ୍ଦେଶ୍ୟରେ ବ୍ୟବହାର କରିପାରିବ। ବିରୋଧୀମାନେ ଏହି ଅପବ୍ୟବହାରର ଆଶଙ୍କା କରୁଛନ୍ତି। ବାସ୍ତବରେ ଅପବ୍ୟବହାର ହେଲେ ଏହା ସାଙ୍ଘାତିକ ହେବ। ମୋବାଇଲ ଫୋନରେ ଜଣଙ୍କର ବ୍ୟାଙ୍କ ଆକାଉଣ୍ଟ, ବିଭିନ୍ନ ଆୟ ବ୍ୟୟ, ବ୍ୟବସାୟ ହିସାବ ସମେତ ଅନେକ ବ୍ୟକ୍ତିଗତ ତଥ୍ୟ ଥାଏ, ଯାହାକୁ ଚାହିଁଲେ ଜଣେ ସୁବିଧାରେ ନେଇପାରିବ। ଉଲ୍ଲେଖନୀୟ ଯେ ଅନ୍ୟ କେତେକ ଦେଶରେ ମଧ୍ୟ ମୋବାଇଲ ଫୋନରେ ଏହି ପ୍ରକାର 'ଆପ୍' ବ୍ୟବସ୍ଥା ଅଛି। ମାତ୍ର ତାହାର ବ୍ୟବହାର ବାଧ୍ୟତାମୂଳକ ନାହିଁ। ଜଣେ ଚାହିଁଲେ ଏହାକୁ ଉପଯୋଗ କରିପାରିବ।

ନେତା, ଜନସାଧାରଣ ଓ ମୋବାଇଲ ଫୋନ କମ୍ପାନୀଗୁଡ଼ିକର ବିରୋଧ ଯୋଗୁଁ ଶେଷରେ ସରକାର 'ସଞ୍ଚାର ସାଥୀ' 'ଆପ୍'କୁ ନେଇ ଏକ ମାଧ୍ୟମ ପନ୍ଥା ବାହାର କରିଛନ୍ତି। ଏହାକୁ ବ୍ୟବହାରକାରୀର ଇଚ୍ଛାଧୀନ ରଖାଯାଇଛି। ଜଣେ ଚାହିଁଲେ ସେ ଫୋନରୁ ଏହି 'ଆପ୍'କୁ ବାହାର କରିପାରିବ। ବାହାର ନ କଲେ ମଧ୍ୟ ଜଣେ ଏହାକୁ ବ୍ୟବହାର କରିବାକୁ ନ ଚାହିଁଲେ ପଞ୍ଜିକରଣ କରିବା ଆବଶ୍ୟକ ନାହିଁ। ଏହାକୁ ପଞ୍ଜିକରଣ କରିବା ପରେ ହିଁ ଏହା ସକ୍ରିୟ ହେବ। ମୋଟାମୋଟି ଭାବେ କହିଲେ ଜଣେ ବ୍ୟବହାରକାରୀ ସବୁଦିଗରୁ ବିଚାର କରି ନିଜ ନିଷ୍ପତ୍ତି ନିଜେ ନେବ।

(ସମ୍ପାଦକ, ସାଇନ୍ସ ହୋରିଜନ)
ଭୁବନେଶ୍ୱର, ମୋ: ୯୪୩୮୬୯୩୭୨୪

## ଅମୃତର ସ୍ରୋତସ୍ୱତୀ: ଗୋପୀନାଥ ମହାନ୍ତି

**ପ୍ରଫେସର ମଣୀନ୍ଦ୍ର କୁମାର ମେହେର**

**ସାହିତ୍ୟ ସରିତ୍**

ଲେଖିବାର ଅର୍ଥ ଯଦି ହୁଏ ମଣିଷକୁ ରୂପାନ୍ତରିତ କରିଦେବା, ତା'ହେଲେ ଗୋପୀନାଥ ମହାନ୍ତିଙ୍କ ମରମୀ ପାଠକମାନେ ପରିବର୍ତ୍ତିତ ହୋଇଯା'ନ୍ତି ଏକ ଏକ ଆଦିବାସୀ ଚରିତ୍ରରେ। ସେମାନେ ଯେ 'ପରଜା' ବା 'ଅମୃତର ସନ୍ତାନ' ଉପନ୍ୟାସର ପାଠକ ପାଠିକା ମାତ୍ର, ଏହା କ୍ଷଣକ ମଧ୍ୟରେ ହୋଇଯାଆନ୍ତି ବିସ୍ମୃତ। ନିଜ ଜୀବନର ସବୁ କୃତ୍ରିମ ଆଟୋପ ଆଡ଼ମ୍ବର ତ୍ୟାଗ କରିଦେଇ ଅକପଟ ଅନ୍ତରରେ ଏକୀଭୂତ ହୋଇଯାଆନ୍ତି ସବୁଜ ଶ୍ୟାମଳ ସୌନ୍ଦର୍ଯ୍ୟ ସହିତ। ତଳେ ଦର୍ଭନି, ଉପରେ ଦର୍ମ୍ମା ଗିରି ନିର୍ଝରିଣୀରେ ସ୍ନାନ କରିବାରେ, ନିବିଡ଼ ଅରଣ୍ୟ ମଧ୍ୟରେ ବାଟବଣା ହୋଇଯିବାରେ, ଅଜଣା ଫୁଲର ମହକରେ କି ଯାଦୁ! ନୀଳ ଆକାଶବକ୍ଷରେ ହଜିଯିବାରେ କି ଅମାପ ରୋମାଞ୍ଚ! ଉପନ୍ୟାସରେ ଚିତ୍ରିତ ଚରିତ୍ର ସବୁ ନିଜ ନିକଟ ଆତ୍ମୀୟସ୍ୱଜନଙ୍କଠାରୁ କାହିଁ କେତେ ଅଧିକ ଗୁଣରେ ମନେ ହୁଅନ୍ତି ଅତ୍ୟନ୍ତ ଆପଣାର। ପର୍ବତ ଢାଲୁର ଶରଶୁପଦର ଗାଁ, ଶୁକ୍ରୁଜାନି, ମାଣ୍ଡିଆ ଜାନି, 'ଅମୃତର ସନ୍ତାନ'ରେ ସରବୁ ସାଓଁତା, ପୁୟୁ 'ଶିବ ଭାଇ' ଉପନ୍ୟାସର ଅପା, 'ମାଟି ମଟାଳ'ର ସିନ୍ଧୁ ଚୌଧୁରୀ- କିଏ ବା ଛାତି ଭିତରେ ଘର କରିନାହାନ୍ତି!

ସୁବୃହତ 'ମାଟିମଟାଳ', ଯେଉଁଥିପାଇଁ ଓଡ଼ିଶା ଲାଭକଲା ପ୍ରଥମ ଜ୍ଞାନପୀଠ ପୁରସ୍କାର; ସେଠୁ ଯାଇ କ୍ଷୁଦ୍ରତମ ଉପନ୍ୟାସ 'ଜାନକାମ୍ମା' ପର୍ଯ୍ୟନ୍ତ ଦରଦୀ ପାଠକଟିଏ ପାଇଁ ସବୁକିଛିରେ ସଂଚିତ ହୋଇ ରହିଛି ଜୀବନାନୁଭୂତିର ବିବିଧ ବୈଚିତ୍ର୍ୟ। 'ଲୟ ବିଲୟ', 'ରାହୁର ଛାୟା', 'ଶରତ ବାବୁଙ୍କ ଗଳି', 'ଆକାଶ ସୁନ୍ଦରୀ' ଆଦି କେତେ ଉପନ୍ୟାସ! ଭାବି ହୁଏ ନାହିଁ। ଚରିତ୍ରମାନେ ତାଙ୍କ ଭିତରକୁ ଅଧିକାର କରି ନିଅନ୍ତି। ସେ ଅନୁଭବ ବାସ୍ତବିକ ଅତୀନ୍ଦ୍ରିୟ। କଥାଶିଳ୍ପୀର ସମସ୍ତ ଶୈଳ୍ପିକ ସିଦ୍ଧି ସେଇଠି ହିଁ ହୁଏ ସାର୍ଥକତା ମଣ୍ଡିତ, ଯେଉଁଠି କ୍ଲେଦାକ୍ତ ପୃଥିବୀ ପ୍ରତି ଆଉ ଦୁଃଖ ନିପୀଡ଼ିତ ଜୀବନ ପ୍ରତି ମମତାମଗ୍ନ ପାଠକ ହୃଦୟ ଅପୂର୍ବ ଆବେଗରେ ହୋଇଉଠେ କମ୍ପିତ। ଜୀବନର ପୂର୍ଣ୍ଣତା ପାଇଁ ନୁହେଁ, ଶୂନ୍ୟତା ସକାଶେ ବି ସେ ରହିପାରେ କୃତଜ୍ଞଚିତ୍ତ।

ଗୋପୀନାଥ ମହାନ୍ତିଙ୍କୁ 'ଲେଖା ମାଡୁଥିଲା', କାଳିସୀ ଲାଗୁଥିଲା। ଏକଥା ଓଡ଼ିଆ ସାହିତ୍ୟରେ ସେ ହିଁ ବ୍ୟକ୍ତ କଲେ ପ୍ରଥମେ। ଯାହାକୁ ଲେଖା ମାଡ଼େ, ତା'ର ଆଉ କ'ଣ ଆଶଙ୍କା ଥାଏ? ସବୁ ବାଦ, ବିସମ୍ବାଦ, ସବୁ ସାମାଜିକ ଭେଦଭାବ, ସମସ୍ତ ନୀତି-ନିର୍ଣ୍ଣିତ ରେଖାକୁ ସେ ଲଂଘନ କରିଯାଏ ଅନ୍ତର୍ନିହିତ ସତ୍ୟାଲୋକରେ ସମୁଦ୍ଭାସିତ ହୋଇ। ଗୋପୀନାଥ ଯେପରି ଜାଣନ୍ତି ବଳୀଦତ୍ତ ପରି ଉଚ୍ଚାଭିଳାଷୀ ମଣିଷର ଚାରିତ୍ରିକ ସ୍ଖଳନକୁ, ସେପରି ଜାଣନ୍ତି ସ୍ୱାମୀ-ପ୍ରତ୍ୟାଖ୍ୟାତା ପୁୟୁର ପ୍ରାଣପୀଡ଼ା। ସମସ୍ତ ଦୁଃଖ, ଜରା, ବ୍ୟାଧି, ମୃତ୍ୟୁ ମଧ୍ୟରେ ନିରନ୍ତର ବାଟ ଚାଲିବା ଯେ ଜୀବନ ଆଉ ଏହା ପୁଣି ହୋଇପାରେ ସ୍ୱାଦପୂର୍ଣ୍ଣ, ତାହା ଲେଖିଦେବାକୁ ଗୋପୀନାଥ ଅନ୍ତର୍ଦେବତାଙ୍କ ଆଦେଶପ୍ରାପ୍ତ। ଜୀବନର ପ୍ରତିଟି ମୁହୂର୍ତ୍ତ ଯେ ଅନନ୍ତ ସମ୍ଭାବନାର ସୁଷମାନ୍ୱିତ ସଂକେତ- ଏହା ଦୃପ୍ତ ଆସ୍ଥାଶୀଳତା ନେଇ ବର୍ଣ୍ଣନା କରିଛନ୍ତି ଗୋପୀନାଥ।

ଉପନ୍ୟାସ ବ୍ୟତୀତ ସେ ଲେଖିଛନ୍ତି ଅନେକ ଗଳ୍ପ। ଗଦବା, ସଉରା, କନ୍ଧ, ଯୁଆଙ୍ଗ ଆଦି ଆଦିବାସୀ ଭାଷା ଓ ଲୋକକଥାକୁ ନେଇ ସେ ରଚନା କରିଛନ୍ତି ଅନେକ ପୁସ୍ତକ। ଅନୁବାଦକ ଭାବରେ ମଧ୍ୟ ତାଙ୍କ ଭୂମିକା କି ମହତ୍ତ୍ୱମଣ୍ଡିତ! ଟଲଷ୍ଟୟଙ୍କ 'ଯୁଦ୍ଧ ଓ ଶାନ୍ତି', ମ୍ୟାକସିମ ଗର୍କୀଙ୍କ 'ମୋ ବିଶ୍ୱବିଦ୍ୟାଳୟ', ରବୀନ୍ଦ୍ରନାଥଙ୍କ ଉପନ୍ୟାସ, ନେହେରୁଙ୍କ ବହି ଓଡ଼ିଆରେ ରୂପାନ୍ତରିତ କରି ଅନୁଭବୀ ପାଠକ ଆମ୍ଭକୁ ସଂଯୁକ୍ତ କରିଦେଇଛନ୍ତି ବିଶ୍ୱସାହିତ୍ୟ ସହିତ। ସାହିତ୍ୟ ତତ୍ତ୍ୱକୁ ରମ୍ୟ-ରୂପ ବିଭବରେ ସଜ୍ଜିତ କରି ଦେଇଛନ୍ତି 'କଳାଶକ୍ତି' ଗ୍ରନ୍ଥରେ। ପୁନଶ୍ଚ ଆତ୍ମଜୀବନୀ 'ସ୍ରୋତସ୍ୱତୀ' ର ବିଭିନ୍ନ ଖଣ୍ଡରେ କେତେ ଚରିତ୍ର, କେତେ ଅଭୁଲା ସ୍ମୃତିର ଆକର୍ଷଣୀୟ ଅଙ୍କନ! ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଜୀବନୀ ରଚନା କଲେ ଭିନ୍ନ ଶୈଳୀରେ, ତାଙ୍କ ନିକଟତମ ସେବକ ରାମ ବାରିକଙ୍କ ବକ୍ଷସ୍ଥଳରୁ ସତ୍ୟ ଉନ୍ମୋଚନ କରି। ଗୋପବନ୍ଧୁ ଚୌଧୁରୀଙ୍କ ଅସାମାନ୍ୟ ସ୍ୱଦେଶ ଅନୁରାଗ ବ୍ୟଞ୍ଜିତ ହୋଇ ଉଠିଲା 'ଦୀପଜ୍ୟୋତି' ଓ 'ଧୂଳିମାଟିର ସନ୍ଥ'ବହିରେ। ଗୋପୀନାଥ ମହାନ୍ତି ଏଭଳି ଭୂମି ସନ୍ତାନଙ୍କଠାରୁ ନିଜେ କ'ଣ ଥିଲେ ଭିନ୍ନ? ସ୍ୱତନ୍ତ୍ର?

ସିଏ ବି ଥିଲେ ମାଟିର ମମତା, ମହାକାଶର ପ୍ରଶସ୍ତତା ଓ ନିବିଡ଼ ଆରଣ୍ୟାନୀ ମଧ୍ୟରେ ଅମୃତର ମଧୁର ସଂଗୀତ ଗାନ କରୁଥିବା ନାମହୀନ କେଉଁ ଏକୁଟିଆ ପକ୍ଷୀ। ସେଇ ପକ୍ଷୀକଣ୍ଠର ବିଭୋର ସଂଗୀତ ଧ୍ୱନିତ ଓ ପ୍ରତିଧ୍ୱନିତ ହୋଇ ଚାଲିଥିବ ଯୁଗ ଯୁଗାନ୍ତର। ଆଉ ସକଳ ନୈରାଶ୍ୟ, ନିଃସଙ୍ଗତା, ନିରର୍ଥକତାକୁ ପରିଣତ କରିଦେଉଥିବ ଆଶାରେ, ଜୀବନକୁ କରିଦେଉଥିବ ଅର୍ଥପୂର୍ଣ୍ଣ ଆଉ ଶେଷରେ ସେ ନିଜେ ଅନ୍ତରଙ୍ଗ ସାଥୀପରି ଆମ ସହିତ ରହିଥିବେ ଚିର ସଂଲଗ୍ନ।

ଭୁବନେଶ୍ୱର, ମୋ: ୭୦୭୭୫୫୩୭୦୭

ସକାଳ
THE SAKALA

### ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ନକଲି ଘିଅ...

ହୋଇଥାଏ। ଏଥିରେ ମଧ୍ୟ ଶସ୍ତା ପଲିଷ୍ଟର ବ୍ୟବହାର କରାଯାଉଥିଲା। ଦୁଇଟି ଲାବୋରେଟୋରୀରେ ଦୁପଟ୍ଟାର ସାଇଣ୍ଟିଫିକ୍ ପରୀକ୍ଷା କରାଯାଇଥିଲା। ଦୁପଟ୍ଟା ଉପରେ ଅସଲି ସିଲ୍କକୁ ସୂଚାଉଥିବା 'ସିଲ୍କ ହୋଲୋଗ୍ରାମ' ମଧ୍ୟ ମିଳି ନଥିଲା। କିନ୍ତୁ ଏହାକୁ ଲଗାଇବା ବାଧ୍ୟତାମୂଳକ ଥିଲା। ଦୁର୍ନୀତି ପଦାକୁ ଆସିବା ପରେ ସମ୍ପୃକ୍ତ କମ୍ପାନୀର ପୂର୍ବରୁ ଥିବା ସବୁ ଟେଣ୍ଡରକୁ ବାତିଲ କରାଯାଇଛି ଓ ଏହି ମାମଲାର ତଦନ୍ତ ପାଇଁ ରାଜ୍ୟ ଦୁର୍ନୀତି ନିବାରଣ ବିଭାଗ (ଏସିବି)କୁ ଦାୟିତ୍ୱ ଦିଆଯାଇଛି। ଉଲ୍ଲେଖଯୋଗ୍ୟ ଯେ, ଏହା ପୂର୍ବରୁ ୨୦୨୪ ସେପ୍ଟେମ୍ବରରେ ତିରୁପତି ମନ୍ଦିରରେ ଲଡୁ ପ୍ରସାଦରେ ଅପମିଶ୍ରିତ ଘିଅର ବ୍ୟବହାର କଥା ସାମ୍ନାକୁ ଆସିଥିଲା। ୨୦୧୯ରୁ ୨୦୨୪ ମଧ୍ୟରେ ଲଡୁ ପ୍ରସ୍ତୁତ କରିବା ପାଇଁ ପାଖାପାଖି ୬୮ ଲକ୍ଷ କିଲୋ ନକଲି ଘିଅର ବ୍ୟବହାର ହୋଇଥିଲା। ଘିଅ ଯୋଗାଉଥିବା କମ୍ପାନୀ ଏହି ଦୁର୍ନୀତିରୁ ପାଖାପାଖି ୨୫୦ କୋଟି ଟଙ୍କା ଲୁଟି ନେଇଥିଲା।

### ମହାନଦୀ ପାଇଁ...

ସର୍ବଦଳୀୟ କମିଟି ବହୁଦିନ ଆଗରୁ ଗଠନ କରିବାର ଥିଲା। ବିଳମ୍ବରେ ହେଲେ ମଧ୍ୟ ସରକାରଙ୍କ ନିଷ୍ପତ୍ତି ସ୍ୱାଗତଯୋଗ୍ୟ। ତେବେ ରାଜ୍ୟ ସରକାର ଗଠନ କରିଥିବା କମିଟିରେ ଜଳ ବିଶେଷଜ୍ଞ (ଅବସରପ୍ରାପ୍ତ ଇଞ୍ଜିନିୟର) ତଥା ଅନ୍ୟ ଅଂଶୀଦାରଙ୍କୁ ସାମିଲ କରିଥିଲେ ଭଲ ହୋଇଥାନ୍ତା। ଆଗାମୀ ଦିନରେ ସରକାର ଏମାନଙ୍କୁ ନେଇ ଏକ ଟାସ୍କଫୋର୍ସ ଗଠନ କରିବାକୁ ମହାନଦୀ ବଞ୍ଚାଅ, ଜୀବିକା ବଞ୍ଚାଅ ଆନ୍ଦୋଳନ ପକ୍ଷରୁ ପରାମର୍ଶ ଦିଆଯାଇଛି। ମହାନଦୀ ବିବାଦ ତୁଟାଇବା ପାଇଁ ଉଭୟ ରାଜ୍ୟର ମୁଖ୍ୟମନ୍ତ୍ରୀ ପ୍ରଥମେ ଆଗ୍ରହ ପ୍ରକାଶ କରିଥିଲେ। ଉଭୟେ ବିଭିନ୍ନ ଫୋରମରେ ଏନେଇ ଏକାଧିକ ବାର ଅନୌପଚାରିକ ଆଲୋଚନା ମଧ୍ୟ କରି ସାରିଛନ୍ତି। ଉଭୟ ରାଜ୍ୟର ମୁଖ୍ୟ ଶାସନ ସଚିବ ସ୍ତରରେ ମଧ୍ୟ ଦୁଇଥର ଆନୁଷ୍ଠାନିକ ବୈଠକ ହୋଇସାରିଛି। ଏହାବ୍ୟତୀତ ଗତ ୫ ତାରିଖ ବୈଠକକୁ ମିଶାଇ ଏପର୍ଯ୍ୟନ୍ତ ଉଭୟ ରାଜ୍ୟକୁ ନେଇ ଗଠିତ ଯୁଗ୍ମ ବୈଷୟିକ କମିଟିର ୭ଟି ବୈଠକ ଅନୁଷ୍ଠିତ ହୋଇଛି। ମାତ୍ର ଏହି ବୈଠକ ଆଲୋଚନାର ଅଗ୍ରଗତି କଣ ତାହା ସାଧାରଣରେ ସରକାର ପ୍ରକାଶ କରିନାହାନ୍ତି। ଯାହାକୁ ନେଇ ପ୍ରଶ୍ନ କରିଛନ୍ତି ମହାନଦୀ ସହ ଜଡ଼ିତ ବିଭିନ୍ନ ସାମାଜିକ ସଂଗଠନ। ସରକାର ରାଜ୍ୟର ଏକ ସ୍ପର୍ଶକାତର ପ୍ରସଙ୍ଗକୁ ନେଇ ଆଗକୁ ବଢ଼ିବା ବେଳେ ସମସ୍ତଙ୍କୁ ବିଶ୍ୱାସକୁ ନେବା ଦରକାର ବୋଲି ବୁଦ୍ଧିଜୀବୀ ମହଲ ମତପ୍ରକାଶ କରିଛି। ମହାନଦୀ ବଞ୍ଚାଅ ଆନ୍ଦୋଳନ, ଜୀବିକା ବଞ୍ଚାଅ ଆନ୍ଦୋଳନ ଆବାହକ ସୁଦର୍ଶନ ଛୋଟରାୟ କହିଛନ୍ତି ଯେ ରାଜ୍ୟ ରାଜ୍ୟ ମଧ୍ୟରେ ଜଳ ବିବାଦ ମାମଲାର ସମାଧାନ ଟ୍ରିବ୍ୟୁନାଲ ସମାଧାନ କରିବା ଖୁବ ବିଳମ୍ବ ଏବଂ ସମୟ ସାପେକ୍ଷ। ରାଜ୍ୟ ସରକାର ଯେଉଁ ଉଦ୍ୟମ ଏବଂ ପ୍ରୟାସ ଆରମ୍ଭ କରିଛନ୍ତି ତାହାକୁ ଆମେ ସ୍ୱାଗତ କରୁଛୁ। ଏପରି ଏକ ସର୍ବଦଳୀୟ କମିଟିର ଗଠନ ବହୁ ଆଗରୁ ହେବାର ଥିଲା। ମହାନଦୀ ଓଡ଼ିଶାର ଜୀବନରେଖା। ଏହାକୁ ଆଦୌ ହାଲୁକା ଭାବେ ଗ୍ରହଣ କରିବା ଉଚିତ୍ ନୁହେଁ। ତେଣୁ ସରକାର ଗଠନ କରିଥିବା କମିଟି ସମ୍ପୂର୍ଣ୍ଣ ସକ୍ରିୟତାର ସହ କାର୍ଯ୍ୟ କରୁ। ଓଡ଼ିଶାର ୧.୫ କୋଟି ଲୋକଙ୍କ ଜୀବନ ଜୀବିକାର ସୁରକ୍ଷା ଏବଂ ରାଜ୍ୟର ହକ୍ ଦିଗରେ ଏହି କମିଟି କାର୍ଯ୍ୟ କରୁ ବୋଲି ଶ୍ରୀ ଛୋଟରାୟ କହିଛନ୍ତି।

### ଶୀତ ଲହରୀ...

କିଛି ସ୍ଥାନରେ ଗଭୀର ଶୀତଲହରୀ ଅନୁଭୂତ ହୋଇଛି। ଏଠାରେ ତାପମାତ୍ରା ସାଧାରଣଠାରୁ ୬-୭ ଡିଗ୍ରୀ କମ ଥିବା ରେକର୍ଡ କରାଯାଇଛି। ଏହାଛଡ଼ା ଅନୁଗୁଳ ଜିଲ୍ଲାର ଅଳ୍ପ କିଛି ଅଞ୍ଚଳରେ ମଧ୍ୟ ଗଭୀର ଶୀତଲହରୀ ଅନୁଭୂତ ହୋଇଛି। ତାପମାତ୍ରା କମିବା ସହ ରାଜ୍ୟର ଉତ୍ତର ଓ ଦକ୍ଷିଣ ଅଞ୍ଚଳର କିଛି ସ୍ଥାନରେ କୁହୁଡ଼ି ପଡିଥିବା ଲକ୍ଷ୍ୟ କରାଯାଇଛି। ପାଣିପାଗ କେନ୍ଦ୍ର କହିଛି ରାଜ୍ୟରେ ଆହୁରି ୨ ଦିନ ଶୀତ ଲହରୀ ଜାରି ରହିବା ସହ ଗୁରୁବାର ସୁନ୍ଦରଗଡ଼, ଅନୁଗୁଳ, ଝାରସୁଗୁଡ଼ା, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ଯାଜପୁର, ଖୋର୍ଦ୍ଧା, ନବରଙ୍ଗପୁର, ଢେଙ୍କାନାଳରେ ପ୍ରବଳ ଶୀତ ଲହରୀ ନେଇ ପାଣିପାଗ କେନ୍ଦ୍ର ଆକଳନ କରିଛି। ସେହିପରି କନ୍ଧମାଳ, କୋରାପୁଟ, କଳାହାଣ୍ଡି ଓ ଝାରସୁଗୁଡ଼ାରେ ଘନ କୁହୁଡ଼ି ନେଇ ପାଣିପାଗ କେନ୍ଦ୍ର ସତର୍କ ସୂଚନା ଜାରି କରିଛି।

### ୟୁନିସ୍କୋ ବିଶ୍ୱ ଐତିହ୍ୟ...

ଏନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସାମିଜିକ ଗଣମାଧ୍ୟମ 'ଏକ୍ସ'ରେ ପୋଷ୍ଟ କରି ନିଜର ମନର କଥା ଉଲ୍ଲେଖ କରିଛନ୍ତି। ଦୀପାବଳି ଭାରତୀୟ ସଭ୍ୟତା ଓ ସଂସ୍କୃତିର ଆତ୍ମା। ଏହି ପର୍ବକୁ ୟୁନିସ୍କୋ ଐତିହ୍ୟରେ ସାମିଲ କରାଯାଇଥିବାରୁ ଭାରତ ଓ ବିଶ୍ୱରେ ଲୋକ ଉତ୍ସାହିତ ଅଛନ୍ତି। ଆମପାଇଁ ଏହି ପର୍ବ ସଂସ୍କୃତି ଓ ପ୍ରକୃତି ସହିତ ଜଡ଼ିତ। ଏହା ଜ୍ଞାନ ଓ ଧର୍ମର ମଧ୍ୟ ପ୍ରତୀକ। ୟୁନିସ୍କୋ ତାଲିକାରେ ସାମିଲ ହେବା ପରେ ଏହି ପର୍ବକୁ ନେଇ ବୈଶ୍ୱିକ ଲୋକପ୍ରିୟତାରେ ଆହୁରି ବୃଦ୍ଧି ଘଟିବ। ପ୍ରଭୁ ଶ୍ରୀରାମଙ୍କ ଆଦର୍ଶ ଆମକୁ ଶାଶ୍ୱତ ଭାବେ ମାର୍ଗଦର୍ଶନ କରୁଥିବ ବୋଲି ମୋଦୀ ପୋଷ୍ଟରେ ଉଲ୍ଲେଖ କରିଛନ୍ତି। ଦିଲ୍ଲୀ ମନ୍ତ୍ରୀ କିପଲ ମିଶ୍ରା କହିଛନ୍ତି ଯେ, ଡିସେମ୍ବର ୧୦ ଅର୍ଥାତ ବୁଧବାର ଦିଲ୍ଲୀ ସରକାର ପୃଥକ ଭାବେ ଦୀବାବଳି ପାଳନ କରିବ। ସବୁ ସରକାରୀ ସୌଧକୁ ସ୍ୱତନ୍ତ୍ର ଭାବେ ସଜ୍ଜିତ କରାଯିବ।

### ବିଗୁଲ ଫୁଙ୍କିଲେ...

୨୦୨୪ରେ କଂଗ୍ରେସ ସର୍ବନିମ୍ନ ୧୩ ପ୍ରତିଶତ ଭୋଟ୍ ପାଇଛି। ନିଜେ ଶରତ ପଟ୍ଟନାୟକ ନିର୍ବାଚନରେ ଅମାନତ ବି ହରାଇଛନ୍ତି। ସେହିପରି ୩ ଥର ଲଗାତାର ନିର୍ବାଚନ ପରାଜିତ ଭକ୍ତଙ୍କୁ ପିସିସି ନେତୃତ୍ୱ ମିଳିଛି। ଯାହାଙ୍କ ବ୍ୟକ୍ତିଗତ ବିଚାରଧାରା କଂଗ୍ରେସ ଠାରୁ ସମ୍ପୂର୍ଣ୍ଣ ଭିନ୍ନ। ଜୟପ୍ରକାଶଙ୍କ ଆନ୍ଦୋଳନ ବେଳେ ଭକ୍ତ ନିଜେ ଗାନ୍ଧୀ ପରିବାରକୁ ସମାଲୋଚନା କରିଥିଲେ; ତାଙ୍କ ପୁଅ କୋଶଳ ଆନ୍ଦୋଳନକୁ ସମର୍ଥନ କରିବା ଚିନ୍ତାଜନକ। ତାଙ୍କ ନେତୃତ୍ୱରେ ନୂଆପଡ଼ା ଉପନିର୍ବାଚନରେ କଂଗ୍ରେସ ୮୩ ହଜାର ଭୋଟରେ ହାରିଛି। ନୂଆପଡ଼ା ପିସିସି ସଭାପତିଙ୍କ ସଂସଦୀୟ କ୍ଷେତ୍ର ହୋଇଥିଲେ ବି କଂଗ୍ରେସର ପ୍ରଦର୍ଶନ ସେଠାରେ ଅତ୍ୟନ୍ତ ନିରାଶାଜନକ। ଯାହାଙ୍କୁ ନିଜ ସଂସଦୀୟ କ୍ଷେତ୍ର ବିଶ୍ୱାସ କରୁନି, ତାଙ୍କୁ ସ୍ୱାଭାବିକ ଭାବରେ କର୍ମୀ ବିଶ୍ୱାସ କରିପାରୁ ନାହାନ୍ତି। ଏପରି ସମୟରେ କଂଗ୍ରେସକୁ ପୁନର୍ଜୀବିତ କରିବା ନିମନ୍ତେ ପାରଦର୍ଶିତା ଓ ଯୋଗ୍ୟତା ଆଧାରରେ ଯୁବ ନେତୃତ୍ୱଙ୍କୁ ନିଯୁକ୍ତି ଦିଆଯିବା ଦରକାର ବୋଲି ମୋକିମ କହିଛନ୍ତି। ଏହା ସହ ଜିଲ୍ଲା କଂଗ୍ରେସ ସଭାପତି ଚୟନ ପାଇଁ ହୋଇଥିବା ସଂଗଠନ ସୃଜନ ବ୍ୟବସ୍ଥାକୁ ସେ ପ୍ରଶଂସା କରିଥିଲେ ମଧ୍ୟ ନିର୍ବାଚନରେ ୬ ନଂ ସ୍ଥାନରେ ରହିଥିବା ଲୋକ କିପରି ଜିଲ୍ଲା ସଭାପତି କରାଯିବାକୁ ନେଇ ମଧ୍ୟ ସେ ପ୍ରଶ୍ନ ଉଠାଇଛନ୍ତି। କେବଳ ରାଜ୍ୟ ନୁହେଁ ଜାତୀୟସ୍ତରରେ ମଧ୍ୟ କଂଗ୍ରେସର କାର୍ଯ୍ୟକୁ ନେଇ ମୋକିମ୍ ଅସନ୍ତୋଷ ପ୍ରକଟ କରିଛନ୍ତି। ସେ କହିଛନ୍ତି ଯେ କଂଗ୍ରେସକୁ ମଜଭୂତ ପାଇଁ କେନ୍ଦ୍ରୀୟ ନେତୃତ୍ୱ କାର୍ଯ୍ୟ କରୁ ନାହାନ୍ତି। ଏଥିପାଇଁ ମୁଁ ଚିଠି ଏଆଇସିସି ସଭାପତିଙ୍କ ପରିବର୍ତ୍ତେ କଂଗ୍ରେସ ପରିବାରର ସର୍ବୋଚ୍ଚ ନେତ୍ରୀ ସୋନିଆ ଗାନ୍ଧୀଙ୍କୁ ଚିଠି ଲେଖିଛି। ସୋନିଆଙ୍କ ନେତୃତ୍ୱରେ ଦଳ କ୍ଷମତାକୁ ଫେରିଥିଲା। ଦେଶର ବିଭିନ୍ନ ରାଜ୍ୟରେ କଂଗ୍ରେସର ପ୍ରଦର୍ଶନକୁ ଉଲ୍ଲେଖ କରି ସେ ଦଳର ନେତୃତ୍ୱ ଓ କାର୍ଯ୍ୟଧାରାକୁ ସଂଶୋଧନ କରିବାର ଆବଶ୍ୟକତା ରହିଛି ବୋଲି କହିଛନ୍ତି। ବିଧାୟକ ଥିଲା ବେଳେ ସେ ୩ ବର୍ଷ ଅପେକ୍ଷା କରି ସେ ରାହୁଲଙ୍କୁ ଦେଖା କରିପାରି ନାହାନ୍ତି। ରାହୁଲ କୋଟେରୀରୁ ନ ବାହାରିଲେ ଠିକ୍ ନିଷ୍ପତ୍ତି ନେଇପାରିବେନି। ବର୍ତ୍ତମାନ ଦେଶରେ ୬୫ ପ୍ରତିଶତ ଯୁବକ ରହିଥିବା ବେଳେ ସେମାନଙ୍କୁ କଂଗ୍ରେସ ପ୍ରତି ଆକୃଷ୍ଟ କରିବା ନିମନ୍ତେ ପ୍ରିୟଙ୍କା ଗାନ୍ଧୀଙ୍କୁ ସାମ୍ନାକୁ ଆଣିବାର ଆବଶ୍ୟକତା ଥିବା ମୋକିମ୍ ଚିଠିରେ ଲେଖିଛନ୍ତି। ସେ ଆହୁରି କହିଛନ୍ତି ଯେ ଏଆଇସିସି ଅଧ୍ୟକ୍ଷ ଖଡ୍‌ଗେଙ୍କୁ ୮୩ ବର୍ଷ ହେଲାଣି, ସେ କିପରି ଯୁବକଙ୍କ ନେତୃତ୍ୱ ନେଇ ପାରିବେ? ଭାରତ ଯୋଡ଼ ଯାତ୍ରା ବେଳେ ରାହୁଲ ୩ ରାତି ଓଡ଼ିଶାରେ ରହିଲେ, ମାତ୍ର କର୍ମୀମାନେ ତାଙ୍କୁ ଭେଟି ପାରିଲେ ନାହିଁ। ସେ ଯଦି ଓଡ଼ିଶାରେ ତୃଣମୂଳ କର୍ମୀଙ୍କୁ ଭେଟିଥାନ୍ତେ କେତେ ଭଲ ହୋଇଥାନ୍ତା। ଯେଉଁମାନେ କ୍ରମାଗତ ହାରୁଛନ୍ତି, ସେମାନେ କଂଗ୍ରେସରେ ଆଗରେ ବସୁଛନ୍ତି। କଟକରେ କଂଗ୍ରେସ ଜିତି ପାରୁ ନ ଥିଲା, ହେଲେ ତାଙ୍କର ଓ ତାଙ୍କ ପରିବାର ଯୋଗୁଁ ୩୫ ବର୍ଷ ପରେ କଂଗ୍ରେସ କଟକ ବାରବାଟୀ ଆସନ ଜିତିଥିଲା। ୨୦୨୪ରେ ପ୍ରଧାନମନ୍ତ୍ରୀ ଓ ଗୃହମନ୍ତ୍ରୀଙ୍କ ପ୍ରଚାର ସତ୍ତ୍ୱେ ତାଙ୍କ ଝିଅ ସୋଫିଆ ଫିର୍‌ଦୋସ୍ କଟକରୁ ବିଜୟୀ ହୋଇଛନ୍ତି। ତେଣୁ କଂଗ୍ରେସର ସାଂଗଠନିକ, ବୈଚାରିକ ଓ ଢାଞ୍ଚାଗତ ପୁନରୁଦ୍ଧାରକୁ ଶ୍ରୀମତୀ ଗାନ୍ଧୀ ଗୁରୁତ୍ୱ ଦେବେ ବୋଲି ମୋକିମ ଆଶା ରଖିଛନ୍ତି। ଏହାସହ କଂଗ୍ରେସ ଦଳରେ ସ୍ୱଚ୍ଛତାର ସହ ଦକ୍ଷତା ଆଧାରରେ ନିଯୁକ୍ତି ଦିଆଯାଉ ବୋଲି ମୋକିମ୍ କହିଛନ୍ତି। ଯୁବକଙ୍କୁ ନେତୃତ୍ୱ ଦେବା ସହ ଯେଉଁମାନେ ଭାବପ୍ରବଣ କର୍ମୀଙ୍କ ସହ ଯଡ଼ିତ ସେମାନଙ୍କୁ ସୁଯୋଗ ଦିଆଯାଉ ବୋଲି ମୋକିମ୍ ଚିଠିରେ ଉଲ୍ଲେଖ କରିଛନ୍ତି।

---

**ରାଜ୍ୟସଭାରେ 'ବନ୍ଦେ ମାତରମ୍' ଆଲୋଚନା**

## ରାଷ୍ଟ୍ରକୁ ଜାଗ୍ରତ କରିଥିଲା 'ବନ୍ଦେ ମାତରମ୍': ମାନସ



**ବନ୍ଦେ ମାତରମକୁ ମିଳୁ ସାମ୍ବିଧାନିକ ସ୍ୱୀକୃତି**

ଭୁବନେଶ୍ୱର,୧୦।୧୨(ସମିସ): ଜାତୀୟ ଗୀତ 'ବନ୍ଦେ ମାତରମ'ର ୧୫୦ ବର୍ଷ ପୂର୍ତ୍ତି ଉପଲକ୍ଷେ ରାଜ୍ୟସଭାରେ ଅନୁଷଠିତ ହୋଇଛି ସ୍ୱତନ୍ତ୍ର ଆଲୋଚନା। ଏଥିରେ ଅଂଶଗ୍ରହଣ କରି ସାଂସଦ ମାନସ ମଙ୍ଗରାଜ ବନ୍ଦେ ମାତରମ୍‌କୁ ସାମ୍ବିଧାନିକ ସ୍ୱୀକୃତି ମିଳୁ ବୋଲି ନିଜର ମତବ୍ୟକ୍ତ କରିଛନ୍ତି। ସେ କହିଛନ୍ତି ଯେ ବଙ୍କିମ ଚନ୍ଦ୍ର ଚଟ୍ଟୋପାଧ୍ୟାୟଙ୍କ ଅମର ଶବ୍ଦ ଗୁଚ୍ଛର ସମାହାର 'ବନ୍ଦେ ମାରତମ୍' ଏକ କବିତା ବା ଗୀତ ନୁହେଁ, ଏହା ହେଉଛି ଭାରତର ଜାଗରଣର ମନ୍ତ୍ର। ମହାତ୍ମା ଗାନ୍ଧୀ ଯଥାର୍ଥରେ କହିଥିଲେ ଯେ ସ୍ୱାଧୀନତା ସଂଗ୍ରାମ ଏବଂ ବନ୍ଦେ ମାତରମ୍ ପରସ୍ପର ପରିପୂରକ; ଅବିଚ୍ଛେଦ୍ୟ। ଏହି ଗୀତ କେବେ ଘୃଣା ଉଦ୍ରେକ କରିନଥିଲା; ବରଂ ଏହା ବଳିଦାନ, ଦେଶଭକ୍ତି ଓ ସ୍ୱାଧୀନତା ଆନ୍ଦୋଳନ ପାଇଁ ଅନୁପ୍ରେରଣା ସାଜିଥିଲା। ଓଡ଼ିଶାରେ ସ୍ୱାଧୀନତା ଆନ୍ଦୋଳନ ସମୟରେ ବକ୍ସି ଜଗବନ୍ଧୁଙ୍କ ନେତୃତ୍ୱରେ ପାଇକ ବିଦ୍ରୋହଠାରୁ ଆରମ୍ଭ କରି ସମ୍ବଲପୁରରେ ବୀର ସୁରେନ୍ଦ୍ର ସାଏ, ଗୋପବନ୍ଧୁ ଦାସ ଏବଂ ମଧୁସୂଦନ ଦାସଙ୍କ ପର୍ଯ୍ୟନ୍ତ ଦେଶାତ୍ମବୋଧକ କାର୍ଯ୍ୟକଳାପ ଅବିସ୍ମରଣୀୟ। ୧୮୯୬ ମସିହା କଲିକତା କଂଗ୍ରେସ ଅଧିବେଶନରେ ଯେତେବେଳେ ବିଶ୍ୱକବି ରବୀନ୍ଦ୍ରନାଥ ଟାଗୋର ପ୍ରଥମ ଥର ପାଇଁ ଏହି କବିତା ଗାନ କରିଥିଲେ, ସେତେବେଳେ ସମସ୍ତଙ୍କ ଆଖିରେ ଲୁହ ଆସି ଯାଇଥିଲା। ବଙ୍ଗଳାରୁ ଓଡ଼ିଶା, କଟକରୁ ପୁରୀ ପର୍ଯ୍ୟନ୍ତ; ସବୁଆଡ଼େ ଗୋଟିଏ ଧ୍ୱନି ପ୍ରକମ୍ପିତ ହେଉଥିଲା, ଯାହା ହେଲା ବନ୍ଦେ ମାତରମ। ୧୯୫୦ ମସିହା ଜାନୁଆରୀ ୨୪ ତାରିଖରେ ଡ. ରାଜେନ୍ଦ୍ର ପ୍ରସାଦ ଘୋଷଣା କରିଥିଲେ ଯେ ଜାତୀୟ ସଙ୍ଗୀତ ସହିତ ବନ୍ଦେ ମାତରମ୍‌କୁ ସମାନ ସମ୍ମାନ ମିଳିବ। ମାତ୍ର ୭୫ ବର୍ଷ ପରେ ମଧ୍ୟ ଏହାର ସାମ୍ବିଧାନିକ ସ୍ୱୀକୃତି ମିଳିନାହିଁ। ଏହି ଗୀତ ଭାରତର ପ୍ରତ୍ୟେକ ନାଗରିକ, ପ୍ରତ୍ୟେକ କୃଷକ, ପ୍ରତ୍ୟେକ ସୈନିକ, ପ୍ରତ୍ୟେକ ଶିଶୁର ଗୀତ। ଯେପରି ଓଡ଼ିଆମାନେ ସଭ୍ୟତାଗତ ପରିଚୟକୁ ପ୍ରକାଶ କରିବା ପାଇଁ ଜୟ ଜଗନ୍ନାଥ କହନ୍ତି, ସେହିପରି ବନ୍ଦେ ମାତରମ୍ ହେଉଛି ଏକ ଏକୀକୃତ ସମାବେଶୀ ସଙ୍ଗୀତ ବୋଲି ଶ୍ରୀ ମଙ୍ଗରାଜ କହିଛନ୍ତି। ଯେଉଁ ରାଷ୍ଟ୍ର ତାହାର ମୁକ୍ତି ଗୀତଗୁଡ଼ିକୁ ଭୁଲିଯାଏ, ସେହି ରାଷ୍ଟ୍ର ଏହାକୁ ନିର୍ମାଣ କରିଥିବା ବଳିଦାନଗୁଡ଼ିକୁ ଭୁଲିଯିବାର ଆଶଙ୍କା ରହିଛି ବୋଲି ସେ ମତପ୍ରକାଶ କରିଛନ୍ତି।

---

**■ ଏସସି-ଏସଟି ଉନ୍ନୟନ ବିଭାଗ ସ୍କୁଲ ଟିଜିଟି ଶିକ୍ଷକଙ୍କ ପିଜିଟି ପଦୋନ୍ନତି ପ୍ରସଙ୍ଗ**

## ଅନ୍ତରୀଣ ରହିତାଦେଶ ଜାରି କଲେ ହାଇକୋର୍ଟ

କଟକ, ୧୦।୧୨ (ସମିସ): ଅନୁସୂଚିତ ଜାତି(ଏସ୍‌ସି) ଓ ଅନୁସୂଚିତ ଜନଜାତି (ଏସଟି) ଉନ୍ନୟନ ବିଭାଗ ଅଧୀନ ସ୍କୁଲଗୁଡ଼ିକରେ କାର୍ଯ୍ୟରତ ତାଲିମପ୍ରାପ୍ତ ସ୍ନାତକ ଶିକ୍ଷକ (ଟିଜିଟି)ଙ୍କ ସ୍ନାତକୋତ୍ତର ଶିକ୍ଷକ(ପିଜିଟି) ପଦକୁ ପଦୋନ୍ନତି ପ୍ରସଙ୍ଗରେ ରୁଜୁ ଆବେଦନକୁ ହାଇକୋର୍ଟ ଗୁରୁତ୍ୱର ସହ ଶୁଣାଣି ପାଇଁ ଗ୍ରହଣ କରିଛନ୍ତି। ଏସ୍‌ସି ଓ ଏସଟି ଉନ୍ନୟନ ବିଭାଗ ଯୁଗ୍ମ ନିର୍ଦ୍ଦେଶକଙ୍କ ତରଫରୁ ସମସ୍ତ ଜିଲ୍ଲା ମଙ୍ଗଳ ଅଧିକାରୀଙ୍କୁ ପିଜିଟି ପଦକୁ ପଦୋନ୍ନତି ପାଇଁ ଯୋଗ୍ୟ ଟିଜିଟିଙ୍କ ସଂପର୍କିତ ତଥ୍ୟ ପ୍ରଦାନ ପାଇଁ ୨୦୨୫ ଜାନୁଆରି ୨୮ରେ ଜାରି ଚିଠି ଉପରେ ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ହାଇକୋର୍ଟ ଅନ୍ତରୀଣ ରହିତାଦେଶ ଜାରି କରିଛନ୍ତି। କୃଷ୍ଣାଜନ ଆଚାର୍ଯ୍ୟଙ୍କ ଆବେଦନର ଶୁଣାଣି କରି ଜଷ୍ଟିସ ଦୀକ୍ଷିତ କୃଷ୍ଣା ଶ୍ରୀପଦ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। କେନ୍ଦୁଝରର ଜଗମୋହନପୁର ଆଶ୍ରମ ସ୍କୁଲର ପ୍ରଧାନ ଶିକ୍ଷକଙ୍କୁ ବେଆଇନ ଭାବେ ପଦୋନ୍ନତିରୁ ବାଦ୍ ଦେବା ଅଭିଯୋଗ ନେଇ ଦାୟର ଏହି ମାମଲାରେ ଏସ୍‌ଟି ଓ ଏସ୍‌ସି ଉନ୍ନୟନ, ସଂଖ୍ୟାଲଘୁ ସଂପ୍ରଦାୟ, ପଛୁଆବର୍ଗ କଲ୍ୟାଣ ବିଭାଗ ଓ ଅନ୍ୟ ପ୍ରତିପକ୍ଷଙ୍କୁ ନୋଟିସ ଜାରି କରିଛନ୍ତି ଅଦାଲତ। ମାମଲାରୁ ପ୍ରକାଶ ଯେ ଟିଜିଟି ପଦୋନ୍ନତି ପାଇ ଆବେଦନକାରୀ ଜଗମୋହନପୁର ଆଶ୍ରମ ସ୍କୁଲର ପ୍ରଧାନଶିକ୍ଷକ ଥିଲେ। ବିଭାଗୀୟ ଯୁଗ୍ମ ନିର୍ଦ୍ଦେଶକଙ୍କ ତରଫରୁ ପିଜିଟି ପଦକୁ ପଦୋନ୍ନତି ପାଇଁ ତଥ୍ୟ ଦାଖଲ ପାଇଁ କେନ୍ଦୁଝର ସମେତ ସବୁ ଜିଲ୍ଲାର ମଙ୍ଗଳ ଅଧିକାରୀଙ୍କୁ ଜାନୁଆରି ୨୮ରେ ଚିଠି କରାଯାଇଥିଲା। ଓଡ଼ିଶା ଟ୍ରାଇବାଲ୍ ୱେଲଫେୟାର୍ ଏଜୁକେସନ ନିୟମାବଳୀ-୨୦୧୫ ଆଶ୍ରମ ସ୍କୁଲର ପ୍ରଧାନଶିକ୍ଷକଙ୍କୁ ଟିଜିଟି ମାନ୍ୟତା ଦେଉଥିଲେ ମଧ୍ୟ ପଦୋନ୍ନତି ପାଇଁ ଅଶ୍ରମ ସ୍କୁଲର ପ୍ରଧାନ ଶିକ୍ଷକଙ୍କ ତଥ୍ୟ ଦାଖଲ ଯୁଗ୍ମ ନିର୍ଦ୍ଦେଶକଙ୍କ ଚିଠିରେ କୁହାଯାଇନଥିଲା। ଏସ୍‌ଟି ଏସ୍‌ସି ଉନ୍ନୟନ ବିଭାଗର ହାଇସ୍କୁଲରେ ତିନିବର୍ଷ ନିୟମିତ ଟିଜିଟି ଭାବେ କାର୍ଯ୍ୟକାଳ ପୂରଣ କରିଥିବା ଶିକ୍ଷକ ପିଜିଟି ପଦୋନ୍ନତି ପାଇଁ ଯୋଗ୍ୟ ବୋଲି ଏହି ଚିଠିରେ ଉଲ୍ଲେଖ କରାଯାଇଥିଲା। ଏପରି ଯୋଗ୍ୟତା ସର୍ତ୍ତାବଳୀ ପାଇଁ ଆବେଦନକାରୀ ପଦୋନ୍ନତି ପ୍ରକ୍ରିୟାରୁ ପରୋକ୍ଷରେ ବାଦ୍ ପଡ଼ିବା ସ୍ପଷ୍ଟ ହୋଇଥିଲା। ଏପରି ଚିଠିକୁ ବେଆଇନ ଦର୍ଶାଇ ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଆବେଦନକାରୀଙ୍କ ତରଫରୁ ଆଇନଜୀବୀ ବଂଶୀଧର ଶତପଥୀ ଓ ସତ୍ୟବ୍ରତ ଶତପଥୀ ମାମଲା ପରିଚାଳନା କରୁଛନ୍ତି।

## ସାମାନ୍ୟ ବଚସାରୁ ବୃଦ୍ଧଙ୍କୁ ହତ୍ୟା

ବ୍ରହ୍ମପୁର,୧୦।୧୨(ସମିସ): ସାମନ୍ୟ ବଚସାରୁ ବୃଦ୍ଧଙ୍କୁ ହତ୍ୟା କଲା ପଡ଼ୋଶୀ। ବ୍ରହ୍ମପୁର ବୈଦ୍ୟନାଥପୁର ଥାନା ଇଞ୍ଜିନିୟରିଂ ସ୍କୁଲ ଛକ ନିକଟ ପଣ୍ଡା କଲୋନୀ ୪ର୍ଥ ଲାଇନ୍‌ରେ ଘଟିଛି ଏହି ହତ୍ୟାକାଣ୍ଡ। ମୃତକ ହେଲେ, ବାରିକ ଜେନା (୭୦)। ପୁଲିସ ମୃତକଙ୍କ ପଡ଼ୋଶୀ ତାରାପ୍ରସାଦ ଗୌଡ଼(୪୪)ଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଜାମିନ୍ ନାମଞ୍ଜୁର ହେବାରୁ ତାଙ୍କୁ ବ୍ରହ୍ମପୁର ଜେଲ୍‌କୁ ପଠାଇ ଦିଆଯାଇଛି। ପୁଲିସ ବାରିକ ଜେନାଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ପୁଲିସ ସୂଚନାନୁସାରେ, ପଣ୍ଡା କଲୋନୀ ୪ର୍ଥ ଲାଇନ୍‌ରେ ଅଣ ଓସାରିଆ ରାସ୍ତା। ବାରିକ ଜେନାଙ୍କ ଘର ଅତିକ୍ରମ କରିବା ପରେ ତାରାପ୍ରସାଦଙ୍କ ଘର। ସବୁବେଳେ ରାସ୍ତା ବ୍ଲକ୍ କରି ରଖୁଥିଲେ ବାରିକ ଜେନା। ଫଳରେ ଉଭୟଙ୍କ ଭିତରେ ପାଟିତୁଣ୍ଡ ହେଉଥିଲେ। ମଙ୍ଗଳବାର ମଧ୍ୟାହ୍ନରେ ତାରା ପ୍ରସାଦ ବାଇକ୍‌ରେ ଘରକୁ ଫେରୁଥିଲେ। ରାସ୍ତା ବ୍ଲକ୍ କରି ରଖିଥିବାରୁ ତାରାପ୍ରସାଦ ଘରକୁ ଯିବା ସମସ୍ୟା ହୋଇଥିଲା। ଏହି କଥାକୁ ନେଇ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ତାରାପ୍ରସାଦ ରାଗରେ ବାରିକ ଜେନାଙ୍କୁ ଧକ୍କା ମୁକା ମାରିବା ସହ ଶକ୍ତ ଚାପୁଡା ମାରିଥିଲା। ସେ ଅଚେତ ହୋଇ ପଡିଯାଇଥିଲେ। ବ୍ରହ୍ମପୁର ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିବା ଡାକ୍ତର ଘୋଷଣା କରିଥିଲେ। ମୃତକଙ୍କ ପୁଅ ସୁବାସ ଜେନା ଏନେଇ ଥାନାରେ ଅଭିଯୋଗ କରିଥିଲେ।

---


**AFFIDAVIT**

By virtue of an affidavit sworn before the Executive Magistrate Jharbandh of District Bargarh dated 2nd December 2025, CF No - 01, I Narayana Satnami aged about 27 years, Kalia Satnami, resident of village- Jatesira, Po.- Goudmal Ps.- Jagdalpur, Block- Jharbandh, Dist. Bargarh, Pin 768042 hereby declares that for myself. I have changed my name from **Narayan Satnami** to **Narayana Satnami** . Hence I will be known as **Narayana Satnami** for all future purposes.

**AFFIDAVIT**

By virtue of an affidavit sworn before the Executive Magistrate, Tigiria, dated-29.11.2025 C.F No-5, I Lijarani Das of Village-Sunthipal, Po-Bandalo, Ps-Tigiria, Dist-Cuttack declare that I have changed my name from Lija Das to Lijarani Das in Aadhar card. Henceforth, I shall be known as Lijarani Das for all purposes.

**AFFIDAVIT**

I MINIYAKA GEETANJALI, W/o - MINIYAKA BISWANATH, Resident At- TANKUA, NEAR JAGANNATH TEMPLE, Po- P.R.PETA, Jeypore, Dist - Koraput -764003, Odisha declare by this Affidavit No.5037 Dated -10/12/2025, that now onwards I shall be known as **MINIYAKA GITANJALI** For all future purpose.

**LOST**

**I, Ranjulata Barik,** aged about 57 years, W/o: Santosh Kumar Barik, R/o: Sunamuhi, Baripada, Ward No.11 hereby declared through Affidavit that, my original Regd. Sale Deed No. 953, Dt.27.03.1991 pertaining to land situated in Mouza: Baripada Town, Unit No.12, Stationbandha sahi, Khata No.: 205/212, Plot No.: 34/1066, P.S.: Baripada, P.S. No. 103, Area: Ac.0.098dec. and Khata No.: 205/209, Plot No.: 35, P.S.: Baripada, P.S. No. 103, Area: Ac.0.040dec.. has been lost at a tea stall near Palbani on 05.12.2025. The said document has not been utilised for any other purpose and in case I discover the same in future, I shall notify and produce the same before the Odisha Grameen Bank, Main Branch, Baripada. If anybody found this document please contact- **Mob- 9937538105**

**AFFIDAVIT**

By the virtue of an affidavit sworn before the Notary Public, Bhubaneswar, it is declared that the names of the parents of Miss Pallela Samhita were wrongly recorded in her school record as P. Satyanarayana and P. Sujatha.
The correct names are:
Father: Pallela Satyanarayana
Mother: Palela Sujata
Sd/- Pallela Satyanarayana & Palela Sujata, Flat No. LIG-I/110, Sudarshan Enclave, Phase-VII, Dumduma, Bhubaneswar – 751019, Date: 05-12-2025

**NOTICE (FOR MINOR)**

By the virtue of an affidavit CF No 74, before the Executive Magistrate, Bhubaneswar, dtd.15.11.2025, I, Sanghamitra Parida, residing at M-156, Phase-II, Bhimatangi, Guru Kelu Charan Marg, Lane-4, P.S. Airfield, Bhubaneswar-751002 have changed my minor daughter's name from Saparajya Parida to Saparjya Parida. Henceforth she shall be known as **Saparjya Parida** for all purposes.
**Sd/- Sanghamitra Parida**

**ਪੰਜਾਬ ਨੈਸ਼ਨਲ ਬੈਂਕ punjab national bank** ...the name you can BANK upon!

ବି.ଓ. ଟିଟିଲାଗଡ
ଠିକଣା: ମହାବୀର ପଞ୍ଚାୟତ, ଧର୍ମଶାଳା ସାମ୍ନା, ଟିଟିଲାଗଡ଼
ଯୋଗାଯୋଗ ନଂ: 8249151403, ଇମେଲ: bo6808@pnb.bank.in

**ସାର୍ବଜନୀନ ନୋଟିସ୍**

ବ୍ୟାଙ୍କ ଅନୁସୂଚିତ ସମ୍ପତ୍ତି ସମ୍ପର୍କରେ ବନ୍ଧକ ସୃଷ୍ଟି କରିବାକୁ ଚାହୁଁଛି। ସମ୍ପତ୍ତିରେ କୌଣସି ସ୍ୱାର୍ଥ କିମ୍ବା ଅଧିକାର ଦାବି କରୁଥିବା କିମ୍ବା ଅନ୍ୟ କୌଣସି ଆପତ୍ତି ବା ଯେକୌଣସି ବ୍ୟକ୍ତି ଏହି ନୋଟିସ୍ ପ୍ରକାଶନର ସାତ ଦିନ ମଧ୍ୟରେ ବ୍ୟାଙ୍କରେ ପ୍ରତିନିଧିତ୍ୱ କରିପାରିବେ।
ମୌଜାରେ ଅବସ୍ଥିତ ସମସ୍ତ ଜମି ଏବଂ କୋଠାର ଅଂଶ : ଦୁର୍ଲା, ଟିଟିଲାଗଡ଼, ପି.ଏସ୍. ନମ୍ବର: 85, ଖାତା ନମ୍ବର 190/299, ପ୍ଲଟ୍ ନମ୍ବର 1001, ନାମ - ବିନୋଦ କୁମାର ଅଗ୍ରୱାଲ, ପିତା - ରମେଶ କୁମାର ଅଗ୍ରୱାଲ, ବିକ୍ରୟ ଡିଡ୍ ନମ୍ବର 10331401255, 21.07.2014, ପୂର୍ବ ଲିଙ୍କ୍ ଡିଡ୍ ନମ୍ବର 732, 08.05.2006

ସ୍ୱା/- ଅଜିତେଶ ପାତ୍ର
ଶାଖା ପରିଚାଳକ

**ADMISSION NOTICE-2025-26**

**Manjari Devi College**

Affiliated to Utkal University, OUHS, PCI, OSBP & DMLT/RTEB

*Campus:*
262, Puranpadhan, Balakati, Bhubaneswar
Mob. 7019799641, 7978608747 9853801459
Email: mdscnbbsr@gmail.com

- **B. Pharm** Rs. 58,000/- P.A. Eligibility: +2 Sc. (PCB/M & OJEE Appeared)
- **D. Pharm** Rs. 48,000/- P.A. Eligibility: +2 Sc. (PCB/M)
- **B.M.L.T.** Rs. 58,000/- P.A. Eligibility: +2 Sc. (PCB/M with 50 % Mark)
- **D.M.L.T.** Rs. 48,000/- P.A. Eligibility: +2 Sc. Pass (PCB/M)
- **M.P.H.** Rs. 42,000/- P.A. Eligibility: Any Graguate

ALL COURSE FEES ARE EXCLUDING HOSTEL

MM-355

**GOVERNMENT OF ODISHA**
**OFFICE OF THE DIVISIONAL FOREST OFFICER, PHULBANI KENDU LEAF DIVISION**
AT/PO/PS:- PHULBANI, e-mail id – dfoklplb@gmail.com
BID IDENTIFICATION No. F.E.&CC /PLB/02 (online)/2025-26

**E-procurement notice**
**No. 02, Dated' 09.12.2025**

The Divisional Forest Officer, Phulbani K.L. Division, on behalf of Governor of Odisha, invites Percentage Rate bids in **Single cover** System in ONLINE MODE.

1. Nature of work :- **Construction of Forest Guard Quarter at Phulbani Division Office Campus**
2. Tender Cost :- **Rs.6000/-**
3. Class of Contractor :- **"C" & "D" class Contractors**
4. Availability of bid document in the website. :- **18:00 Hours of 11.12.2025 to 17:30 Hours of 19.12.2025**
5. Date of Opening of Tenders :- **11:30 Hours on dt._20.12.2025**
6. The Bidders have to participate in ONLINE bidding only. Further details can be seen from the Web Site www.tendersodisha.gov.in only. Any Corrigendum / Addendum/ cancellation of tender will be displayed in the website said only.

OIPR-08069/11/0008/2526

Divisional Forest Officer
Phulbani K.L. Division

O-1683 Email- rd_nuapada@rediffmail.com

**GOVT. OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION, NUAPADA**
BID IDENTIFICATION NO. RWNPD – 06 (Online) of 2025-26

**"e" PROCUREMENT NOTICE**

Bid documents consisting of Work, Estimate Cost, Cost of tender Paper, EMD / BID security, Time of Completion, Class of Contractor and the set of terms and conditions of contract and other necessary documents can be seen in Govt. website i.e. www.tendersorissa.gov.in

1.Name of the Work : Building works in the District of Nuapada as mentioned in DTCN
2. Total No of Works : 01 No.
3.Estimated Cost: : Rs. 50.18 lakhs (Building)
4.Period of Completion: : 01 (one) Calendar Month
5.Other Details:

| Procurement officer | Bid Identification No. | Availability of Tender online for bidding | | Last date & time of Seeking tender clarification | Date & Time of Opening of Bid | |
|---|---|---|---|---|---|---|
| | | From | To | | Technical Bid | Financial Bid |
| Superintending Engineer, Rural Works Division, Nuapada | RWNPD-06/2025-26 (Online) | 10.12.2025 at 10.00 AM | 20.12.2025 up to 5.00 PM | 19.12.2025 upto 05.00 PM | 21.12.2025 at 11.00 AM | Will be intimated later on |

Further details can be seen from the website www.tendersodisha.gov.in

OIPR-25050/11/0010/2526

Executive Engineer
Rural Works Division, Nuapada

OHPC ISO 9001-14001 18001 Certified

**OFFICE OF THE SR. GENERAL MANAGER (ELECTRICAL)**
**UPPER INDRAVATI HYDRO ELECTRIC PROJECT, MUKHIGUDA,**
**DIST: KALAHANDI-766026, ODISHA, E-mail:** sgmel_uihep@ohpcltd.com / sgmeluihep@gmail.com
CAD-2638
**ODISHA HYDRO POWER CORPORATION LTD. (A GOVERNMENT OF ODISHA UNDERTAKING)**
Regd. Office OSPH & W.C Building, Vanivihar Chhak, Janpath, Bhoinagar, Bhubaneswar-751022,
Tel: 91-0674-2542983, 2542802, 2545526, 2542826, Fax:2542102, E-Mail: ohpc.co@gmail.com / md@ohpcltd.com
WEB: www.ohpcltd.com, CIN: U40101OR1995SGC003963

**NOTICE INVITING TENDER No. UIHEP-38/2025-26 DATED 08.12.2025**

Sealed tenders are invited in two parts i.e. (i) Techno commercial bid (ii) Price bid in separate sealed envelopes from the registered travel agencies / vehicle owners/service providers for providing services as mentioned below.

| Description of Materials / Services | Cost of tender paper (Non-refundable) in Rs. | EMD in shape of DD/Banker's Cheque only (Refundable) in Rs. | Period of sale / download of tender document | Last date & time of receipt of tender | Date & time of opening of Techno commercial Bid |
|---|---|---|---|---|---|
| Hiring of a light vehicle (Mahindra Bolero) for patrolling of the local Police Officer, Outpost of Mukhiguda for 04 Years. | 7,080/- (inclusive of GST) | 01% of quoted price | From 12.12.2025 to 23.12.2025 up to 13.00 Hrs | 23.12.2025 (up to 13:30Hrs) | 23.12.2025 at 16:30Hrs. |

For details of the tender documents, terms and conditions please visit our website www.ohpcltd.com

OIPR-04008/11/0050/2526

C&P Head
UIHEP, Mukhiguda

भा.क.नि. CCI

**ଭାରତୀୟ କପା ନିଗମ ଲିମିଟେଡ୍**
**ଶାଖା କାର୍ଯ୍ୟାଳୟ: ରାୟଗଡା**
ଭବନାରାୟଣ ନୀଳୟମ, ଜ୍ୟୋତି ମହଲ ହୋଟେଲ ନିକଟରେ, କଳଭେଣ୍ଟ ରୋଡ୍, ରାୟଗଡା -୭୬୫୦୦୧

ମୋବାଇଲ ଆପ କପାସ କିସାନ

ସଂଖ୍ୟା: ଭାକନି / ରାୟଗଡ଼ା / ୨୦୨୫-୨୬ | ତାରିଖ: ୧୦.୧୨.୨୦୨୫

**କପା ଚାଷୀଙ୍କୁ ଆହ୍ୱାନ**

ଚଳିତ କପା ବିପଣନ ଋତୁ ୨୦୨୫-୨୬ ରେ, ଭାରତୀୟ କପା ନିଗମ (CCI) କପାଚାଷୀଙ୍କ ପାଇଁ "କପାସ କିଷାନ" ମୋବାଇଲ୍ ଆପ୍ ଲଞ୍ଚ କରିଛି, ଯାହା ମାଧ୍ୟମରେ ଚାଷୀମାନେ ସ୍ୱୟଂ-ପଞ୍ଜିକରଣ କରି ପାରିବେ ଏବଂ ସର୍ବନିମ୍ନ ସହାୟକ ମୂଲ୍ୟ (MSP)ରେ CCI କ୍ରୟ କେନ୍ଦ୍ରରେ ସେମାନଙ୍କର କପା ବିକ୍ରୟ କରିପାରିବେ। ସମ୍ପୃକ୍ତ ରାଜ୍ୟ ଦ୍ୱାରା ସ୍ୱୟଂ-ପଞ୍ଜିକରଣ ଅନୁମୋଦନ ହେବା ପରେ ପଞ୍ଜିକରଣ ସମ୍ପୂର୍ଣ୍ଣ ବୋଲି ବିବେଚନା କରାଯିବ, ଯାହା ପରେ ଚାଷୀମାନେ ମୋବାଇଲ୍ ଆପରେ ଉପଲବ୍ଧ ନିକଟତମ କ୍ରୟ କେନ୍ଦ୍ର / ଅଧିସୂଚିତ କାରଖାନାରେ ସେମାନଙ୍କର କପା ବିକ୍ରୟ କରିବା ପାଇଁ ଏକ ସ୍ଲଟ୍ ବୁକ୍ କରିପାରିବେ।

**ରାଜ୍ୟଗୁଡ଼ିକର ଅନୁରୋଧ ଏବଂ କୃଷକମାନଙ୍କ ସୁବିଧାକୁ ଦୃଷ୍ଟିରେ ରଖି, ପଞ୍ଜୀକରଣର ଶେଷ ତାରିଖ ୩୧ ଅକ୍ଟୋବର ୨୦୨୫ ରୁ ୩୧ ଡିସେମ୍ବର ୨୦୨୫ କୁ ବୃଦ୍ଧି କରାଯାଇଛି।**

ତେଣୁ, ସମସ୍ତ କପା ଚାଷୀଙ୍କୁ ଅନୁରୋଧ କରାଯାଉଛି ଯେ ସେମାନେ ନିର୍ଦ୍ଧାରିତ ସମୟ ମଧ୍ୟରେ କପାସ କିଶାନ ମୋବାଇଲ୍ ଆପ୍ ଡାଉନଲୋଡ୍ କରନ୍ତୁ ଏବଂ ସେମାନଙ୍କର ପଞ୍ଜୀକରଣ ସମାପ୍ତ କରନ୍ତୁ ଯାହା ଦ୍ୱାରା ସେମାନେ MSP ଯୋଜନାର ଲାଭ ପାଇପାରିବେ।

ଗୁଣବତ୍ତା ମାନଦଣ୍ଡ ଅନୁଯାୟୀ ଯଦି କପାରେ ଆର୍ଦ୍ରତା ୮% ଅତିକ୍ରମ ନକରେ, ତେବେ ଚାଷୀମାନଙ୍କୁ ସମ୍ପୂର୍ଣ୍ଣ ସର୍ବନିମ୍ନ ସହାୟକ ମୂଲ୍ୟ (MSP) ପ୍ରଦାନ କରାଯିବ। କିନ୍ତୁ, ଯଦି ଆର୍ଦ୍ରତା ୮% ଅତିକ୍ରମ କରି ୧୨% ପର୍ଯ୍ୟନ୍ତ ପହଞ୍ଚିଯାଏ, ତେବେ ୮% ରୁ ଅଧିକ ଆର୍ଦ୍ରତା ଅନୁପାତରେ ହ୍ରାସ କରି MSP ପ୍ରଦାନ କରାଯିବ।

ତେଣୁ, ନିଗମ ସମସ୍ତ କପା ଚାଷୀଙ୍କୁ ଅତ୍ୟଧିକ ଆର୍ଦ୍ରତା ଯୋଗୁଁ କୌଣସି କଟନିତୀକୁ ଏଡାଇବା ପାଇଁ କେବଳ ଶୁଖିବା ପରେ ସେମାନଙ୍କର କପା କେନ୍ଦ୍ରକୁ ଆଣିବାକୁ ଅନୁରୋଧ କରୁଛି। ତଥାପି, କୌଣସି ପରିସ୍ଥିତିରେ କପାରେ ଆର୍ଦ୍ରତା ୧୨% ଅତିକ୍ରମ କରିବା ଉଚିତ୍ ନୁହେଁ।

ଯଦି କୌଣସି ପ୍ରକାରର ସହାୟତା ଆବଶ୍ୟକ ହୁଏ, ତେବେ ଚାଷୀମାନେ ନିଗମର ରାୟଗଡ଼ା ଶାଖା କାର୍ଯ୍ୟାଳୟ ସହିତ ହ୍ୱାଟସଆପ୍ ହେଲ୍ପଲାଇନ୍ ନମ୍ବର ୬୩୭୦୦୧୧୯୨୦ରେ ଯୋଗାଯୋଗ କରିପାରିବେ।

ସ୍ୱା/-ଶାଖା ପ୍ରମୁଖ


---

## ଆଜିର ରାଶିଫଳ

**ମେଷ:** ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ। ଆଇଟି ଚାକିରିଆଙ୍କ ପାଇଁ ଦିନ ଭଲ। ଚାକିରିରେ ପରିବର୍ତ୍ତନ ହେବ। ରାଜନୀତିରେ ସଫଳ ହେବେ। ସନ୍ତାନଙ୍କ ଭବିଷ୍ୟତ ଲାଗି ବାପାମାଆ ଅର୍ଥ ନିବେଶ କରିବେ।

**ବୃଷ:** ଦୀର୍ଘ ଦିନରୁ ଆଶା କରିଥିବା ଦିଗରୁ ଅର୍ଥ ମିଳିବ। ବ୍ୟସ୍ତତା ଭିତରେ ଦିନଟି କଟିବ। ବ୍ୟବସାୟ ଆଗକୁ ବଢ଼ାଇବାକୁ ପ୍ରୟାସ କରିବେ। ଅତିଥି ସତ୍କାର କରିପାରନ୍ତି। ସୃଜନାତ୍ମକ କ୍ଷେତ୍ରରେ ସଫଳତା ହାସଲ କରିବେ।

**ମିଥୁନ:** ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି। କଳା ଓ ସାହିତ୍ୟ କ୍ଷେତ୍ରରେ ସମ୍ମାନିତ ହୋଇପାରନ୍ତି। ସ୍ୱାସ୍ଥ୍ୟରେ ସୁଧାର ଆସିବ। ଅଧିକ ପରିଶ୍ରମ କରିବେ। ପାରିବାରିକ ଜୀବନ ସୁଖମୟ ହେବ।

**କର୍କଟ:** ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ। ପଡୋଶୀଙ୍କ ସହ ସମ୍ପର୍କ ଘନିଷ୍ଠ ହୋଇପାରେ। ରାଜନେତାଙ୍କ ପାଇଁ ଦିନଟି ଭଲ। ଅଫିସ୍ କାର୍ଯ୍ୟ ପାଇଁ ଦୂରସ୍ଥାନକୁ ଯାତ୍ରା କରିପାରନ୍ତି।

**ସିଂହ:** ନିବେଶରୁ ଲାଭ ପାଇବେ। କାର୍ଯ୍ୟରେ ସଫଳତା ମିଳିବ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ତରିବରିଆ ଭାବେ କୌଣସି ନିଷ୍ପତ୍ତି ନେବେ ନାହିଁ। ଶିକ୍ଷା କ୍ଷେତ୍ରରେ ସମ୍ମାନ ମିଳିବ।

**କନ୍ୟା:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ଘର ସାଜସଜ୍ଜାରେ ଅଧିକ ଖର୍ଚ୍ଚାନ୍ତ ହେବେ। ମହିଳାମାନେ ଘରକାର୍ଯ୍ୟରେ ସମୟ ଅତିବାହିତ କରିବେ। ପଡ଼ୋଶୀଙ୍କ ସହ ମତାନ୍ତର ଦୂର ହେବ।

**ତୁଳା:** ସରକାରୀ କ୍ଷେତ୍ରରେ ଲାଭ ମିଳିବ। ଧାର କରଜ କରିବାରୁ ରକ୍ଷା ପାଇବେ। ଭବିଷ୍ୟତ ପାଇଁ ବଡ଼ ନିଷ୍ପତ୍ତି ନେବେ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ଛାତ୍ରଛାତ୍ରୀ ପଢ଼ାରେ ଧ୍ୟାନ ଦେବେ।

**ବିଛା:** ସମୟ ପୂର୍ବରୁ ସମସ୍ତ କାର୍ଯ୍ୟ ପୂରା କରିବେ। ଇଚ୍ଛା ପୂରଣ ହେବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ବନ୍ଧୁଙ୍କ ସହ ବୁଲିବାକୁ ଯିବେ। ଅବିବାହିତଙ୍କ ପାଇଁ ବିବାହ ପ୍ରସ୍ତାବ ଆସିପାରେ।

**ଧନୁ:** ଧାର୍ମିକ ସ୍ଥାନକୁ ଯାତ୍ରାଯୋଗ ଅଛି। ବ୍ୟବସାୟ ଜନିତ ସମସ୍ୟା ସମାଧାନ ହେବ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ଆର୍ଥିକ ଉନ୍ନତିକୁ ନେଇ ପ୍ରସନ୍ନ ରହିବେ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ।

**ମକର:** ନାଚ, ଗୀତରେ ସଫଳତା ମିଳିବ। ଛାତ୍ରଛାତ୍ରୀ ପଢ଼ା ପ୍ରତି ଆଗ୍ରହ ପ୍ରକାଶ କରିବେ। ବିଦେଶ ଯାତ୍ରା ଯୋଗ ଅଛି। ଭଉଣୀଙ୍କ ସ୍ୱାସ୍ଥ୍ୟରେ ସୁଧାର ଆସିବ। ପୁରୁଣା ବନ୍ଧୁଙ୍କ ସହ ସାକ୍ଷାତ ଯୋଗ ରହିଛି।

**କୁମ୍ଭ:** ପ୍ରେମିକ ପ୍ରେମିକାଙ୍କ ଲାଗି ଦିନଟି ଭଲ। ଘର ପାଇଁ ନୂଆ ଜିନିଷ କିଣିବେ। ସନ୍ତାନଙ୍କ ସହ ସମୟ ଅତିବାହିତ କରିବେ। ବନ୍ଧୁଙ୍କ ସାହାଯ୍ୟ ଓ ସହଯୋଗ ମିଳିବ। ଛାତ୍ରଛାତ୍ରୀ ପରୀକ୍ଷାରେ କୃତକାର୍ଯ୍ୟ ହେବେ।

**ମୀନ:** ବ୍ୟସ୍ତତା ଭିତରେ ନିଜ ପାଇଁ ସମୟ ବାହାର କରିବେ। ଧାର୍ମିକ କାର୍ଯ୍ୟରେ ନିୟୋଜିତ ହେବେ। ପୈତୃକ ସମ୍ପତ୍ତି ବିବାଦର ସମାଧାନ ହେବ। ବ୍ୟବସାୟରେ ପରିବର୍ତ୍ତନ ଆଣିବେ।

# ବନ୍ଧବାହାଲ ଧନୁଯାତ୍ରା ପାଇଁ କଂସ ନିମନ୍ତ୍ରଣ

## ତୃତୀୟ ଥର ପାଇଁ ରବୀନ୍ଦ୍ର ସାହୁ କଂସ

ଇବଥର୍ମାଲ, ୧୦।୧୨(ସମିସ)

ଝାରସୁଗୁଡ଼ା ଜିଲ୍ଲା ବନ୍ଧବାହାଲ ୧୯ ତମ ଆଞ୍ଚଳିକ ଧନୁଯାତ୍ରା ସକାଶେ ବୁଧବାର ମହାରାଜା କଂସ ଭୂମିକାରେ ଅଭିନୟ କରିବାକୁ ବିଧିମତେ କଂସ ନିମନ୍ତ୍ରଣ ସମ୍ପନ୍ନ ହୋଇଛି। ଚଳିତ ଥର ବଲାଙ୍ଗିର ଜିଲ୍ଲା ଲୁଇସିଂହା ନିବାସୀ ତଥା ପଶ୍ଚିମ ଓଡ଼ିଶାରେ କଂସ ଭୂମିକାରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା କଳାକାର ରବୀନ୍ଦ୍ର ସାହୁଙ୍କୁ ବନ୍ଧବାହାଲ ଧନୁଯାତ୍ରା ସକାଶେ କଂସ ରୂପେ ନିମନ୍ତ୍ରଣ କରାଯାଇଛି ଏବଂ ତାଙ୍କ ଦଳ ଧନୁଯାତ୍ରାରେ ସମସ୍ତ ଅଭିନୟ କରିବେ ବୋଲି ଧାର୍ଯ୍ୟ କରାଯାଇଛି। ଗତ ଦୁଇବର୍ଷ ହେଲା ଶ୍ରୀ ସାହୁ ଏଠାରେ କଂସ ଭୂମିକାରେ ଅଭିନୟ କରି ପ୍ରଶଂସା ସାଉଁଟିଛନ୍ତି। ଆଜି ଧନୁଯାତ୍ରା କମିଟି ସାଧାରଣ ସମ୍ପାଦକ ପ୍ରେମାନନ୍ଦ ସାହୁଙ୍କ ନେତୃତ୍ୱରେ ବରିଷ୍ଠ ସଦସ୍ୟ ମହେନ୍ଦ୍ର କଣ୍ଡା, ରବୀନ୍ଦ୍ର ସିଂହ, ତେଜରାଜ ବହିଦାର, ଚିତ୍ତରଞ୍ଜନ ପଣ୍ଡା, ସରୋଜ ସାହୁ, ଭଗବାନ ଓରାମ, ବିଜୟ ମୁଣ୍ଡା, ଭଗବାନ ଭୋଇ ପ୍ରମୁଖ ଶ୍ରୀ ସାହୁଙ୍କ ଲୁଇସିଂହା ବାସଭବନରେ ପହଞ୍ଚିଥିଲେ। ଆସନ୍ତା ଡିସେମ୍ବର ୨୮ରୁ ଜାନୁଆରୀ ୩ ପର୍ଯ୍ୟନ୍ତ ହେବାକୁ ଥିବା ଖୋଲା ରଙ୍ଗମଞ୍ଚ ଧନୁଯାତ୍ରା ପାଇଁ ବିଧିବଦ୍ଧ ଚୁକ୍ତି ସହ ନିମନ୍ତ୍ରଣ କରିଥିଲେ। ଶ୍ରୀ ସାହୁ ମଧ୍ୟ ନିମନ୍ତ୍ରଣ ସ୍ୱୀକାର କରିଛନ୍ତି। ବିଗତ ବର୍ଷ ମାନଙ୍କରେ ବିଶ୍ୱ ପ୍ରସିଦ୍ଧ ଧନୁଯାତ୍ରା ଲଗ୍ନ ସହ ବନ୍ଧବାହାଲ ଧନୁଯାତ୍ରା ଅନୁଷ୍ଠିତ ହୋଇଆସୁଛି। ବରଗଡ଼ ଧନୁଯାତ୍ରାରେ ଅଭିନୟ କରିଥିବା ଭୁବନେଶ୍ୱର ପ୍ରଧାନ, ହୃଷୀକେଶ ଭୋଇ ଓ ଚଳିତ ଥର ବରଗଡ଼ ଧନୁଯାତ୍ରାରେ କଂସ ଚରିତ୍ର ପାଇଁ ମନୋନୀତ ହୋଇଥିବା ସୁଶିଲ ମେହେର ବନ୍ଧବାହାଲ ଧନୁଯାତ୍ରାରେ କଂସ ଅଭିନୟ କରିସାରିଛନ୍ତି।



# ନୂଆଗାଁରେ ଆର୍‌ଏସ୍‌ପିର ବହୁମୁଖୀ ସ୍ୱାସ୍ଥ୍ୟଶିବିର

ରାଉରକେଲା, ୧୦।୧୨(ସମିସ): ରାଉରକେଲା ଇସ୍ପାତ କାରଖାନା(ଆର୍‌ଏସ୍‌ପି) ଦ୍ୱାରା ନୂଆଗାଁ ବ୍ଲକର ଫୁଲଝର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଏକ ବହୁମୁଖୀ ସ୍ୱାସ୍ଥ୍ୟ ଶିବିର ଆୟୋଜିତ ହୋଇଥିଲା। ଆର୍‌ଏସ୍‌ପିର କର୍ପୋରେଟ ସାମାଜିକ ଦାୟିତ୍ୱ ବିଭାଗ ଦ୍ୱାରା ଚିକିତ୍ସା ଓ ସ୍ୱାସ୍ଥ୍ୟ ସେବା ବିଭାଗର ସହଯୋଗରେ ଆୟୋଜିତ ଏହି ସ୍ୱାସ୍ଥ୍ୟ ଶିବିରରେ ଚିକିତ୍ସା ଓ ସ୍ୱାସ୍ଥ୍ୟ ସେବା ବିଭାଗର ସିଏମଓ ଇନ୍‌ଚାର୍ଜ ଡାକ୍ତର ଜୟନ୍ତ କୁମାର ଆଚାର୍ଯ୍ୟ, ସିଏସଆର ବିଭାଗର ଜିଏମ୍ ଇନ୍‌ଚାର୍ଜ ସୁଶ୍ରୀ ମୁନମୁନ ମିତ୍ରା, ଜିଏମ୍ ବିଭାବସୁ ମଲ୍ଲିକ, ଡିଜିଏମ୍ ଆର୍‌ଏସ୍ ବାରା ଓ ଟିବି ଟପ୍ପୋ, ଏଜିଏମ୍ ବି. ଜେନା, ଡେପୁଟି ମ୍ୟାନେଜର ଏସ୍‌କେ ସୁକୁଲା, ସିଏସ୍‌ଆର ବିଭାଗର ଅନ୍ୟ ଅଧିକାରୀମାନେ ଶିବିର ପରିଦର୍ଶନ କରିବା ସହିତ ଗ୍ରାମବାସୀଙ୍କ ସହ ମତବିନିମୟ କରିଥିଲେ। ଆରଏସପିର ଚିକିତ୍ସକ ଦଳ ଶଲ୍ୟ ବିଭାଗର ଡାକ୍ତର ଜ୍ୟୋତି ରଞ୍ଜନ ସାହୁ, ସ୍ତ୍ରୀ ଓ ପ୍ରସୂତି ବିଭାଗର ଡାକ୍ତର ବିଏସ୍ ରାୟଚୌଧୁରୀ, ମେଡିସିନ ବିଭାଗର ଡାକ୍ତର ଦେବାଶିଷ ରାୟ, ଚକ୍ଷୁ ରୋଗ ବିଭାଗର ଡାକ୍ତର ଅନିନ୍ଦିତା ଦେବତା, ଶିଶୁ ରୋଗ ବିଭାଗର ଡାକ୍ତର ଅଭିଲାଷ ସାହୁ, ଚକ୍ଷୁ ରୋଗ ବିଭାଗର ଡାକ୍ତର ଗୀତାଂଶ ସାଇନି ରୋଗୀମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ସିପିଏସ୍‌କେ ଶ୍ରୀ ଲିଙ୍ଗରାଜ, ଫର୍ମାଶିଷ୍ଟ ସୁଶ୍ରୀ ବନିତା ଜାଲି, ସୁଶ୍ରୀ ପୂର୍ଣ୍ଣିମା ଠାକୁର ଓ ସିଏସଆର କୋଅର୍ଡିନେଟର ବିକେ ମହାପାତ୍ର ଚିକିତ୍ସକ ଦଳଙ୍କୁ ସହଯୋଗ କରିଥିଲେ। ଶିବିରରେ ପ୍ରାୟ ୨୩୩ ରୋଗୀଙ୍କୁ ପରୀକ୍ଷା କରାଯାଇ ମାଗଣା ଔଷଧ ଏବଂ ପରାମର୍ଶ ଦିଆଯାଇଥିଲା। ଏହା ବ୍ୟତୀତ ବିଭିନ୍ନ ସିଏସ୍‌ଆର୍ ଯୋଜନା ଅନ୍ତର୍ଗତ ଇସ୍ପାତ ଜେନେରାଲ୍ ହସ୍ପିଟାଲରେ ଅଧିକ ଚିକିତ୍ସା ପାଇଁ ୧୨ ଜଣ ରୋଗୀଙ୍କୁ ଚିହ୍ନଟ କରାଯାଇଥିଲା।



# ଭାରତୀୟ ଭାଷା ଦିବସ



ଝାରସୁଗୁଡ଼ା, ୧୦।୧୨(ସମିସ): ବ୍ରଜରାଜନଗର ସରସ୍ୱତୀ ଶିଶୁ ମନ୍ଦିରରେ ଭାରତୀୟ ଭାଷା ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ନେଇ ଭାଷା ଉପରେ ଅନେକ ନାଟକ ପ୍ରଦର୍ଶନ ଏବଂ ଭାଷାକୁ ନେଇ ଅନେକ କବିତା ପଠନ କରାଯାଇଥିଲା। ଶେଷରେ ପରିଚାଳନା କମିଟିର ସଭାପତି ଗୋବିନ୍ଦ ସିଂହ, ସମ୍ପାଦକ ସୁଧୀର ନାଏକ, ଯୁଗ୍ମ ସମ୍ପାଦକ ବିଜୟ ସାହୁ, ଉପ ସଭାପତି ରାଧେଶ୍ୟାମ ଶର୍ମା, କୋଷାଧ୍ୟକ୍ଷ ଭବାନୀ କୁଅଁର ପ୍ରମୁଖ ଛାତ୍ରଛାତ୍ରୀଙ୍କୁ ସାର୍ଟିଫିକେଟ ସହ ପୁରସ୍କାର ବିତରଣ କରିଥିଲେ। କାର୍ଯ୍ୟକ୍ରମ ପ୍ରଧାନଆଚାର୍ଯ୍ୟ ଯୋଗେନ୍ଦ୍ର ନାଥ ଠାକୁର୍‌ଙ୍କ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିଲା। ଏଥିରେ ପୁଷ୍ପା ଜସ୍ୱାଲ୍, ଅରୁଣ ଖର୍ସେଲ, ଦିନେଶ ଯାଦବ, ଅରୁଣ ସାହୁ ଓ ଅନେକ ଗୁରୁଜୀ ଗୁରୁମା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଏମ୍‌ସିଏଲ୍ ଇଣ୍ଟର୍ ଏରିଆ ଭଲିବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

ଇବଥର୍ମାଲ, ୧୦।୧୨(ସମିସ): ଏମ୍‌ସିଏଲ୍ ଇଣ୍ଟର୍ ଏରିଆ ଭଲିବଲ ଟୁର୍ଣ୍ଣାମେଣ୍ଟ ୨୦୨୫-୨୬ ଆୟୋଜକ ଲଖନପୁର କୋଇଲା କ୍ଷେତ୍ର ପକ୍ଷରୁ ଉଦ୍‌ଘାଟିତ ହୋଇଯାଇଛି। ବନ୍ଧବାହାଲ ଓଡ଼ିଆ ସ୍କୁଲ ପଡ଼ିଆରେ ଅନୁଷ୍ଠିତ ଟୁର୍ଣ୍ଣାମେଣ୍ଟକୁ ଏମ୍‌ସିଏଲ୍ ଖେଳ ପତାକା ଉତ୍ତୋଳନ କରି ଲଖନପୁର କୋଇଲା କ୍ଷେତ୍ର ମହାପ୍ରବନ୍ଧକ ଅୱଧ କିଶୋର ପାଣ୍ଡେ ଖେଳର ଉଦ୍‌ଘାଟନ କରିଥିଲେ। ଟୁର୍ଣ୍ଣାମେଣ୍ଟରେ ଏମ୍‌ସିଏଲ୍ ଅଧୀନ ୧୪ଟି କୋଇଲା କ୍ଷେତ୍ର ଯୋଗ ଦେଇଥିବା ବେଳେ ୨୫୦ଜଣ ଖେଳାଳି ଯୋଗ ଦେଇଛନ୍ତି। ଏହା ଆଜିଠାରୁ ୧୨ ତାରିଖ ପର୍ଯ୍ୟନ୍ତ ୩ଦିନ ଧରି ଚାଲିବ। ୧୪ଟି ଦଳକୁ ମୋଟ ୪ଟି ଗ୍ରୁପ୍ କରାଯାଇ ଖେଳ ହେବ। ପ୍ରତ୍ୟେକ ଗ୍ରୁପ୍ ଚାମ୍ପିଅନ ସେମିଫାଇନାଲ ଖେଳିବେ। ଆଜି ଉଦ୍‌ଘାଟନୀ ମ୍ୟାଚ୍ ଆୟୋଜକ ଲଖନପୁର କୋଇଲା କ୍ଷେତ୍ର ଦଳ ବନାମ ଏମସିଏଲ୍ ହେଡକ୍ୱାର୍ଟର ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଲଖନପୁର କୋଇଲା କ୍ଷେତ୍ର ଦଳ ବିଜୟୀ ହୋଇଥିଲା। ଉଦ୍‌ଘାଟନୀ ଉତ୍ସବରେ କୋଇଲା କ୍ଷେତ୍ର ବରିଷ୍ଠ ଅଧିକାରୀ ସମେତ ସମସ୍ତ ଶ୍ରମିକ ସଂଗଠନର ଜେସିସି ମେମ୍ବର, ମୁଖ୍ୟ କାର୍ଯ୍ୟାଳୟ ୟୁନିୟନର ପ୍ରତିନିଧି ଗଣ ଉପସ୍ଥିତ ଥିଲେ।



# ହୃଦ୍‌ଘାତରେ ସମାଜସେବୀଙ୍କ ପରଲୋକ

ଝାରସୁଗୁଡ଼ା, ୧୦।୧୨(ସମିସ): ଝାରସୁଗୁଡ଼ା ସହରର ସମାଜସେବୀ ତଥା ବିଜେଡି ଦଳର ସକ୍ରିୟ ସଦସ୍ୟ ସିଦ୍ଧାର୍ଥ ସରକାର (୫୮) ଙ୍କ ହୃଦଘାତରେ ଝାରସୁଗୁଡ଼ା ସ୍ଥିତ ବାସ ଭବନରେ ପରଲୋକ ହୋଇଯାଇଛି। ସରକାର ଜଣେ ବରିଷ୍ଠ ଜୀବନ ବୀମା ଅଭିକର୍ତ୍ତା ଥିବା ବେଳେ ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ସ୍ୱର୍ଗତ ନବ ଦାସଙ୍କ ଅତ୍ୟନ୍ତ ଅନୁଗତ ଥିଲେ। ତାଙ୍କର ଏକମାତ୍ର ପୁତ୍ର ଓଡ଼ିଶା ବାହାରେ ଥିବାରୁ ସେ ବୁଧବାର ସନ୍ଧ୍ୟାରେ ଝାରସୁଗୁଡ଼ାରେ ପହଞ୍ଚିବା ପରେ ଗୁରୁବାର ବୁରୋମାଲ ଶ୍ମଶାନରେ ସରକାରଙ୍କ ଅନ୍ତିମ ସଂସ୍କାର କରାଯିବ। ସିଦ୍ଧାର୍ଥ ସରକାରଙ୍କ ପରଲୋକରେ ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ, ପୂର୍ବତନ ବିଧାୟିକା ଅଳକା ମହାନ୍ତି ଓ ଦୀପାଳୀ ଦାସ, ଝାରସୁଗୁଡ଼ା ପୌର ପରିଷଦ ଉପାଧ୍ୟକ୍ଷ ବେଣୁ ଗୋପାଳ ପାଣିଗ୍ରାହୀ, ଯୁବନେତା ଦୁର୍ଗେଶ ମହାନ୍ତିଙ୍କ ସହିତ ଝାରସୁଗୁଡ଼ାର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଗଭୀର ଶୋକ ପ୍ରକାଶ କରିଛନ୍ତି।




# ଗୋପବନ୍ଧୁ ସାମ୍ବାଦିକ ସ୍ୱାସ୍ଥ୍ୟ ବୀମା ଯୋଜନାର ନୂତନ କାର୍ଡ ପ୍ରଦାନ

ଝାରସୁଗୁଡ଼ା, ୧୦।୧୨(ସମିସ): ଜିଲ୍ଲା କାର୍ଯ୍ୟାଳୟଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ ଜିଲ୍ଲାର ୬୧ ଜଣ କର୍ମଜୀବୀ ସାମ୍ବାଦିକଙ୍କୁ 'ଗୋପବନ୍ଧୁ ସାମ୍ବାଦିକ ସ୍ୱାସ୍ଥ୍ୟ ବୀମା ଯୋଜନା'ର ନୂତନ ସ୍ୱାସ୍ଥ୍ୟ ବୀମା କାର୍ଡ ପ୍ରଦାନ କରିଛନ୍ତି। ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ଭାବେ ସାଧାରଣ ଲୋକ ଏବଂ ସରକାରଙ୍କ ମଧ୍ୟରେ ଏକ ସେତୁ ଭାବେ ଗଣମାଧ୍ୟମ କାର୍ଯ୍ୟ କରୁଥିବା ଉଲ୍ଲେଖ କରି ଜିଲ୍ଲାପାଳ ଝାରସୁଗୁଡ଼ାର ବିଭିନ୍ନ ସମସ୍ୟା, ଉନ୍ନୟନମୂଳକ କାର୍ଯ୍ୟର ଅଭାବ କିମ୍ବା ସାମାଜିକ ବିଷୟବସ୍ତୁକୁ ନିର୍ଭୀକ ଭାବେ ଲୋକଲୋଚନକୁ ଆଣିବାରେ ସାମ୍ବାଦିକମାନଙ୍କ ଭୂମିକା ଅତୁଳନୀୟ ବୋଲି କହିଛନ୍ତି। ଓଡ଼ିଶା ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ 'ଗୋପବନ୍ଧୁ ସାମ୍ବାଦିକ ସ୍ୱାସ୍ଥ୍ୟ ବୀମା ଯୋଜନା' ରାଜ୍ୟର କର୍ମଜୀବୀ ସାମ୍ବାଦିକ ଏବଂ ସେମାନଙ୍କ ପରିବାର ବର୍ଗଙ୍କୁ ସ୍ୱାସ୍ଥ୍ୟ ସୁରକ୍ଷା ଯୋଗାଇ ଆସୁଛି। ଏହି ଯୋଜନା ରାଜ୍ୟରେ ସାମ୍ବାଦିକମାନଙ୍କ କଲ୍ୟାଣ ଏବଂ ସେମାନଙ୍କ ସ୍ୱାସ୍ଥ୍ୟଗତ ଆବଶ୍ୟକତାକୁ ଦୃଷ୍ଟିରେ ରଖି କାର୍ଯ୍ୟକାରୀ କରାଯାଇଛି। ଓଡ଼ିଶା ସରକାର ସ୍ୱୀକୃତିପ୍ରାପ୍ତ କର୍ମଜୀବୀ ସାମ୍ବାଦିକମାନଙ୍କୁ ଏହି ଯୋଜନାରେ ଅନ୍ତର୍ଭୁକ୍ତ କରିଛନ୍ତି। ସେମାନଙ୍କୁ ବୀମା କାର୍ଡ ପ୍ରଦାନ କରାଯାଉଛି। ଏହା ମାଧ୍ୟମରେ ସେମାନେ ବୀମା ରାଶିର ସ୍ୱାସ୍ଥ୍ୟ ସୁବିଧା ଉଠାଇ ପାରୁଛନ୍ତି। ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ଏହି କାର୍ଯ୍ୟକ୍ରମର ପରିଚାଳନା କରିଥିଲା।



# ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ପକ୍ଷରୁ ମାନବାଧିକାର ଦିବସ

ଝାରସୁଗୁଡ଼ା, ୧୦।୧୨(ସମିସ): ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ପକ୍ଷରୁ ଜିଲ୍ଲା ଓ ଦୌରାଜଜ ତଥା ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ଅଧ୍ୟକ୍ଷ ପ୍ରଶାନ୍ତ ନାୟକଙ୍କ ନିର୍ଦ୍ଦେଶ କ୍ରମେ ସ୍ଥାନୀୟ ମଙ୍ଗଳ ବଜାର ସ୍ଥିତ ଟାଉନ ଉଚ୍ଚ ବିଦ୍ୟାଳୟ ଝାରସୁଗୁଡ଼ା ଠାରେ ମାନବାଧିକାର ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଏକ ବକ୍ତୃତା ପ୍ରତିଯୋଗିତା ବିଦ୍ୟାଳୟର ଛାତ୍ର ମାନଙ୍କ ମଧ୍ୟରେ ଆୟୋଜିତ ହୋଇଥିଲା। ପରେ ଆୟୋଜିତ ସଚେତନତା କାର୍ଯ୍ୟକ୍ରମରେ ସ୍ଥାୟୀ ଲୋକ ଅଦାଲତ (ଜନ ଉପଯୋଗୀ ସେବା)ର ଅଧ୍ୟକ୍ଷ ଅଶ୍ୱିନୀ ନାୟକ, ପ୍ରାଧିକରଣ ସଚିବ ଆଲୋକମୟୀ ପ୍ରଧାନ, ଆଇନ୍ ସେବା ପ୍ରତିପକ୍ଷ ଓକିଲ ସାଜଦା ବେଗମ୍ ଓ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳୀ ଗୌଡ ପ୍ରମୁଖ ଯୋଗ ଦେଇଥିଲେ। ମାନବ ଅଧିକାର ବିଷୟରେ ସଚେତନ କରିବା ସହିତ ଆଇନ୍‌ସେବା ପ୍ରାଧିକରଣର ଯୋଜନା ବିଷୟରେ ଆଲୋଚନା କରିଥିଲେ। ବକ୍ତୃତା ପ୍ରତିଯୋଗିତାରେ ଶୁଭମ୍ ପଟ୍ଟନାୟକ, ଅଂଶୁମାନ ଜାଲ ଓ ଡୋଳାମଣି ରନବିଡା ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। କୃତୀ ଛାତ୍ରମାନଙ୍କୁ ପ୍ରାଧିକରଣ ପକ୍ଷରୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା।



# ସିଆଲଯୋର ସେବାଶ୍ରମରେ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା

କୁତ୍ରା, ୧୦।୧୨(ସମିସ): ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ବ୍ଲକ ସିଆଲଯୋର ସେବାଶ୍ରମରେ ବୁଧବାର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଏକ ସଭାର ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ତୁନମୁରା ସରପଞ୍ଚ ତରଣୀ ସେନ ବରିହା ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ କୁତ୍ରା ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ବିନି ରାଣୀ ସରୋନ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ସିଧର ଭୋଇ ଓ ସକାଳ ସମ୍ବାଦପତ୍ରର ଖବରଦାତା କାହ୍ନୁଚରଣ ସାହୁ ଯୋଗଦେଇଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ନମିତା ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷକ କୁମରମଣୀ ମଲାଦ ଅତିଥି ପରିଚୟ ପ୍ରଦାନ କରିବା ସହ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ଅତିଥିମାନେ ଛାତ୍ରଛାତ୍ରୀଙ୍କୁ ପାଠପଢ଼ା ସହିତ ଖେଳ ମଧ୍ୟ ଅତ୍ୟନ୍ତ ଜରୁରୀ ବୋଲି ମତବ୍ୟକ୍ତ କରିଥିଲେ। ଛାତ୍ରଛାତ୍ରୀଙ୍କୁ ନେଇ ବିଭିନ୍ନ ପ୍ରକାର ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହାକୁ ସାର୍ଗୁକିଶାନ ଉଚ୍ଚ ସରକାରୀ ବିଦ୍ୟାଳୟର ଖେଳ ଶିକ୍ଷକ ଉମାଶଙ୍କର ମଲ୍ଲିକ ପରିଚାଳନା କରିଥିଲେ। ପ୍ରତିଯୋଗିତାର କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିରେ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ପ୍ରେମ ଲିନା କୁଲ୍ଲୁ, ସୁଜାତା ପଟ୍ଟା, ନମିତା ଲାକ୍ରା, ସିମା ଏକ୍କା, ସଙ୍ଗୀତା ନାଏକ, ଲତିକା ପଟେଲ, ଏଏନ୍‌ଏମ୍ ମମତା ନାଏକ ସହଯୋଗ କରିଥିଲେ।



# ପିତାମାଳ ଜଙ୍ଗଲରେ ବୃଦ୍ଧଙ୍କୁ ଦଳିଦେଲା ଦନ୍ତା

ଝାରସୁଗୁଡ଼ା/କିର୍ମିରା, ୧୦।୧୨(ସମିସ): ଝାରସୁଗୁଡ଼ା ଜିଲ୍ଲା ବନ ବିଭାଗ ବାଗଡ଼ିହି ବନ ରେଞ୍ଜ ଅଧୀନ ପାନପାଲି ପଞ୍ଚାୟତ ପିତାମାଳ ଜଙ୍ଗଲରେ ହାତୀ ଆକ୍ରମଣରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତକ ଜଣକ ପିତାମାଳ ଗାଁର ହୀରା ବୁଡା (୬୦) ବୋଲି ଜଣାପଡ଼ିଛି। ପିତାମାଳ ଜଙ୍ଗଲରେ ହାତୀ ରହୁଥିବା ଯୋଗୁଁ ଅପରାହ୍ଣ କିମ୍ବା ସନ୍ଧ୍ୟାରେ ଜଙ୍ଗଲକୁ ନ ଯିବା ପାଇଁ ପିତାମାଳ ଗ୍ରାମବାସୀଙ୍କୁ ବାରମ୍ବାର ମନା କରାଯାଇଥିଲା। ହେଲେ ମୃତ ହୀରା ଏକ ଟାଙ୍ଗିଆ ଧରି ମଙ୍ଗଳବାର ସନ୍ଧ୍ୟାରେ ଜଙ୍ଗଲକୁ ଯାଇଥିଲେ। ହୀରା ଘରକୁ ନ ଫେରିବାରୁ ପରିବାର ଲୋକେ ଜଙ୍ଗଲକୁ ଖୋଜିବାକୁ ଯାଇଥିଲେ। ସେଠାରେ ଏକ ଦନ୍ତା ହୀରାଙ୍କୁ ଦଳି ଦେଇ ମାରି ଦେଇଥିବା ନେଇ ଜଣାପଡ଼ିଛି। ଖବର ପାଇ ବାଗଡ଼ିହି ବନବିଭାଗ ଅଧିକାରୀ ମୁରାରୀ ସାହୁ ସଦଳବଳେ ଘଟଣାସ୍ଥଳରେ ପହଞ୍ଚିଥିଲେ। ତଦନ୍ତ ଓ ପଞ୍ଚନାମା ପାଇଁ ମୃତଦେହକୁ ଚିକିତ୍ସାଳୟ ପଠାଇଥିବା ସହ ପରିବାରକୁ ସରକାରୀ ନିୟମାନୁସାରେ ଆର୍ଥିକ ସହାୟତା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ତେବେ ବାଗଡ଼ିହି ରେଞ୍ଜର ବନ୍ଦନା ପସାୟତ ଏହି ଘଟଣା ସମ୍ପର୍କରେ ହାତୀ ପାଇଁ ଜଙ୍ଗଲକୁ ନ ଯିବା ପାଇଁ ହୀରାଙ୍କୁ ବାରମ୍ବାର ମନା କରାଯାଇଥିଲେ ମଧ୍ୟ ସେ ମାନି ନ ଥିବା ସୂଚନା ଦେଇଛନ୍ତି।

# ପୁରୁଣା କୋଠାରେ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟସେବା ଦାବିରେ ଧାରଣା

● ଦାବି ପୂରଣ ନ ହେଲେ ୧୭ରୁ ଦେବଗଡ଼ ବନ୍ଦ ଡାକରା

ଦେବଗଡ଼, ୧୦।୧୨(ସମିସ): ଦେବଗଡ଼ ସହରର କେନ୍ଦ୍ର ସ୍ଥଳରେ ଥିବା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପୁରୁଣା କୋଠାରୁ ନୂଆଁ ବାଲିରୋଇ ସ୍ଥିତ ନୂତନ କୋଠାକୁ ସ୍ଥାନାନ୍ତରିତ ହେବା ପରେ ପୁରୁଣା କୋଠାରେ ଅବଶ୍ୟକ ସଂଖ୍ୟକ ଡାକ୍ତର ନିଯୁକ୍ତି ପୂର୍ବକ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟସେବା ପ୍ରଦାନ ନିମନ୍ତେ ଜିଲ୍ଲାର ବିଭିନ୍ନ ମହଲରେ ଦାବି ହେଉଛି। ଏହି କ୍ରମରେ ଜିଲ୍ଲା ଯୁବ ଏକତା ମଞ୍ଚ ନେତୃତ୍ୱରେ ଶୋଭାଯାତ୍ରା, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରଉ ଓ ଦେବଗଡ଼ ବନ୍ଦ ପାଳନ ଆଦି ହୋଇସାରିଛି। ଆନ୍ଦୋଳନ ସତ୍ତ୍ୱେ ଦାବି ପୂରଣ ନହେବାରୁ ଦେବଗଡ଼ ଜିଲ୍ଲା ଯୁବ ଏକତା ମଞ୍ଚ ପକ୍ଷରୁ ପୁରୁଣା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କୋଠା ପରିସରରେ ଶାନ୍ତିପୂର୍ଣ୍ଣ ରିଲେ ଧାରଣା ଜାରି ରହିଛି। ଦାବି ସମ୍ପର୍କରେ ଜନ ସଚେତନତା ସୃଷ୍ଟି ପାଇଁ ମଞ୍ଚ ପକ୍ଷରୁ ଗତ ୪ ତାରିଖ ଠାରୁ ସାହି ବସ୍ତି ଗୁଡିକରେ ସଚେତନତା ଓ ଦସ୍ତଖତ ଅଭିଯାନ ଜାରି ରହିଛି। ଏହି କ୍ରମରେ ଆଜି ମଞ୍ଚର ଆବାହକ ସୁରଞ୍ଜିତ ମହାପାତ୍ରଙ୍କ ଆବାହକତ୍ୱରେ ଦେବଗଡ଼ ପୌରାଞ୍ଚଳ ୩ ଓ ୫ ନମ୍ବର ୱାର୍ଡ ଠାରେ ଅଞ୍ଚଳବାସୀଙ୍କୁ ନେଇ ସଚେତନତା ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ବିଧାନସଭା ଭଳି ପବିତ୍ର ଗୃହରେ ସ୍ୱାସ୍ଥ୍ୟମନ୍ତ୍ରୀ ମିଥ୍ୟା ତଥ୍ୟ ଉପସ୍ଥାପନ କରି ଦେବଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପୁରୁଣା କୋଠାରେ ୧୦ ଶଯ୍ୟା ବିଶିଷ୍ଟ ଥିବା ଏବଂ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆଯାଉଥିବା ନେଇ ଦେଇଥିବା ତଥ୍ୟକୁ ନିନ୍ଦା କରାଯାଇଥିଲା। ସଭାରେ ମଞ୍ଚର ସନ୍ତୋଷ ଦେବତା, ଭୀମସେନ ନାୟକ ଓ ମାନସ ଦ୍ୱିବେଦୀଙ୍କ ସମେତ ବହୁ ସଦସ୍ୟ ଯୋଗ ଦେଇଥିଲେ। ତେବେ ଆସନ୍ତା ୧୬ ତାରିଖ ସୁଦ୍ଧା ପୁରୁଣା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆ ନଗଲେ ୧୭ ତାରିଖରୁ ଯୁବ ଏକତା ଓ ମହିଳା ଏକତା ମଞ୍ଚ ପକ୍ଷରୁ ଦେବଗଡ଼ ବନ୍ଦ ଡାକରା ଦିଆଯିବା ନେଇ ନିଷ୍ପତ୍ତି ନିଆଯାଥିବା ମଞ୍ଚ ପକ୍ଷରୁ ସୂଚନା ଦିଆଯାଇଛି।

# ବୃତ୍ତି ମାର୍ଗଦର୍ଶନ ତାଲିମ ଶିବିର ଉଦ୍‌ଯାପିତ




ଦେବଗଡ଼, ୧୦।୧୨(ସମିସ): ସମଗ୍ର ଶିକ୍ଷା ଦେବଗଡ଼ ନିର୍ଦ୍ଦେଶ କ୍ରମେ ତିଳେଇବଣି ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଆନୁକୂଲ୍ୟରେ ସ୍ଥାନୀୟ ଟାଉନ ଉଚ୍ଚ ବିଦ୍ୟାଳୟ ପରିସରରେ ଦୁଇ ଦିନିଆ ବୃତ୍ତି ମାର୍ଗଦର୍ଶନ ତାଲିମ ଶିବିର ବୁଧବାର ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଜିଲ୍ଲା ଶିକ୍ଷା ଅଧିକାରୀ ଗେନ୍ଦରା କୁଜୁର ଯୋଗ ଦେଇଥିଲେ। ଜାତୀୟ ଶିକ୍ଷା ନୀତି ୨୦୨୦ ଆଧାରରେ ଛାତ୍ରଛାତ୍ରୀଙ୍କର ବୃତ୍ତିଗତ ଶିକ୍ଷାର ଆବଶ୍ୟକତା ଓ ଲକ୍ଷ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ବାଳିକା ଶିକ୍ଷା ସଂଯୋଜିକା ସୀମାରାଣୀ ପାଣିଗ୍ରାହୀ, ସ୍ଥାନୀୟ ଟାଉନ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ପଦ୍ମାଳି ଲାକ୍ରା ପ୍ରମୁଖ ମଞ୍ଚାସୀନ ଥିଲେ। ଟାଇଁସର ସିଆରସିସି ଭେନସ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପୌରାଞ୍ଚଳ ସିଆରସିସି ଚୂଡ଼ାମଣି ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ। ଦୁଇ ଦିନ ଧରି ଅନୁଷ୍ଠିତ ହୋଇଯାଇଥିବା ତାଲିମ ଶିବିରରେ ଗୋହିରା ନୋଡାଲ ଉଚ୍ଚ ବିଦ୍ୟାଳୟ ସହକାରୀ ଶିକ୍ଷକ ବିଶ୍ୱଜିତ ବେହେରା, ଗାଙ୍ଗନଣ ନୋଡାଲ ଉଚ୍ଚ ବିଦ୍ୟାଳୟ ସହକାରୀ ଶିକ୍ଷକ ହରେନ ପ୍ରଧାନ ସାଧନକର୍ମୀ ଭାବେ ଦାୟିତ୍ୱ ବହନ କରିଥିଲେ। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ତିଳେଇବଣି ଗୋଷ୍ଠୀ ଶିକ୍ଷା ଅଧିକାରୀ ସିକରେନ୍ଦ୍ର ଛତ୍ରିଆଙ୍କ ସଭାପତିତ୍ୱରେ ଜିଲ୍ଲା ଶିକ୍ଷା ଅଧିକାରୀ ଗେନ୍ଦରା କୁଜୁର, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଶାନ୍ତ ସାହୁ, ପ୍ରଧାନଶିକ୍ଷୟିତ୍ରୀ ଲାକ୍ରା ପ୍ରମୁଖ ଉପସ୍ଥିତ ଥିଲେ। ଉପସ୍ଥିତ ଶିକ୍ଷକ ଶିକ୍ଷୟିତ୍ରୀ ମାର୍ଗଦର୍ଶନ କରିବା ସହ ପ୍ରଶଂସା ପତ୍ର ବଣ୍ଟନ କରିଥିଲେ। ତାଲିମ ଶିବିରରେ ବ୍ଲକର ସମସ୍ତ ଉଚ୍ଚ ବିଦ୍ୟାଳୟ ଓ ମାଧ୍ୟମିକ ବିଦ୍ୟାଳୟର ୪୫ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ।

# ୨୧ ତମ ଜାତୀୟ ନାଟକ ଓ ନୃତ୍ୟ ଉତ୍ସବ ଉଦ୍‌ଘାଟିତ

## ପ୍ରଥମ ସନ୍ଧ୍ୟାରେ ସମ୍ବଲପୁରୀ ନାଟକ 'ବୁକା' ପ୍ରଦର୍ଶିତ

ଦେବଗଡ଼, ୧୦।୧୨(ସମିସ)

ରାଜ୍ୟର ଅଗ୍ରଣୀ ନାଟ୍ୟାନୁଷ୍ଠାନ ଜାଗରଣ ଆର୍ଟ ଇଣ୍ଟରନ୍ୟାସନାଲ ପକ୍ଷରୁ ସ୍ଥାନୀୟ ଟାଉନ ହଲ ଠାରେ ୨୧ ତମ ସର୍ବ ଭାରତୀୟ ନାଟକ ଓ ନୃତ୍ୟ ମହୋତ୍ସବ ବୁଧବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଅଶୋକ ନନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ଅତିଥି ଭାବେ ଦେବଗଡ଼ ଆରକ୍ଷୀ ଅଧୀକ୍ଷକ ଅନିଲ ମିଶ୍ର, ପୌର ପରିଷଦ ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରଜିତ ଭୋଜ ଓ ଜିଲ୍ଲା ସଂସ୍କୃତି ଅଧିକାରୀ ଈଶ୍ୱର ଚନ୍ଦ୍ର ଗୁରୁ ପ୍ରମୁଖ ଯୋଗ ଦେଇଥିଲେ। ଅନୁଷ୍ଠାନର ସମ୍ପାଦକ ସୁଜିତ ପାତ୍ର ଧନ୍ୟବାଦ ଅର୍ପଣ କରିଥିବା ବେଳେ ଜନ୍ମେଜୟ ନାୟକ ସଭାକୁ ସଂଯୋଜନା କରିଥିଲେ। ଚଳିତ ବର୍ଷ ନାଟକ ମହୋତ୍ସବକୁ ଅନୁଷ୍ଠାନର ପୂର୍ବତନ କଳାକାର ସ୍ୱର୍ଗତ ମଙ୍ଗଳ ମହାଙ୍କୁରଙ୍କ ସ୍ମୃତି ଉଦ୍ଦେଶ୍ୟରେ ଆୟୋଜନ କରାଯାଉଛି। ଉଦ୍‌ଘାଟନୀ ସନ୍ଧ୍ୟାରେ ବରଗଡ଼ ଜିଲ୍ଲା ସୋହେଲାର ଡ୍ରାମା ଚେତନା ଅନୁଷ୍ଠାନ ପକ୍ଷରୁ ନାଟ୍ୟରଶ୍ମି ଅଶୋକ ବହିଦାରଙ୍କ ରଚିତ ଓ ଡ.ତୁଷାରକାନ୍ତ ସାହୁଙ୍କ ନିର୍ଦ୍ଦେଶିତ ସମ୍ବଲପୁରୀ ନାଟକ 'ବୁକା' ମଞ୍ଚସ୍ଥ ହୋଇଥିଲା। ନାଟକରେ ବିଂଶ ଶତାବ୍ଦୀର ବିଜ୍ଞାନ ଯୁଗରେ ପହଞ୍ଚିଥିବା ମଣିଷ, ସୂଚନା ଓ ପ୍ରଯୁକ୍ତି ବିଦ୍ୟାରେ ସବୁ କିଛି ଜାଣି ପାରୁଥିବା ମଣିଷ, ନିଜର ସ୍ୱାର୍ଥ ପାଇଁ ଭଗବାନଙ୍କ ଶରଣ ପଶେ ଓ ବିଭିନ୍ନ ପ୍ରକାର ଦ୍ରବ୍ୟ ସମର୍ପି ଦେବାର ଲୋଭ ଦେଖାଇବାର ଦୁଃସାହସ କରେ। ସୃଷ୍ଟି ଯାହାଙ୍କର ଇଙ୍ଗିତରେ ପରିଚାଳିତ, ସେହି ସୃଷ୍ଟିକର୍ତ୍ତାଙ୍କୁ ଲାଞ୍ଚ ଦେବାର କୁତ୍ସିତ ମାନସିକତା ରଖେ। ଏହାପରେ ମଧ୍ୟ ମାନସିକ ଭାବେ ଯାଚି ଥିବା ଦ୍ରବ୍ୟକୁ ବି ମଣିଷ ନିଜ ସ୍ୱାର୍ଥପାଇଁ ନିଜ ହିସାବରେ ପରିଚାଳନା କରେ। ଦାମୋଦର ଓ ଦମୟନ୍ତୀ ଚରିତ୍ର ଶିକ୍ଷିତ ଦମ୍ପତି ହେଲେ ମଧ୍ୟ ନିଜ ପୁଅର ଚାକିରି ପାଇଁ ମାଁଙ୍କ ଠାରେ 'ବୋଦା' ଦେବା ପାଇଁ ମାନସିକ କରି ଭୁଲି ଯାଇଥିଲେ। ତାହାକୁ ନେଇ ନାଟକ 'ବୁକା' (ବୋଦା) ଗତିଶୀଳ ହୋଇଥିଲା। ଯେତେବେଳେ ମନେ ପଡ଼ିଛି ବୋଦା କଥା, ମାଁଙ୍କ ଠାରେ କେତେ ନିଷ୍ଠା ଆଉ କେଉଁଭଳି ସମର୍ପି ଦେଇଛନ୍ତି ମାଁଙ୍କ ଭୋଗ। ନାଟକରେ ଦାମୋଦର ଚରିତ୍ରରେ କ୍ଷୀରୋଦ ସାହୁ, ଦମୟନ୍ତୀ ଚରିତ୍ରରେ କନକ ତନସନା, ଅରକ୍ଷିତ ଚରିତ୍ରରେ ତୁଳସୀରାମ ପାଣି, ମାର୍କଣ ଚରିତ୍ରରେ ଦିଲ୍ଲୀପ ଷଡଙ୍ଗୀ, ଉଦ୍ଧବ ମାଷ୍ଟ୍ରେ ଚରିତ୍ରରେ ବୁଦ୍ଧଦେବ ଭୋଇ, ମିଶ୍ର ଚରିତ୍ରରେ ସ୍ୱଭାବ ସ୍ୱରୂପ ପାଣିଗ୍ରାହୀ, ଶୁକ୍ରୁ ଚରିତ୍ରରେ ରାଷ୍ଟ୍ରପତି ପ୍ରଧାନ ଓ ମନ୍ଦିର ଉଦ୍‌ଘୋଷକ ଭୂମିକାରେ ଗୋପାଳ ନାୟକ ଅଭିନୟ କରିଥିଲେ।



**ଧାନ କିଣାରେ ଲାଗିଛି ଗ୍ରହଣ ଦୋଷ**

# ୯୦ ରୁ ୨୨ ମିଲର୍ସଙ୍କ ଆସିଛି ବ୍ୟାଙ୍କ ଗ୍ୟାରେଣ୍ଟି

**ଭବାନୀପାଟଣା, ୧୦।୧୨ (ସମିସ)**

ରାଜ୍ୟ ସରକାର ଗତ ଖରିଫ୍ ସମୟରେ ଇନ୍‌ପୁଟ ସହାୟତାକୁ ନେଇ ସତେ ଯେମିତି ଚାଷୀଙ୍କ ମନ ଜିଣି ଗଡ଼ ଜିଣିବା ଭଳି ହେଉଥିଲେ ଚଳିତ ଖରିଫ ବେଳକୁ ଚୁପ୍ ହୋଇଗଲେ କାହିଁକି? ଅତି ହୀନସ୍ଥା ପରିସ୍ଥିତି ଦେଇ କଳାହାଣ୍ଡି ଜିଲ୍ଲାରେ ଧାନ କିଣା କାରବାର ଚାଲିଛି। ଗତ ନଭେମ୍ବର ୨୯ ତାରିଖରୁ ଚଳିତ ଖରିଫ ଧାନ ପାଇଁ ମଣ୍ଡିର ଶୁଭାରମ୍ଭ ହେବା ପୂର୍ବରୁ ଶାଗ ମାଛ ଦରରେ ଛତିଶଗଡ଼ ରାଜ୍ୟକୁ ଧାନ ପାର ହେଉଥିଲା। ତେବେ ଜିଲ୍ଲାର ପ୍ରଥମ ମଣ୍ଡି ରୂପେ ଗୋଲାମୁଣ୍ଡା ବ୍ଲକ ଘୋଟିଆ ମଣ୍ଡିରୁ ଏହାର ଶୁଭାରମ୍ଭ ହୋଇଥିବାବେଳେ ଆରମ୍ଭରୁ ଅବ୍ୟବସ୍ଥା ଦେଖିବାକୁ ମିଳିଥିଲା। ମଣ୍ଡି ଖୋଲିଥିଲେ ମଧ ଉକ୍ତ ଦିନ ମିଲର୍ସ ନ ଆସିବାରୁ ଚାଷୀଙ୍କ ବସ୍ତାଏ ବି ଧାନ ଉଠି ପାରି ନ ଥିଲା। କେବଳ ପୂଜାର୍ଚ୍ଚନା ଓ ନଡ଼ିଆ ଭଙ୍ଗାରେ ମଣ୍ଡି ଉଦ୍‌ଘାଟନ ବିଧି ତୁଲାଇଥିଲେ। ତେବେ ପ୍ରଶାସନ ପକ୍ଷରୁ ତରବରିଆ ଭାବେ ଏହାର ୩ ଦିନ ପରେ ଅର୍ଥାତ ଗତ ୨ ତାରିଖରେ ଜିଲ୍ଲାର ଜୟପାଟଣା ବ୍ଲକ ବାନେର ପାକ୍ସ ଅଧୀନ ବିମଳା ମଣ୍ଡିରୁ ୨ ଜଣ ଚାଷୀଙ୍କ ୧୫୦ କ୍ୱିଣ୍ଟାଲ ଧାନ କ୍ରୟ କରାଯାଇଥିଲା। ହେଲେ ବୁଧବାର ଠାରୁ ଜିଲ୍ଲାର ଅଦ୍ୟାବଧି କୌଣସି ମଣ୍ଡିରେ ଧାନ କ୍ରୟ କରାଯାଇନାହିଁ। ମଣ୍ଡି ଉଦ୍‌ଘାଟନ ଦିନରୁ ରବିବାର ପର୍ଯ୍ୟନ୍ତ ୧୨ ଦିନ ବିତିଯାଇଥିବାବେଳେ ମଧ ୫୦୦ କ୍ୱିଣ୍ଟାଲ୍ ଧାନ କ୍ରୟ କରାଯାଇନାହିଁ। ପ୍ରଥମ ଧାନ କ୍ରୟକୁ ନେଇ ଚାଷୀ ମହଲରେ ମଣ୍ଡି



ସ୍ୱାଭାବିକ ଖୋଲିବ ଭାବି ମନରେ ଆଶା ସଞ୍ଚାର ହୋଇଥିଲା। କିନ୍ତୁ ତାହା ହେଲାନାହିଁ, ମିଲର୍ସ ସମସ୍ୟା ମଣ୍ଡି ଖୋଲାନଯିବାର କାରଣ ସାଜିଲା। ଯୋଗାଣ ବିଭାଗର ସୂଚନାମତେ ଆଜି ସୁଦ୍ଧା ୯୦ ମିଲର୍ସଙ୍କ ମଧ୍ୟରୁ ମାତ୍ର ୨୨ଜଣ ବ୍ୟାଙ୍କ ଗ୍ୟାରେଣ୍ଟି ଦେଇପାରିଛନ୍ତି। ସେମାନଙ୍କ ଭିତରୁ କାହାକୁ କେଉଁ ମଣ୍ଡି ପାଇଁ ଟାର୍ଗେଟ ଦିଆ ସରିଛି। ମିଲର୍ସ ବିଭାଗ ସହିତ ଏଗ୍ରିମେଣ୍ଟ କରିଥିଲେ ସୁଦ୍ଧା ବ୍ୟାଙ୍କ ଗ୍ୟାରେଣ୍ଟିରେ ଅହେତୁକ ବିଳମ୍ବ କାରଣରୁ ଧାନ ଉଠାଣନେଇ ଟାର୍ଗେଟ ଦିଆଯାଇ ପାରୁନାହିଁ। ସେପଟେ ଚାଷୀଙ୍କ ମଧ୍ୟରେ ତୀବ୍ର ଉଦ୍‌ବେଗ ଏବଂ ଅସନ୍ତୋଷ ପ୍ରକାଶ ପାଇଛି। ଅନ୍ୟପକ୍ଷରେ, ଅନେକ ଚାଷୀଙ୍କ ଟୋକନ ଜାନୁୟାରୀରେ ଆସିଥିବାରୁ ଚାଷୀ କେବେ ଧାନ କ୍ରୟ କରିବ ଓ ରବି ଚାଷ ପାଇଁ କେବେ ପ୍ରସ୍ତୁତ ହେବ ତାହାକୁ ନେଇଁ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଛି। ଆଉ କେତେକ ଚାଷୀ ଟୋକନ ଗତ ୫/୬ତାରିଖରୁ ପାଇବା ସତ୍ତ୍ୱେ ମଣ୍ଡି ଖୋଲି ନ ଥିବାରୁ ନିଜ ନିଜ ଖଳାରେ ଓ ଜମିରେ ଧାନ ରଖି ହାଡ଼ ଭଙ୍ଗା ଶୀତରେ ଅପେକ୍ଷାରେ ରହିଛନ୍ତି। ପାକ୍ସରେ ପଞ୍ଜିକରଣ ସମୟରେ ଉକ୍ତ ଚାଷୀ ମାନେ ନଭେମ୍ବରରେ ଧାନ ବିକ୍ରି କରିବା ନେଇଁ ସୂଚନା ଦେଇଥିଲେ ମଧ କେମିତି ଟୋକନ ଜାନୁୟାରୀରେ ଆସିଲା ତାହାକୁ ନେଇଁ ସନ୍ଦେହ ପ୍ରକାଶ ପାଇଛି। କଳାହାଣ୍ଡି ଜିଲ୍ଲାକୁ ପ୍ରଥମ ପର୍ଯ୍ୟାୟରେ ୫୬ ଲକ୍ଷ ୫୮ ହଜାର କୁଇଣ୍ଟାଲ ଧାନ ଟାର୍ଗେଟ ଆସିଛି। ଧାନ କିଣା ପାଇଁ ମିଲର୍ସ ଚୁକ୍ତି ନାମା କରିଥିବାବେଳେ ବ୍ୟାଙ୍କ ଗ୍ୟାରେଣ୍ଟି ଦେଇ ନ ଥିବାରୁ ଧାନ କ୍ରୟରେ ବିଳମ୍ବ ନୀତି ପ୍ରଶାସନିକ ଅବ୍ୟବସ୍ଥା ପ୍ରତିଫଳିତ ହେଉଛି। ପୂର୍ବରୁ ବ୍ୟାଙ୍କ ଗ୍ୟାରେଣ୍ଟି ସ୍ଥାନୀୟ ବ୍ୟାଙ୍କ ଗୁଡ଼ିକରୁ ମିଳୁଥିବାବେଳେ

**୧୨ ଦିନରେ ଉଠି ପାରିନି ୫୦୦ କୁଇଣ୍ଟାଲ**

**ମହଙ୍ଗା ପଡ଼ିବ ସରକାରଙ୍କ ଗୋଦାମ ସମସ୍ୟାକୁ ଅଣଦେଖା**

ଏବେ କିନ୍ତୁ କଲିକତାକୁ ଅନୁମୋଦନ ପାଇଁ ଯାଉଛି। ହେଲେ କଲିକତାରୁ ବର୍ତ୍ତମାନ ସୁଦ୍ଧା ୯୦ ଜଣ ମିଲର୍ସଙ୍କ ମଧ୍ୟରୁ ମାତ୍ର ୨୨ ଜଣଙ୍କଙ୍କର ବୁଧବାର ପର୍ଯ୍ୟନ୍ତ ଅନୁମୋଦନ ହୋଇ ଆସିଥିବା ଜଣାପଡ଼ିଛି। ବର୍ତ୍ତମାନ ଜିଲ୍ଲାରେ ଅନେକ ଚାଷୀମାନେ ଧାନ ଅମଳ କରି ଖଳାରେ ଓ ମଣ୍ଡିରେ ରଖିଥିବାବେଳେ ଆଉ କିଛି ଚାଷୀ ଅମଳ ପ୍ରକ୍ରିୟାରେ ଲାଗି ପଡ଼ିଛନ୍ତି। ଏ ନେଇ ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରିଣୀ ସୁଜାତା ମିଶ୍ରଙ୍କୁ ପଚାରୁବାରୁ ଖୁବଶୀଘ୍ର ସମସ୍ତ ମିଲର୍ସଙ୍କ ବ୍ୟାଙ୍କ ଗ୍ୟାରେଣ୍ଟି ଅନୁମୋଦନ ହୋଇକି ଆସିଯିବ, ଏହାପରେ ମଣ୍ଡିରେ ଧାନକିଣା ସ୍ୱାଭାବିକ ହେବ ବୋଲି କହିଥିଲେ। ସବୁଠାରୁ ବିଡ଼ମ୍ବନାର ବିଷୟ ହେଲା ଜିଲ୍ଲାରେ ଧାନ ଓ ଚାଉଳ ରଖିବା ପାଇଁ ଆବଶ୍ୟକୀୟ ଗୋଦାମ ଘର ନାହିଁ। ଗତ ୨୦ବର୍ଷ ପୂର୍ବେ ଯାହା ଗୋଦାମ ଥିଲା ତାହାର ଅଭିବୃଦ୍ଧି ଦିଗରେ ସରକାର ଚିନ୍ତା କରିନାହାନ୍ତି। ଏଫସିଆଇ ଗୋଦାରୁ ଚାଉଳ ଲିଫ୍ଟ ହୋଇପାରୁନାହିଁ। ଏଯାବତ ଜିଲ୍ଲାର ବିଭିନ୍ନ ମିଲରେ ପ୍ରାୟ ୧୭ଲକ୍ଷ କ୍ୱିଣ୍ଟାଲ ଚାଉଳ ମହଜୁଦ୍ ରହିଛି। ଗତ ରବିରେ ୩୫ଲକ୍ଷ କ୍ୱିଣ୍ଟାଲ ଉତ୍ପାଦିତ ରବିଧାନରୁ ମିଲରେ ଏବେ ବି ୨୮ କ୍ୱିଣ୍ଟାଲ ଧାନ ଷ୍ଟୋରେଜ୍ ପଏଣ୍ଟରେ ପଡ଼ିରହିଛି ବୋଲି ରାଜ୍ୟ ମିଲର୍ସ ଆସୋସିଏସନର ସଭାପତି ଜଣେଇଛନ୍ତି। ଏଫସିଆଇରୁ ଚାଉଳ ଲିଫ୍ଟ ନହୋଇପାରି ଅଚଳ ଅବସ୍ଥା ସୃଷ୍ଟି ହୋଇଥିବାବେଳେ ମିଲରେ ଧାନ ଓ ଚାଉଳ ପାଇଁ ପର୍ଯ୍ୟାପ୍ତ ସ୍ଥାନ ଅଭାବ ଦର୍ଶାଯାଉଛି। ଆଗାମୀ ଦିନରେ ଗୋଦାମ ସମସ୍ୟା ପ୍ରଶାସନର ମୁଣ୍ଡବ୍ୟଥାର କାରଣ ହୋଇ ଅଧାରୁ ଖରିଫ ଧାନ ସଂଗ୍ରହ ପ୍ରକ୍ରିୟା ବନ୍ଦ ହୋଇଯିବନି ତ? ଏହି ପ୍ରଶ୍ନ ବର୍ତ୍ତମାନ ଚାଷୀ ଓ ମିଲର୍ସଙ୍କୁ ଅଡୁଆରେ ପକାଇଛି।

## ଫେଲ ମାରିଛି ଧାନ ସଂଗ୍ରହ ପ୍ରକ୍ରିୟା, ଚିନ୍ତାରେ ଚାଷୀ

**ଜୟପାଟଣା, ୧୦।୧୨(ସମିସ):** କଳାହାଣ୍ଡି ଜିଲ୍ଲାରେ ବର୍ତ୍ତମାନ ଅଧିକାଂଶ ଚାଷୀ ଧାନ ଅମଳ କରି ସାରିଲେଣି। କିନ୍ତୁ କଳାହାଣ୍ଡି ଜିଲ୍ଲାରେ ବର୍ତ୍ତମାନ ସୁଦ୍ଧା ସମସ୍ତ ମଣ୍ଡି ଖୋଲିପାରି ନ ଥିବାରୁ ଧାନ ଉଠାଣ ନେଇ ଚିନ୍ତାରେ ପଡ଼ିଯାଇଛନ୍ତି ଚାଷୀ କୂଳ। ସେପଟେ ଅଧିକାଂଶ ଚାଷୀଙ୍କ ଏଯାଏଁ ଆସିନି ଟୋକନ। ଯାହାଫଳରେ ଅମଳ ଧାନକୁ ଏହି ହାଡ଼ଭଙ୍ଗା ଶୀତରେ ମଣ୍ଡି ଓ ଖଳାରେ ପକାଇ ଚାଷୀ ଜଗିରହିଛନ୍ତି। ଯାହାର ଟୋକାନ ଆସିଛି ସେମାନେ ମଣ୍ଡିକୁ ଧାନ ନେଇ ଗୋଟିଏ ସପ୍ତାହ ହେଲାଣି ହେଲେ ମଣ୍ଡିରେ ନା କେଉଁ ଅଧିକାରୀଙ୍କ ଦେଖା ମିଳୁଛି ନା ଚାଷୀଙ୍କ ଧାନ ବିକ୍ରି ହେଉଛି। ବୁଧବାର ଜୟପାଟଣା ପାକ୍ସ ଜୟପାଟଣା ମଣ୍ଡିରୁ ତିନି ଜଣ ଚାଷୀଙ୍କ ୧୪୫.୯୨ କ୍ୟୁଣ୍ଟାଲ ଓ ପ୍ରତାପପୁର ମଣ୍ଡିରୁ ଜଣେ ଚାଷୀଙ୍କ ୭୫.୪୩ କ୍ୟୁଣ୍ଟାଲ ଧାନ ଉଠାଣ କରାଯାଇଛି। ଅନ୍ୟମଣ୍ଡି ଗୁଡିକ ଆଜି କାଲି କହି ଦିନ ଗଡ଼ାଇ ନେଉଥିବା ବେଳେ ଚିନ୍ତାରେ ପଡ଼ି ଯାଇଛନ୍ତି ଚାଷୀକୂଳ। ଅନେକ ଚାଷୀଙ୍କ ଟୋକାନ ମଧ ଆସିନାହିଁ। ଜୟପାଟଣା ବ୍ଲକର ୨୩ଟି ମଣ୍ଡିରେ ୧୪, ୨୩୧ଜଣ ଚାଷୀ ପଞ୍ଜିକୃତ ହୋଇଛନ୍ତି। ବର୍ତ୍ତମାନ ୫୦ ରୁ ୭୦ ପ୍ରତିଶତ ଅମଳ ସରିଯାଇଥିଲେ ମଧ ମଣ୍ଡି କିମ୍ବା ଟୋକନର ଦେଖା ନ ମିଳିବା ସରକାରଙ୍କ ବ୍ୟବସ୍ଥା ପ୍ରତି ଆଙ୍ଗୁଳି ନିର୍ଦ୍ଦେଶ କରୁଛି।

## ଆଦିବାସୀ ମହିଳାଙ୍କୁ ଦୁଷ୍କର୍ମ ଅଭିଯୋଗ
# ଅଭିଯୁକ୍ତ କୋର୍ଟଚାଲାଣ

**ଲାଞ୍ଜିଗଡ଼, ୧୦।୧୨(ସମିସ):** ବିଜେପୁର ଥାନା ଅଞ୍ଚଳର ଜଣେ ଆଦିବାସୀ ମହିଳାଙ୍କୁ ଦୁଷ୍କର୍ମ ଘଟଣାରେ ଅଭିଯୁକ୍ତକୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି ପୁଲିସ। ଅଭିଯୁକ୍ତ ଜଣକ ହେଲେ ଲାଞ୍ଜିଗଡ଼ ବ୍ଲକ ପାହାଡ଼ ପଦର ପଞ୍ଚାୟତ କାଞ୍ଚନମୁଖି ଗାଁର ମାନ ମାଝୀ (୩୮)। ସୂଚନା ଅନୁସାରେ ଅଭିଯୁକ୍ତ ମାନ ମାଝୀ ଗାଁ ସାଥୀ ରହି ମନରେଗା କାମ ଦେଖାରେଖା କରୁଥିବା ବେଳେ ପୀଡ଼ିତା ମହିଳା ମନରେଗା କାମ କରି ଆସୁଥିଲେ। ଗତ ବୁଧବାର ଦିନ ମହିଳାଙ୍କ ଜମା ବହିରେ ମନରେଗା ଟଙ୍କା ଜମା ହୋଇଛି କହି ଟଙ୍କା ଉଠାଇବା ପାଇଁ ନିଜ ବାଇକରେ



ମହିଳାଙ୍କୁ ନିକଟସ୍ଥ ବ୍ୟାଙ୍କକୁ ନେଇଥିଲେ। ବ୍ୟାଙ୍କରେ ଜମା ଖାତା ଯାଞ୍ଚ କଲାପରେ ଜମା ଖାତାରେ କୌଣସି ଟଙ୍କା ପଡ଼ି ନ ଥିବାରୁ ବ୍ୟାଙ୍କ ଠାରୁ ପାନପଦର ପୁଞ୍ଜାମ ରାସ୍ତା ଦେଇ ଘରକୁ ଫେରିବା ସମୟରେ ଅଧବାଟ ପୁଞ୍ଜାମ ଜଙ୍ଗଲରେ ମିଠା ଓ ପାଣି ପିଇବା ବାହାନା କରି ବାଇକ ଅଟକାଇ ଦୁଷ୍କର୍ମ କରିବା ସହ ଏହିକଥା କାହାକୁ କହିବୁ ତାହା ହେଲେ ଜୀବନରେ ମାରିଦେବି ବୋଲି ଧମକ ଦେଇଥିବା ଅଭିଯୋଗ ଆଣିଥିଲେ ମହିଳା। ଏନେଇ ମହିଳା ଜଣଙ୍କ ନ୍ୟାୟ ପାଇଁ ବିଜେପୁର ଥାନାର ଦ୍ୱାରସ୍ତ ହୋଇ ଶୁକ୍ରବାର ଏକ ଲିଖିତ ଅଭିଯୋଗ କରିଥିଲେ। ମଧ ଅଭିଯୋଗର ୪ଦିନ ପରେବି ପୁଲିସ ପକ୍ଷରୁ କୌଣସି ତଦନ୍ତ ହୋଇ ନ ଥିବା ପୀଡିତା ଅଭିଯୋଗ ଆଣିଥିଲେ। ତେବେ ଦୋଷୀଙ୍କୁ ଉଚିତ ଦଣ୍ଡ ଦିଆ ନଗଲେ ଆତ୍ମହତ୍ୟା କରିବି ବୋଲି ଚେତାବନୀ ଦେଇଥିଲେ ପୀଡିତା। ଏନେଇ ବିଜେପୁର ଥାନା ଅଧିକାରୀ ନିଳାମ୍ବର ଯାନୀଙ୍କୁ ପଚାରିବାରୁ ମୁଁ ଛୁଟିରେ ରହିଥିବା ପ୍ରକାଶ କରିଥିଲେ। ଏସ୍‌ଆଇ ଶ୍ୟାମ କୁଲସିକାଙ୍କୁ ପଚାରିବାରୁ ଆମ ବିଜେପୁର ଥାନା ଅଧିକାରୀ ଅନୁପସ୍ଥିତ ଯୋଗୁଁ ଲାଞ୍ଜିଗଡ଼ ଥାନା ଅଧିକାରୀ ବିଜେପୁର ଥାନା ଦାୟିତ୍ୱରେ ଅଛନ୍ତି। କେଶ୍ ରୁଜୁ ହୋଇ ପାରିନାହିଁ। ମଙ୍ଗଳବାର ତଦନ୍ତ କରିସାରିଲା ପରେ କେଶରୁଜୁ ହେବ ବୋଲି ପ୍ରକାଶ କରିଥିଲେ। ମଙ୍ଗଳବାର ଲାଞ୍ଜିଗଡ଼ ଥାନାଧିକାରୀଙ୍କ ନେତୃତ୍ୱରେ ପୁଲିସ କାଞ୍ଚନ ମୁଖୀ ଗାଁକୁ ଯାଇ ଅଭିଯୁକ୍ତକୁ ଗିରଫକରି ଥାନାକୁ ଆଣି ପଚରା ଉଚୁରା କରିଥିଲେ। ଏନେଇ ବିଜେପୁର ଥାନାରେ ଏକ ମାମଲା ରୁଜୁ କରି ବୁଧବାର ଉଭୟଙ୍କୁ ଡାକ୍ତର ମାଇନାପରେ ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଥିବା ଥାନାଧିକାରୀ ଯଶୋବନ୍ତ ହିଆଲ ପ୍ରକାଶ କରିଛନ୍ତି।

**ଓଲଟିଲା ଗ୍ୟାସ୍ ବୋଝେଇ ଟ୍ୟାଙ୍କର: ଡ୍ରାଇଭର ଗୁରୁତର**

## ଘଟଣାସ୍ଥଳରେ ଉପଜିଲ୍ଲାପାଳ, ପୁଲିସ, ଅଗ୍ନିଶମ ଓ ପରିବହନ ବିଭାଗ

**ଲାଞ୍ଜିଗଡ଼, ୧୦।୧୨ (ସମିସ):** ବୁଧବାର ସନ୍ଧ୍ୟା ସମୟରେ ଭବାନୀପାଟଣାରୁ ରାୟଗଡ଼ାକୁ ସଂଯୋଗ କରୁଥିବା ୬ ନମ୍ବର ରାଜ୍ୟ ରାଜପଥ ବଞ୍ଜାରି ଘାଟି ନିକଟରେ ଅନ୍ୟ ଏକ ଟ୍ରକ୍‌କୁ ସାଇଡ ଦେବାକୁ ଯାଇ ଗୋଟିଏ ଗ୍ୟାସ୍ ଟ୍ୟାଙ୍କର ରାସ୍ତା ଉପରେ ଓଲଟି ପଡ଼ିଛି। ଗୁରୁତର ଡ୍ରାଇଭରକୁ ଉଦ୍ଧାର କରି ଲୋକେ ଡାକ୍ତରଖାନା



ପଠାଇଛନ୍ତି। ଟ୍ୟାଙ୍କରଟି ବିଶାଖାପାଟଣାରୁ ଗ୍ୟାସ୍ ନେଇ ବଲାଙ୍ଗିର ଯାଉଥିଲା। ତେବେ ଟ୍ୟାଙ୍କର ଓଲଟି ପଡ଼ିଥିବାବେଳେ ଗ୍ୟାସ ନିର୍ଗତ ହେବା ଆଶଙ୍କା ସୃଷ୍ଟି ହେବାରୁ ନର୍ଲା ଅଗ୍ନିଶମ ବିଭାଗ, ନର୍ଲା ପୁଲିସ ଘଟଣାସ୍ଥଳରେ ପହଞ୍ଚିଥିଲେ। ଘଟଣା ସମ୍ବେଦନଶୀଳ ଥିବାରୁ ଭବାନୀପାଟଣା ଉପଜିଲ୍ଲାପାଳ ପ୍ରଭାତ କୁମାର ପରିଡ଼ା ମଧ ଘଟଣାସ୍ଥଳରେ ପହଞ୍ଚିଥିଲେ। ସେହିପରି ନର୍ଲା ତହସିଲଦାର, ଗ୍ୟାସ ସେଫଟି ବିଭାଗ ଓ ଜିଲ୍ଲା ପରିବହନ ବିଭାଗ ମଧ ଦୁର୍ଘଟଣାସ୍ଥଳରେ ଉପସ୍ଥିତ ରହିଛନ୍ତି। ତେବେ ଟ୍ୟାଙ୍କରରେ ଅତି ଦହନଶୀଳ ଏଲପିଜି ଗ୍ୟାସ ଥିବା ଓ ଏହା ନିର୍ଗତ ହେବା ଆଶଙ୍କା ଥିବାରୁ ରାସ୍ତାର ଉଭୟ ପାର୍ଶ୍ୱରେ ଯାନବାହନ ଚଳାଚଳ ଉପରେ ରୋକ୍ ଲଗାଇଛି ପ୍ରଶାସନ। ଫଳରେ ଭବାନୀପାଟଣା-ରାୟଗଡ଼ା ୬ ନମ୍ବର ରାଜ୍ୟ ରାଜପଥର ଛତିକୁଡାରୁ-ସିକେରକୁପା ପର୍ଯ୍ୟନ୍ତ ଯାନବାହନ ଚଳାଚଳ ଠପ୍ ହୋଇଯାଇଛି। ଘଟଣା ସମ୍ପର୍କରେ ପୁଲିସ ଓ ପ୍ରଶାସନ ତୀକ୍ଷଣ ନଜର ରଖିଥିବାବେଳେ ଖବର ଲେଖାଯିବା ପର୍ଯ୍ୟନ୍ତ ରାସ୍ତାରେ ଯାତାୟତ ବନ୍ଦ ରହିଛି।

## ଧର୍ମଗଡ଼ ମୁଖ୍ୟ ରାସ୍ତା ଜବରଦଖଲ ଉଚ୍ଛେଦ



**ଧର୍ମଗଡ଼, ୧୦।୧୨ (ସମିସ):** ଦୀର୍ଘଦିନ ଧରି ଧର୍ମଗଡ଼ ସହରର ମୁଖ୍ୟ ରାସ୍ତାକୁ ଅନେକ ବ୍ୟକ୍ତି ଜବରଦଖଲ କରି ଆସୁଛନ୍ତି। ଜବରଦଖଲ ଯୋଗୁଁ ରାସ୍ତାର ସମ୍ପ୍ରସାରଣରେ ବ୍ୟାଘାତ ଦେଖାଦେଇଛି। ଅନେକ ସମୟରେ ଯାନବାହାନ ଜାମ ହେଲା ଭଳି ପରିସ୍ଥିତି ଉପୁଜିଥିବା ବେଳେ ଟ ଅନେକ ଦୁର୍ଘଟଣା ଘଟିଥିବା ନଜିର ରହିଛି। ଧର୍ମଗଡ଼ ଏନଏସି ଏନେଇ କଡା ପଦକ୍ଷେପ ଗ୍ରହଣ କରିଛି। ବୁଧବାର ଜବରଦଖଲ ଉଚ୍ଛେଦ ଆରମ୍ଭ କରିଛି। ସ୍ଥାନୀୟ ଚାରିଛକ ଠାରୁ ତିନି ଛକ ପର୍ଯ୍ୟନ୍ତ ଉଚ୍ଛେଦ ପ୍ରକ୍ରିୟା ଜାରି ରହିଛି। ମୁଖ୍ୟରାସ୍ତା ଉପର ଅନେକ ଦୋକାନୀ ଦୀର୍ଘଦିନ ଠାରୁ ଜବରଦଖଲ କରି ରଖିଥିଲେ। ଏନ୍‌ଏସି ନିର୍ବାହୀଅଧିକାରୀ ବିଶ୍ୱମ୍ବର ମିଶ୍ର, ଧର୍ମଗଡ଼ ତହସିଲଦାର କୀର୍ତ୍ତିଚନ୍ଦ୍ର ପ୍ରଧାନ, ଏସ୍‌ଡିପିଓ ଡୋଳାମଣି ଭୋଇ, ଆଇଆଇସି ସୁଦର୍ଶନ ନାୟକ ଙ୍କ ଉପସ୍ଥିତ ରେ ଜେସିବି ଲଗାଇ ଉଚ୍ଛେଦ କରାଯାଇଛି। ଧର୍ମଗଡ଼ ଏନଏସି କର୍ମଚାରୀ ଓ ପୁଲିସ କର୍ମଚାରୀ ସହଯୋଗ କରିଥିଲେ।

## ଲାଞ୍ଜିଗଡ଼ ଗସ୍ତରେ ଅନୁସୂଚିତ ଜାତି ଓ ଜନଜାତି ଅଧ୍ୟକ୍ଷ

**ଲାଞ୍ଜିଗଡ଼, ୧୦।୧୨(ସମିସ):** ଦିନିକିଆ ଲାଞ୍ଜିଗଡ଼ ଗସ୍ତରେ ଓଡ଼ିଶା ଅନୁସୂଚିତ ଜାତି ଓ ଜନଜାତି ଅଧ୍ୟକ୍ଷ ଆଶିଷ କୁମାର ମହାନ୍ତି ଆସି ବିଭିନ୍ନ ସ୍ଥାନ ପରିଦର୍ଶନ କରିଛନ୍ତି। ଶ୍ରୀ ମହାନ୍ତି ପ୍ରଥମେ ଲାଞ୍ଜିଗଡ଼ ବ୍ଲକ ଲାଞ୍ଜି ଗ୍ରାମରେ ପ୍ରଧାନମନ୍ତ୍ରୀ ଆଦର୍ଶ ଗ୍ରାମ୍ୟ ଯୋଜନାରେ ସ୍କୁଲ ଗୃହ, ସିସି ରୋଡ, ପାଣି ଟାଙ୍କି, ସୋଲାର



ଲାଇଟ୍ ବୁଲି ଦେଖିଥିଲେ। ଏହାପରେ ଶ୍ରୀ ମହାନ୍ତି ଛତ୍ରପୁର ଓ ବାଣିପଙ୍ଗା ଗସ୍ତକରି ଅନୁସୂଚିତ ଜାତି ଓ ଜନଜାତି ଜନଜାତି ବିଦ୍ୟାଳୟ ପରିଦର୍ଶନ କରି ଛାତ୍ରୀ ମାନଙ୍କ ସହିତ ବିଭିନ୍ନ ଆନୁସଙ୍ଗିକ ବିଷୟରେ ଆଲୋଚନା କରିଥିଲେ। ଶ୍ରୀ ମହାନ୍ତିଙ୍କ ଗସ୍ତ ସମୟରେ ବିଡିଓ ଶଶାଙ୍କ ପାତ୍ର, ଏଡିଡ୍ଲ୍ୟୁଓ ଜାନକୀ ବଳଭ ସାମନ୍ତରାୟ, ଡବ୍ଲୁଇଓ ପଙ୍କଜ ବଳିୟାର ସିଂ ପ୍ରମୁଖ ଉପସ୍ଥିତ ଥିଲେ।

## ଅନ୍ତର୍ଜାତୀୟ ମହିଳା ହିଂସା ସଚେତନତା କାର୍ଯ୍ୟକ୍ରମ

**ଧର୍ମଗଡ଼, ୧୦।୧୨(ସମିସ):** ଧର୍ମଗଡ଼ ଶକ୍ତି ସଦନ ପକ୍ଷରୁ ମହିଳାଙ୍କ ପ୍ରତି ଘରୋଇ ହିଂସା ନିରୋଧ କାର୍ଯ୍ୟକ୍ରମ ଆଜି ଉଦ୍‌ଯାପିତ ହୋଇ ଯାଇଛି। ଶକ୍ତି ସଦନ ପରିଚାଳନା ସମିତିର ସଭାପତି ଆଇନଜୀବୀ ତୁଷାର ରଞ୍ଜନ ପଟ୍ଟଯୋଶୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଧର୍ମଗଡ଼ ଉପଖଣ୍ଡ ପୁଲିସ ଅଧିକାରୀ ଡୋଳାମଣି ଭୋଇ, ସମ୍ମାନିତ ଅତିଥି ଭାବେ ଶକ୍ତି ସଦନ ପରିଚାଳନା ସମିତିର ବରିଷ୍ଠ ସଦସ୍ୟ ଶିକ୍ଷାବିତ ପ୍ରତାପ କିଶୋର ମୁଣ୍ଡ, ଡାକ୍ତର ଅଶ୍ୱିନୀ କର, ଶକ୍ତିସଦନ ପରିଚାଳନା ସମିତିର ଅନ୍ୟତମ ସଦସ୍ୟ ବରିଷ୍ଠ ସାମ୍ବାଦିକ ବିଦ୍ୟାଧର ସାହୁ ଯୋଗ ଦେଇଥିଲେ। ଦେବରାଜ ମହାନନ୍ଦ ପରିଚାଳନା କରିଥିବା ବେଳେ ଶକ୍ତି ସଦନର ପରିଚାଳିକା ସସ୍ମିତା ପାତ୍ର ଧନ୍ୟବାଦ୍ ଅର୍ପଣ କରିଥିଲେ।

## ବ୍ଲକସ୍ତରୀୟ କଳାହାଣ୍ଡି ଉତ୍ସବ ପ୍ରସ୍ତୁତି ବୈଠକ

**ଧର୍ମଗଡ଼, ୧୦।୧୨(ସମିସ):** କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକସ୍ଥିତ ସଭାଗୃହରେ ଗୋଲାମୁଣ୍ଡା ବ୍ଲକସ୍ତରୀୟ କଳାହାଣ୍ଡି ଉତ୍ସବ 'ଘୁମୁରା' ନିମନ୍ତେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବର ଅଧ୍ୟକ୍ଷ ତଥା ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ଆଜି କଳାହାଣ୍ଡି ଉତ୍ସବ ଘୁମୁରା-୨୦୨୬ର ନୂତନ କମିଟି ଗଠନ ହୋଇଥିଲା। ଜାନୁଆରୀ ୯ ତାରିଖରୁ ୧୧ ପର୍ଯ୍ୟନ୍ତ ଏହି ଉତ୍ସବ ପାଳନ କରାଯିବ। ଏହି କାର୍ଯ୍ୟକ୍ରମରେ ଗୋଲାମୁଣ୍ଡା ବିଡିଓ ତ୍ରିପୁରା ମହାନନ୍ଦ, ଏବିଡିଓ ବିଜୟ କୁମାର ନାୟକ, ସହକାରୀ ଯନ୍ତ୍ରୀ ଚିତ୍ତରଞ୍ଜନ ଜେନା, ବିଇଓ ରାଜେଶ କୁମାର ନାୟକ, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ କନିଷ୍ଠ ଯନ୍ତ୍ରୀ ରୀତା ରାଣୀ କିଷାନ, କୃଷି ଅଧିକାରୀ ନୌକେଶ୍ୱର ନାଏକ, ବନପାଳ ରମେଶ ପଣ୍ଡା, ଅବକାରୀ ଅଧିକାରୀ ପ୍ରତିମା ବେହେରା, ଖାଲିଆପାଲି ସରପଞ୍ଚ ଜିମୁତ ବାହାନ ହରପାଳ, ମହାଲିଙ୍ଗ ସମିତି ସଭ୍ୟ କିରଣ କୁମାର ସିଂ ସମେତ ବ୍ଲକର ସମସ୍ତ ସରକାରୀ କର୍ମଚାରୀ ଓ ଜନ ପ୍ରତିନିଧି ଉପସ୍ଥିତ ଥିଲେ।

## ଜେଏମ୍‌ଏଫ୍‌ସି ପକ୍ଷରୁ ମାନବାଧିକାର ଦିବସ ପାଳିତ

**ଥୁଆମୂଳରାମପୁର, ୧୦।୧୨ (ସମିସ):** କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ଜେ.ଏମ୍.ଏଫ୍.ସି ପକ୍ଷରୁ ମାନବାଧିକାର ଦିବସ ପାଳିତ ହୋଇଯାଇଛି। ତାଲୁକ ଆଇନ୍ ସେବା କମିଟି ଦ୍ୱାରା ପରିଚାଳିତ ଏହି କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ତଥା ଅଂଶଗ୍ରହଣ କରିଥିବା ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ବକ୍ତୃତା ପ୍ରତିଯୋଗିତାରେ ଏମ୍.ଏମ୍.ପି.ଏସ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଏକାଦଶ ଶ୍ରେଣୀର ଛାତ୍ରୀ ମାଧବୀ ନାଏକ ପ୍ରଥମ, ସରକାରୀ ମହାବିଦ୍ୟାଳୟର ଯୁକ୍ତ ତିନି ପ୍ରଥମ ବର୍ଷ ଛାତ୍ରୀ ମାଧବୀ ମାଝୀ ଦ୍ୱିତୀୟ ଏବଂ ତୃତୀୟରେ ଏମ୍.ଏମ୍.ଡି.ସି ମହାବିଦ୍ୟାଳୟର ଯୁକ୍ତତିନି ପ୍ରଥମ ବର୍ଷ ଛାତ୍ରୀ ଧରିତ୍ରୀ ନାଏକ ସେହିପରି ଚିତ୍ରାଙ୍କନରେ ସରକାରୀ ମହାବିଦ୍ୟାଳୟର ଯୁକ୍ତ ତିନିର ପ୍ରଥମ ବର୍ଷ ଛାତ୍ର ମନୋରଞ୍ଜନ ମାଝୀ ପ୍ରଥମ, ଦ୍ୱିତୀୟରେ ଏମ୍.ଏମ୍.ଡି.ସି ମହାବିଦ୍ୟାଳୟର ଯୁକ୍ତ ତିନି ପ୍ରଥମ ବର୍ଷ ଛାତ୍ରୀ ମମତା ମାଝୀ, ଶିରିମସ୍କା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରଥମ ବର୍ଷ ଛାତ୍ର କେଦାରନାଥ ମାଝୀ ତୃତୀୟ ଏବଂ ପ୍ରବନ୍ଧ ପ୍ରତିଯୋଗିତାରେ ଯାଜ୍ଞସିନୀ ମାଝୀ ପ୍ରଥମ, ଦ୍ୱିତୀୟରେ ସେବତୀ ମାଝୀ ଏବଂ ରବିନା ମାଝୀ ତୃତୀୟ ସ୍ଥାନରେ କୃତିତ୍ୱ ହାସଲ କରିଛନ୍ତି। କାର୍ଯ୍ୟକ୍ରମରେ ସ୍ଥାନୀୟ ଜେ.ଏମ୍.ଏଫ୍.ସି ମାଜିଷ୍ଟ୍ରେଟ ତଥା ତାଲୁକ ଆଇନ୍ ସେବା କମିଟିର ଅଧ୍ୟକ୍ଷ ଡ. ତାରିଣୀ ପ୍ରସାଦ ସାହୁ, ମୁଖ୍ୟବକ୍ତା ଭାବେ ଏମ୍.ଏମ୍.ପି.ଏସ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ସତ୍ୟ ନାରାୟଣ ମୁଣ୍ଡଛିନା, ବରିଷ୍ଠ ଆଇନଜୀବୀ ଏ.ପି.ପି ଦେବବ୍ରତ ଯୋଷୀ, ଆଇନଜୀବୀ ମନୋରଞ୍ଜନ ନାଏକ, ଆଇନ୍‌ଜୀବୀ ଦିଲୀପ ନାଏକ, ଆଇନଜୀବୀ ପ୍ରିୟଙ୍କା ମାଝୀ, ବରିଷ୍ଠ ସାମ୍ବାଦିକ ପ୍ରଦୀପ ପଣ୍ଡା, କର୍ତ୍ତବ୍ୟ ଅନୁଷ୍ଠାନର ସଂଯୋଜକ ସୁଦର୍ଶନ ନାଏକ ପ୍ରମୁଖ ଉପସ୍ଥିତ ଥିଲେ। ବବୃବାହାନ ବୁଦ୍ଧିଆ ମଞ୍ଚ ପରିଚାଳନା କରିଥିବାବେଳେ ଜେ.ଏମ୍.ଏଫ୍.ସି ବରିଷ୍ଠ କିରାଣି ଅଶୋକ ସାହୁଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ହୋଇଥିଲା।



**ଦାଦନ ଶ୍ରମିକଙ୍କ ମୃତ୍ୟୁ ଘଟଣା**

## ଅନୁସୂଚିତ ଜାତି, ଜନଜାତିଙ୍କ ଥାନା ଘେରଉ



**ନୂଆପଡ଼ା/କୋମନା, ୧୦।୧୨ (ସମିସ):** ନୂଆପଡ଼ା ଜିଲ୍ଲା ଲଖନା ଥାନା ସଦର ଗାଁର ଦାଦନ ଶ୍ରମିକ ବାଞ୍ଛାନିଧି କୈବର୍ତ୍ତଙ୍କ ମୃତ୍ୟୁ ଘଟଣାର ରହସ୍ୟ ଖୋଲିବାକୁ ନୂଆପଡ଼ା ଜିଲ୍ଲା ଅନୁସୂଚିତ ଜାତି ଜନଜାତି ମିଳିତ ମଞ୍ଚ ପକ୍ଷରୁ ଆନ୍ଦୋଳନ କରାଯାଇଛି। ଦାଦନ ଶ୍ରମିକ ମୃତ୍ୟୁ ଘଟଣାର ତଦନ୍ତ ସହ ଦୋଷୀଙ୍କୁ ଆବଶ୍ୟକ ଦଣ୍ଡ ବ୍ୟବସ୍ଥା କରିବାକୁ ଦାବି କରିଛନ୍ତି। ଏହାକୁ ନେଇ ଅନୁସୂଚିତ ଜାତି ଜନଜାତି ମିଳିତ ମଞ୍ଚ ପକ୍ଷରୁ ଲଖନା ଥାନାକୁ ଘେରଉ କରିଥିଲେ କର୍ମକର୍ତ୍ତା। ଶ୍ରମିକ ବାଞ୍ଛାନିଧି କୈବର୍ତ୍ତଙ୍କୁ ଶ୍ରମିକ ସର୍ଦ୍ଦାର ଜଣକ ଯୋଜନା ବଦ୍ଧ ଭାବେ ହତ୍ୟା କରିଛନ୍ତି ବୋଲି ଅଭିଯୋଗ ଆଣିବା ସହ ଦୋଷୀଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ କରିବାକୁ ଦାବି କରାଯାଇଛି। ଦାଦନ ସର୍ଦ୍ଦାରଙ୍କୁ ଆଇନ ଅନୁଯାୟୀ ଗିରଫ, ମୃତ ପରିବାରଙ୍କୁ ଆର୍ଥିକ ସହାୟତା, ଥାନା ଅଧିକାରୀ ଘଟଣା ଲୁଚେଇ ମାମଲା ରୁଜୁ ନ କରିବା ନେଇ ତାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି। ଭାନୁପ୍ରତାପ ସିଂ ମାଝୀ, ରବୀନ୍ଦ୍ର ମଙ୍ଗରାଜ ନେତୃତ୍ୱ ନେଇଥିବାବେଳେ ଆନ୍ଦୋଳନ ସ୍ଥଳକୁ ଏଏସପି ରଞ୍ଜିତ ନାଏକ ଆସି ଦାବି ପତ୍ର ଗ୍ରହଣ କରିଛନ୍ତି।

## ଜିଲ୍ଲା ଶିଳ୍ପକେନ୍ଦ୍ର ଦ୍ୱାରା ଗୁଣବତ୍ତା ପ୍ରମାଣ କର୍ମଶାଳା

**ନୂଆପଡ଼ା, ୧୦।୧୨(ସମିସ):** ଓଡ଼ିଶା ସରକାରଙ୍କ ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ (ଏମ୍‌ଏସ୍‌ଏମ୍‌ଏଇ) ବିଭାଗ ଏବଂ ଜିଲ୍ଲା ଶିଳ୍ପକେନ୍ଦ୍ର, ନୂଆପଡ଼ାଙ୍କ ସଂଯୁକ୍ତ ଉଦ୍ୟମରେ ସ୍ଥାନୀୟ ସଭାବନା ସଭାଗୃହରେ ଗୁଣବତ୍ତା ପ୍ରମାଣ





ବିଷୟରେ ଏକ କର୍ମଶାଳା ଆୟୋଜନ ହୋଇଥିଲା। ନୂଆପଡ଼ା ଜିଲ୍ଲାର ଏମ୍‌ଏସ୍‌ଏମ୍‌ଇ ଉଦ୍ୟୋଗଗୁଡ଼ିକୁ ଗୁଣ ମାନଦଣ୍ଡ ମାଧ୍ୟମରେ ସଶକ୍ତ କରିବା ଏହି କର୍ମଶାଳାର ପ୍ରମୁଖ ଉଦ୍ଦେଶ୍ୟ ଥିଲା। କର୍ମଶାଳାରେ ଆଇଏସଓ, ଲିନ ଏବଂ ଜେଡ ଭଳି ଗୁଣବତ୍ତା ପ୍ରମାଣପତ୍ରର ବ୍ୟବହାର, ଗୁରୁତ୍ୱ ଏବଂ ଏହାର ଲାଭ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଉଦ୍ୟୋଗୀମାନଙ୍କୁ ଏହି ପ୍ରକ୍ରିୟା ଆପଣାଇ ନିଜର ପ୍ରତିଯୋଗିତା ମୂଳକ କ୍ଷମତା ବୃଦ୍ଧି କରିବାରେ ପ୍ରୋତ୍ସାହିତ କରାଯାଇଥିଲା। ଏହି ଅବସରରେ ବୈଠକକୁ ଅଧ୍ୟକ୍ଷତା କରି ଜିଲ୍ଲାପାଳ ମଧୁସୂଦନ ଦାଶ ଏମ୍‌ଏସ୍‌ଏମ୍ ଭୂମିକାକୁ ଜିଲ୍ଲାର ସମନ୍ୱିତ ଆର୍ଥିକ ଅଭିବୃଦ୍ଧିର ଯନ୍ତ୍ର ଭାବେ ଅଭିହିତ କରିଥିଲେ। ଗୁଣମୂଳକ ପ୍ରମାଣନ ଆପଣାଇବା ଦ୍ୱାରା ଉଦ୍ୟୋଗଗୁଡ଼ିକ ସୁଦୃଢ଼ ଏବଂ ସ୍ଥାୟୀ ବିକାଶ ଲକ୍ଷ୍ୟକୁ ପ୍ରାପ୍ତ କରିପାରିବେ ବୋଲି ସେ କହିଥିଲେ। କର୍ମଶାଳାରେ ବିଡିଏସ୍‌ପି, ଜିଲ୍ଲା ଶିଳ୍ପକେନ୍ଦ୍ରର କର୍ମକର୍ତ୍ତାମାନେ, ସ୍ଥାନୀୟ ଉଦ୍ୟୋଗୀମାନେ ଏବଂ ବିଭିନ୍ନ ଶିଳ୍ପ ଉଦ୍ୟୋଗର ପ୍ରତିନିଧିମାନେ ଉପସ୍ଥିତ ଥିଲେ। ସମସ୍ତଙ୍କୁ ଗୁଣମାନ ଭିତ୍ତିକ ଉତ୍ପାଦନ ଏବଂ ବ୍ୟବସ୍ଥାପନ ଶୈଳୀକୁ ଗ୍ରହଣ କରି ନୂଆପଡ଼ାକୁ କ୍ଷେତ୍ରଏମଇ କ୍ଷେତ୍ରରେ ଏକ ଆଦର୍ଶ ଜିଲ୍ଲାରେ ପରିଣତ କରିବା ପାଇଁ ଜିଲ୍ଲାପାଳ ଆହ୍ୱାନ ଦେଇଥିଲେ।

**ଟ୍ରାକ୍ଟର ଉଦ୍ଧାର କରିବାକୁ ଯାଇ ଦୁଇ ଯୁବକ ମୃତ୍ୟୁ ଘଟଣା**

# ଧରାପଡ଼ିନାହାନ୍ତି ଦୁର୍ବୃତ୍ତ; ଯାଦବ ସମାଜ ଏସ୍‌ଡିପିଓଙ୍କ ଦ୍ୱାରସ୍ଥ

**ଧର୍ମଗଡ଼, ୧୦।୧୨(ସମିସ)**

ନିଜ ଚୋରି ଟ୍ରାକ୍ଟର ଟ୍ରଲିକୁ ଉଦ୍ଧାର କରିବାକୁ ଯାଇ ଦୁଇ ଯୁବକଙ୍କୁ ଦୁର୍ବୃତ୍ତମାନେ ଟ୍ରାକ୍ଟର ଚଢ଼ାଇ ମାରିଦେବା ଘଟଣା ଇତି ମଧ୍ୟରେ ଗୋଟିଏ ମାସ ବିତିଯାଇଛି। ହେଲେ ଏପର୍ଯ୍ୟନ୍ତ ପୁଲିସର ହାତ ଖାଲି। ଧର୍ମଗଡ଼ ଥାନା ମେରଘରା ଗାଁର ଟ୍ରାକ୍ଟର ମାଲିକ ଲାଲୁ ଭଏସାଲ ନିଜର ଟ୍ରାକ୍ଟର ଟ୍ରଲିକୁ ନଭେମ୍ବର ୧୦ ତାରିଖ ରାତିରେ ଦୁର୍ବୃତ୍ତମାନେ ଚୋରି କରି ନେଇଯାଉଥିଲେ। ଏତିକିବେଳେ ପରିସ୍ରା କରିବାକୁ ଉଠିଥିବା ହରିଶଙ୍କର ଲହଜଲଙ୍କ ନଜର ଚୋରଙ୍କ ଉପରେ ପଡ଼ିଯାଇଥିଲା। ସେ ଟ୍ରାକ୍ଟର ମାଲିକ ଲାଲୁଙ୍କ ସାନ ପୁଅକୁ ଡାକି ବାଇକରେ ଦୁଇ ଭାଇ ପିଛା କରିଥିଲେ। ତେନ୍ତୁଲିଆପଡ଼ା-ଛେଣ୍ଡିଆ ଯିବା ରାସ୍ତାରେ ଟ୍ରାକ୍ଟର ଆଗକୁ ବାଇକ ନେଇ ଚେଷ୍ଟା କରିଥିଲେ। ହେଲେ ଧରାପଡ଼ିବା ଭୟରେ ଦୁହିଁଙ୍କ ଉପରେ ଟ୍ରାକ୍ଟର ଚଢ଼ାଇ ଚୋରି ଟ୍ରଲିକୁ ବ୍ରାହ୍ମଣଛେଣ୍ଡିଆ ଠାକୁରାଣୀ ମନ୍ଦିର ନିକଟରେ ଛାଡି ଚୋରମାନେ ଚମ୍ପଟ ମାରିଥିଲେ। ଘଟଣାକୁ ମାସେ ପୂରି ଯାଇଛି ହେଲେ ଦୁର୍ବୃର୍ତ୍ତ ମାନଙ୍କୁ ଠାବ କରିବାରେ ବିଫଳ ପୁଲିସ। ଏନେଇ ଆଜି ଧର୍ମଗଡ଼ ଉପଖଣ୍ଡ ଆରକ୍ଷୀ ଅଧିକ୍ଷକଙ୍କ ଦ୍ୱାରସ୍ଥ ହୋଇ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଦୁର୍ବୃତ୍ତଙ୍କୁ ତୁରନ୍ତ ଚିହ୍ନଟ କରି ତ୍ୱରିତ୍ୱ ପଦକ୍ଷେପ ଗ୍ରହଣ କରା ନ ଗଲେ ଆସନ୍ତା ୨୬ ଦିନ ଧର୍ମଗଡ଼ ସହରସ୍ଥିତ ଚାରିଛକ ଠାରେ ରାସ୍ତା ଅବରୋଧ କରିବାକୁ ଚେତାବନୀ ଦେଇଛନ୍ତି ଯାଦବ ସମାଜ ର କର୍ମକର୍ତ୍ତା। ଏହି ଦାବିପତ୍ର ଦେବା ସମୟରେ ପୂର୍ବତନ କଳାହାଣ୍ଡି ଜିଲ୍ଲା ଯାଦବ ସଭାପତି ଡମ୍ବରୁ ଲହଜଲ, ଧର୍ମଗଡ଼ ବ୍ଲକ ଯାଦବ ସମିତି ସଭାପତି ଶଙ୍କର ଜୁଆଡ, ଜୁନାଗଡ଼ ବ୍ଲକ ସଭାପତି ଗୌର ବାଗ, ଗୋଲାମୁଣ୍ଡା ବ୍ଲକ ସଭାପତି ଗିରିଧାରି ତେଜୀ, ଯୁବ ଯାଦବ ସଭାପତି ରାଜେଶ ବର୍ଗର୍ତ୍ତି, ଡାକେ ଲହଜଲ, ଲବଣି ଯାଦବ, ଭବାନିପାଟଣା ଟାଉନ ସଭାପତି ସତ୍ୟନାରାୟଣ ବିଶି, ଦୁସ୍ମନ୍ତ ଗହିର ପ୍ରମୁଖ ଉପସ୍ଥିତ ଥିଲେ।



**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୯.୦୦ ● ପାଉଣ୍ଡ ୧୨୦.୦୭
- ୟୁରୋ ୧୦୫.୨୧ ● ୟେନ୍ ୦.୫୮

**ସୁନା, ରୁପା ଦର (ଟଙ୍କାରେ)**



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୧,୧୯,୪୫୦ (ଭୁବନେଶ୍ୱର)
- ରୁପା : ୨,୦୫,୦୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୮୪,୩୯୧.୦୦
- ନିଫ୍ଟି ୨୫,୭୫୮.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



# ନୂଆ ବର୍ଷରୁ ରିଚାର୍ଜ ପ୍ଲାନ୍ ମହଙ୍ଗା !

## ଟେଲିକମ୍ କମ୍ପାନୀ ବଢ଼ାଇବେ ପ୍ରି-ପେଡ୍ ରିଚାର୍ଜ ପ୍ଲାନ୍




**ନୂଆଦିଲ୍ଲୀ,୧୦।୧୨(ଏଜେନ୍ସି):** ନୂଆ ବର୍ଷରୁ ଆପଣଙ୍କୁ ପୁଣି ଥରେ ମୋବାଇଲରେ କଥା ହେବା ଏବଂ ଇଣ୍ଟରନେଟ୍ ବ୍ୟବହାର କରିବା ପାଇଁ ଅଧିକ ଟଙ୍କା ଖର୍ଚ୍ଚ କରିବାକୁ ପଡିବ। କାରଣ ବର୍ଷର ଶେଷ ମାସରେ ଦେଶର ଟେଲିକମ୍ କମ୍ପାନୀଗୁଡିକ ସେମାନଙ୍କର ରିଚାର୍ଜ ପ୍ଲାନ୍ ବୃଦ୍‌ଦି କରିବାକୁ ଯାଉଛନ୍ତି। ଏକ ରିପୋର୍ଟ ଅନୁଯାୟୀ, ଟେଲିକମ୍ ଅପରେଟରମାନେ ସେମାନଙ୍କର ପ୍ରି-ପେଡ୍ ରିଚାର୍ଜ ପ୍ଲାନ୍ ଦରରେ ୧୨% ଯାଏ ବୃଦ୍ଧି କରିବାକୁ ଯୋଜନା କରିଛନ୍ତି। ବର୍ତ୍ତମାନ ଏ ସମ୍ପର୍କରେ ବର୍ତ୍ତମାନ ଖବର ସୋସିଆଲ ମିଡିଆରେ ଛାଇବାରେ ଲାଗିଛି। ଏହି ଖବର ଏବେ ଗ୍ରାହକମାନଙ୍କୁ ପୁଣି ଥରେ ଚିନ୍ତାରେ ପକାଇଛି। ଜିଓ, ଏୟାରଟେଲ୍ ଏବଂ ଭିଆଇ ଭଳି ପ୍ରମୁଖ ଟେଲିକମ୍ କମ୍ପାନୀଗୁଡ଼ିକ ନୂତନ ବର୍ଷରେ ସେମାନଙ୍କର ରିଚାର୍ଜ ପ୍ଲାନର ମୂଲ୍ୟ ବୃଦ୍ଧି କରିବେ। ସୋସିଆଲ ମିଡିଆରେ ପ୍ରସାରିତ ରିପୋର୍ଟ ଅନୁଯାୟୀ, କିଛି କମ୍ପାନୀ ସେମାନଙ୍କ ଗ୍ରାହକଙ୍କୁ ନୋଟିଫିକେସନ୍ ପଠାଇବା ମଧ୍ୟ ଆରମ୍ଭ କରିଛନ୍ତି।

ଟେଲିକମ୍ କମ୍ପାନୀଗୁଡ଼ିକ ବର୍ଦ୍ଧିତ ରିଚାର୍ଜ ପ୍ଲାନଗୁଡ଼ିକ ସମ୍ପର୍କରେ କୌଣସି ସରକାରୀ ବିଜ୍ଞପ୍ତି ଜାରି କରିନାହାଁନ୍ତି। ତେଣୁ, ପ୍ଲାନ ମୂଲ୍ୟ ସମାନ ରହିବ। ଏକ ରିପୋର୍ଟ ଅନୁଯାୟୀ, ଦେଶର ତିନୋଟି ପ୍ରମୁଖ ଟେଲିକମ୍ କମ୍ପାନୀ - ଜିଓ, ଏୟାରଟେଲ୍ ଏବଂ ଭୋଡାଫୋନ୍-ଆଇଡିଆ - ପ୍ରତି ଉପଭୋକ୍ତାଙ୍କ ହାରାହାରି ରାଜସ୍ୱ (ଏଆର୍‌ପିୟୁ) ବୃଦ୍ଧି କରିବାକୁ ଲକ୍ଷ୍ୟ ରଖିଛନ୍ତି। ଫଳସ୍ୱରୂପ, ଆଗାମୀ ମାସଗୁଡ଼ିକରେ ରିଚାର୍ଜ ପ୍ଲାନଗୁଡ଼ିକ ୧୦-୧୨ ପ୍ରତିଶତ ମହଙ୍ଗା ହୋଇପାରେ। ଯଦି କମ୍ପାନୀଗୁଡ଼ିକ ମୂଲ୍ୟ ବୃଦ୍ଧି କରନ୍ତି, ତେବେ ଏହା ୨୦୨୪ ପରଠାରୁ ସବୁଠାରୁ ବଡ଼ ବୃଦ୍ଧି ହେବ। ସାମ୍ପ୍ରତିକ ମାସଗୁଡ଼ିକରେ, ଜିଓ ଏବଂ ଏୟାରଟେଲ୍ ଚୁପଚାପ୍ ସେମାନଙ୍କର ଏଣ୍ଟ୍ରି-ଲେବଲ ୧ ଜିବି ଦୈନିକ ପ୍ରିପେଡ୍ ପ୍ଲାନଗୁଡ଼ିକୁ ବନ୍ଦ କରିଦେଇଛନ୍ତି, ଯାହା ବ୍ୟବହାରକାରୀମାନଙ୍କୁ ବାଧ୍ୟତାମୂଳକ ଭାବେ ଅଧିକ ମହଙ୍ଗା ପ୍ଲାନ୍ ଆଡ଼କୁ ଠେଲିଦେଇଛି। ଅଧିକାଂଶ ପ୍ରିପେଡ୍ ଡାଟା ଉପଭୋକ୍ତାଙ୍କ ପାଇଁ ନୂତନ ମୌଳିକ ଯୋଜନାଗୁଡ଼ିକ ଏବେ ପ୍ରତିଦିନ ଦେଢ଼ ଜିବିରୁ ଆରମ୍ଭ ହେଉଛି, ଯାହାର ମୂଲ୍ୟ ପ୍ରାୟ ୨୯ ୯ ଟଙ୍କା, ଯାହା ପୂର୍ବ ୨୪୯ ଟଙ୍କା ଯୋଜନାଠାରୁ ପ୍ରାୟ ୧୭% ବୃଦ୍ଧି।

ଟେଲିକମ୍ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ପୁଞ୍ଜିନିବେଶ ଏବଂ ୫ଜି ଭିତ୍ତିଭୂମି ବିସ୍ତାର ପାଇଁ ଗୁରୁତ୍ୱପୂର୍ଣ୍ଣ ଖର୍ଚ୍ଚକୁ ଦୃଷ୍ଟିରେ ରଖି ଏୟାରଟେଲ୍ ଏବଂ ଭିଆଇ ଉଭୟ ଦୀର୍ଘ ସମୟ ଧରି ଟାରିଫ୍ ବୃଦ୍ଧିର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଆସୁଛନ୍ତି। ବର୍ତ୍ତମାନ,

### ୧୨% ଯାଏ ବଢ଼ିବ ରିଚାର୍ଜ ଦର

### ଏଣ୍ଟ୍ରି-ଲେବଲ ୧ ଜିବି ଦୈନିକ ପ୍ରିପେଡ୍ ପ୍ଲାନଗୁଡ଼ିକୁ ବନ୍ଦ

ସିଧାସଳଖ ମୂଲ୍ୟ ବୃଦ୍ଧି କରିବା ପରିବର୍ତ୍ତେ ଟେଲିକମ୍ କମ୍ପାନୀଗୁଡ଼ିକ ସେମାନଙ୍କର ଶସ୍ତା ପ୍ଲାନ୍‌ଗୁଡିକୁ ବନ୍ଦ କରୁଛନ୍ତି। ଯାହାଫଳରେ ଗ୍ରାହକମାନେ ଅଧିକ ମହଙ୍ଗା ଯୋଜନା କିଣିବାକୁ ବାଧ ହେବେ। ଏହି କୌଶଳଗୁଡ଼ିକ କମ୍ପାନୀଗୁଡ଼ିକୁ ପ୍ରତି ଉପଭୋକ୍ତାଙ୍କ ହାରାହାରି ରାଜସ୍ୱ (ଏଆର୍‌ପିୟୁ) ବୃଦ୍ଧି କରିବାରେ ସାହାଯ୍ୟ କରୁଛି। ଏମିତିକି କିଛି କମ୍ପାନୀ ମଧ୍ୟ ନଭେମ୍ବରରେ କିଛି ନିର୍ଦ୍ଦିଷ୍ଟ ପ୍ରି-ପେଡ୍ ରିଚାର୍ଜ ପ୍ଲାନ୍ ଦର ବୃଦ୍ଧି କରିଛନ୍ତି। ଭିଆଇ ଏବଂ ଏ=ରଟେଲ୍ ଭଳି ଅପରେଟର ପ୍ଲାଡ଼୍ ଦର ୭%ରୁ ଅଧିକ ବଢ଼ାଇଛନ୍ତି। ଯେତେବେଳେ କି ବିଏସ୍‌ଏନ୍‌ଏଲ୍ ଭାଲିଡିଟି କମ୍ କରିଛି।

**ଭାରତ-ଆମେରିକା ବାଣିଜ୍ୟ ଆଲୋଚନା**

## ଟ୍ରମ୍ପ ଅଧିକାରୀଙ୍କ ଦାବି; ଆମେରିକାକୁ ଭାରତର ବଡ଼ ଅଫର୍

**ନୂଆଦିଲ୍ଲୀ,୧୦।୧୨(ଏଜେନ୍ସି):** ଭାରତ-ଆମେରିକା ମଧ୍ୟରେ ଚାଲିଥିବା ବାଣିଜ୍ୟିକ ବିବାଦ ମଧ୍ୟରେ ଏକ ବଡ଼ ଖବର ସାମନାକୁ ଆସିଛି। ଆମେରିକାର ବାଣିଜ୍ୟିକ ପ୍ରତିନିଧି ଜ୍ୟାମିସନ ଗ୍ରୀର ବୁଧବାର ଏକ ବଡ଼ ବୟାନ ଦେଇଛି। ଗ୍ରୀରଙ୍କ ଅନୁସାରେ, ଭାରତ ସହ ଚାଲିଥିବା ବାଣିଜ୍ୟିକ ଆଲୋଚନାରେ ୱାଶିଂଟନକୁ ନୂଆଦିଲ୍ଲୀରୁ ଏବେ ସୁଦ୍ଧା ଶ୍ରେଷ୍ଠ ଅଫର୍ ମିଳିଛି।



ତେବେ କୃଷି ଓ ଅନ୍ୟ ଉତ୍ପାଦ ଉପରେ ଭାରତ ତା'ର ସହମତି ଦେଇନାହିଁ। ତଥାପି, ଗ୍ରୀର ଏହାକୁ ଭଲ ପ୍ରଗତିଶୀଳ ପଦକ୍ଷେପ ବୋଲି କହିଛନ୍ତି।

ଆମେରିକୀୟ ବାଣିଜ୍ୟିକ ପ୍ରତିନିଧି ରିକ୍ ସ୍ୱିଟଜରଙ୍କ ନେତୃତ୍ୱରେ ଆମେରିକୀୟ ପ୍ରତିନିଧିମଣ୍ଡଳ ଦିଲ୍ଲୀରେ ଦ୍ୱିପାକ୍ଷିକ ବାଣିଜ୍ୟ ବୁଝାମଣାର ପ୍ରଥମ ପର୍ଯ୍ୟାୟର ନିର୍ଣ୍ଣାୟକ ଆଲୋଚନା ଚଳାଇଛନ୍ତି। ଗ୍ରୀର କହିଛନ୍ତି ବର୍ତ୍ତମାନ ସମୟରେ ଆମେରିକାର ପ୍ରତିନିଧିମଣ୍ଡଳ ଭାରତରେ ଗୁରୁତ୍ୱପୂର୍ଣ୍ଣ ବାଣିଜ୍ୟିକ ପ୍ରସଙ୍ଗ ଉପରେ ଆଲୋଚନା କରୁଛନ୍ତି। ଯେତେବେଳେ ଆମେ ନୂଆଦିଲ୍ଲୀରେ ଆଲୋଚନା କରିଥାଉ, ସେତେବେଳେ ଆମର ଗୋଟିଏ ଟିମ୍ ଏହା ଉପରେ କାମ କରୁଥାଏ। ଭାରତରେ କିଛି ବିଶେଷ ଫସଲ ଓ ଅନ୍ୟ ଉତ୍ପାଦକୁ ନେଇ ଗତିରୋଧ ଚାଲିଛି। ସେ ଏହା ବି ସ୍ୱୀକାର କରିଛନ୍ତି ଯେ ଭାରତରେ ପ୍ରବେଶ କରିବା ଅତ୍ୟନ୍ତ କଷ୍ଟକର, କିନ୍ତୁ ଏହା ବି ସେ ସ୍ପଷ୍ଟ କରିଛନ୍ତି ଯେ ଭାରତ ଏହି ମାମଲାରେ ପ୍ରଗତିଶୀଳ ରହିଛି। ଗ୍ରୀରଙ୍କ ଅନୁସାରେ, ଯେଉଁ ପ୍ରସ୍ତାବ ଉପରେ ଆମ ସହ ଭାରତ ଆଲୋଚନା କରୁଛି, ତାହା ଗୋଟିଏ ଦେଶ ଭାବେ ଆମକୁ ମିଳୁଥିବା ସବୁଠୁ ଭଲ ପ୍ରସ୍ତାବ। ସେ ଭାରତକୁ ଏକ ଆଶାଜନକ ବୈକଳ୍ପିକ ବଜାର ଭାବେ ଅଭିହିତ କରିଛନ୍ତି। କାରଣ ଆମେରିକା ନିଜ ରପ୍ତାନୀ ବଜାର ବଢାଇବା ଉପରେ ବିଚାର କରୁଛି। ଅନ୍ୟପଟେ ଆମେରିକା ବିଦେଶ ଉପ-ସଚିବ ଏଲିସନ ହୁକର ବିଦେଶ ସଚିବ ବିକ୍ରମ ମିସ୍ତ୍ରିଙ୍କ ସହ ବୈଠକ କରିଛନ୍ତି। ଦୁଇ ପକ୍ଷ ଫେବ୍ରୁଆରୀରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଓ ପ୍ରଧାନମନ୍ତ୍ରୀ ମୋଦୀଙ୍କ ମଧ୍ୟରେ ବୈଠକର ଦୃଷ୍ଟିକୋଣକୁ ପରିଣାମରେ ବଦଳାଇବା ଉପରେ ଧ୍ୟାନ କେନ୍ଦ୍ରିତ କରିଥିଲେ। ଉଲ୍ଲେଖଯୋଗ୍ୟ ଯେ ଭାରତ ସହ ରଣନୀତିକ ଓ ଆର୍ଥିକ ସହଯୋଗ ମଜଭୁତ କରିବା ପାଇଁ ସେ ୫ ଦିନିଆ ନୂଆଦିଲ୍ଲୀ ଗସ୍ତରେ ଆସିଛନ୍ତି।

# ନୂଆ ରେକର୍ଡ ସ୍ତରରେ ରୁପା

## ଭୁବନେଶ୍ୱରରେ କିଲୋ ୨.୦୫ ଲକ୍ଷ

**ନୂଆଦିଲ୍ଲୀ,୧୦।୧୨(ଏଜେନ୍ସି):** ବିଶ୍ୱ ବଜାରରେ ହୁ ହୁ ହୋଇ ବଢ଼ିବାରେ ଲାଗିଛି ସୁନା ଓ ରୁପା ଦର। ବିଶ୍ୱ ଅର୍ଥନୈତିକ ଅନିଶ୍ଚିତତା ମଧ୍ୟରେ ଦୌଡୁଛି ସୁନା ଓ ରୁପା ବଜାର। ମୂଲ୍ୟ ବୃଦ୍ଧିରେ ଲାଗୁନି ଲଗାମ୍। ଇତିମଧ୍ୟରେ ବଜାରରେ ପୁଣି ଥରେ ସୁନା ଏବଂ ରୁପା ମୂଲ୍ୟରେ ବୃଦ୍ଧି ଘଟିବାରେ ଲାଗିଛି। ଏଥିରେ ବୁଧବାର ରୁପା ଦର ପ୍ରଥମ ଥର ପାଇଁ

### ୧.୩୫ ଲକ୍ଷ ଛୁଇଁବ ସୁନା




ଏହାର ସବୁ ପୁରୁଣା ରେକର୍ଡ ଭାଙ୍ଗି ଐତିହାସିକ ରେକର୍ଡ ସ୍ତର କିଲୋ ଗ୍ରାମ ପିଛା ପୁନର୍ବାର ୨ ଲକ୍ଷ ଟଙ୍କା ଅତିକ୍ରମ କରି ୨.୦୫ ଲକ୍ଷ ଟଙ୍କାରେ ପହଞ୍ଚିଛି। ଏମିତିକି ଆଜି ଦିନକରେ ଘରୋଇ ବଜାରରେ ରୁପା ଦର କିଲୋଗ୍ରାମ ପିଛା ୬,୬୦୦ ଟଙ୍କା ବୃଦ୍ଧି ଘଟିଛି। ରାଜଧାନୀ ଭୁବନେଶ୍ୱରରେ ଆଜି ରୁପା ମୂଲ୍ୟ କିଲୋଗ୍ରାମ ପିଛା ୨,୦୫,୦୦୦ ଟଙ୍କାରେ ପହଞ୍ଚିଛି। ସୋଲାର, ଇଭି ଏବଂ ଇଲେକ୍‌ଟ୍ରୋନିକ୍ସ ଶିଳ୍ପ କ୍ଷେତ୍ରରେ ଚାହିଦାରେ ବୃଦ୍ଧି ଯୋଗୁ ବଜାରରେ ରୁପା ଦର ଏଭଳି ଭାବେ ବୃଦ୍ଧି ଘଟୁଛି। ସେହିପରି ବିବାହ ଋତୁରେ ସୁନା ଚାହିଦାରେ ବୃଦ୍ଧି ଯୋଗୁ ଏହି ହଳଦିଆ ଧାତୁ ମୂଲ୍ୟରେ ବୃଦ୍ଧି ହୋଇଛି।

ବୁଧବାର ରାଜଧାନୀ ଭୁବନେଶ୍ୱରରେ ସୋମବାର ୧୦ ଗ୍ରାମ ପିଛା ୨୪ କ୍ୟାରେଟ୍ ସୁନା ଦର ରେକର୍ଡ ୧,୩୦,୧୮୦ ଟଙ୍କାରେ ପହଞ୍ଚିଛି। ସେହିପରି ୨୨ କ୍ୟାରେଟ୍ ସୁନା ୧୦ ଗ୍ରାମ ପିଛା ପ୍ରଥମ କରି ୧୧୯,୪୫୦ ଟଙ୍କା ହୋଇଛି। ଇଣ୍ଡିଆ ବୁଲିୟନ୍ ଆଣ୍ଡ ଜୁଏଲର୍ସ ଆସୋସିଏସନ୍ (ଆଇବିଜେଏ) ଅନୁଯାୟୀ, ବୁଧବାର ନୂଆ ଦିଲ୍ଲୀ ବଜାରରେ ସକାଳେ ରୁପା କିଲୋଗ୍ରାମ ପିଛା ୧,୮୬,୩୫୦ ଟଙ୍କାରେ କାରବାର ଆରମ୍ଭ କରିଥିଲା। ଚଳିତବର୍ଷ ଏ ପର୍ଯ୍ୟନ୍ତ ସୁନାର ମୂଲ୍ୟ ୫୧,୬୨୬ ଟଙ୍କା ବୃଦ୍ଧି ପାଇଛି। ୨୦୨୪ ଡିସେମ୍ବର ୩୧ ରେ ୨୪କ୍ୟାରେଟ୍ ସୁନାର ମୂଲ୍ୟ ୧୦ ଗ୍ରାମ ପିଛା ୭୬,୧୬୨ ଟଙ୍କା ଥିଲା।

କେଡିଆ ଆଡଭାଇଜରିର ନିର୍ଦ୍ଦେଶକ ଅଜୟ କେଡିଆ କହିଛନ୍ତି ଯେ ଭୂ-ରାଜନୈତିକ ଉତ୍ତେଜନା ଜାରି ରହିଛି, ଯାହା ସୁନାକୁ ସମର୍ଥନ କରୁଛି। ଏହା ସୁନାର ଚାହିଦା ବୃଦ୍ଧି କରୁଛି। ଫଳସ୍ୱରୂପ, ଏହି ବର୍ଷ ପ୍ରତି ୧୦ ଗ୍ରାମ ସୁନା ୧.୩୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ପହଞ୍ଚିପାରେ, ଯେତେବେଳେ କି ରୁପା କିଲୋଗ୍ରାମ ପିଛା ୨.୧୦ ଲକ୍ଷ ଟଙ୍କା ଛୁଇଁପାରେ।

# ୨୦ ବର୍ଷରେ କ୍ୟାଣ୍ଟନ୍‌ମେଣ୍ଟ ରୋଡସ୍ଥିତ ତନିସ୍କ ଷ୍ଟୋର

**କଟକ,୧୦।୧୨(ସମିସ):** ଦେଶର ଅନ୍ୟତମ ବୃହତ୍ ଗହଣା ରିଟେଲ୍ ବ୍ରାଣ୍ଡ ତନିସ୍କ ଏହାର କଟକ କ୍ୟାଣ୍ଟନ୍‌ମେଣ୍ଟ୍ ରୋଡ୍ ଷ୍ଟୋର୍‌ର ୨୦ତମ ବର୍ଷ ପୂର୍ତ୍ତୀ ପାଳନ କରୁଛି। ଭରସା, କାରିଗରୀ ଏବଂ କାଳଜୟୀ ସୁନ୍ଦରତାର ପରିଚୟ ହେଉଛି ତନିସ୍କ। କଟକରେ ଦୁଇ ଦଶନ୍ଧି ଧରି ଏହା ଗ୍ରାହକଙ୍କ ଭରଷା ପାଳଟିଛି। ତନିସ୍କ ଗ୍ରାମ ପିଛା ସୁନା ଗହଣା ଉପରେ ୬୦୦ ଟଙ୍କା ପର୍ଯ୍ୟନ୍ତ ରିହାତି ପ୍ରଦାନ କରୁଛି। ସେହିଭଳି ହୀରା ମୂଲ୍ୟ ଉପରେ ୨୦% ପର୍ଯ୍ୟନ୍ତ ରିଆତି ଏବଂ ଯେକୌଣସି ଗହଣା ଷ୍ଟୋରରୁ କିଣାଯାଇଥିବା କୌଣସି କ୍ୟାରେଟ୍‌ର ପୁରୁଣା ସୁନା ବଦଳରେ ଶତପ୍ରତିଶତ ମୂଲ୍ୟ ପ୍ରଦାନ କରୁଛି ତନିସ୍କ। ବିଭିନ୍ନ ପ୍ରକାରର ଗହଣା ସମ୍ଭାର ନେଇ ୫,୪୦୦ ବର୍ଗଫୁଟ୍ ପରିମିତ ସ୍ଥାନରେ ନିର୍ମିତ କଟକ ଷ୍ଟୋରରେ ତନିସ୍କର ଏହି ମେଳାରେ ଆବାହନ, ମୃଗଙ୍କ, ଇଲାନ୍, ସୋଲ୍‌ମେଟ୍, ରେଡିଆନ୍ସ ଇନ୍ ରିଦିମ୍, ସ୍ରୋତିକା, ରିଭା, ଡୋର, ଆଭୀର, ଗ୍ଲାମ୍‌ଡେଜ୍ ଏବଂ ଷ୍ଟ୍ରିଙ୍ଗ୍ ଇଟ୍ ଇତ୍ୟାଦି ଶୋଭା ପାଇଛି। ଏହି ଅବସରରେ ତନିସ୍କର ଏରିଆ ବିଜନେସ୍ ମ୍ୟାନେଜର କୌଶିକ ବାନାର୍ଜୀ କୁହନ୍ତି, କଟକ କ୍ୟାଣ୍ଟନ୍‌ମେଣ୍ଟ ରୋଡ୍ ଷ୍ଟୋର୍‌ର ୨୦ ବର୍ଷ ପାଳନ କରି ଆମେ ଅତ୍ୟନ୍ତ ଗର୍ବିତ। ଏହା ତନିସ୍କର ଭରସା ଏବଂ ଉତ୍କର୍ଷତାର ଯାତ୍ରା କ୍ଷେତ୍ରରେ ଏକ ପ୍ରମୁଖ ମାଇଲଖୁଣ୍ଟ। ଏହି ମାଇଲଖୁଣ୍ଟ ଆମ ଗ୍ରାହକଙ୍କ ଭଲପାଇବା ଏବଂ ସମର୍ଥନକୁ ପ୍ରତିଫଳିତ କରୁଛି। ଏହି ଅବସରରେ ବର୍ଷ ପୂର୍ତ୍ତିରେ ଭାଗ ନେବାକୁ ତନିସ୍କର ସବୁ ଗ୍ରାହକଙ୍କୁ ନିମନ୍ତ୍ରଣ କରିଛନ୍ତି ତନିସ୍କର ବ୍ୟବସାୟିକ ସହଯୋଗୀ ଯୋଗେନ୍ଦ୍ର ହଂସ। ବିବେକ ହଂସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱବଧାନରେ ଅନୁଷ୍ଠିତଏହି ସାମ୍ବାଦିକ ସମ୍ମିଳନୀରେ ତନିସ୍କର ସର୍କଲ ବ୍ୟବସାୟ ମୁଖ୍ୟ ଅରିନ୍ଦମ ପାରମାଣିକ ଉପସ୍ଥିତ ଥିଲେ।




ଭଳି କି ଭଳି ଗହଣାର ସମ୍ଭାର ସାଙ୍ଗକୁ ସ୍ୱତନ୍ତ୍ର ରିଆତି ଅଫର୍

**ଆଇସିଆଇସିଆଇ ପ୍ରୁଡେନ୍ସିଆଲ ଲାଇଫ୍**

## ୯୯.୩୩% ଦାବି ସମାଧାନ

**ମୁମ୍ବଇ,୧୦।୧୨(ଏଜେନ୍ସି):** ଆଇସିଆଇସିଆଇ ପ୍ରୁଡେନ୍ସିଆଲ ଲାଇଫ ଇନ୍ସ୍ୟୋରାନ୍ସ ଆର୍ଥିକବର୍ଷ ୨୦୨୬-ପ୍ରଥମାର୍ଦ୍ଧରେ ୯୯.୩୩% ଦାବି ସମାଧାନ ଅନୁପାତ ସହିତ ଉଦ୍ୟୋଗରେ ଅଗ୍ରଣୀ ରହିଛି, ଯାହାକି ଦେଶରେ ଶୀର୍ଷ ଇନ୍ସ୍ୟୋରାନ୍ସ କମ୍ପାନୀଗୁଡ଼ିକ ମଧ୍ୟରେ ସର୍ବାଧିକ। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ତଦନ୍ତ ହୋଇନଥିବା ଦାବିଗୁଡ଼ିକ ପାଇଁ ଦାବି ସମାଧାନ ସମୟ ୧.୧ ଦିନ ଥିଲା। ଏହି ସମୟରେ ମଧ୍ୟ କମ୍ପାନୀ ପକ୍ଷରୁ ମୋଟ ଟ.୮୯୩.୩୮ କୋଟିର ମୃତ୍ୟୁ ଦାବିର ସମାଧାନ କରାଯାଇଛି। ଏସମ୍ପର୍କରେ ଆଇସିଆଇସିଆଇ ଲାଇଫ ଇନ୍ସ୍ୟୋରାନ୍ସର ଚିଫ ଅପରେସନ୍ସ ଅଫିସର ଅମିଶ ବଙ୍କର କହିଛନ୍ତି ଯେ, ଆମର ଦାବି ସମାଧାନ ପ୍ରକ୍ରିୟା ଉନ୍ନତ ଗ୍ରାହକ ଅଭିଜ୍ଞତା ପ୍ରଦାନ କରିବା ପାଇଁ ପ୍ରସ୍ତୁତ କରାଯାଇଛି ଏବଂ ଆମେ ପ୍ରତ୍ୟେକ ଦାବିକୁ ଅତ୍ୟନ୍ତ ସମ୍ବେଦନଶୀଳତାର ସହିତ ପରିଚାଳନା କରୁ।

**କୋଟକ ସିକ୍ୟୁରିଟିଜ୍‌ର ୨୦୨୬ ମାର୍କେଟ୍ ଆଉଟଲୁକ୍ ରିପୋର୍ଟ**

## ବୈଶ୍ୱିକ ଅସ୍ଥିରତା ମଧ୍ୟରେ ଭାରତ ଅଭିବୃଦ୍ଧିର ଏକ ଆଲୋକବର୍ତ୍ତିକା

**ମୁମ୍ବଇ,୧୦।୧୨(ଏଜେନ୍ସି):** କୋଟକ ସିକ୍ୟୁରିଟିଜ (କୋଟକ ନିଓ) ତାହାର ୨୦୨୬ ବର୍ଷ ନିମନ୍ତେ ମାର୍କେଟ ଆଉଟଲୁକ୍ (ବଜାର ଦୃଷ୍ଟିକୋଣ) ଉନ୍ମୋଚନ କରିଛି, ଯେଉଁଥିରେ ବିଶ୍ୱସ୍ତରରେ ଅନିଶ୍ଚିତ ପରିସ୍ଥିତି ସତ୍ତ୍ୱେ ଭାରତୀୟ ଇକ୍ୱିଟି ଓ କମୋଡିଟିଗୁଡ଼ିକୁ ନେଇ ଆଶାବାଦର ସୂଚନା ଦିଆଯାଇଛି। ଏହି ରିପୋର୍ଟରେ ଆଗାମୀ ବର୍ଷ ନଜର ରଖିବା ଆବଶ୍ୟକ ଥିବା ମାକ୍ରୋ ଧାରା, କ୍ଷେତ୍ରଭିତ୍ତିକ ସୁଯୋଗ ଏବଂ କମୋଡିଟି ସମ୍ପର୍କିତପୂର୍ବାନୁମାନ ଉପରେ ବିଶେଷ ଭାବରେ ଆଲୋକପାତ କରାଯାଇଛି। କୋଟକ ସିକ୍ୟୁରିଟିଜର ଏମ୍‌ଡି ଓ ସିଇଓ ଶ୍ରୀପାଲ ଶାହ କହିଛନ୍ତି ଯେ, ବୈଶ୍ୱିକ ଅସ୍ଥିରତା ମଧ୍ୟରେ ଭାରତ ଅଭିବୃଦ୍ଧିର ଏକ ଆଲୋକବର୍ତ୍ତିକା ହୋଇ ରହିଛି। ଦମ୍‌ଦାର ଉପାର୍ଜନ ଅନୁମାନ ଏବଂ ନୀତିଗତ ସମର୍ଥନ ଦ୍ୱାରା ପରିଚାଳିତ ହୋଇ ଇକ୍ୱିଟିକୁ ନେଇ ଆମର ଦୃଷ୍ଟିକୋଣ ବେଶ୍ ଉତ୍ସାହଜନକ ରହିଛି ଏବଂ ସେହି ସମୟରେ ସୁନା ୨୦୨୬ରେ ଏକ ସୁରକ୍ଷିତ ସମ୍ପତ୍ତି ଭାବରେ ନିଜର ଚମକ ବଜାୟ ରଖିବା ଆଶା କରାଯାଉଛି। ଯୁବ ନିବେଶକଙ୍କ ଦ୍ୱାରା ବର୍ଦ୍ଧିତ ଅଂଶଗ୍ରହଣ ସହିତ ମାର୍କେଟରେ ଗଭୀର ନିୟୋଜନତା ଏବଂ ସମ୍ପତ୍ତି ସୃଷ୍ଟି ହେବାକୁ ଯାଉଛି। ଶିଳ୍ପ କ୍ଷେତ୍ର ସମ୍ପର୍କରେ ସେ କହିଥିଲେ, "ସେବିର ତାଜା ସର୍ବେକ୍ଷଣ ଅଧ୍ୟୟନ ଅନୁଯାୟୀ ୬୩% ପରିବାର ଅତିକମ୍‌ରେ ଗୋଟିଏ ପ୍ରତିଭୂତି ବଜାର ଉତ୍ପାଦ ସମ୍ପର୍କରେ ଅବଗତ ରହିଥିଲେ ମଧ୍ୟ ମାତ୍ର ୯.୫% ପରିବାର ସକ୍ରିୟ ଭାବରେ ନିବେଶ କରୁଛନ୍ତି।

## ମଣିପାଲ ହସ୍ପିଟାଲରେ ବିରଳ ସଫଳ ଅସ୍ତ୍ରୋପଚାର

**ଭୁବନେଶ୍ୱର, ୧୦।୧୨(ସମିସ) :** ମଣିପାଲ ହସ୍ପିଟାଲ୍ ଭୁବନେଶ୍ୱରଠାରେ ଏକ ବିରଳ ଅସ୍ତ୍ରୋପଚାର ସଫଳତାର ସହିତ କରାଯାଇଛି। ଦୀର୍ଘଦିନ ୧୦ ବର୍ଷ ଧରି ଆଙ୍କାଲୋଜିଙ୍ଗ୍ ସ୍ପଣ୍ଡିଲାଇଟିସ୍ ରୋଗରେ ଆକ୍ରାନ୍ତ ଥିବା ଜଣେ ୩୫ ବର୍ଷୀୟା ଯୁବତୀ ସର୍ଜରୀ ପରେ ନୂତନ ଜୀବନ ପାଇଛି। ଆଙ୍କାଲୋଜିଙ୍ଗ୍ ସ୍ପଣ୍ଡିଲାଇଟିସ୍‌ରେ ପୀଡ଼ିତ ଥିବା ଯୁବତୀଙ୍କ ହିପ୍ ଏବଂ ଆଣ୍ଠୁ ସମେତ ଶରୀରର ସମସ୍ତ ମୁଖ୍ୟ ଗଣ୍ଠି ଗୁଡ଼ିକ ପ୍ରଭାବିତ ହୋଇଥିବାରୁ ସେ ଗତ ବର୍ଷେ ଧରି ଚାଲିବା ବସିବା ସମ୍ଭବ ହେଉନଥିଲା। ଫଳରେ ସେ ସବୁବେଳେ ଶୋଇ ରହୁଥିଲେ କିମ୍ବା ହ୍ୱିଲ୍ ଚେୟାର ଉପରେ ନିର୍ଭର କରିବାକୁ ବାଧ ହୋଇଥିଲେ। ଦୀର୍ଘ ଦିନ ଧରି ଏକ ଯନ୍ତ୍ରଣାଦାୟକ ଜୀବନ ଅତିବାହିତ କରିବା ପରେ ୨୦୨୪ ମସିହାରେ ଚିକିତ୍ସା ପାଇଁ ସେ ମଣିପାଲ ହସ୍ପିଟାଲ୍‌କୁ ଆସି ବରିଷ୍ଠ ଅସ୍ଥିଶଲ୍ୟ ବିଶେଷଜ୍ଞ ଡାକ୍ତର କିଶୋର କୁମାର ପଣ୍ଡାଙ୍କ ପରାମର୍ଶ ନେଇଥିଲେ। ପ୍ରାୟ ୧୦ ବର୍ଷ ପୂର୍ବେ ଆଙ୍କାଲୋଜିଙ୍ଗ୍ ସ୍ପଣ୍ଡିଲାଇଟିସ୍ ଚିହ୍ନଟ ହେବା ପରେ ଅନେକ ଡାକ୍ତରଙ୍କ ପରାମର୍ଶରେ ଚିକିତ୍ସା ହେଉଥିଲେ, କିନ୍ତୁ ରୋଗ ଧୀରେ ଧୀରେ ବଢ଼ିବା କାରଣରୁ ସେ ଚାଲିବା-ଠିଆ ହେବାର କ୍ଷମତା ହରାଇଥିଲେ।

# କେୟାର ହସ୍ପିଟାଲ୍, ବିଶାଖାପାଟନମ୍‌ରେ ୧,୦୦୦ ରୋବୋଟିକ୍ ଜିଆଇ ସର୍ଜରୀ

**ବିଶାଖାପାଟନମ୍,୧୦।୧୨:** ମାତ୍ର ୧୮ ମାସ ମଧ୍ୟରେ ୧୦୦୦ ରୋବୋଟିକ୍ ଜିଆଇ ସର୍ଜରୀର ମାଇଲ୍‌ଖୁଣ୍ଟ ହାସଲ କରିଛି କେୟାର ହସ୍ପିଟାଲ୍, ବିଶାଖାପାଟନମ୍। ଏହି ସଫଳତା ସମ୍ପର୍କରେ କେୟାର ହସ୍ପିଟାଲ୍, ବିଶାଖାପାଟନମ୍‌ର , କ୍ଲିନିକାଲ୍ ନିର୍ଦ୍ଦେଶକ - ସର୍ଜିକାଲ୍ ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜି ଆଣ୍ଡ ରୋବୋଟିକ୍ ସର୍ଜରୀ ବିଭାଗ ଡକ୍ଟର ବି ଦାସ କହିଛନ୍ତି ଯେ, ୧୮ ମାସ ମଧ୍ୟରେ ୧୦୦୦ ରୋବୋଟିକ୍ ଜିଆଇ ସର୍ଜରୀରେ




ପହଞ୍ଚିବା ଦର୍ଶାଉଛି ଯେ, ପୂର୍ବ ଭାରତରେ ଗ୍ୟାଷ୍ଟ୍ରୋଏଣ୍ଟେଷ୍ଟେଣ୍ଟାଲ୍ କେୟାରକୁ ପୁନଃସ୍ଥାପିତ କରୁଛି। ଅସ୍ୱାଭାବିକତା, ଏବଂ ହସ୍ପିଟାଲରେ ରହିବାର ସମୟକୁ ଯଥେଷ୍ଟ କମାଇବା – ବିଶ୍ୱ ସ୍ତରୀୟ ସର୍ଜିକାଲ୍ ସଠିକତାକୁ ଆମ ଅଞ୍ଚଳକୁ ନିକଟତର କରିବା। ରୋବୋଟିକ୍ ସଠିକତା ମାଧ୍ୟମରେ ସମ୍ଭବ ହୋଇଥିବା ପରିବର୍ତ୍ତନଶୀଳ ରୋଗୀ ଫଳାଫଳକୁ ମଧ୍ୟ ଆଲୋକିତ କରିଛି। ଜଣେ ୫୦ ବର୍ଷ ବୟସ୍କା ମହିଳାଙ୍କଠାରେ ମିଳିତ ରୋବୋଟିକ୍ ଗାଲ୍ ବ୍ଲାଡର ଅପସାରଣ ଏବଂ ହିଷ୍ଟେରେକ୍ଟୋମି କରିଥିଲେ ଏବଂ ୪୮ ଘଣ୍ଟା ମଧ୍ୟରେ ଘରକୁ ଯନ୍ତ୍ରଣାମୁକ୍ତ ଘରକୁ ଫେରିଥିଲେ। ବାରମ୍ବାର ଅସ୍ତ୍ରୋପଚାର ପରେ ହର୍ନିଆରେ ପୀଡିତ ଜଣେ ୬୩ ବର୍ଷୀୟ ରୋଗୀ ଗଭୀର ଜାଲ୍ ସ୍ଥାନିତ ଏବଂ ସଠିକ୍ ସଟରିଙ୍ଗ୍ ସହିତ ଏକ ଦୁର୍ଦ୍ଦାନ୍ତ ରୋବୋଟିକ୍ ମରାମତି କରିଥିଲେ।

**ଭାରତରେ ବଢୁଛି ଇନ୍‌ଫ୍ଲୁଏନ୍ସର ହେବାର କ୍ରେଜ୍**

# ଇନ୍‌ଫ୍ଲୁଏନ୍ସ ମାର୍କେଟିଂ ଶିଳ୍ପ ୧୦ ହଜାର କୋଟି ପାର୍

**ନୂଆଦିଲ୍ଲୀ,୧୦।୧୨(ଏଜେନ୍ସି):** ଭାରତରେ ସମ୍ପ୍ରତି ସୋସିଆଲ ମିଡିଆ ଇନ୍‌ଫ୍ଲୁଏନ୍ସର ମାର୍କେଟିଂ ଶିଳ୍ପ ଦ୍ରୁତ ଗତିରେ ବୃଦ୍ଧି ପାଉଛି। ଏହା ବିଶେଷକରି ଯୁବପିଢ଼ିଙ୍କ ମଧ୍ୟରେ ବର୍ତ୍ତମାନ ବେଶ ଲୋକପ୍ରିୟ। ସମସ୍ତଙ୍କ ପାଖରେ ସ୍ମାର୍ଟଫୋନ୍ ଅଛି, ଏବଂ ଆଜିକାଲି ଅଧିକାଂଶ ଯୁବପିଢ଼ି ଜଣେ ପ୍ରମୁଖ ସୋସିଆଲ ମିଡିଆ ଇନ୍‌ଫ୍ଲୁଏନ୍ସର ହେବା ପାଇଁ ସ୍ୱପ୍ନ ଦେଖୁଛନ୍ତି। ପ୍ରଭାବଶାଳୀ ମାର୍କେଟିଂ ସାସ୍ ପ୍ଲାଟଫର୍ମ କ୍ଲଗ୍ କ୍ଲଗ୍‌ର ଏକ ରିପୋର୍ଟ ଅନୁଯାୟୀ, ଭାରତରେ ଇନ୍‌ଫ୍ଲୁଏନ୍ସର ମାର୍କେଟିଂ ଶିଳ୍ପ ପୂର୍ବରୁ ୧୦ ହଜାର କୋଟି ଅତିକ୍ରମ କରିସାରିଛି। ଏହି ସଂଖ୍ୟା ୩୦୦୦ ରୁ ୪୦୦୦ କୋଟି ବଜାର ଆକଳନ ଅପେକ୍ଷା ଯଥେଷ୍ଟ ଅଧିକ।


କ୍ଲଗ୍ କ୍ଲଗ୍‌ର ସହ-ପ୍ରତିଷ୍ଠାତା ଏବଂ ସିଇଓ କଲ୍ୟାଣ କୁମାର କହିଛନ୍ତି ଯେ ପ୍ରକୃତ ବଜାର ବହୁତ ବଡ଼। ରିପୋର୍ଟ ଅନୁଯାୟୀ, ଭାରତରେ ମୋଟ ମିଡିଆ ଇନ୍‌ଫ୍ଲୁଏନ୍ସର ମାର୍କେଟିଂ ଖର୍ଚ୍ଚର କେବଳ ୨୫ ପ୍ରତିଶତ ସଂଗଠିତ ଏବଂ ସହଜରେ ଦୃଶ୍ୟମାନ ଚ୍ୟାନେଲ ମାଧ୍ୟମରେ ପ୍ରବାହିତ ହୁଏ। ବାକି ୭୫ ପ୍ରତିଶତ ସିଧାସଳଖ ବ୍ରାଣ୍ଡ ଏବଂ ସୃଷ୍ଟିକର୍ତ୍ତାଙ୍କ ମଧ୍ୟରେ ଖର୍ଚ୍ଚ ହୁଏ, ଯାହାକୁ ଟ୍ରାକ୍ କରିବା କଷ୍ଟକର। ରିପୋର୍ଟ ଅନୁଯାୟୀ, ପାରମ୍ପରିକ ପଦ୍ଧତି ମାଧ୍ୟମରେ କ୍ରିଏଟର ଇକୋନୋମି ସମ୍ପୂର୍ଣ୍ଣ ଦୃଶ୍ୟମାନ ନୁହେଁ। ହଜାର ହଜାର ମାଇକ୍ରୋ ଏବଂ ନାନୋ ପ୍ରଭାବକାରୀ ବ୍ରାଣ୍ଡଗୁଡ଼ିକରୁ ଗୁରୁତ୍ୱପୂର୍ଣ୍ଣ ନିବେଶ ଆକର୍ଷିତ କରୁଛନ୍ତି, କିନ୍ତୁ ସେମାନଙ୍କର ପ୍ରଭାବ ପ୍ରାୟତଃ ରିପୋର୍ଟ କରାଯାଇନାହିଁ। ଏହା ବ୍ୟତୀତ, ରିପୋର୍ଟରେ ଏହା ମଧ୍ୟ କୁହାଯାଇଛି ଯେ ୨୦ ରୁ ଅଧିକ ମିଡିଆ ଇନ୍‌ଫ୍ଲୁଏନ୍ସର ମାର୍କେଟିଂ ଏଜେନ୍ସି ଅଛନ୍ତି ଯାହା ବାର୍ଷିକ ୨୦ କୋଟି (ପ୍ରାୟ ୨୦୦ ନିୟୁତ ଡଲାର) ରାଜସ୍ୱ ସୃଷ୍ଟି କରୁଛନ୍ତି। ଏହା କେବଳ ସଂଗଠିତ କ୍ଷେତ୍ରକୁ ପ୍ରତିନିଧିତ୍ୱ କରେ, ଯେତେବେଳେ ସାମଗ୍ରିକ ପ୍ରଭାବକାରୀ ମାର୍କେଟିଂ ଶିଳ୍ପ ବହୁତ ବଡ଼। ଭାରତର ଦ୍ରୁତ ଗତିରେ ବଢୁଥିବା ପ୍ରତ୍ୟକ୍ଷ-ଉପଭୋକ୍ତା (ଡିଟୁସି) କ୍ଷେତ୍ର ପ୍ରଭାବକାରୀ ମାର୍କେଟିଂ କରିବାର ଉପାୟକୁ ପରିବର୍ତ୍ତନ କରୁଛି। ୧୦୦ ରୁ ଅଧିକ ଡିଟୁସି ବ୍ରାଣ୍ଡ ପ୍ରତିବର୍ଷ ମିଡିଆ ଇନ୍‌ଫ୍ଲୁଏନ୍ସର ମାର୍କେଟିଂରେ ୨୦ କୋଟିରୁ ଅଧିକ ଅର୍ଥ ଖର୍ଚ୍ଚ କରୁଛନ୍ତି।



# ମହିଳାଙ୍କ ନାଁରେ ନିର୍ମିତ ବିମାନବନ୍ଦର

**ସାଧାରଣତଃ ବିମାନବନ୍ଦରଗୁଡ଼ିକ ପ୍ରସିଦ୍ଧି ଲାଭ କରିଥିବା ରାଜନେତା, ବିଶିଷ୍ଟ ବ୍ୟକ୍ତିବିଶେଷ ଏବଂ କଳାକାରଙ୍କ ନାମାନୁସାରେ ନାମକରଣ କରାଯାଇଥାଏ । ବିଶ୍ୱରେ ଅଧିକାଂଶ ବିମାନବନ୍ଦର ପୁରୁଷଙ୍କ ନାଁରେ ଥିବାବେଳେ, ଖୁବ୍ କମ୍ ସଂଖ୍ୟକ ବିମାନବନ୍ଦର ମହିଳାଙ୍କ ନାଁରେ ରହିଛି । ସେହିପରି ଭାରତରେ କାର୍ଯ୍ୟକ୍ଷମ ବିମାନବନ୍ଦର ମଧ୍ୟରୁ ମାତ୍ର ଦୁଇଟି ମହିଳାଙ୍କ ନାଁରେ ରହିଛି । ତେବେ ମହିଳାଙ୍କ ସମ୍ମାନାର୍ଥେ ଦେଶ - ବିଦେଶରେ ପ୍ରସିଦ୍ଧି ଲାଭ କରିଥିବା କେତୋଟି ବିମାନବନ୍ଦରକୁ ନେଇ ଏହି ଉପସ୍ଥାପନା ।**

### ଅମେଲିୟା ଇୟରହାର୍ଟ ବିମାନବନ୍ଦର



ଆମେରିକାର ଏହି ବିମାନବନ୍ଦର ଲୋକପ୍ରିୟ ପାଇଲଟ୍ ଅମେଲିୟା ମେରି ଇୟରହାର୍ଟଙ୍କ ସ୍ମୃତିରେ ନିର୍ମାଣ କରାଯାଇଥିଲା । ଏହା ଏକ ଗୁରୁତ୍ୱପୂର୍ଣ୍ଣ ବିମାନବନ୍ଦର ଭାବେ ଜଣାଯାଏ । ଅମେଲିୟା ଜଣେ ପାଇଲଟ୍ ଏବଂ ଲେଖିକା ଥିଲେ । ସେ ଅନେକ ରେକର୍ଡ କରିଛନ୍ତି । ଆଣ୍ଟଲାଟିକ୍ ମହାସାଗରକୁ ଅତିକ୍ରମ କରିଥିବା ପ୍ରଥମ ମହିଳା ଭାବେ ସେ ରେକର୍ଡ କରିଥିଲେ । ନିଜ କାର୍ଯ୍ୟ ଦ୍ୱାରା ସେ ଅନେକ ମହିଳାଙ୍କ ପାଇଁ ପ୍ରେରଣା ପାଲଟିଥିଲେ । ତାଙ୍କ ଜୀବନ ଏବଂ ରହସ୍ୟମୟ ମୃତ୍ୟୁ ଏବେ ବି ଅନେକଙ୍କୁ ଆକର୍ଷିତ କରେ ।

### କୁଇନ୍ ଆଲିୟା ଅନ୍ତର୍ଜାତୀୟ ବିମାନବନ୍ଦର

ଜୋର୍ଡାନ ରାଣୀ ଆଲିୟା ବାହାଉଦ୍ଦିନ୍ ତୌକନ୍‌ଙ୍କ ନାମାନୁସାରେ ଏହି ବିମାନବନ୍ଦରର ନାମକରଣ କରାଯାଇଛି । ଆଲିୟା ଜୋର୍ଡାନର ଦିବଂଗତ ରାଜା ହୁସେନଙ୍କ ପତ୍ନିଥିଲେ । ସେ ସାମାଜିକ କାର୍ଯ୍ୟ ପାଇଁ ପ୍ରସିଦ୍ଧି ଲାଭ କରିଥିଲେ । ୧୯୭୭ ମସିହାରେ ବିମାନ ଦୁର୍ଘଟଣାରେ ରାଣୀଙ୍କ ମୃତ୍ୟୁ ହୋଇଥିଲା ।



### କୁଇନ୍ ବିଟ୍ରିକ୍ସ ଅନ୍ତର୍ଜାତୀୟ ବିମାନବନ୍ଦର

ଏହିବିମାନବନ୍ଦର ନେଦରଲ୍ୟାଣ୍ଡର ପୂର୍ବ ରାଣୀ ବିଟ୍ରିକ୍ସଙ୍କ ନାମାନୁସାରେ ନାମକରଣ କରାଯାଇଛି । ସେ ୧୯୮୦ ମସିହାରୁ ୨୦୧୩ ପର୍ଯ୍ୟନ୍ତ ନେଦରଲ୍ୟାଣ୍ଡର ରାଣୀ ଭାବେ ଶାସନ କରିଥିଲେ । ଏହି ବିମାନବନ୍ଦର ଅରୁବାର ଗୁରୁତ୍ୱପୂର୍ଣ୍ଣ ପରିବହନ ବିମାନବନ୍ଦର ମଧ୍ୟରୁ ଗୋଟିଏ । ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ବିଟ୍ରିକ୍ସ କାନାଡ଼ାର ଏକ ସର୍ବସାଧରଣ ସ୍କୁଲ୍‌ରେ ପାଠ ପଢ଼ିଥିଲେ । ଏବଂ ଯୁଦ୍ଧ ପରବର୍ତ୍ତୀ ସମୟରେ ସେ ନେଦରଲ୍ୟାଣ୍ଡ ଫେରି ପ୍ରାଥମିକ ଏବଂ ମାଧ୍ୟମିକ ଶିକ୍ଷା ପୁରା କରିଥିଲେ । ଶାସନ ଦିଗରେ ତାଙ୍କ ଅବଦାନ ଅତୁଳନୀୟ ।



### ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ ବିମାନବନ୍ଦର



ଦିଲ୍ଲୀର ଦକ୍ଷିଣ -ପଶ୍ଚିମରେ ଏହି ବିମାନବନ୍ଦର ଅବସ୍ଥିତ । ଭାରତର ପୂର୍ବ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ନାମାନୁସାରେ ଏହି ବିମାନବନ୍ଦର ନାମକରଣ କରାଯାଇଛି । ଏହା ଭାରତର ସବୁଠୁ ବ୍ୟସ୍ତ ଏବଂ ଆଧୁନିକ ବିମାନବନ୍ଦର ଭାବେ ଜଣାଯାଏ । ଇନ୍ଦିରା ପ୍ରିୟଦର୍ଶିନୀ ଗାନ୍ଧୀ ୧୯ ନଭେମ୍ବର, ୧୯୧୭ ମସିହାରେ ଜନ୍ମ ହୋଇଥିଲେ । ସେ ଦେଶର ପ୍ରଥମ ତଥା ଏକମାତ୍ର ମହିଳା ପ୍ରଧାନମନ୍ତ୍ରୀ ଥିଲେ । ୧୯୬୬ ମସିହାରୁ ୧୯୭୭ ଏବଂ ୧୯୮୦ରୁ ମୃତ୍ୟୁ ପର୍ଯ୍ୟନ୍ତ ସେ ଭାରତର ପ୍ରଧାନମନ୍ତ୍ରୀ ଥିଲେ ।

### ଦେବୀ ଅହଲ୍ୟାବାଇ ହୋଲ୍‌କର୍ ଅନ୍ତର୍ଜାତୀୟ ବିମାନବନ୍ଦର

ଇନ୍ଦୋରର ପଶ୍ଚିମରେ ଏହି ବିମାନବନ୍ଦର ଅବସ୍ଥିତ । ଏହା ମଧ୍ୟ ଭାରତର ସବୁଠୁ ବ୍ୟସ୍ତ ବିମାନବନ୍ଦର ମଧ୍ୟରୁ ଗୋଟିଏ । ହୋଲକର ରାଜବଂଶର ରାଣୀ ଅହଲ୍ୟାବାଇଙ୍କ ନାମ ଅନୁସାରେ ଏହାର ନାମକରଣ କରାଯାଇଛି । ସେ ନାରୀ ସଶକ୍ତିକରଣର ପ୍ରତୀକ ଏବଂ ବୀରାଙ୍ଗନା ଥିଲେ । ସାମାଜିକ ଶୃଙ୍ଖଳକୁ ଛିନ୍ନକରି ନିଜର ଧୀଶକ୍ତି ଓ ସାମର୍ଥ୍ୟ ବଳରେ ଭାରତ ରାଜନୈତିକ ଇତିହାସରେ ସେ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିଥିଲେ । ଜନକଲ୍ୟାଣରେ ତାଙ୍କର ଅତୁଳନୀୟ ଅବଦାନ ଥିଲା ।



# ଉଲ୍ କାନଫୁଲ

**ମହିଳା ଓ ଯୁବତୀମାନେ ଭଳିକିଭଳି ଅଳଙ୍କାର ପିନ୍ଧିବାକୁ ପସନ୍ଦ କରନ୍ତି । ସେହିପରି ଏବେ ହାତନିର୍ମିତ ଉଲେନ୍ କାନଫୁଲ ବେଶୀ ଲୋକପ୍ରିୟ ରହିଛି । ଏହା ପିନ୍ଧିବାକୁ ସୁନ୍ଦର ଦିଶିବା ସହ ଲଗାଇବା ମଧ୍ୟ ଆରାମଦାୟକ ହୋଇଥାଏ ।**





### ଝୁମ୍‌କା

ପାର୍ଟି, ଫଙ୍କସନ୍‌କୁ ଯାଉଥିଲେ ଉଲ୍‌ନିର୍ମିତ ଝୁମ୍‌କା କାନଫୁଲ ପିନ୍ଧିପାରିବେ । ଏହା ଦେଖିବାକୁ ଖୁବ୍ ସୁନ୍ଦର ଓ ଭିନ୍ନ ହୋଇଥାଏ । ଏହାକୁ ପିନ୍ଧି ଶୀତଦିନେ ନିଜକୁ ଏକ କ୍ଲାସି ଲୁକ୍ ଦେଇପାରିବେ ।

### ଚାରିକୋଣିଆ

ହାତତିଆରି ଚାରିକୋଣିଆ ଉଲ୍ କାନଫୁଲ ପାରମ୍ପରିକ ପରିଧାନକୁ ବେଶ୍ ଭଲ ମାନିଥାଏ । ଏଥିରୁ ଏକ ଆକର୍ଷଣୀୟ ଲୁକ୍ ମିଳିଥାଏ । ଏହା ବିଭିନ୍ନ ରଙ୍ଗର ରହିଥାଏ ।

### ଲାଭେଣ୍ଡର

ବର୍ତ୍ତମାନ ସମୟରେ ଲାଭେଣ୍ଡର ରଙ୍ଗର ଖୁବ୍ ଲୋକପ୍ରିୟତା ରହିଛି । ଏ ରଙ୍ଗର ଆଉଟ୍‌ଫିଟ୍‌ରୁ ନେଇ ଅଳଙ୍କାରର ଚାହିଦା ଅଛି ।

### ବୋ କାନଫୁଲ

ବୋ ହେଡ୍‌କ୍ଲିପ୍ ଭଳି ବୋ କାନଫୁଲର ମଧ୍ୟ ଲୋକପ୍ରିୟତା ରହିଛି । ବିଶେଷ କରି କଲେଜ ପଢ଼ୁଆ ଯୁବତୀଙ୍କ ମଧ୍ୟରେ ଏ ପ୍ରକାର କାନଫୁଲ ବେଶ୍ ପ୍ରିୟ । ଚାହିଁଲେ ଏହାକୁ କ୍ରିଷ୍ଟମାସ୍ ପାର୍ଟିରେ ମଧ୍ୟ ପିନ୍ଧିପାରିବେ ।

### ଇଭିଲ୍ ଆଇ

ଇଭିଲ୍ ଆଇ ଅଳଙ୍କାରର ଚାହିଦା ସବୁବେଳେ ରହିଛି । କୁହାଯାଏ ଏହା ଖରାପ୍ ନଜରରୁ ସୁରକ୍ଷା ଦେଇଥାଏ । ଏବେ ଇଭିଲ୍ କାନଫୁଲ ମଧ୍ୟ ବଜାରରେ ଉପଲବ୍ଧ ।

# ଲିପ୍‌ଷ୍ଟିକ୍ ପୂର୍ବରୁ ଓଠର ଯତ୍ନ

**ମ୍ୟାଟ୍ ଲିପ୍‌ଷ୍ଟିକ୍ ଓଠକୁ ଶୁଷ୍କ ଓ ରୁକ୍ଷ କରିଥାଏ । ତେଣୁ ଓଠକୁ ସୁସ୍ଥ, ନରମ କରି ଲିପ୍‌ଷ୍ଟିକ୍‌କୁ ଦୀର୍ଘସମୟ ରଖିବାକୁ ଚାହୁଁଥିଲେ, ଲିପ୍‌ଷ୍ଟିକ୍ ଲଗାଇବା ପୂର୍ବରୁ, ଓଠର ଯତ୍ନ ନେବା ଜରୁରୀ । ଏପରି କଲେ ଓଠରେ ଲିପ୍‌ଷ୍ଟିକ୍ ନ ଫାଟି ଦୀର୍ଘ ସମୟ ରହିଥାଏ ।**



### ଓଠକୁ ଏକ୍ସଫ୍ଲୋଏଟ୍ କରନ୍ତୁ

ଲିପ୍‌ଷ୍ଟିକ୍ ଲଗାଇବା ପୂର୍ବରୁ ପ୍ରଥମେ ଓଠରେ ଥିବା ମୃତକୋଷକୁ କାଢ଼ିବାକୁ ପଡ଼ିଥାଏ । ଏଥିପାଇଁ ଏକ୍ସଫ୍ଲୋଏସନ୍ କରିବାକୁ ପଡ଼ିଥାଏ । କାରଣ ମୃତକୋଷ ଥାଇ ଲିପ୍‌ଷ୍ଟିକ୍ ଲଗାଇଲେ ଏହା ଓଠଫାଟି ଅପରିଷ୍କାର ଦିଶିଥାଏ ।

### ଚିନି ସ୍କ୍ରବ୍

ଅଳ୍ପଚିନିରେ ନଡ଼ିଆ ତେଲ କିମ୍ବା ମହୁ ମିଶାଇ ଓଠରେ ହାଲୁକା ହାତରେ ମସାଜ୍ କରନ୍ତୁ । ଏହାକୁ ଓଠରେ ତିରିଶ୍ ସେକେଣ୍ଡ ରଖି ଧୋଇ ଦିଅନ୍ତୁ ।

### ଟୁଥ୍ ବ୍ରଶ୍

ଲିପ୍‌ବାମ୍ ଲଗାଇବା ପରେ ଏକ ନରମ ଟୁଥ୍‌ବ୍ରଶ୍‌କୁ ନେଇ ହାଲୁକା ହାତରେ ଓଠରେ ଘଷନ୍ତୁ । ଏହା ଓଠରେ ଥିବା ଅତିରିକ୍ତ ଶୁଷ୍କତା ତଥା ରୁକ୍ଷପଣକୁ ଦୂର କରିଥାଏ । ଏକ୍ସଫ୍ଲୋଏଟ୍‌ସ ପରେ ଓଠ ଚିକ୍କଣ ଦିଶିଥାଏ । ଏଥିରେ ଲିପ୍‌ଷ୍ଟିକ୍ ଦୀର୍ଘ ସମୟ ରହିଥାଏ ।

### ଲିପବାମ୍ ବା ମଏଶ୍ଚରାଇଜର୍

ଓଠକୁ ହାଇଡ୍ରେଟ୍ ରଖିବା ଅବା ଲିପ୍‌ଷ୍ଟିକ୍‌ରୁ ଓଠକୁ ଏକ ସୁରକ୍ଷା ପରସ୍ତ ଦେବାପାଇଁ ଲିପବାମ୍ କିମ୍ବା ମଏଶ୍ଚରାଇଜର୍ ଲଗାଇପାରିବେ । ଏହାଦ୍ୱାରା ଲିପ୍‌ଷ୍ଟିକ୍‌ରେ ଥିବା ରାସାୟନିକ ପଦାର୍ଥ ସିଧାସଳଖ ଓଠକୁ କ୍ଷତି ପହଞ୍ଚାଏନି । ଓଠକୁ ସୁସ୍ଥ ରଖିଥାଏ ।

### ବ୍ୟବହାର ପ୍ରକ୍ରିୟା

ଲିପ୍‌ଷ୍ଟିକ୍ ଲଗାଇବାର ପାଞ୍ଚମିନିଟ୍ ପୂର୍ବରୁ ଗାଢ଼ା ନନ୍ ଗ୍ରୀସ୍ ଲିପ୍‌ଷ୍ଟିକ୍ ଲଗାଇପାରିବେ । ଓଠରେ ଲିପ୍‌ବାମ ଲଗାଇବା ପରେ ଅତିରିକ୍ତ ତେଲକୁ ଟିସ୍ୟୁ ପେପରରେ ଚିପକାଇ ଦିଅନ୍ତୁ । ନଚେତ୍ ଲିପ୍‌ଷ୍ଟିକ୍ ତଳକୁ ବହିବାର ସମ୍ଭବନା ଥାଏ । ଏହାପରେ ଲିପଷ୍ଟିକ୍ ଓ ଲିପ୍‌ଲାଇନର୍ ଲଗାଇ ଓଠକୁ ଏକ ଆକାର ଦେଇପାରିବେ ।

# ପନିର୍ ସାଣ୍ଡୱିଚ୍

ମୋ ହାଣ୍ଡିଶାଳରୁ...



### ଆବଶ୍ୟକ ସାମଗ୍ରୀ


ପନିର୍ – ୨୦୦ ଗ୍ରାମ୍, ସ୍ଲାଇଜ୍ ବ୍ରେଡ – ଚାରୋଟି, କଟାପିଆଜ – ଅଧା କପ୍, କଟା କ୍ୟାପ୍‌ସିକମ୍ – ଅଧା କପ୍, କଟା ରସୁଣ - ଏକ ଚାମଚ, ମାୟୋନିଜ୍ – ଏକ ଚାମଚ, ଧନିଆ ପତ୍ର – ଅଳ୍ପ, ଲୁଣ – ସ୍ୱାଦ ଅନୁସାରେ, ତେଲ – ଆବଶ୍ୟକତା ଅନୁସାରେ ।

### ପ୍ରସ୍ତୁତି ପ୍ରଣାଳୀ

ଗ୍ୟାସ୍ ଲଗାଇ କଡ଼େଇ ବସାଇ ପନିର୍‌କୁ ଭାଜି ଏକ ପ୍ଲେଟ୍‌ରେ କାଢ଼ି ରଖନ୍ତୁ । ଏହାପରେ କଡ଼େଇରେ ଅଳ୍ପ ତେଲ ଦେଇ ରସୁଣ, ପିଆଜ, କ୍ୟାପସିକମ୍, ଲୁଣ, ଚିଲି ଫ୍ଲେକ୍ସ, ଲଙ୍କାଗୁଣ୍ଡ, ପେରି ପେରି ମସଲା ସମେତ ଜିରା ଅଧା ଚାମଚ ପକାଇ ଭଲରେ ଗୋଲାଇ ଦିଅନ୍ତୁ । ଏହାପରେ ଭାଜି ରଖିଥିବା ପନିର୍‌କୁ ଦେଇ ସେଥିରେ ଏକ ଚାମଚ ମାୟୋନିଜ୍ ଓ ଧନିଆପତ୍ର ପକାଇ ମସଲା ପ୍ରସ୍ତୁତ କରନ୍ତୁ । ଏହାପରେ ଗୋଟିଏ ପ୍ଲେଟ୍‌ରେ ସ୍ଲାଇଜ୍ ବ୍ରେଡ଼ ନେଇ ତା' ଉପରେ ମାୟୋନିଜ୍ ଲଗାନ୍ତୁ । ଏହାପରେ ପ୍ରସ୍ତୁତ କରି ରଖିଥିବା ମସଲା ଷ୍ଟଫିଂକୁ ଦେଇ ଉପରେ ଆଉ ଏକ ବ୍ରେଡ୍ ରଖି ଚାପି ଦିଅନ୍ତୁ । ପ୍ରସ୍ତୁତ ହୋଇଗଲା 'ପନିର୍ ସାଣ୍ଡୱିଚ୍' ।

# ଶୀତ ପାଇଁ ଅମୁଲ ଫେସିଆଲ୍

**ଶୀତଦିନେ ତ୍ୱଚା ଶୁଖିଲା ଦେଖାଯାଏ । ମୁହଁର ଚମକ ହଜିଯାଏ । ତେଣୁ ତ୍ୱଚାରେ ଚମକ ଆଣିବା ପାଇଁ ଅନେକ ଫେସ୍ ପ୍ୟାକ୍ ଲଗାଇଥାନ୍ତି । ଏପରି ସ୍ଥଳେ ଚାହିଁଲେ ଘରେ ମିଲ୍କ ପାଉଡର ବା ଅମୁଲ ଉପଯୋଗ କରି ଫେସ ପ୍ୟାକ୍ ଲଗାଇପାରିବେ । ଏଥିରେ ଆଣ୍ଟିଏଜିଙ୍ଗ୍ ଏବଂ କ୍ଲିନ୍‌ଜର୍ ଗୁଣ ଥାଏ, ଯାହା ତ୍ୱଚା ସମସ୍ୟା ଦୂର କରିଥାଏ ।**



### ଫେସ୍ କ୍ଲିନ୍

ଫେସିଆଲ୍ ପୂର୍ବରୁ ମୁହଁକୁ ପ୍ରଥମ ଭଲ ଭାବେ ଧୋଇଦିଅନ୍ତୁ । ଗୋଟିଏ ପାତ୍ରରେ ଏକ ଚାମଚ କଞ୍ଚାକ୍ଷୀର ନେଇ ଅଧାଚାମଚ ମିଲ୍କ ପାଉଡର ମିଶାନ୍ତୁ । ଏହାକୁ ମୁହଁରେ ଲଗାଇ ୧୦ ମିନିଟ୍ ରଖନ୍ତୁ । ମୁହଁଧୋଇବା ସମୟରେ ହାତ ସାହାଯ୍ୟରେ ହାଲୁକା ମସାଜ୍ କରନ୍ତୁ । ଏହା ଦ୍ୱାରା ତ୍ୱଚାରୁ ଡେଡ୍ ସ୍କିନ୍ ଦୂର ହୋଇଥାଏ ।

### ଷ୍ଟିମ୍

କ୍ଲିଜିଂ ପରେ ଷ୍ଟିମ୍ ନେବା ନିହାତି ଜରୁରୀ । ଷ୍ଟିମ୍ ନେବା ପାଇଁ ଆପଣ ଯେ କୌଣସି ଷ୍ଟିମର୍ ବ୍ୟବହାର କରିପାରିବେ । ଏହାଛଡ଼ା ଘରେ ମଧ୍ୟ ଗରମପାଣି କରି ସେହି ବାମ୍ଫକୁ ଷ୍ଟିମ୍ ଭାବେ ନେଇପାରିବେ । ଏହାଦ୍ୱାରା ତ୍ୱଚାର ସମସ୍ତ ଲୋମଛିଦ୍ର ଖୋଲିଯାଏ ଓ ତ୍ୱଚା ହାଇଡ୍ରେଟ୍ ରହେ ।

### ସ୍କ୍ରବ୍

ସ୍କ୍ରବିଙ୍ଗ୍ କରିବା ପାଇଁ ଗୋଟିଏ ପାତ୍ରରେ ଅଧା ଚାମଚ ମିଲ୍କ ପାଉଡର, ଏକ ଚାମଚ ଚାଉଳ ଅଟା ଏବଂ ଦୁଇଚାମଚ କଞ୍ଚାକ୍ଷୀର ମିଶାଇ ଏକ ପେଷ୍ଟ ପ୍ରସ୍ତୁତ କରନ୍ତୁ । ଏହାକୁ ମୁହଁ ଓ ବେକରେ ଲଗାଇ ଭଲଭାବେ ସ୍କ୍ରବ୍ କରନ୍ତୁ । ଏହାଦ୍ୱାରା ତ୍ୱଚାରେ ଥିବା ଡେଡ୍ ସ୍କିନ୍ ବାହାରିଯାଏ, ତ୍ୱଚା ସଫା ରହେ ।

### ମସାଜ୍

ଫେସିଆଲ୍‌ର ସବୁଠୁ ଗୁରୁତ୍ୱପୂର୍ଣ୍ଣ ଦିଗ ହେଉଛି ମସାଜ୍ । ଏଥିପାଇଁ ଗୋଟିଏ ପାତ୍ରରେ କିଛି ମିଲ୍କ ପାଉଡର ନିଅନ୍ତୁ । ସେଥିରେ ଅଳ୍ପ ମହୁ ଏବଂ ନଡ଼ିଆ ତେଲ ମିଶାଇ ଏକ ପେଷ୍ଟ ପ୍ରସ୍ତୁତ କରନ୍ତୁ । ଏହି ପେଷ୍ଟକୁ ମୁହଁରେ ୧୦ ମିନିଟ୍ ଲଗାଇ ରଖନ୍ତୁ । ମୁହଁ ଧୋଇବା ସମୟରେ ହାଲୁକା ହାତରେ ଏହାକୁ ମସାଜ୍ କରନ୍ତୁ । ଏହାଦ୍ୱାରା ତ୍ୱଚାରେ ରକ୍ତ ସଞ୍ଚାଳନ ଭଲ ହୋଇଥାଏ ।

### ଫେସ୍‌ପ୍ୟାକ୍

ଶେଷରେ ତ୍ୱଚାରେ ଫେସପ୍ୟାକ୍ ଲଗାନ୍ତୁ । ଏହି ଫେସ୍‌ପ୍ୟାକ୍ ପ୍ରସ୍ତୁତ ପାଇଁ ଗୋଟିଏ ପାତ୍ରରେ ଏକ ଚାମଚ ମିଲ୍କ ପାଉଡର, ଏକ ଚାମଚ ଚନ୍ଦନ ପାଉଡର, ଏକ ଚାମଚ ବେସନ, ଦହି ଓ ମହୁ ମିଶାଇ ଏକ ପେଷ୍ଟ ତିଆରି କରନ୍ତୁ । ଏହାକୁ ମୁହଁରେ ଲଗାଇ ୧୫ମିନିଟ୍ ପର୍ଯ୍ୟନ୍ତ ରଖନ୍ତୁ । ପରେ ପାଣିରେ ତ୍ୱଚାକୁ ଭଲ ଭାବେ ଧୋଇ ଦିଅନ୍ତୁ । ଏହା ଦ୍ୱାରା ମୁହଁର ଶୁଷ୍କତା ଦୂର ହୁଏ ଏବଂ ତ୍ୱଚାରେ ଚମକ ଆସିଥାଏ ।

# ଘରେ ବନାନ୍ତୁ କଫି କର୍ଣ୍ଣର

**ସାଧାରଣତଃ ଶୀତ ଦିନେ କଫି , ଚା' ପିଇବାକୁ ସମସ୍ତେ ପସନ୍ଦ କରନ୍ତି । ଏଥିପାଇଁ ଅନେକ କାଫେ, ରେସ୍ତୋରା ଯାଇ କଫି ପିଅନ୍ତି; କିନ୍ତୁ ଚାହିଁଲେ ଘରେ ମଧ୍ୟ ଏକ ଶାନ୍ତ ପରିବେଶ କିମ୍ବା କଫି କର୍ଣ୍ଣର ପ୍ରସ୍ତୁତ କରିପାରିବେ । ଏଠାରେ ଶୀତଦିନେ ବସି କଫି ପିଇବାର ଆନନ୍ଦ ନେଇପାରିବେ ।**



### ସ୍ଥାନ ଚୟନ

କଫି କର୍ଣ୍ଣର ତିଆରି ପାଇଁ ପ୍ରଥମେ ଘରର ଗୋଟିଏ କୋଣ ବାଛିବାକୁ ପଡ଼ିଥାଏ । ଘରେ ବେଡ୍ ରୁମ୍ ବଡ଼ ଥିଲେ ଶୋଇବା ଘରେ ମଧ୍ୟ ଏହା ତିଆରି କରିପାରିବେ । ନଚେତ୍ ରୋଷେଇ ଘର ବଡ଼ ଥିଲେ ଏହା କରିପାରିବେ । ଏଥିପାଇଁ ଛୋଟ ବହି ଥାକ ବ୍ୟବହାର କରି ଏହାକୁ କଫି ଷ୍ଟେସନ ଲୁକ୍ ଦେଇପାରିବେ ।

### ସାଜସଜ୍ଜା

ନିଜ ସୁବିଧା ଅନୁସାରେ ଥାକ, ଛୋଟ ଚେୟାର୍ ଏବଂ ଟି - ପଏ ରଖିପାରିବେ । ଏହି କର୍ଣ୍ଣରକୁ ଅଧିକ ସୁନ୍ଦର ବା ଆକର୍ଷଣୀୟ କରିବାକୁ ଚାହୁଁଥିଲେ ଏଥିରେ ବିଭିନ୍ନ ସୋ, ପିସ ରଖିପାରିବେ । ସେହିପରି ଚେୟାରକୁ ସୁନ୍ଦର କରିବା ପାଇଁ ସ୍ଥାଇଲ ପିଲୋ, ଜାର୍, ମାଟିପାତ୍ର ଆଦି ରଖିପାରିବେ ।

### ବହି ଏବଂ ମହମବତୀ

ବହି ବିନା କଫି ଟେବୁଲ ଅଧୁରା । ନିଜ ପସନ୍ଦ ତଥା ରୁଚି ଅନୁଯାୟୀ କିଛି ପୁସ୍ତକ ରଖିପାରିବେ । ସେହିପରି ଚାହିଁଲେ ଏହାକୁ ଆଲୋକିତ କରିବା ପାଇଁ ସୁଗନ୍ଧ ମହମବତୀ ଲଗାଇପାରିବେ ।

### ମୁଲାନପୁରରେ ଦ୍ୱିତୀୟ ଟି-୨୦ ଆଜି

# ବିଜୟଧାରା ବଜାୟ ଲକ୍ଷ୍ୟରେ ଭାରତ




ମୁଲାନପୁର, ନ୍ୟୁ ଚଣ୍ଡିଗଡ଼, ୧୦।୧୨ (ଏଜେନ୍ସି): କଟକର ବାରବାଟୀ ଷ୍ଟାଡିୟମରେ ମଙ୍ଗଳବାର ଖେଳାଯାଇଥିବା ପ୍ରଥମ ଟି-୨୦ ମୁକାବିଲାରେ ଦକ୍ଷିଣ ଆଫ୍ରିକାକୁ ଭାରତ ୧୦୧ ରନ୍‌ର ବୃହତ୍ ବ୍ୟବଧାନରେ ପରାସ୍ତ କରିଛି। ଏହି ବିଜୟ ଖେଳାଳିଙ୍କ ମନୋବଳକୁ ବଢ଼ାଇଦେଇଛି। ଏଭଳି ସମୟରେ ଆସନ୍ତାକାଲି ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍ ନୂଆକରି ଗଠିତ ନ୍ୟୁ ଚଣ୍ଡିଗଡର ମୁଲାନପୁରରେ ଖେଳାଯିବ। ଏହି ମ୍ୟାଚ୍‌କୁ ଜିତି ଭାରତ ୨-୦ରେ ଅଗ୍ରଣୀ ନେବା ସହ ବିଜୟଧାରା ବଜାୟ ରଖିବା ଲକ୍ଷ୍ୟ ନେଇ ପଡ଼ିଆକୁ ଓହ୍ଲାଇବ। ୨୦୨୪ ଟି-୨୦ ବିଶ୍ୱକପ୍ ଜିତିବା ପରେ ଭାରତ ସୂର୍ଯ୍ୟକୁମାର ଯାଦବଙ୍କ ନେତୃତ୍ୱରେ ୨୭ଟି ମ୍ୟାଚ୍ ଜିତିଥିବା ବେଳେ ମାତ୍ର ୪ଟି ହାରିଛି। ଉକ୍ତ ଫାଇନାଲ ମ୍ୟାଚ୍ ହାରିବା ପରଠାରୁ ଦକ୍ଷିଣ ଆଫ୍ରିକା ମାତ୍ର ୯ଟି ଟ୍ୱେଣ୍ଟି୨୦ ଜିତିଥିବା ବେଳେ ୧୭ଟି ମ୍ୟାଚ୍ ହାରିଛି। ଏଥିରୁ ସ୍ପଷ୍ଟ ଯେ ବିଶ୍ୱ ଚାମ୍ପିଅନ୍ ଭାରତୀୟ ଟି୨୦ ଦଳ କେତେ ଶକ୍ତିଶାଳୀ ରହିଛି।

ବିଶ୍ୱର ୧ନଂ ଦଳ ବିଦେଶରେ ବହୁତ ଭଲ ପ୍ରଦର୍ଶନ କରିଛି। ତେଣୁ ଘରୋଇ ବାତାବରଣରେ ଏହା ପ୍ରାୟ ଅପରାଜେୟ ମନେହେଉଛି। ପ୍ରଥମଥର ଆନ୍ତର୍ଜାତିକ ଭେନ୍ୟୁର ମାନ୍ୟତା ପାଇଥିବା ନ୍ୟୁ ଚଣ୍ଡିଗଡ଼ ଷ୍ଟାଡିୟମ୍‌ରେ ଦକ୍ଷିଣ ଆଫ୍ରିକାଠାରୁ ଭାରତ ତୀବ୍ର ପ୍ରତିରୋଧର ସମ୍ମୁଖୀନ ହେବାର ଆଶଙ୍କା ରହିଛି। ଚଳିତ ସିରିଜରେ ଭ୍ରମଣକାରୀ ଦଳ ଉଭୟ ଟେଷ୍ଟ ଜିତିବା ପରେ ଭାରତ ବିପକ୍ଷ ଦିନିକିଆ ଶୃଙ୍ଖଳାରେ ୧-୨ରେ ହାରିଥିଲା। ଏହା ପରେ ଟି-୨୦ ସିରିଜ୍‌ର ପ୍ରଥମ ମ୍ୟାଚ୍ ହାରିଯିବା ରେ ଦକ୍ଷିଣ ଆଫ୍ରିକା ଏହି ମ୍ୟାଚ୍ ଜିତି ଶୃଙ୍ଖଳାକୁ ୧-୧ କରିବାର ଲକ୍ଷ୍ୟ ରଖିଛି। ଏହି ମ୍ୟାଚ୍ ହାରିଗଲେ ବା ଦଳ ୦-୨ରେ ପଛରେ ରହିଲେ ସିରିଜରେ ପ୍ରତ୍ୟାବର୍ତ୍ତନ କରିବା କଷ୍ଟକର। ଅନ୍ୟ ପକ୍ଷରେ ଭାରତ ସବୁ ସ୍ଥିତିରେ ନଂ-୧ ଦଳ ଭଳି ଖେଳୁଛି। ମଙ୍ଗଳବାର କଟକରେ ଭାରତ ଏହା ଦେଖାଇଥିଲା। ଦଳ ନିୟମିତ ୱିକେଟ୍ ହରାଇଥିଲେ ହେଁ ବ୍ୟାଟ୍ସମ୍ୟାନ ସଟ୍ ଖେଳିବାରୁ ବିରତ ହୋଇନଥିଲେ। ଫଳରେ ଭାରତ ୧୭୫ ରନ୍ ଛିଡ଼ା କରାଇ ପାରିଥିଲା। ଉଭୟ ଦଳଙ୍କ ମଧ୍ୟରେ ଗତ ୭ଟି ମ୍ୟାଚ୍‌ରୁ ଭାରତ ୬ଟି ଜିତିଛି। ତେଣୁ ନ୍ୟୁ ଚଣ୍ଡିଗଡ଼ ମ୍ୟାଚ୍ ଜିତିବା ଲାଗି ଭାରତକୁ ବିଶେଷ କଷ୍ଟ ସ୍ୱୀକାର କରିବାକୁ ପଡ଼ିବ ନାହିଁ ବୋଲି ଆଶା କରାଯାଉଛି। ଆସନ୍ତାବର୍ଷର ଟି-୨୦ ବିଶ୍ୱକପ୍ ଲାଗି ଭାରତ ଚମତ୍କାର ଢଙ୍ଗରେ ଆଗକୁ ବଢ଼ିଛି। ଉପମହାଦେଶରେ ଭାରତ ଅପରାଜେୟ ମନେହେଉଛି। ଟି-୨୦ ବିଶ୍ୱକପ୍ ପୂର୍ବରୁ ଘରୋଇ ଦଳକୁ ଆଉ ୯ଟି ମ୍ୟାଚ୍ ଖେଳିବାର ଥିବାରୁ ବିଜୟ ଧାରା ବଜାୟ ରଖିବାକୁ ଚାହିଁବ। କଟକରେ ଦକ୍ଷିଣ ଆଫ୍ରିକା ଇନିଂସର ପ୍ରଥମ ଓଭର ହିଁ ଦର୍ଶାଇଥିଲା ଯେ ପୂରା ଇନିଂସରେ କ'ଣ ହେବାକୁ ଯାଉଛି। କ୍ୱିଣ୍ଟନ ଡି କକ୍ ପ୍ରଥମ ଓଭରରେ ଆଉଟ୍ ହେବା ଦକ୍ଷିଣ ଆଫ୍ରିକା ପାଇଁ ଶକ୍ତ ଧକ୍କା ଥିଲା। ଅଭିଜ୍ଞ ଡି କକ୍ ଭାରତ ବିପକ୍ଷ ଦିନିକିଆ ଶୃଙ୍ଖଳାରେ ଶତକ ଅର୍ଜନ କରିଥିଲେ। ଦକ୍ଷିଣ ଆଫ୍ରିକାର ବ୍ୟାଟିଂ ଡି କକ୍ ଓ ମାରକ୍ରମଙ୍କ ଉପରେ ଅଧିକ ନିର୍ଭର କରିବ। ଦୁଇ ମଧ୍ୟକ୍ରମ ବ୍ୟାଟର ଟ୍ରିଷ୍ଟନ୍ ଷ୍ଟବ୍‌ସ ଓ ଡିୱାଲ୍‌ଡ ବ୍ରେଭିସ୍ ଭଲ ଫର୍ମରେ ଅଛନ୍ତି। ଅଭିଜ୍ଞ ଡେଭିଡ୍ ମିଲର ଫିନିସର ଭୂମିକା ନିର୍ବାହ କରିବେ। ଯଶପ୍ରୀତ ବୁମ୍‌ରା ଭାରତର ମ୍ୟାଚ୍ ବିଜେତା ବୋଲର। ହେଲେ କଟକରେ ଅର୍ଶଦୀପ ନୂଆ ବଲ୍‌ରେ ଯେପରି ବୋଲିଂ କଲେ; ତାହା ଭାରତକୁ ଉତ୍ସାହିତ କରିଛି। ଭାରତ ପାଇଁ ସର୍ବାଧିକ ଟି୨୦ ୱିକେଟ୍ ନେଇଥିବା ଅର୍ଶଦୀପ ବଲ୍‌କୁ ସ୍ୱିଙ୍ଗ୍ କରିଥିଲେ। ଭାରତ ଅପରିବର୍ତ୍ତିତ ଏକାଦଶ ନେଇ ଓହ୍ଲାଇପାରେ। ଫଳରେ କୁଲଦୀପ ଯାଦବଙ୍କୁ ପୁଣି ବସିବାକୁ ପଡ଼ିବ। ଦକ୍ଷିଣ ଆଫ୍ରିକା ନିଶ୍ଚୟ କିଛି ପରିବର୍ତ୍ତନ କରିପାରେ। ବ୍ୟାଟିଂକୁ ମଜଭୁତ କରିବା ପାଇଁ ପେସ୍ ବୋଲର ଲୁଥୋ ସିପାମ୍‌ଲାଙ୍କ ସ୍ଥାନରେ ଅଲ୍‌ରାଉଣ୍ଡର କର୍ବିନ୍ ବୋଶ୍ ଖେଳିପାରନ୍ତି। ଅଲ୍‌ରାଉଣ୍ଡର ଡୋନୋଭାନ ଫରେରାଙ୍କ ସ୍ଥାନରେ ବ୍ୟାଟ୍ସମ୍ୟାନ ରିଜା ହେଣ୍ଡ୍ରିକ୍‌ସଙ୍କୁ ଖେଳାଇବା କଥା ଦକ୍ଷିଣ ଆଫ୍ରିକା ଚିନ୍ତା କରିପାରେ। ଉଚ୍ଚ ଗ୍ୟାଲେରୀ ନ ଥିବାରୁ ନ୍ୟୁ ଚଣ୍ଡିଗଡ଼ ଗ୍ରାଉଣ୍ଡରେ ସେତେ କାକରର ପ୍ରଭାବ ରହିବ ନାହିଁ। ଆଉ ମାତ୍ର ଗୋଟିଏ ୱିକେଟ୍ ନେଲେ ହାର୍ଦ୍ଦିକ ପାଣ୍ଡ୍ୟା ତୃତୀୟ ଭାରତୀୟ ଭାବେ ଆନ୍ତର୍ଜାତିକ ଟି-୨୦ରେ ୧୦୦ ୱିକେଟ୍ ପୂରଣ କରିବେ। ନ୍ୟୁ ଚଣ୍ଡିଗଡ଼ର ପିଚ୍ ବ୍ୟାଟିଂ ସହାୟକ ହେବ। ପିଚ୍ ଶୁଖିଲା ଥିବାରୁ ଏବଂ କାକରର କମ୍ ପ୍ରଭାବ ହେବାର ଥିବାରୁ ଏଠାରେ ଅଧିକ ରନ୍ ହୋଇପାରେ। ଉଭୟ ଦଳ ଟସ୍ ଜିତି ପ୍ରଥମ ବ୍ୟାଟିଂକରି ବଡ଼ ସ୍କୋର୍ କରିବାକୁ ଚାହିଁବେ।

ଚାରି ବର୍ଷ ତଳେ ନ୍ୟୁ ଚଣ୍ଡିଗଡ଼ ବା ମୁଲାନ୍‌ପୁରରେ ଏହି ଷ୍ଟାଡିୟମ୍ ନିର୍ମିତ ହୋଇଥିଲା। ଅଦ୍ୟାବଧି ଏଠାରେ କୌଣସି ପୁରୁଷ ଆନ୍ତର୍ଜାତିକ ମ୍ୟାଚ୍ ଖେଳା ଯାଇନାହିଁ। ତଥାପି ଏହା ପଞ୍ଜାବ କିଙ୍ଗସର ଘରୋଇ ଗ୍ରାଉଣ୍ଡ ହୋଇଥିବାରୁ ଏଠାରେ ଅଧିକାଂଶ ଭାରତୀୟ କ୍ରିକେଟର ଆଇପିଏଲ୍ ମ୍ୟାଚ୍ ଖେଳିଛନ୍ତି।

## ବାରବାଟୀରେ ବରୁଣଙ୍କ ଅଭ୍ୟାସ



କଟକ,୧୦।୧୨(ସମିସ): ମଙ୍ଗଳବାର ବାରବାଟୀରେ ଦକ୍ଷିଣଆଫ୍ରିକାକୁ ଧୂଳି ଚଟାଇ ପ୍ରଥମ ବିଜୟ ହାସଲ କରିଥିବା ଭାରତୀୟ ଦଳ ଆଜି ଚଣ୍ଡୀଗଡ ଅଭିମୁଖେ ଯାତ୍ରା କରିଛି। ତେବେ ଦଳ ଓଡ଼ିଶା ଛାଡ଼ିବା ପୂର୍ବରୁ ସ୍ପିନର ବରୁଣ ଚକ୍ରବର୍ତ୍ତୀ ଆଜି ପୂର୍ବାହ୍ନରେ ଅକସ୍ମାତ ବାରବାଟୀରେ ପହଞ୍ଚି ଅଭ୍ୟାସ କରିଥିଲେ। ୮.୩୦ରେ ବାରବାଟୀରେ ପହଞ୍ଚିଥିଲେ ବରୁଣ। ପ୍ରାୟ ୪୫ ମିନିଟ ଧରି ସ୍ପିନ୍ ବୋଲିଂ ଅଭ୍ୟାସ କରିବା ପରେ ୯.୨୫ରେ ଭୁବନେଶ୍ୱର ଅଭିମୁଖେ ବାହାରିଥିଲେ। ବରୁଣ ବାରବାଟୀ ଆସୁଥିବା ଜଣାପଡ଼ିବା ପରେ ଓଡ଼ିଶା କ୍ରିକେଟ ଆସୋସିଏସନ ଏବଂ ପୁଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଥିଲା। ନିଜସ୍ୱ ଇଚ୍ଛାରେ ବରୁଣ ବାରବାଟୀକୁ ଆସି ଅଭ୍ୟାସ କରିଛନ୍ତି ବୋଲି ଓସିଏ ସିଇଓ ସୁବ୍ରତ କୁମାର ବେହେରା କହିଛନ୍ତି।

■ ଆଇସିସି ର୍ୟାଙ୍କିଙ୍ଗ୍

## ରୋହିତ ନଂ-୧, କୋହଲି ନଂ-୨

ଦୁବାଇ,୧୦।୧୨(ଏଜେନ୍ସି): ସର୍ବଶେଷ ଦିନିକିଆ ର୍‌ୟାଙ୍କିଙ୍ଗ୍‌ରେ ନଂ-୧ରେ ଥିବା ଭାରତର ରୋହିତ ଶର୍ମାଙ୍କ ନିକଟତର ହୋଇଛନ୍ତି ବିରାଟ କୋହଲି। ଆଇସିସି ପକ୍ଷରୁ ପ୍ରକାଶିତ ସର୍ବଶେଷ ର୍‌ୟାଙ୍କିଙ୍ଗ୍‌ରେ ୭୮୧ ପଏଣ୍ଟ ରଖି ରୋହିତ ପ୍ରଥମ ଓ ୭୭୮ ପଏଣ୍ଟରେ କୋହଲି ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ରଶିଦ୍ ଖାନ୍ ବୋଲିଂରେ ପ୍ରଥମରେ ରହିଛନ୍ତି। ଟି-୨୦ ବ୍ୟାଟିଂରେ ଅଭିଷେକ ଶର୍ମା ଓ ବୋଲିଂରେ ବରୁଣ ଚକ୍ରବର୍ତ୍ତୀ ପ୍ରଥମ ସ୍ଥାନରେ ଅଛନ୍ତି। ଟେଷ୍ଟ ବ୍ୟାଟିଂରେ ଜୋ ରୁଟ୍ ଓ ବୋଲିଂରେ ଯଶପ୍ରୀତ୍ ବୁମ୍‌ରା ନଂ-୧ ସ୍ଥାନରେ ରହିଛନ୍ତି। ଟେଷ୍ଟ ଟିମ୍ ର୍‌ୟାଙ୍କିଙ୍ଗ୍‌ରେ ଅଷ୍ଟ୍ରେଲିଆ ନଂ-୧, ଦିନିକିଆ ଓ ଟି-୨୦ରେ ଭାରତ ନଂ-୧ ସ୍ଥାନରେ ରହିଛି।

## କିଟ୍‌କୁ ସିଆଇଆଇ ପୁରସ୍କାର

ଭୁବନେଶ୍ୱର,୧୦।୧୨(ସମିସ): ସମ୍ମାନଜନକ ସିଆଇଆଇ ସ୍ପୋର୍ଟ୍ସ ବିଜନେସ ପୁରସ୍କାର-୨୦୨୫ ଆଜି ପ୍ରଦାନ କରାଯାଇଛି। ସ୍ପୋର୍ଟ୍ସ ଷ୍ଟାଡିୟମ୍/ଆରେନା କାଟାଗୋରୀରେ କିଟ୍ ଡିମ୍‌ଡ ୟୁନିଭର୍ସିଟିକୁ ଶ୍ରେଷ୍ଠ ପୁରସ୍କାର ମିଳିଛି। ଭାରତରେ କିଟ୍ କ୍ରୀଡ଼ାକ୍ଷେତ୍ରରେ ବିଶ୍ୱସ୍ତରୀୟ ଭିତ୍ତିଭୂମି ଓ ପ୍ରୋତ୍ସାହନ ଦେବାରେ ଯେଉଁ କାର୍ଯ୍ୟ କରିଆସୁଛି ତାହା ଏହି ପୁରସ୍କାର ଦ୍ୱାରା ସ୍ୱୀକୃତି ପ୍ରଦାନ କରାଯାଇଛି। ଏହା ପୂର୍ବରୁ କେନ୍ଦ୍ରୀୟ ସଂଗଠନ ଦ୍ୱାରା କିଟ୍ ଏକାଧିକଥର ପୁରସ୍କୃତ ହୋଇଛି।

## ଖେଲୋ ଇଣ୍ଡିଆ ବାସ୍କେଟ୍ ବଲରେ ଭାଗନେବେ ୧୪ ଟିମ୍

ଭୁବନେଶ୍ୱର, ୧୦।୧୨ (ସମିସ): କେନ୍ଦ୍ର କ୍ରୀଡ଼ା ଓ ଯୁବବ୍ୟାପାର ବିଭାଗ, ଭାରତ ଓ ଓଡ଼ିଶା ବାସ୍କେଟବଲ ସଂଘ ଆନୁକୂଲ୍ୟରେ ରାଜ୍ୟର ୧୪ଟି ବିଦ୍ୟାଳୟ ଓ ମହାବିଦ୍ୟାଳୟ ଟିମ୍‌କୁ ନେଇ ଅସ୍ମିତା ଖେଲୋ ଇଣ୍ଡିଆ ବାସ୍କେଟବଲ ଲିଗ୍ ଆୟୋଜିତ ହେବ। ମଦର୍ସ ପବ୍ଲିକ୍ ସ୍କୁଲ୍ ବାସ୍କେଟବଲ କୋର୍ଟରେ ଆସନ୍ତାକାଲିଠାରୁ ଖେଳାଯିବାକୁ ଥିବା ଏହି ପ୍ରତିଯୋଗିତା ଲିଗ୍ କମ୍ ନକ୍‌ଆଉଟ ଭିତ୍ତିରେ ଖେଳାଯିବାର କାର୍ଯ୍ୟକ୍ରମ ରହିଛି। ଏଥିରେ ଚାମ୍ପିଅନ ହୋଇଥିବା ଦଳକୁ ଟ୍ରଫି ସହ ୧୦,୦୦୦ ଓ ରନର୍ସଅପ୍ ଦଳକୁ ଟ୍ରଫି ସହ ୫,୦୦୦ ଟଙ୍କାର ପୁରସ୍କାର ପ୍ରଦାନ କରାଯିବ।

ଅନମୋଲ୍‌ଙ୍କ ଦମଦାର୍ ଗୋଲ୍

## ଭାରତକୁ କାଂସ୍ୟ, ଜର୍ମାନୀକୁ ସ୍ୱର୍ଣ୍ଣ

ଚେନ୍ନଇ,୧୦।୧୨(ଏଜେନ୍ସି): ଆର୍ଜେଣ୍ଟିନାକୁ ୪-୨ ଗୋଲରେ ପରାସ୍ତ କରି ଆୟୋଜକ ଭାରତ ଏଠାରେ ଆଜି ଶେଷ ହୋଇଥିବା ଜୁନିଅର ପୁରୁଷ ହକି ବିଶ୍ୱକପ୍‌ରେ ଐତିହାସିକ କାଂସ୍ୟ ପଦକ ହାସଲ କରିଛି। ସେହିପରି ଜର୍ମାନୀ ୩-୨ ପେନାଲ୍ଟି ସୁଟ୍‌ଆଉଟ ଗୋଲରେ ସ୍ପେନ୍‌କୁ ହରାଇ ଟାଇଟଲ ବଜାୟ ରଖିଛି। ସେମିରେ ଭାରତ ଚାମ୍ପିଅନ ଜର୍ମାନୀଠାରୁ ହାରିଥିଲା। ଭାରତର ଏହି କାଂସ୍ୟ ପଦକ ବିଜୟ ଫଳରେ ହକି ଇଣ୍ଡିଆ ପକ୍ଷରୁ ପ୍ରତ୍ୟେକ ଖେଳାଳିଙ୍କୁ ୫ ଲକ୍ଷ ଲେଖାଏଁ ଓ ପ୍ରତ୍ୟେକ ସପୋର୍ଟ ଷ୍ଟାଫ୍‌ଙ୍କୁ ୨.୫ ଲକ୍ଷ ଲେଖାଏଁ ଟଙ୍କା ପୁରସ୍କାର ଦେବାକୁ ଘୋଷଣା କରାଯାଇଛି। ଭାରତୀୟ ଦଳରେ ଓଡ଼ିଶାରୁ ରୋଶନ କୁଜୁର, ଅନ୍‌ମୋଲ ଏକ୍କା, ଆଦ୍ରୋହିତ ଏକ୍କା ସାମିଲ ଥିଲେ। କିମ୍ବଦନ୍ତୀ ଖେଳାଳି ବୀରେନ୍ଦ୍ର ଲାକ୍ରା ଦଳର କୋଚ୍ ମଧ୍ୟ ଅଛନ୍ତି।




ଖେଳାଳିଙ୍କୁ ୫, ସପୋର୍ଟ ଷ୍ଟାଫ୍‌ଙ୍କୁ ୨.୫ ଲକ୍ଷ ପୁରସ୍କାର

କାଂସ୍ୟ ପଦକ ମୁକାବିଲାରେ ନିକୋଲସ ରୋଡ୍ରିଗ୍ୱେଜ୍ ଓ ସାଣ୍ଟିଆଗୋ ଫର୍ଣ୍ଣାଣ୍ଡିଜ୍ ଗୋଲ ଦେଇ ଆର୍ଜେଣ୍ଟିନାକୁ ୨-୦ରେ ଅଗ୍ରଣୀ କରାଇଥିଲେ। ଭାରତ ଶେଷ କ୍ୱାର୍ଟରରେ ୪ଟି ଯାକ ଗୋଲ ଦେଇଥିଲା। ଅଙ୍କିତ ପାଲ, ମନ୍‌ମିତ ସିଂହ ପେନାଲ୍ଟି କର୍ଣ୍ଣରରୁ ୨ଟି ଗୋଲ ଦେଇ ଖେଳକୁ ସମାନସ୍ତରକୁ ଆଣିଥିଲେ। ଶାରଦାନନ୍ଦ ତିୱାରୀ ପେନାଲ୍ଟି ଷ୍ଟ୍ରୋକ୍‌ରୁ ଗୋଲ ଦେଇ ଭାରତକୁ ୩-୨ରେ ଅଗ୍ରଣୀ କରାଇଥିଲେ। ୫୮ତମ ମିନିଟ୍‌ରେ ଓଡ଼ିଆ ଖେଳାଳି ଅନ୍‌ମୋଲ ଏକ୍କା ଦମ୍‌ଦାର ଗୋଲ ଦେଇ ଦଳକୁ ଜିତାଇଥିଲେ।

## ରାଜ୍ୟସ୍ତରୀୟ ପାରାବ୍ୟାଡ୍‌ମିଣ୍ଟନ ୨୬ରୁ

ଭୁବନେଶ୍ୱର, ୧୦।୧୨ (ସମିସ): ନୟାପଲ୍ଲୀସ୍ଥିତ ପୁରୁଣା କ୍ରୀଡ଼ା ନିର୍ଦ୍ଦେଶାଳୟ ପରିସରରେ ଥିବା ଇଣ୍ଡୋର ହଲ ପରିସରରେ ଦୁଇ ଦିନିଆ ରାଜ୍ୟ ପାରାବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତା ଚଳିତମାସ ୨୬ ଓ ୨୭ ତାରିଖ ଦୁଇଦିନ ଧରି ଖେଳାଯିବ। ରାଜ୍ୟ କ୍ରୀଡ଼ା ବିଭାଗ ଓ ଓଡ଼ିଶା ପାରା ସ୍ପୋର୍ଟ୍ସ ଆସୋସିଏସନର ମିଳିତ ଆନୁକୂଲ୍ୟରେ ରାଜ୍ୟର ଉପଲବ୍ଧ ସମସ୍ତ ଅନ୍ତର୍ଜାତୀୟ, ଜାତୀୟ ଓ ନବାଗତ ଖେଳାଳିଙ୍କୁ ନେଇ ଆୟୋଜିତ ହେବ। ଦିବ୍ୟାଙ୍ଗ ଖେଳାଳିଙ୍କ ମଧ୍ୟରେ ହୁଇଲଚେୟାର, ଗୋଡ଼ର ଭିନ୍ନକ୍ଷମତା, ହାତର ଭିନ୍ନକ୍ଷମତା ଓ କମ୍ ଉଚ୍ଚତାବିଶିଷ୍ଟ କାଟାଗୋରୀରେ ଖେଳାଯିବ। ଡିସେମ୍ବର ୨୨ ତାରିଖ ସୁଦ୍ଧା ପାରାବ୍ୟାଡ୍‌ମିଣ୍ଟନ କୋଚ୍ ଶିବପ୍ରସାଦ ଦାସ୍‌ଙ୍କ ସହ ଫୋନ ନଂ-୯୮୬୧୦-୮୯୯୭୦ ସହ ଯୋଗାଯୋଗ କରି ଅଂଶଗ୍ରହଣକରିବାକୁ ଇଚ୍ଛୁକ ଥିବା ଖେଳାଳିମାନେ ପଞ୍ଜୀକରଣ କରିପାରିବେ।

## ଭୁବନେଶ୍ୱରରେ ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍

ଭୁବନେଶ୍ୱର, ୧୦।୧୨ (ସମିସ): ଭୁବନେଶ୍ୱର ଜିମ୍ନାଷ୍ଟିକ୍ ଆସୋସିଏସନ ଆନୁକୂଲ୍ୟରେ ସ୍ଥାନୀୟ ଜେଏମ୍ ସ୍ପୋର୍ଟ୍ସ ଏକାଡେମୀଠାରେ ଆସନ୍ତା ୨୧ ତାରିଖରେ ଜିଲ୍ଲାସ୍ତରୀୟ ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ ପ୍ରତିଯୋଗିତା ଆୟୋଜନ ହେବ। ସକାଳ ୧୦ରେ ଏହି ପ୍ରତିଯୋଗିତା ଆରମ୍ଭ ହେବ। ଏଥିରେ ସିନିଅର, ଜୁନିଅର, ସବ୍-ଜୁନିଅର, ୧୦ ଓ ୮ ବର୍ଷରୁ କମ୍ ଉଭୟ ବାଳକ ଓ ବାଳିକା ବର୍ଗରେ ପ୍ରତିଯୋଗିତା ଆୟୋଜନ ହେବ। ୮ ବର୍ଷରୁ କମ୍ ବାଳକ ଓ ବାଳିକା ବର୍ଗରେ କେବଳ ଫ୍ଲୋର ଏକ୍ସରସାଇଜ ଓ ବାଲାନ୍ସିଂ ବିମ୍, ସବ-ଜୁନିଅରରେ ଜିଏଫ୍‌ଆଇ ରୁଲ ଏବଂ ଜୁନିଅର ଓ ସିନିଅରରେ ଏଫ୍‌ଜିଆଇ ରୁଲ୍ ହିସାବରେ ପ୍ରତିଯୋଗିତା ଆୟୋଜନ ହେବ। ଆସୋସିଏସନର ସମ୍ପାଦକ ନରେନ୍ଦ୍ର କୁମରା ସେଠୀ ଭୁବନେଶ୍ୱରର ସମସ୍ତ ଜିମ୍ନାଷ୍ଟଙ୍କୁ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ସୂଚନା ଦେଇଛନ୍ତି। ଅଧିକ ବିବରଣୀ ପାଇଁ ୯୪୩୮୫୦୪୯୧୫, ୯୪୩୭୯୩୪୦୨୪, ୯୪୩୭୨୮୨୧୨୩ ନଂ ଯୋଗାଯୋଗ କରିବାକୁ ଅନୁରୋଧ କରାଯାଇଛି।

■ କୁଚ୍‌ବିହାର ଟ୍ରଫି

## ଓଡ଼ିଶା ବିପକ୍ଷରେ ଶିବାନନ୍ଦଙ୍କ ଦ୍ୱିଶତକ, କ୍ରିଷ୍ଣନଙ୍କ ଶତକ

ବଲାଙ୍ଗିର, କଟକ, ୧୦।୧୨(ସମିସ): ବଲାଙ୍ଗିର ଗାନ୍ଧି ଷ୍ଟାଡିୟମ୍‌ରେ ଚାଲିଥିବା ୧୯ ବର୍ଷରୁ କମ୍ କୁଚ୍ ବିହାର ଟ୍ରଫିର କର୍ଣ୍ଣାଟକ ବିପକ୍ଷ ଚତୁର୍ଥ ଲିଗ୍ ମ୍ୟାଚ୍‌ରେ ଓଡ଼ିଶା ଦୟନୀୟ ପ୍ରଦର୍ଶନ କରିଛି। ଗତକାଲି ଏହି ମ୍ୟାଚ୍‌ର ପ୍ରଥମ ଦିନରେ ଓଡ଼ିଶା ପ୍ରଥମ ଇନିଂସରେ ୧୭୦ ରନ୍ କରିଥିଲା। ଦଳ ପକ୍ଷରୁ ଅଭୀରୂପ ଦାସ ୩୯ ଓ ଆଦିତ୍ୟରଞ୍ଜନ ରାୟ ୩୧ ରନ୍ କରିଥିଲେ। ପ୍ରତିପକ୍ଷ ଦଳର ଅକ୍ଷତ ପ୍ରଭାକର ୫ଟି ଓ ଇଶା ପୁଥିଗେ ୩ଟି ୱିକେଟ ନେଇ ଓଡ଼ିଶାର ବ୍ୟାଟିଂକୁ ଧ୍ୱଂସ କରିଦେଇଥିଲେ। ଜବାବରେ ଦ୍ୱିତୀୟ ଦିନ ଖେଳ ଶେଷସୁଦ୍ଧା କର୍ଣ୍ଣାଟକ ପ୍ରଥମ ଇନିଂସରେ ମାତ୍ର ୩ ୱିକେଟ ହରାଇ ୪୧୨ ରନ୍ ସଂଗ୍ରହ କରିନେଇଛି। ଦଳ ପକ୍ଷରୁ ମଣିକଣ୍ଠ ଶିବାନନ୍ଦ ୨୨୭ ଓ ଧ୍ରୁବ କ୍ରିଷ୍ଣନ ୧୦୫ ରନ୍ କରି ଓଡ଼ିଶାକୁ ଦୟନୀୟ ସ୍ଥିତିକୁ ନେଇଯାଇଥିଲେ।

## ଓଡ଼ିଶା ଜିଲ୍ଲା ଚେସ୍ ପ୍ରିମିୟର ଲିଗ୍‌ରେ ଖେଳିବେ ୧୨ ଦଳ




ଭୁବନେଶ୍ୱର, ୧୦।୧୨ (ସମିସ): ଓଡ଼ିଶା ଚେସ୍‌ରେ ଗୋଟିକ ପରେ ଗୋଟିଏ ନୂଆ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହେବାକୁ ଯାଉଛି। ଆଇକନିକ୍ ଓଡ଼ିଶା ଚେସ୍ ପ୍ରିମିୟର ଲିଗ୍‌ର ସଫଳତା ପରେ ଏବେ ଅଲ୍‌ଓଡ଼ିଶା ଚେସ୍ ଆସୋସିଏସନ (ଏଓସିଏ) ର ପକ୍ଷରୁ ଓଡ଼ିଶା ଜିଲ୍ଲା ଚେସ୍ ପ୍ରିମିୟର ଲିଗ୍‌ର ଆୟୋଜନ କରାଯାଇଛି। ଡିସେମ୍ବର ୧୯ ଓ ୨୦ ତାରିଖ ଦୁଇଦିନ ଧରି ଖେଳାଯିବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟରେ ମୋଟ ୧୨ଟି ଜିଲ୍ଲା ଅଂଶଗ୍ରହଣ କରିବେ। ଏହି ଜିଲ୍ଲାଗୁଡିକ ହେଲେ ନୟାଗଡ଼, ମୟୂରଭଞ୍ଜ, ବାଲେଶ୍ୱର, ସୁନ୍ଦରଗଡ଼, ପୁରୀ, ଗଞ୍ଜାମ, ସୋନପୁର, ବରଗଡ଼, ବୌଦ୍ଧ, ସମ୍ବଲପୁର, ଝାରସୁଗୁଡା ଓ ଢେଙ୍କାନାଳ ଜିଲ୍ଲା ଅଂଶଗ୍ରହଣ କରିବେ। କିନ୍ତୁ ଚେସ୍ ଖେଳର ପେଣ୍ଠସ୍ଥଳୀ ଖୋର୍ଦ୍ଧା ଓ କଟକ ଜିଲ୍ଲା ଏଥିରେ ଭାଗ ନେଉନାହାନ୍ତି। ନିଲାମି ମାଧ୍ୟମରେ ଜିଲ୍ଲା ଦଳ ଗୁଡିକ ଆଜି ଟିମ୍ କିଣିଛନ୍ତି। ଏଥିରେ ଭାଗନେବାକୁ ରାଜ୍ୟର ୧୧୮ ଜଣ ଖେଳାଳି ପଞ୍ଜୀକରଣ କରିଥିଲେ। ତାହା ମଧ୍ୟରୁ ପ୍ରତ୍ୟେକ ଜିଲ୍ଲା ୫ ଜଣ ଲେଖାଏଁ ଖେଳାଳିଙ୍କୁ କିଣିଥିଲେ ବୋଲି ଏଓସିଏ ସମ୍ପାଦକ ଙ୍କ ଦେବବ୍ରତ ଭଞ୍ଜ ଜଣାଇଛନ୍ତି।

■ ସତ୍ୟବ୍ରତ ସ୍ମାରକୀ ଫୁଟବଲ ଆଜିଠାରୁ

## ଚାମ୍ପିଅନଙ୍କୁ ୨ଲକ୍ଷ, ମୋଟ ପୁରସ୍କାର ୪.୫୫ ଲକ୍ଷ

ଭୁବନେଶ୍ୱର, ୧୦।୧୨ (ସମିସ): ବଛା ବଛା ୮ଟି ଦଳକୁ ନେଇ ରାଜ୍ୟସ୍ତରୀୟ ସତ୍ୟବ୍ରତ ସ୍ମାରକୀ ଫୁଟବଲ ଆସନ୍ତାକାଲିଠାରୁ ଆରମ୍ଭ ହେବ। ରାଜ୍ୟର ଅଗ୍ରଣୀ କ୍ରୀଡ଼ାନୁଷ୍ଠାନ ଭୁବନେଶ୍ୱରର କ୍ଲବ୍-୭୩ ଆନୁକୂଲ୍ୟରେ ୟୁନିଟ୍-୧ସ୍ଥିତ ଭୁବନେଶ୍ୱର ଫୁଟବଲ ଏକାଡେମୀ ପଡ଼ିଆରେ ୧୪ ତାରିଖଯାଏ ଖେଳାଯିବ। ଏହି ଟୁର୍ଣ୍ଣାମେଣ୍ଟରେ ଚାମ୍ପିଅନ ଦଳକୁ ଟ୍ରଫି ସହ ୨ ଲକ୍ଷ ଓ ରନର୍ସ ଅପ୍ ଦଳକୁ ଟ୍ରଫି ସହ ୧ ଲକ୍ଷ ଟଙ୍କାର ପୁରସ୍କାର ସହ ମୋଟ ୪,୫୫,୦୦୦ ଟଙ୍କାର ପୁରସ୍କାର ପ୍ରଦାନ କରାଯିବାର ବ୍ୟବସ୍ଥା ରହିଛି ବୋଲି କ୍ଲବ୍‌ର ସମ୍ପାଦକ ସୁବ୍ରତ ପଟ୍ଟନାୟକଙ୍କଠାରୁ ପ୍ରକାଶ। ଆସନ୍ତାକାଲି ଉଦ୍‌ଘାଟନୀ ଦିବସରେ ୨ଟି ମ୍ୟାଚ୍ ଖେଳାଯିବ। ପ୍ରଥମ ମ୍ୟାଚ୍ କଟକର ଦୁଇ କ୍ଲବ୍ ଯଥା ଗତବର୍ଷର ରନର୍ସଅପ୍ ଇଣ୍ଡିପେଣ୍ଡେଣ୍ଟ କ୍ଲବ୍ ସହ ଫାଓ ଏକାଦଶ, ଦ୍ୱିତୀୟ ମ୍ୟାଚ୍ ଭୁବନେଶ୍ୱରର କିଶୋର କ୍ଲବ୍ ସହ ସମ୍ବଲପୁର ଫୁଟ୍‌ବଲ ଏକାଡେମୀ, ୧୨ ତାରିଖରେ ପ୍ରଥମ କଟକର ସନ୍‌ରାଇଜ୍ କ୍ଲବ୍ ସହ ଝାରସୁଗୁଡ଼ା ଏକାଦଶ, ଦ୍ୱିତୀୟ ମ୍ୟାଚ୍ କଟକର ମଙ୍ଗଳା କ୍ଲବ୍ ସହ ଚାମ୍ପିଅନ ଭୁବନେଶ୍ୱରର ୟୁନିଟ୍-୬ ଆଥ୍‌ଲେଟିକ ଆସୋସିଏସନର ମୁକାବିଲା ହେବ।

ଓଡ଼ିଶା ମାଷ୍ଟର୍ସ ୨୦୨୫

## ମାନଭ, ଉନ୍ନତିଙ୍କ ସହଜ ବିଜୟ


କଟକ,୧୦।୧୨(ସମିସ):



ଜବାହରଲାଲ ନେହରୁ ଇଣ୍ଡୋର ଷ୍ଟାଡିୟମରେ ଅନ୍ତର୍ଜାତୀୟ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ ଓଡ଼ିଶା ମାଷ୍ଟର୍ସ-୨୦୨୫ ଜାରି ରହିଛି। ଆଜି ଖେଳାଯାଇଥିବା ପୁରୁଷ ସିଙ୍ଗିଲ୍ସ ରାଉଣ୍ଡ-୬୪ର ପ୍ରଥମ ମୁକାବିଲାରେ ଭାରତର ଦୁଇ ପ୍ରତିଦ୍ୱନ୍ଦ୍ୱୀ ସାମ୍ନାସାମ୍ନି ହୋଇଥିଲେ। ଆଦିତ୍ୟ ଦିୱାକର ପ୍ରଥମ ସେଟ୍‌କୁ ୨୧-୧୯ରେ ଜିତିଥିବା ବେଳେ ଅବଶିଷ୍ଟ ଦୁଇ ସେଟ୍‌କୁ ଯଥାକ୍ରମେ ୨୧-୧୩ ଏବଂ ୨୧-୧୬ ପଏଣ୍ଟରେ ବିଜୟ ହୋଇ ରାଜେଶ ଶ୍ରୀକର ପରବର୍ତ୍ତୀ ରାଉଣ୍ଡରେ ପ୍ରବେଶ କରିଛନ୍ତି। କୋର୍ଟ-୧ରେ ଭାରତର ମାନଭ ଚୌଧୁରୀ ଏବଂ ଅଷ୍ଟ୍ରେଲିଆର ଏରେମ୍ ଷ୍ଟିଫେନ୍‌ଙ୍କ ମଧ୍ୟରେ ଆଜିର ଦ୍ୱିତୀୟ ମୁକାବିଲା ହୋଇଥିଲେ। ମାନବ ୨୧-୧୮ ଏବଂ ୨୧-୧୬ ପଏଣ୍ଟରେ ଦୁଇଟି ଯାକ ସେଟ୍‌ରେ ବିଜୟୀ ହୋଇ ରାଉଣ୍ଡ-୩୨ରେ ସ୍ଥାନ ସୁରକ୍ଷିତ କରିଛନ୍ତି।

ଥାଇଲାଣ୍ଡର ଟାନାଡନ୍ ଏବଂ ଫୁଙ୍ଗଫାଙ୍କ ଯୋଡି ସହ ଭାରତର ରୋହିତ ମାରିସ୍ୱାମୀ ଏବଂ ରିଦ୍ଧି କୌରଙ୍କ ଭିତରେ ମିକ୍ସଡ ଡବଲ୍ସ ରାଉଣ୍ଡ-୩୨ର ଏକ ମ୍ୟାଚ୍ ଖେଳାଯାଇଥିଲା। ଏଥିରେ ଭାରତୀୟ ଯୋଡ଼ିଙ୍କୁ ପରାଜୟର ସମ୍ମୁଖୀନ ହେବାକୁ ପଡିଛି। ଥାଇଲାଣ୍ଡ ପ୍ରତିଦ୍ୱନ୍ଦ୍ୱୀ ଟାନାଡନ୍ ଏବଂ ଫୁଙ୍ଗଫା ୨୧-୧୫, ୨୧-୧୧ରେ ବିଜୟୀ ହୋଇ ପ୍ରି-କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ମହିଳା ସିଙ୍ଗିଲ୍ସ ରାଉଣ୍ଡ-୩୨ର ମ୍ୟାଚ୍‌ରେ ଭାରତୀୟ ପ୍ରତିଯୋଗୀ ଅନୁପମା ଉପାଧ୍ୟାୟ ୨୧-୧୪, ୨୧-୧୩ରେ ଇଣ୍ଡୋନେସିଆର ଆଘାନିଆ ପୁଟେରୀଙ୍କୁ ପରାସ୍ତ କରିଛନ୍ତି। ଏହି ରାଉଣ୍ଡର ଅନ୍ୟ ଏକ ମ୍ୟାଚ୍‌ରେ ଉନ୍ନତି ହୁଡାଙ୍କୁ ମଧ୍ୟ ସହଜ ବିଜୟ ମିଳିଥିଲା। ଭାରତୀୟ ପ୍ରତିଯୋଗୀ ଉନ୍ନତି ୨୧-୧୨, ୨୧-୧୮ ରେ ୟୁଏଇର ପ୍ରକ୍ରୀତି ଭାରତଙ୍କୁ ହରାଇଥିଲେ। ଅନ୍ୟ ଭାରତୀୟ ପ୍ରତିଯୋଗୀଙ୍କ ଭିତରେ ମହିଳା ସିଙ୍ଗିଲ୍ସରେ ଆଦିତି ଭଟ୍ଟ, ଆକର୍ଷି କାଶ୍ୟପ, ପୁରୁଷ ସିଙ୍ଗିଲ୍ସରେ ଆର୍ଯ୍ୟ ଭିବପାଠକ, କିରଣ ଜର୍ଜ, ବରୁଣ କାପୁର, ପୁରୁଷ ଡବଲ୍ସରେ ଭାର୍ଗବ ରାମ, ବିଶ୍ୱ ତେଜଙ୍କୁ ବିଜୟ ମିଳିଛି।

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



✓ ଧରଣୀଧର ଜେଠୀ
ଆବିର୍ଭାବ: ୦୯.୦୧.୧୯୪୪, ତିରୋଧାନ: ୦୧.୧୨.୨୦୨୫
ତୁମର ଆକସ୍ମିକ ବିୟୋଗରେ ପରିବାରବର୍ଗ, ବନ୍ଧୁବାନ୍ଧବ ସମସ୍ତେ ଅତ୍ୟନ୍ତ ମର୍ମାହତ । ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ
ହତଭାଗ୍ୟ ପୁତ୍ର - ବିଜୟ, ସଞ୍ଜୟ, ପ୍ରଣୟ, ତନ୍ମୟ, ବିସ୍ମୟ
ନାତି-ନାତୁଣୀ: ଗୁଡ୍ଡୁ, ଭୂମି, ଲିଲାଙ୍କି, ଲୋନି, ତେଜ୍, ଭୀର୍, ପିଙ୍କୁ, ସିପୁ, ଲକି
ବନ୍ଧୁ ଓ ଶୋକାକୁଳ ପରିବାରବର୍ଗ

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS